ଧରିତ୍ରୀ 52 Years
DHARITRI
ଭୁବନେଶ୍ୱର, ଗୁରୁବାର, ମାର୍ଚ୍ଚ ୨୬/୨୦୨୬ (୧୪ ପୃଷ୍ଠା) | Bhubaneswar, Thursday, March 26/2026 | Page 14 | ₹ 7.00 | SAMBALPUR
୫୨ଶ ଭାଗ ୧୨୦ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 52 ISSUE 120 | ମୂଲ୍ୟ ₹୭/-



**ଭାରତୀୟ କୋଚିଂ କ୍ୟାମ୍ପରେ ଅବନୀତ**
ଭାରତୀୟ ସିନିୟର ପୁରୁଷ ଫୁଟବଲ ଦଳର ଏକ କୋଚିଂ କ୍ୟାମ୍ପରେ ଯୋଗ ଦେଇଛନ୍ତି ନେପାଳ ଡିଫେଣ୍ଡର ଅବନୀତ ଭାରତୀ। ୧୪

୧୩ **ମଡେଲିଂରୁ ଅଭିନୟ**
ଅଭିନେତ୍ରୀ ୟାମି ଗୌତମ ପ୍ରଥମେ ମଡେଲିଂ ଏବଂ ପରେ ଅଭିନୟ ଜଗତରେ ପାଦ ଥାପିଥିଲେ। ୨୦୧୨ରେ ତାଙ୍କୁ ହିନ୍ଦୀ ଫିଲ୍ମ 'ଭିକି ଡୋନର'ରେ ପ୍ରଥମେ ବ୍ରେକ୍ ମିଳିଥିଲା।





ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଯୋଗୁ ଘରୋଇ ରନ୍ଧନ ଗ୍ୟାସ ଅଭାବ ଲାଗି ରହିଥିବାବେଳେ ରାଞ୍ଚିର ଏକ ଏଲ୍‌ପିଜି ଏଜେନ୍ସି ବାହାରେ ବୁଧବାର ମହିଳାମାନେ ଖାଲି ସିଲିଣ୍ଡର ରଖି ଖରାରେ ଅପେକ୍ଷା କରି ରହିଛନ୍ତି।

# ରାଜ୍ୟରେ ଦୈନିକ ୪ ହତ୍ୟା, ୮ ବଳାତ୍କାର

## ଶ୍ୱେତପତ୍ର -୨୦୨୫

**ବିଧାନସଭାରେ ବୁଧବାର ବିରୋଧୀଙ୍କ ହଟ୍ଟଗୋଳ ମଧ୍ୟରେ ଗୃହ ବିଭାଗ ପକ୍ଷରୁ ୨୦୨୫ ବର୍ଷ ପାଇଁ ଶ୍ୱେତପତ୍ର ଜାରି କରାଯାଇଛି। ୨୦୨୫ରେ ରାଜ୍ୟରେ ୨,୨୯,୮୮୧ଟି ଧର୍ତ୍ତବ୍ୟ ଆପରାଧିକ ମାମଲା ପଞ୍ଜୀକରଣ ହୋଇଛି। ସେଥିମଧ୍ୟରୁ ବର୍ଷ ଶେଷ ସୁଦ୍ଧା ୧ଲକ୍ଷ ୫୫ ହଜାର ୨୨୩ଟି ମାମଲାରେ ଦୋଷାରୋପ ଫର୍ଦ୍ଦ ବା ଚାର୍ଜଶିଟ୍ ଦାଖଲ କରାଯାଇଛି। ଏହି ଧର୍ତ୍ତବ୍ୟ ଅପରାଧ ତାଲିକାରେ ମୋଟ ୧,୩୦୪ଟି ହତ୍ୟା ମାମଲା ପଞ୍ଜୀକୃତ ହୋଇଛି। ସେଥିମଧ୍ୟରୁ ୧,୨୧୮ ହତ୍ୟା ମାମଲା ସତ୍ୟ ଘଟଣା ଥିଲା ବୋଲି ଜଣାପଡ଼ିଛି। ୨୦୨୫ ଶ୍ୱେତପତ୍ର ରିପୋର୍ଟରେ ଯେଉଁ ତଥ୍ୟ ଦିଆଯାଇଛି ସେଥିରୁ ଜଣାପଡ଼ିଛି ପ୍ରତିଦିନ ରାଜ୍ୟରେ ପ୍ରାୟ ୪ଜଣ ହତ୍ୟାର ଶିକାର ହେଉଛନ୍ତି। ସେହିପରି ଏହି ବର୍ଷ ରାଜ୍ୟରେ ମୋଟ ୨,୯୯୪ଟି ବଳାତ୍କାର ମାମଲା ପଞ୍ଜୀକୃତ ହୋଇଥିବାବେଳେ ସେଥିମଧ୍ୟରୁ ୨,୯୨୯ଟି ମାମଲା ସତ୍ୟ ଘଟଣା ଉପରେ ଆଧାରିତ ବୋଲି ରିପୋର୍ଟରେ ଦର୍ଶାଯାଇଛି। ଅର୍ଥାତ୍ ଦୈନିକ ୮ଜଣ ରାଜ୍ୟରେ ବଳାତ୍କାରର ଶିକାର ହେଉଥିବା ଗୃହ ବିଭାଗର ତଥ୍ୟ ସୂଚାଉଛି। ସଦ୍ୟ ପ୍ରକାଶିତ ଆପରାଧିକ ତଥ୍ୟ ୨୦୨୪ ଅପେକ୍ଷା ଅଧିକ ବୋଲି ଜଣାପଡ଼ିଛି। ୨୦୨୪ରେ ୧୨୫୮ଟି ହତ୍ୟା ଓ ୩୦୫୪ ବଳାତ୍କାର ମାମଲାର ରୁଜୁ ହୋଇଥିଲା। ୨୦୨୪ରେ ୨,୧୪,୧୧୩ଟି ଧର୍ତ୍ତବ୍ୟ ଅପରାଧ ମାମଲା ରୁଜୁ ହୋଇଥିବାବେଳେ ୨୦୨୫ରେ ପ୍ରାୟ ୧୫ହଜାରରୁ ଉର୍ଦ୍ଧ୍ୱ ଆପରାଧିକ ମାମଲା ରୁଜୁ ହୋଇଥିବା ତଥ୍ୟରୁ ଜଣାପଡ଼ିଛି।**

ଭୁବନେଶ୍ୱର, ୨୫।୩(ସୁନୀତ ମିଶ୍ର)

୨୦୨୪ ଶ୍ୱେତପତ୍ରକୁ ୨୦୨୫ ସହିତ ତୁଳନା କଲେ ପୂର୍ବବର୍ଷ ଅପେକ୍ଷା ମୋଟ ଆପରାଧିକ ମାମଲା ପଞ୍ଜୀକରଣ ସଂଖ୍ୟାରେ ବୃଦ୍ଧି ପାଇଛି। ୨୦୨୪ରେ ୧୨୫୮ଟି ହତ୍ୟା ମାମଲା ରୁଜୁ ହୋଇଥିବାବେଳେ ୨୦୨୫ରେ ଏହା ବୃଦ୍ଧି ପାଇ ୧୩୦୪ରେ ପହଞ୍ଚିଛି। ତେବେ ବଳାତ୍କାର ମାମଲା ପୂର୍ବ ବର୍ଷ ଅପେକ୍ଷା କମ୍ ହୋଇଥିବା ଜଣାପଡ଼ିଛି। ପୂର୍ବ ବର୍ଷରେ ୩୦୫୪ ବଳାତ୍କାର ମାମଲାର ରୁଜୁ ହୋଇଥିବାବେଳେ ଏବେ ଏହା ୨୯୯୪କୁ ହ୍ରାସ ପାଇଛି। ସେହିପରି ୨୦୨୫ ବର୍ଷରେ ମୋଟ ୩୫୩ଟି ଡକାୟତି ମାମଲା ରୁଜୁ କରାଯାଇଛି। ସେଥିମଧ୍ୟରୁ ୩୩୪ଟି ମାମଲା ସତ୍ୟ ବୋଲି ଦର୍ଶାଯାଇଥିବାବେଳେ ସେଥିରୁ ୯୧ଟି ମାମଲାରେ ଚାର୍ଜଶିଟ୍ ଦାଖଲ ହୋଇଛି। ୨୪୫ଟି ତଦନ୍ତାଧୀନ ଥିବା ମାମଲା ମଧ୍ୟରୁ ୧୩୩ଟି ମାମଲାରେ ଚାର୍ଜଶିଟ ଦାଖଲ ହେବା ସମ୍ଭାବନା ରହିଛି। ସେହିପରି ୧୮୦୨ ଲୁଣ୍ଠନ ମାମଲା ରୁଜୁ କରାଯାଇଛି। ସେଥିରୁ ୧,୭୨୧ଟି ମାମଲା ସତ୍ୟ ଘଟଣା ଉପରେ ଆଧାରିତ ବୋଲି ଦର୍ଶାଯାଇଛି। ଏହି ଲୁଣ୍ଠନ ଘଟଣା ମଧ୍ୟରୁ ୧୭୩ଟି ବାସସ୍ଥାନରେ, ୨୭୧ଟି ରାସ୍ତାଘାଟରେ, ୧୧ଟି ଟ୍ରେନ୍‌ରେ ୧୬୫ଟି ବାଣିଜ୍ୟ ପ୍ରତିଷ୍ଠାନରେ ଏବଂ ୧୧୩୦ଟି ଅନ୍ୟାନ୍ୟ ସ୍ଥାନରେ ସଙ୍ଗଠିତ ହୋଇଥିଲା। ଅବଶିଷ୍ଟ ୨୧ଟି ଘଟଣାରେ ଅପରାଧ ଘଟିବା ପୂର୍ବରୁ ଅଭିଯୁକ୍ତ ଧରାପଡ଼ିଛନ୍ତି। ଏହି ମାମଲାଗୁଡ଼ିକରେ ୭୭ଜଣ ଆନ୍ତଃରାଜ୍ୟ ଲୁଟେରା ସହ ମୋଟ ୧୭୬୪ଜଣ ଗିରଫ ହୋଇଛନ୍ତି। ଆଶ୍ଚର୍ଯ୍ୟର ବିଷୟ, ଏମାନଙ୍କ ଦ୍ୱାରା ଲୁଟ୍ କରାଯାଇଥିବା ୧୮କୋଟି ୧୪ଲକ୍ଷ ୫୧ହଜାର ୫୨୫ ଟଙ୍କାର ସମ୍ପତ୍ତି ମଧ୍ୟରୁ ମାତ୍ର ୪କୋଟି ୧୨ଲକ୍ଷ ୯୦ହଜାର ୭୭୫ଟଙ୍କାର ସମ୍ପତ୍ତି ଉଦ୍ଧାର ହୋଇପାରିଛି। ରାଜ୍ୟରେ ୨୦୨୫ ବର୍ଷରେ ମୋଟ ୬୨୮୨ଟି ସିନ୍ଧିଚୋରି ମାମଲା ରୁଜୁ ହୋଇଛି। ଏହି ମାମଲା ମଧ୍ୟରୁ ୬,୨୨୦ଟି ଘଟଣା ସତ୍ୟଭିତ୍ତିକ ଥିଲା। ରିପୋର୍ଟ ମୁତାବକ ୧,୪୧୭ ମାମଲାରେ ଦୋଷାରୋପ ଫର୍ଦ୍ଦ ଦାଖଲ କରାଯାଇଛି। ସେଥିରୁ ୨୭୪୪ଟି ତଦନ୍ତାଧୀନ ଥିବା ମାମଲା ମଧ୍ୟରୁ ୬୨୧ ମାମଲାରେ ଦୋଷାରୋପ ଫର୍ଦ୍ଦ ଦାଖଲ ହେବା ସମ୍ଭାବନା ରହିଛି। ଏହି ମାମଲାଗୁଡ଼ିକରେ ୨୬୬୭ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେମାନଙ୍କ ଦ୍ୱାରା ଚୋରି କରାଯାଇଥିବା ୧୧୮ କୋଟି ଟଙ୍କାର ସମ୍ପତ୍ତି ମଧ୍ୟରୁ ପ୍ରାୟ ସାଢ଼େ ୧୦ କୋଟି ଟଙ୍କା ମୂଲ୍ୟର ସମ୍ପତ୍ତି ଉଦ୍ଧାର ହୋଇଛି। ସେହିପରି ୨୦୨୫ରେ ସମୁଦାୟ ୨୧ହଜାର୧୯୨ଟି ଚୋରି ମାମଲା ପଞ୍ଜୀକରଣ କରାଯାଇଛି। ସେଥିରୁ ୨୦,୪୭୦ଟି ମାମଲା ସତ୍ୟ ଘଟଣା ଉପରେ ଆଧାରିତ ବୋଲି ଦର୍ଶାଯାଇଛି। ରିପୋର୍ଟ ମୁତାବକ ବର୍ଷ ଶେଷ ସୁଦ୍ଧା ୮୨୦୭ଟି ମାମଲାରେ ଦୋଷାରୋପ ଫର୍ଦ୍ଦ ଦାଖଲ ହୋଇଛି। ୬,୪୨୭ଟି ତଦନ୍ତାଧୀନ ମାମଲା ମଧ୍ୟରୁ ୨,୪୩୫ ମାମଲାରେ ଦୋଷାରୋପ ଫର୍ଦ୍ଦ ଦାଖଲ ହେବା ସମ୍ଭାବନା ରହିଛି। ଏହି ଚୋରି ମାମଲାଗୁଡ଼ିକରେ ୭,୮୦୭ ଜଣ ଅଭିଯୁକ୍ତ ଗିରଫ ହୋଇଛନ୍ତି। ସେହିପରି ରାଜ୍ୟରେ ମୋଟ ୬୦୫୩ ପ୍ରତାରଣା ମାମଲା ରୁଜୁ ହୋଇଛି। ୨୦୨୫ରେ ସମୁଦାୟ ୧,୦୨୫ ଦଙ୍ଗା ମାମଲା ରାଜ୍ୟରେ ପଞ୍ଜୀକରଣ ହୋଇଥିଲା, ଯେଉଁଥିରୁ ୧୦୮୦ ସତ୍ୟ ଘଟଣା ଭିତ୍ତିକ ଥିଲା ବୋଲି କୁହାଯିବା ସହ ସେଥିରୁ ବର୍ଷ ଶେଷ ସୁଦ୍ଧା ୪୯୮ ମାମଲାରେ ଚାର୍ଜଶିଟ ଦାଖଲ କରାଯାଇଛି। ସେହିବର୍ଷ ରାଜ୍ୟରେ ୧୨,୭୮୨ ମୋଟର ଯାନ ଦୁର୍ଘଟଣା ମାମଲା ☞ପୃଷ୍ଠା-୪

# ନାଲ୍‌କୋ ଡ୍ରାଫ୍ଟ ପଲିସି ଜାଳି ପ୍ରତିବାଦ

## ପୁନର୍ବାସ ଓ ଥଇଥାନ ବୈଠକ ପୂର୍ବରୁ ତାତିଲେ ଲୋକେ

ଅନୁଗୋଳ,୨୫।୩ (ଦିବ୍ୟଶାନ୍ତନୁ ନାଥ)

ଅନୁଗୋଳ ଜିଲା ନାଲ୍‌କୋର ବ୍ରାଉନଫିଲ୍ଡ ସମ୍ପ୍ରସାରଣ ପ୍ରକଳ୍ପ ନେଇ ପୁନର୍ବାସ ଓ ଥଇଥାନ ବୈଠକ ଗୁରୁବାର ୨୬ ତାରିଖରେ ସ୍ମେଲଟର ପ୍ଲାଣ୍ଟ ଟ୍ରେନିଂ ସେଣ୍ଟରଠାରେ ଅନୁଷ୍ଠିତ ହେବ। ହେଲେ ଏହା ପୂର୍ବରୁ ଉକ୍ତ ପ୍ରକଳ୍ପ ପାଇଁ ଜମି ହରାଇବାକୁ ଥିବା କାଙ୍ଗୁଲା, ଗୋପୀନାଥପୁର ଓ କୁଲାଡ଼ ମୌଜାର ସମସ୍ତ ପ୍ରଜା ଏକଜୁଟ ହୋଇ ବୁଧବାର ପ୍ରତିବାଦ କରିଛନ୍ତି। ନାଲ୍‌କୋ ଡ୍ରାଫ୍ଟ ପଲିସିକୁ ସେମାନେ ବିରୋଧ କରିବା ସହ ତାହାକୁ ନିଆଁ ଲଗାଇ ପୋଡ଼ି ବିରୋଧ ପ୍ରଦର୍ଶନ କରିଛନ୍ତି। କ୍ଷତିଗ୍ରସ୍ତ ହେବାକୁ ଥିବା ପ୍ରଜାମାନେ ଅଭିଯୋଗ କରିଛନ୍ତି, ନାଲ୍‌କୋ ଓ ଜିଲା ପ୍ରଶାସନ ପକ୍ଷରୁ ଏହି ଡ୍ରାଫ୍ଟ ପଲିସି ପ୍ରସ୍ତୁତ କରାଯାଇଥିବାବେଳେ ଏଥିରେ ଜଣେ ହେଲେ ଜମିହରା ପ୍ରଜା ସ୍ଥାୟୀ ନିଯୁକ୍ତି ପାଇବାକୁ ଯୋଗ୍ୟ ହେଉନାହାନ୍ତି। ଗ୍ରାମବାସୀ, ନାଲ୍‌କୋ ଓ ଜିଲା ପ୍ରଶାସନ ମଧ୍ୟରେ ପୂର୍ବରୁ ଅନୁଷ୍ଠିତ ତ୍ରିପାକ୍ଷିକ ବୈଠକରେ ପ୍ରତ୍ୟେକ ଜମିହରା ପ୍ରଜାଙ୍କୁ ସ୍ଥାୟୀ ନିଯୁକ୍ତି ଦେବା ନେଇ ନାଲ୍‌କୋ ପ୍ରତିଶ୍ରୁତି ଦେଇଥିଲା। ଏହାପରେ ଉପରୋକ୍ତ ୩ ଗ୍ରାମର ପ୍ରଜାମାନେ ପ୍ରାଥମିକ ସର୍ଭେ କାର୍ଯ୍ୟରେ ସହଯୋଗ କରିଥିଲେ। ଏହା ପରଠାରୁ ଏଯାବତ ପ୍ରଶାସନ ଅନେକ ସର୍ଭେ କରି ସାରିଥିବାବେଳେ ଲୋକଙ୍କ ହିତରେ କୌଣସି ପଲିସି ପ୍ରଣୟନ କରାଯାଇ ନାହିଁ। ପୁନର୍ବାସ ଓ ଥଇଥାନ ବୈଠକର କିଛି ଘଣ୍ଟା ପୂର୍ବରୁ ଡ୍ରାଫ୍ଟ ପଲିସି ଲୋକମାନଙ୍କୁ ଦିଆଯାଇଛି। କ୍ଷତିଗ୍ରସ୍ତ ହେବାକୁ ଥିବା ପ୍ରଜାମାନେ ଏହାକୁ ଯେପରି ବିରୋଧ କରିବାକୁ ସମୟ ନ ପାଇବେ ସେଥିପାଇଁ ଏପରି କରାଯାଇଛି। ତେବେ ଗୁରୁବାର ହେବାକୁ ଥିବା ପୁନର୍ବାସ ଓ ଥଇଥାନ ବୈଠକକୁ ସାମୂହିକ ଭାବେ ବର୍ଜନ କରାଯିବ ବୋଲି କ୍ଷତିଗ୍ରସ୍ତ ହେବାକୁ ଥିବା ପ୍ରଜାମାନେ ନିଷ୍ପତ୍ତି କରିଥିବା କହିଛନ୍ତି। ଏଥିସହ ସେମାନେ ଜିଲାପାଳ, ଅତିରିକ୍ତ ଜିଲାପାଳ ଓ ନାଲ୍‌କୋ ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିବା ଜଣାପଡ଼ିଛି। ଏ ସମ୍ପର୍କରେ ଅନୁଗୋଳ ଜିଲାପାଳ ଅବଦଲ ମୁହମ୍ମଦ ଅଖତାର କହିଛନ୍ତି, କ୍ଷତିଗ୍ରସ୍ତ ହେବାକୁ ଥିବା ପ୍ରଜାମାନେ ଉକ୍ତ ବୈଠକରେ ଯୋଗଦେଇ ସମସ୍ୟା ସମ୍ପର୍କରେ ମତ ରଖନ୍ତୁ।

# ୧ ଡଲାର= ୯୩.୯୬ ଟଙ୍କା

ମୁମ୍ବାଇ,୨୫।୩(ପି.ଟି.)

ଆମେରିକୀୟ ଡଲାର ତୁଳନାରେ ଟଙ୍କା ମୂଲ୍ୟ ବୁଧବାର ୨୦ ପଇସା ହ୍ରାସ ପାଇ ୯୩.୯୬ରେ ପହଞ୍ଚିଛି। ଅର୍ଥାତ୍ ୧ ଡଲାର ମୂଲ୍ୟ ୯୩ ଟଙ୍କା ୯୬ ପଇସା ହୋଇଛି। ବିଦେଶୀ ସଂସ୍ଥାଗତ ନିବେଶକ (ଏଫ୍‌ଆଇଆଇ)ମାନେ ପ୍ରଚୁର ପରିମାଣରେ ଅଂଶଧନ ବିକ୍ରି କରିଦେବା ଏବଂ ପଶ୍ଚିମ ଏସିଆ ଉତ୍ତେଜନା ଲାଗିରହିଥିବାରୁ ନିବେଶକମାନେ ଚିନ୍ତିତ ଅଛନ୍ତି। ଏପରିକି ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ହ୍ରାସ, ଡଲାର ଦୁର୍ବଳ ହେବା ଏବଂ ଘରୋଇ ପୁଞ୍ଜିବଜାରରେ ସକାରାତ୍ମକ ଭାବାବେଗ ସତ୍ତ୍ୱେ ସ୍ଥାନୀୟ ଷ୍ଟକ୍ ମାର୍କେଟକୁ କୌଣସି ନିସ୍ତାର ମିଳିପାରୁ ନାହିଁ ବୋଲି ଫରେକ୍ସ ଟ୍ରେଡରମାନେ କହିଛନ୍ତି।

ଇଣ୍ଟରବ୍ୟାଙ୍କ ଫରେନ୍ ଏକ୍ସଚେଞ୍ଜରେ ବୁଧବାର ଆରମ୍ଭରେ ଡଲାର ତୁଳନାରେ ଟଙ୍କା ମୂଲ୍ୟ ୯୩.୯୪ ରହିଥିବାବେଳେ ପରେ ଏହା ୯୩.୮୬ରୁ ୯୪.୧୩ ମଧ୍ୟରେ ଅସ୍ଥିର ରହି କାରବାର ଶେଷ ସୁଦ୍ଧା ସର୍ବକାଳୀନ ନିମ୍ନସ୍ତର ୯୩.୯୬ରେ ପହଞ୍ଚିଥିଲା, ଯାହାକି ପୂର୍ବ ଦିନର କାରବାର ଶେଷ ସୁଦ୍ଧା ମୂଲ୍ୟଠାରୁ ୨୦ ପଇସା କମ୍। ମଙ୍ଗଳବାର ଆମେରିକୀୟ ଡଲାର ତୁଳନାରେ ଟଙ୍କା ମୂଲ୍ୟ ୨୩ ପଇସା ହ୍ରାସ ପାଇ ୯୩.୭୬ ରହିଥିଲା।



କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଜାତୀୟ ଇନ୍‌ଡୋର ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ଅନ୍ତିମ ଦିବସରେ ବୁଧବାର ଅନୁଷ୍ଠିତ ମହିଳା ହାଇଜମ୍ପ ଇଭେଣ୍ଟରେ ଭାଗ ନେଇଥିବା ଜଣେ ପ୍ରତିଯୋଗୀ। **(ଫଟୋ: ବିକାଶ ନାୟକ)**

# 'ନାଭିକ୍' ସଙ୍କଟ: ଭାରତର ସୁରକ୍ଷା ବ୍ୟବସ୍ଥା ପ୍ରଭାବିତ

**ଭାରତର ନିଜସ୍ୱ ସାଟେଲାଇଟ୍ ନାଭିଗେଶନ ସିଷ୍ଟମ୍ ବା ଦେଶୀ ଜିପିଏସ୍ 'ନାଭିକ୍' (ନାଭିଗେଶନ ୱିଥ୍ ଇଣ୍ଡିଆନ୍ କନ୍‌ଷ୍ଟେଲେଶନ) ଡାଉନ୍ ହୋଇଯାଇଛି। ଏହା ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇପାରୁ ନ ଥିବାରୁ ଦେଶର ସାମରିକ ଓ ରଣନୈତିକ ସୁରକ୍ଷା କ୍ଷେତ୍ରରେ ଏକ ବଡ଼ ସଙ୍କଟ ସୃଷ୍ଟି ହୋଇଛି। ବିଶେଷଜ୍ଞଙ୍କ ଅନୁଯାୟୀ, ବୈଷୟିକ ତ୍ରୁଟି କାରଣରୁ ଭାରତ ବର୍ତ୍ତମାନ ଏହି ସିଷ୍ଟମ୍‌କୁ ସୁରକ୍ଷା କାର୍ଯ୍ୟରେ ବ୍ୟବହାର କରିବାକୁ ଅସମର୍ଥ। ସାଧାରଣ ଲୋକଙ୍କ ପାଇଁ ଥିବା ସିଗ୍‌ନାଲ ତୁଳନାରେ ସେନା ପାଇଁ ଥିବା ସିଗ୍‌ନାଲ ୧୦ ଗୁଣ ଅଧିକ ଠିକ୍ ହୋଇଥାଏ, ଯାହା ଏବେ ବାଧାପ୍ରାପ୍ତ ହୋଇଛି।**



ନୂଆଦିଲ୍ଲୀ, ୨୫।୩ (ପି.ଟି.)

'ନାଭିକ୍'ର ୪ଟି ସାଟେଲାଇଟ୍ ମଧ୍ୟରୁ ଗତ ମାର୍ଚ୍ଚ ୧୦ ତାରିଖରେ 'ଇଣ୍ଡିଆନ୍ ରିଜିଓନାଲ ନାଭିଗେଶନ ସାଟେଲାଇଟ୍ ସିଷ୍ଟମ୍ (ଆଇଆର୍‌ଏନ୍‌ଏସ୍‌ଏସ୍)-୧ଏଫ୍'ର ପରମାଣୁ ଘଣ୍ଟା (ଆଟମିକ୍ କ୍ଲକ୍) ଅଚଳ ହୋଇଯାଇଛି। କୌଣସି ବି ନାଭିଗେଶନ ସିଷ୍ଟମ୍ ଠିକ୍ ଭାବେ କାମ କରିବା ପାଇଁ ଅତିକମ୍‌ରେ ୪ଟି ସକ୍ରିୟ ସାଟେଲାଇଟ୍ ଆବଶ୍ୟକ ହେଉଥିବାବେଳେ ବର୍ତ୍ତମାନ ଏହି ସଂଖ୍ୟା ୩କୁ ଖସି ଆସିଛି। ଫଳରେ 'ପୋଜିସନ, ନାଭିଗେଶନ ଏବଂ ଟାଇମିଂ' (ପିଏନ୍‌ଟି) ସେବା ବାଧାପ୍ରାପ୍ତ ହୋଇଛି। ଭାରତର ମହାକାଶ ଗବେଷଣା ସଂସ୍ଥା 'ଇସ୍ରୋ'ର ପୂର୍ବତନ ବୈଜ୍ଞାନିକ ଅନନ୍ୟା ରାୟ କହିଛନ୍ତି, ଯୁଦ୍ଧ ସମୟରେ ଅନ୍ୟ ଦେଶର ନାଭିଗେଶନ ସିଷ୍ଟମ (ଯେପରିକି ଆମେରିକାର ଜିପିଏସ୍) ଉପରେ ନିର୍ଭର କରିବା ଭୟଙ୍କର ହୋଇପାରେ। ଯଦି ଯୁଦ୍ଧ ସମୟରେ ଅନ୍ୟର ସିଷ୍ଟମ୍ ବ୍ୟବହାର କରାଯାଏ, ତେବେ ସେମାନେ ସିଗ୍‌ନାଲରେ ତ୍ରୁଟି ସୃଷ୍ଟି କରିପାରନ୍ତି କିମ୍ବା ଭୁଲ୍ ସ୍ଥାନର ସୂଚନା ଦେଇ ବିଭ୍ରାନ୍ତ କରିପାରନ୍ତି। ୧୯୯୯ କାର୍ଗିଲ ଯୁଦ୍ଧ ସମୟରେ ଆମେରିକା ଜିପିଏସ୍ ଡାଟା ଦେବାକୁ ମନା କରିବା ପରେ ହିଁ ଭାରତ 'ନାଭିକ୍'ର ବିକାଶ ଆରମ୍ଭ କରିଥିଲା ବୋଲି ରାୟ କହିଛନ୍ତି।

ସୂଚନାନୁଯାୟୀ, ଭାରତ ୨୦୧୩ରୁ ୨୦୧୮ ମଧ୍ୟରେ ପ୍ରଥମ ପିଢ଼ିର (ଆଇଆର୍‌ଏନ୍‌ଏସ୍‌ଏସ୍) ସାଟେଲାଇଟ୍ ଲଞ୍ଚ୍ କରିଥିଲା। କିନ୍ତୁ ଏହାର ଆଟମିକ୍ କ୍ଲକ୍‌ଗୁଡ଼ିକ ବାରମ୍ବାର ଖରାପ ହେବା ଫଳରେ ସମସ୍ୟା ବଢ଼ିଲା। ୨୦୧୭ 'ଆଇଆର୍‌ଏନ୍‌ଏସ୍‌ଏସ୍ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**
**ଅହିଂସା ଓ ଅସ୍ପୃଶ୍ୟତା**

# ସରିଲା ଚଳନ୍ତି ରତ୍ନଭଣ୍ଡାର ଗଣତି

## ୪୮ ବର୍ଷ ପରେ ଶ୍ରୀମନ୍ଦିର ରତ୍ନଭଣ୍ଡାର ଗଣତି ଆରମ୍ଭ

ପୁରୀ,୨୫।୩ (ଅଜିତ୍ କୁମାର ମହାନ୍ତି)

ଦୀର୍ଘଦିନ ଅପେକ୍ଷାର ଅନ୍ତ ଘଟିଛି। ୪୮ବର୍ଷ ପରେ ଶ୍ରୀମନ୍ଦିର ରତ୍ନଭଣ୍ଡାରରେ ଥିବା ଅଳଙ୍କାରର ଗଣତିମଣତି ଆରମ୍ଭ ହୋଇଛି। ପ୍ରଥମ ଦିନରେ ଚଳନ୍ତି ରତ୍ନଭଣ୍ଡାରର ଗଣତି ଶେଷ ହୋଇଥିବା ଜଣାପଡ଼ିଛି। ରାଜ୍ୟ ସରକାରଙ୍କ ମାର୍ଗଦର୍ଶିକା ଅନୁଯାୟୀ, ବୁଧବାର ଅମୃତବେଳା ସମୟରେ ରତ୍ନଭଣ୍ଡାର ଗଣତି କାର୍ଯ୍ୟର ଶୁଭାରମ୍ଭ ହୋଇଥିଲା। ଏନେଇ ସରକାରଙ୍କଠାରୁ ଆରମ୍ଭ କରି ଶ୍ରୀମନ୍ଦିର, ପୋଲିସ ଓ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଆରମ୍ଭ ହେବା ପୂର୍ବରୁ ଶ୍ରୀମନ୍ଦିର ପ୍ରଶାସନିକ କାର୍ଯ୍ୟାଳୟ ପରିସରରେ ରତ୍ନଭଣ୍ଡାର ଉଚ୍ଚସ୍ତରୀୟ କମିଟି ଅଧ୍ୟକ୍ଷ ଜଷ୍ଟିସ ବିଶ୍ୱନାଥ ରଥଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି।



> 'ପ୍ରଥମ ପର୍ଯ୍ୟାୟରେ ଚଳନ୍ତି ରତ୍ନଭଣ୍ଡାର ଗଣତି କରାଯାଇଛି। ତେବେ କିଛି ଅଳଙ୍କାର ଯେପରି ରାହୁରେଖା, ଚିତା ଆଦି ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଲାଗି ହୋଇ ରହିଥାଏ, ସେ ସେବୁକୁ ଆଜି ଗଣତି କରାଯାଇ ନାହିଁ। ଆଗାମୀ ଦିନରେ ସୁଯୋଗ ମିଳିଲେ ଗଣତି କରାଯିବ।'
> **- ଡ. ଅରବିନ୍ଦ ପାଢ଼ୀ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ**

ଅନ୍ୟମାନଙ୍କ ମଧ୍ୟରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ, ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଏସ୍‌ପି ପ୍ରତୀକ ସିଂଙ୍କ ସମେତ ଅଧିକୃତ ଅଧିକାରୀ, ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ। ବୈଠକ ପରେ ସମସ୍ତ ସଦସ୍ୟ ପୂର୍ବାହ୍ନ ୧୧ଟାରେ ଶ୍ରୀମନ୍ଦିରରେ ପ୍ରବେଶ କରିଥିଲେ। ପ୍ରବେଶ ପୂର୍ବରୁ ସିଂହଦ୍ୱାରଠାରେ ଜଷ୍ଟିସ ରଥ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ଜିଲାପାଳ ଏବଂ ଅଧିକାରୀଙ୍କ ସହ ସୁପରଭାଇଜର୍ ଟିମ୍ ଓ ହ୍ୟାଣ୍ଡେଲିଂ ଟିମ୍ ସଦସ୍ୟ ମୁଣ୍ଡିଆ ମାରିଥିଲେ। ଶ୍ରୀମନ୍ଦିର ପରିସରକୁ ଯାଇ ପାରମ୍ପରିକ ପୋଷାକ ପିନ୍ଧି ପୂର୍ବ ନିର୍ଦ୍ଧାରିତ ଅମୃତବେଳା ମଧ୍ୟାହ୍ନ ୧୨ଟା ୯ରେ ରତ୍ନଭଣ୍ଡାର ଭିତରକୁ ପ୍ରବେଶ କରି କାର୍ଯ୍ୟ ☞ପୃଷ୍ଠା-୪




ସୀମା ସଡ଼କ ସଂଗଠନ ସମ୍ପର୍କିତ ପ୍ରସଙ୍ଗ ଉପରେ ବୁଧବାର ଅନୁଷ୍ଠିତ ସଂସଦୀୟ ପରାମର୍ଶଦାତା କମିଟି ବୈଠକରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଅଧ୍ୟକ୍ଷତା କରୁଛନ୍ତି।

## ଦେଶରେ ପର୍ଯ୍ୟାପ୍ତ ଇନ୍ଧନ ରହିଛି

**■ଆମେ ପାକିସ୍ତାନ ଭଳି ଦଲାଲ ରାଷ୍ଟ୍ର ନୋହୁଁ**

**■ସର୍ବଦଳୀୟ ବୈଠକରେ କହିଲେ ସରକାର**

ନୂଆଦିଲ୍ଲୀ,୨୫।୩(ପି.ଟି.)

ଭାରତରେ ଶକ୍ତି ନିରାପତ୍ତା ବଜାୟ ରହିଛି ଓ ଅଧିକ ସଂଖ୍ୟାରେ ଜାହାଜରେ ଇନ୍ଧନ ଆସୁଥିବା କେନ୍ଦ୍ର ସରକାର ବୁଧବାର ସବୁ ଦଳର ନେତାଙ୍କୁ ଅବଗତ କରାଇଛନ୍ତି। ପଶ୍ଚିମ ଏସିଆ ସ୍ଥିତିକୁ ନେଇ ବୁଧବାର ପାର୍ଲାମେଣ୍ଟ କମ୍ପ୍ଲେକ୍ସରେ ଅନୁଷ୍ଠିତ ସର୍ବଦଳୀୟ ବୈଠକରେ ସବୁ ଦଳର ନେତା ଯୋଗ ଦେଇଥିବାବେଳେ ସେମାନେ ମଧ୍ୟପ୍ରାଚ୍ୟ ଯୁଦ୍ଧ ଏବଂ ଭାରତ ଉପରେ ଏହାର ସମ୍ଭାବ୍ୟ ପ୍ରଭାବକୁ ନେଇ ଚିନ୍ତାବ୍ୟକ୍ତ କରିଥିଲେ। ସ୍ଥିତିର ମୁକାବିଲା ପାଇଁ ସରକାରଙ୍କୁ ପୂର୍ଣ୍ଣ ସହଯୋଗ କରାଯିବ ବୋଲି ବିରୋଧୀ ସଦସ୍ୟମାନେ ପ୍ରତିଶ୍ରୁତି ଦେଇଛନ୍ତି। ଏଭଳି ସଙ୍କଟ ସମୟରେ ସରକାର ଯାହା ନିଷ୍ପତ୍ତି ନେବେ, ସମସ୍ତେ ମିଳିତ ଭାବେ ତାହାକୁ ସମର୍ଥନ କରିବେ ବୋଲି କହିଥିବା ସଂସଦୀୟ ବ୍ୟାପାର ମନ୍ତ୍ରୀ ସୂଚନା ଦେଇଛନ୍ତି।

ପଶ୍ଚିମ ଏସିଆ ଯୁଦ୍ଧକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ଆମେରିକା ରାଷ୍ଟ୍ରପତିଙ୍କ ସହ କଥା ହୋଇଥିଲେ। ଏହି ଯୁଦ୍ଧ ପ୍ରତ୍ୟେକଙ୍କୁ କ୍ଷତି ପହଞ୍ଚାଉଥିବାରୁ ଏହାର ତୁରନ୍ତ ଅବସାନ ହେବା ଆବଶ୍ୟକ ବୋଲି ପ୍ରଧାନମନ୍ତ୍ରୀ ଆମେରିକା ରାଷ୍ଟ୍ରପତିଙ୍କୁ ଜଣାଇଥିଲେ। ଯୁଦ୍ଧବିରତି ଲାଗି ମଧ୍ୟସ୍ଥତା କରିବାକୁ ପାକିସ୍ତାନ ଉଦ୍ୟମ ଚଳାଇବାରେ କିଛି ନୂତନତ୍ୱ ନାହିଁ। ୧୯୮୧ରୁ ଏହି ଦେଶ ଆମେରିକା ଦ୍ୱାରା ବ୍ୟବହୃତ ହୋଇଆସୁଛି। ଆମେ ଦଲାଲ ରାଷ୍ଟ୍ର ନୋହୁଁ ବୋଲି ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ସର୍ବଦଳୀୟ ବୈଠକରେ କହିଛନ୍ତି। ପଶ୍ଚିମ ଏସିଆ ସ୍ଥିତି ଉପରେ ଭାରତ ନୀରବ ରହିଥିବା ବିରୋଧୀ ଅଭିଯୋଗ କରିବାରୁ ସରକାର ଏହାକୁ ଖଣ୍ଡନ କରିଥିଲେ। ଆମେ ମନ୍ତବ୍ୟ ଓ ଜବାବ ଦେଉଛୁ। ଇରାନ ଦୂତାବାସ ଖୋଲିବା ମାତ୍ରେ ବହିର୍ବ୍ୟାପାର ସଚିବ ତୁରନ୍ତ ସେଠାକୁ ଯାଇ ସମବେଦନା ପୁସ୍ତକରେ ସ୍ୱାକ୍ଷର କରିଥିଲେ ବୋଲି ସରକାର ବୈଠକରେ କହିଛନ୍ତି। ଭାରତ ଅସୁବିଧାଜନକ ସ୍ଥିତିରେ ନୁହେଁ, ଭୂରାଜନୀତିରେ ଶୀର୍ଷସ୍ଥାନରେ ରହିଛି। ତେଣୁ ବିବ୍ରତ କିମ୍ବା ଭୟଭୀତ ହେବା ଆବଶ୍ୟକ ନାହିଁ। ବିରୋଧୀଙ୍କ ସହ ସବୁ ସମୟରେ ଆଲୋଚନା ପାଇଁ ଦ୍ୱାର ଖୋଲା ରହିଥିବା କେନ୍ଦ୍ର ପକ୍ଷରୁ କୁହାଯାଇଛି।

# ଯୁଦ୍ଧ ବନ୍ଦ ଆଶା କ୍ଷୀଣ

## କେହି କାହାର ସର୍ତ୍ତ ମାନିବାକୁ ପ୍ରସ୍ତୁତ ନାହାନ୍ତି

**ଇରାନ୍– ଆମେରିକା ଯୁଦ୍ଧ ବୁଧବାର ସୁଦ୍ଧା ୨୬ ଦିନ ଅତିକ୍ରମ କରିଛି। ଏହି ଯୁଦ୍ଧ ଯୋଗୁ ସମଗ୍ର ପଶ୍ଚିମ ଏସିଆ ଅଶାନ୍ତ ହୋଇପଡ଼ିଥିଲାବେଳେ ଇନ୍ଧନ ସମସ୍ୟାକୁ ନେଇ ସାରା ବିଶ୍ୱ ଏକ ବଡ଼ ବିପଦ ଆଡକୁ ମୁହାଁଇଛି। ଯୁଦ୍ଧ ବନ୍ଦକରି ସ୍ଥିତି ସ୍ୱାଭାବିକ କରିବାକୁ ତୁର୍କୀ, ଇଜିପ୍ଟ ଏବଂ ପାକିସ୍ତାନ ଭଳି କେତେକ ରାଷ୍ଟ୍ର ଉଦ୍ୟମ କରୁଥିଲେ ହେଁ ଆମେରିକା ଓ ଇରାନ୍ ନିଜ ଜିଦ୍‌ରେ ଅଟଳ ରହିଥିବାରୁ ଯୁଦ୍ଧ ବନ୍ଦ ହେବା ଆଶା କ୍ଷୀଣ ହେବାରେ ଲାଗିଛି। ଏବେ କେହି କାହାର ସର୍ତ୍ତ ମାନିବାକୁ ପ୍ରସ୍ତୁତ ନ ଥିବାରୁ ଯୁଦ୍ଧ ବନ୍ଦ ହେବା ସମ୍ଭାବନା ଆହୁରି ସନ୍ଦେହ ଘେରକୁ ଠେଲି ହୋଇଯାଇଛି।**

ୱାଶିଂଟନ୍/ତେହରାନ୍ ,୨୫।୩

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୨ ଦିନ ତଳେ ଇରାନ୍ ସହ ବୁଝାମଣା କରିବାକୁ ଉଦ୍ୟମ କରିଥିଲେ। କିନ୍ତୁ ଏହାର କୌଣସି ସୁଫଳ ମିଳିପାରି ନାହିଁ। କାରଣ ଟ୍ରମ୍ପଙ୍କ ୫ ଦିନିଆ ଯୁଦ୍ଧ ବିରତି ସତ୍ତ୍ୱେ ଆକ୍ରମଣ– ପ୍ରତ୍ୟାକ୍ରମଣ କମି ନାହିଁ। ଇରାନ୍ ଉପରେ ଆମେରିକା ଓ ଇସ୍ରାଏଲର ମିଳିତ ଆକ୍ରମଣ ଜାରି ରହିଥିଲାବେଳେ ଇସ୍ରାଏଲ ଏବଂ ଉପସାଗରୀୟ ଦେଶଗୁଡ଼ିକ ଉପରେ ଇରାନ୍‌ର ଆକ୍ରମଣ ମଧ୍ୟ ଚାଲୁ ରହିଛି। ଏହାମଧ୍ୟରେ ଇସ୍‌ଲାମାବାଦରେ ଇରାନ୍ ଓ ଆମେରିକା ମଧ୍ୟରେ ଆଲୋଚନା କରିବାକୁ ଉଦ୍ୟମ କରାଯାଇ ଆମେରିକା ପାକିସ୍ତାନ ମାଧ୍ୟମରେ ଇରାନ୍‌କୁ ୧୫ ଦଫା ସମ୍ବଳିତ ଯୁଦ୍ଧ ବିରତି ପ୍ରସ୍ତାବ ଦେଇଛି। ଏହାକୁ ନେଇ ଇରାନ୍ ତୁରନ୍ତ କୌଣସି ପ୍ରତିକ୍ରିୟା ଦେଇ ନ ଥିଲାବେଳେ ପରୋକ୍ଷରେ ଏହାକୁ ଅଗ୍ରାହ୍ୟ କରି ଦେଇଛି। ନିଜ ପୂର୍ବ ସ୍ଥିତିକୁ ଜାହିର କରି ଆମେରିକା ସହ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବେ କୌଣସି ଆଲୋଚନା ହୋଇନାହିଁ ବୋଲି ଇରାନ୍ ସ୍ପଷ୍ଟ କରିଛି। ପାକିସ୍ତାନରେ ଅବସ୍ଥାପିତ ଇରାନ୍ ରାଷ୍ଟ୍ରଦୂତ ରେଜା ଅମିରି ମୋଘାଦମ୍ ଏହି ଟିପ୍ପଣୀ ଦେବା ସହ ପାକିସ୍ତାନ ଉଦ୍ଦେଶ୍ୟରେ କହିଛନ୍ତି, କେତେକ ବନ୍ଧୁ ରାଷ୍ଟ୍ର ଯୁଦ୍ଧ ବିରତି ପାଇଁ ଆମେରିକା ଓ ଇରାନ୍ ମଧ୍ୟରେ ଆଲୋଚନା କରାଇବାକୁ ଉଦ୍ୟମ କରୁଛନ୍ତି ସତ। ହେଲେ ଆମେରିକା ଯେଉଁ ସ୍ଥିତିରେ ଇରାନ୍ ଉପରେ ଆକ୍ରମଣ କଲା ତାହାକୁ ବୁଝିବା ଦରକାର। ଦୁଇ ଦେଶ ମଧ୍ୟରେ ଆଲୋଚନା ଚାଲିଥିଲାବେଳେ ଆମେରିକା ଇରାନ୍ ଉପରେ ଆକ୍ରମଣ କଲା। ବର୍ତ୍ତମାନ ମଧ୍ୟପ୍ରାଚ୍ୟରେ ଯେଭଳି ସ୍ଥିତି ଉପୁଜିଛି ତାହା କେବଳ ଆମେରିକାର ବିଶ୍ୱାସଘାତକୁ ସୂଚାଉଛି ବୋଲି ରେଜା ଅମିରି କହିଛନ୍ତି। ସବୁଠୁ ବଡ଼ କଥା ହେଲା, ଆମେରିକା ପକ୍ଷରୁ ଇରାନ୍‌କୁ ୧୫ ଦଫା ଦାବିପତ୍ର ଦିଆଯିବା ପରେ ଇରାନ୍ ମଧ୍ୟ ନିଜର କିଛି ସର୍ତ୍ତ ଆମେରିକା ନିକଟରେ ରଖିଛି। ଯାହାକି ଏକଦମ୍ ବିପରୀତମୁଖୀ ଏବଂ ସେଗୁଡ଼ିକୁ ଆମେରିକା କଦାପି ମାନିବାକୁ ପ୍ରସ୍ତୁତ ହେବ ନାହିଁ। କେବଳ ଆମେରିକା ନୁହେଁ, ଇରାନ୍‌ର ଦାବିକୁ ଇସ୍ରାଏଲ ମଧ୍ୟ ସ୍ୱୀକୃତି ଦେବ ନାହିଁ ବୋଲି କୁହାଯାଉଛି। ତେଣୁ ମଧ୍ୟପ୍ରାଚ୍ୟ ଯୁଦ୍ଧ ସଙ୍କଟ ଥମିବା ନେଇ ସନ୍ଦେହ ବଢ଼ିବାରେ ଲାଗିଛି।



ଇସ୍‌ଲାମାବାଦଠାରେ ପାକ୍ ପ୍ରଧାନମନ୍ତ୍ରୀ ଶେହବାଜ ସରିଫ୍‌ଙ୍କ ସହ ଇରାନର ରାଷ୍ଟ୍ରଦୂତ ରେଜା ଅମିରି ମୋଘାଦମ୍ ଆଲୋଚନା କରୁଛନ୍ତି।

### କ'ଣ ରହିଛି ଆମେରିକାର ସର୍ତ୍ତ

ତୁରନ୍ତ ବୁଝାମଣା କରି ଯୁଦ୍ଧ ବନ୍ଦ ପାଇଁ ପାକିସ୍ତାନ ମାଧ୍ୟମରେ ଆମେରିକା ବୁଧବାର ଇରାନ୍‌କୁ ଦେଇଥିବା ୧୫ ଦଫା ସର୍ତ୍ତାବଳୀ ସମ୍ପର୍କରେ ସମ୍ପୂର୍ଣ୍ଣ ତଥ୍ୟ ମିଳିପାରି ନାହିଁ। ତେବେ ନ୍ୟୁୟର୍କ ଟାଇମ୍ସ ରିପୋର୍ଟ ଅନୁସାରେ ଇରାନ୍ ନିଜର ଆଣବିକ କାର୍ଯ୍ୟକ୍ରମ ବନ୍ଦ କରିବା ଉପରେ ଆମେରିକା ଗୁରୁତ୍ୱାରୋପ କରିଛି। ଇରାନ୍ ୟୁରାନିୟମ୍ ଏନ୍‌ରିଚ୍‌ମେଣ୍ଟ କାର୍ଯ୍ୟକ୍ରମକୁ ସମ୍ପୂର୍ଣ୍ଣ ବନ୍ଦ କରିବା ସହ ବାଲିଷ୍ଟିକ୍ ମିଶାଇଲ ଉତ୍ପାଦନ ମଧ୍ୟ ବନ୍ଦ କରି ଏହାର ଉତ୍ପାଦନ ସୀମିତ ରଖିବାକୁ ଆମେରିକା ସର୍ତ୍ତ ରଖିଛି। ଏଥିସହ ଏନର୍ଜି କରିଡର୍ ଭାବେ ପରିଚିତ ହର୍ମୁଜ୍ ଷ୍ଟ୍ରେଟ୍‌କୁ ମୁକ୍ତ କରି ସ୍ୱାଭାବିକ କରିବା ଏବଂ ଆଞ୍ଚଳିକ ସ୍ତରରେ କଠୋରବାଦୀ ସଂଗଠନଗୁଡ଼ିକୁ ଇରାନ୍ ସହାୟତା ବନ୍ଦ କରିବାକୁ ଆମେରିକା ସର୍ତ୍ତ ରଖିଛି।

### ଇରାନ୍‌ର ସର୍ତ୍ତ

ପରୋକ୍ଷରେ ଇରାନ୍ ପକ୍ଷରୁ ଯେଉଁ ଦାବି କରାଯାଇଛି ସେଗୁଡ଼ିକ ମଧ୍ୟରେ ଉପସାଗରୀୟ ଅଞ୍ଚଳରେ ରହିଥିବା ସବୁ ଆମେରିକୀୟ ସାମରିକ ଘାଟିକୁ ବନ୍ଦ କରିବା, ଯୁଦ୍ଧ ପାଇଁ ଇରାନ୍‌କୁ କ୍ଷତିପୂରଣ ଦେବା, ଇରାନ୍ ଉପରୁ ସମସ୍ତ ଆର୍ଥିକ କଟକଣା ଉଠାଇବା ସହ ପୁଣି ଆକ୍ରମଣ ନ ହେବାକୁ ନିଶ୍ଚିତ କରିବା, ହର୍ମୁଜ୍ ଷ୍ଟ୍ରେଟ୍ ପାଇଁ ନୂଆ ନିୟମ ଆଣି ଟ୍ରାଞ୍ଜିଟ୍ ଫି ଲାଗୁ କରିବା , କୌଣସି ସୀମା ଏବଂ ବୁଝାମଣା ବିନା ଇରାନ୍‌ର କ୍ଷେପଣାସ୍ତ୍ର କାର୍ଯ୍ୟକ୍ରମ ଜାରି ପାଇଁ ଅନୁମତି ଦେବା, ହିଜ୍‌ବୁଲ୍ଲା ସମେତ ଇରାନ୍‌ର ଅନ୍ୟ ସହଯୋଗୀ କଠୋରବାଦୀ ସଂଗଠନ ଉପରେ ଇସ୍ରାଏଲ ଆକ୍ରମଣ ବନ୍ଦ କରିବା ଆଦି ସର୍ତ୍ତ ରହିଛି।

## ଆମେରିକୀୟ ଯୁଦ୍ଧ ଜାହାଜ ଉପରେ ଇରାନ୍‌ର କ୍ଷେପଣାସ୍ତ୍ର ମାଡ଼



ତେହରାନ୍ ,୨୫।୩

ଇରାନ ଯୁଦ୍ଧ ୨୬ ଦିନରେ ପହଞ୍ଚିଥିଲାବେଳେ ମଧ୍ୟପ୍ରାଚ୍ୟ ସ୍ଥିତି ଆହୁରି ଉତ୍ତେଜନାପୂର୍ଣ୍ଣ ହୋଇପଡ଼ିଛି। ବୁଧବାର ଇରାନ୍ ନୌସେନା ଆରବ ସାଗରରେ ମୁତୟନ ହୋଇଥିବା ଆମେରିକୀୟ ଯୁଦ୍ଧଜାହାଜ ଆବ୍ରାହମ୍ ଲିଙ୍କନ ଉପରେ କ୍ଷେପଣାସ୍ତ୍ର ମାଡ଼ କରିଛି। ଇରାନ୍ ନୌସେନା କୋଷ୍ଟାଲ କ୍ରୁଜ୍ ମିଶାଇଲ ମାଡ଼ କରିଥିବା ରିଅର୍ ଆଡ୍‌ମିରାଲ ସାହାରାମ୍ ଇରାନୀ ସ୍ପଷ୍ଟ କରିଛନ୍ତି। ସେ କହିଛନ୍ତି, ଆବ୍ରାହମ୍ ଲିଙ୍କନ୍‌ର ଗତିବିଧି ଉପରେ ଇରାନ୍ ସେନା ନଜର ରଖିଛି। ଯଦି ଏହି ଯୁଦ୍ଧଜାହାଜ ନିର୍ଦ୍ଦିଷ୍ଟ ଜଳସୀମା ଅତିକ୍ରମ କରି ଆଗକୁ ଆସେ ତେବେ ଜୋର୍‌ଦାର ଆକ୍ରମଣ କରାଯିବ। ଆମେରିକାର ଅନ୍ୟତମ ଯୁଦ୍ଧଜାହାଜ ୟୁଏସ୍‌ଏସ୍ ଟ୍ରିପୋଲି ୨୨୦୦ ମେରିନ୍‌ଙ୍କୁ ନେଇ ଇରାନ ଉପକୂଳ ନିକଟବର୍ତ୍ତୀ ହୋଇଥିବା କୁହାଯାଉଛି। ଆବଶ୍ୟକ ପଡ଼ିଲେ ଆମେରିକା ସେମାନଙ୍କୁ ସ୍ଥଳଭାଗରେ ପ୍ରବେଶ କରିବାକୁ ଅନୁମତି ଦେଇପାରେ। ହର୍ମୁଜ୍ ଷ୍ଟ୍ରେଟ୍‌କୁ ମୁକ୍ତ କରିବାକୁ ଆମେରିକା ଏହି ପଦକ୍ଷେପ ନେଇପାରେ ବୋଲି କୁହାଯାଉଥିବାବେଳେ ସ୍ଥିତି ଆହୁରି ଗମ୍ଭୀର ହେବା ଆଶଙ୍କା ବଢ଼ିଛି।

## ପାକିସ୍ତାନ ଯାଉଥିବା ଜାହାଜକୁ ଅନୁମତି ଦେଲାନି ଇରାନ୍

ତେହରାନ୍ ,୨୫।୩

ଆମେରିକା ଓ ଇରାନ୍ ମଧ୍ୟରେ ବୁଝାମଣା କରାଇବାକୁ ପାକିସ୍ତାନ ମଧ୍ୟସ୍ଥତା କରିବାକୁ ଆଗଭର ହୋଇଛି। ଏପରିକି ଇସ୍‌ଲାମାବାଦରେ ଦୁଇ ପକ୍ଷଙ୍କ ମଧ୍ୟରେ ବୈଠକ କରାଇବାକୁ ପାକିସ୍ତାନ ପ୍ରସ୍ତାବ ଦେଇଛି। ହେଲେ ପାକିସ୍ତାନ ଯାଉଥିବା ଏକ ଜାହାଜକୁ ଇରାନ୍ ମଙ୍ଗଳବାର ଫେରାଇ ଦେବା ଘଟଣା ପାକିସ୍ତାନର ମୁରବୀପଣିଆକୁ ନେଇ ପ୍ରଶ୍ନ ଉଠାଇଛି। କରାଚୀ ଅଭିମୁଖେ ଯାଉଥିବା ଜାହାଜ 'ସେଲେନ୍' ହର୍ମୁଜ୍ ଷ୍ଟ୍ରେଟ୍ ଦେଇ ଯିବାବେଳେ ଏହାକୁ ଇରାନ୍‌ର ଆଇଆର୍‌ଜିସି ଆଗକୁ ଯିବାକୁ ଅନୁମତି ଦେଇ ନ ଥିଲା। ଆଇନଗତ ଅନୁମତି ନ ଥିବାରୁ ଜାହାଜଟିକୁ ହର୍ମୁଜ୍ ଷ୍ଟ୍ରେଟ୍ ଠାରୁ ପଛକୁ ଫେରିଯିବାକୁ ନିର୍ଦ୍ଦେଶ ଦିଆଯାଇଥିଲା ବୋଲି ଆଇଆର୍‌ଜିସି କମାଣ୍ଡର 'X'ରେ ପୋଷ୍ଟ କରି ଉଲ୍ଲେଖ କରିଛନ୍ତି।

## ଗୁଜରାଟ ବିଧାନସଭାରେ ସମାନ ନାଗରିକ ସଂହିତା ବିଲ୍ ଗୃହୀତ

ନୂଆଦିଲ୍ଲୀ,୨୫।୩

ଗୁଜରାଟ ବିଧାନସଭାରେ ବୁଧବାର ସମାନ ନାଗରିକ ସଂହିତା (ୟୁସିସି) ବିଲ୍, ୨୦୨୬ ଗୃହୀତ ହୋଇଛି। ଏହି ବିଲ୍ ଗୃହୀତ କରାଇବାରେ ଉତ୍ତରାଖଣ୍ଡ ପରେ ଗୁଜରାଟ ଭାରତର ଦ୍ୱିତୀୟ ରାଜ୍ୟ। ବିଲ୍ ଗୃହୀତ ହୋଇଥିବାରୁ ରାଜ୍ୟରେ ସବୁ ସମ୍ପ୍ରଦାୟ ପାଇଁ ବିବାହ, ଛାଡ଼ପତ୍ର, ଉତ୍ତରାଧିକାର ଏବଂ ପୋଷ୍ୟଗ୍ରହଣ ସମ୍ପର୍କିତ ସମାନ ଆଇନ ଲାଗୁ ହେବ। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଗୁଜରାଟ ସରକାରଙ୍କ ପଦକ୍ଷେପକୁ ଐତିହାସିକ କହି ସ୍ୱାଗତ କରିଛନ୍ତି। ଭାଜପା ଆରମ୍ଭରୁ ଦେଶର ସମସ୍ତ ନାଗରିକଙ୍କ ପାଇଁ ସମାନ ଆଇନ ପ୍ରଚଳନ ନିମନ୍ତେ ପ୍ରତିଶ୍ରୁତିବଦ୍ଧ ରହିଆସିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାଜପା ରାଜ୍ୟ ସରକାରମାନେ ଏଦିଗରେ ପଦକ୍ଷେପ ନେଉଥିବା ଶାହା କହିଛନ୍ତି।

## ଅଗ୍ନିବୀରଙ୍କ ପାଇଁ ୨୦% ନିଯୁକ୍ତି ସଂରକ୍ଷିତ ରଖ

**ରାଜ୍ୟଗୁଡ଼ିକୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ପତ୍ର**

ହମିରପୁର,୨୫।୩

ଆସନ୍ତା ବର୍ଷ ୪ ବର୍ଷିଆ ନିଯୁକ୍ତି ଅବଧି ଶେଷ କରିବାକୁ ଯାଉଥିବା ଅଗ୍ନିବୀରଙ୍କ ପାଇଁ ପୁନର୍ବାସନ ନୀତି ଅନୁଯାୟୀ ୨୦ ପ୍ରତିଶତ ନିଯୁକ୍ତି ସଂରକ୍ଷିତ ରଖିବା ନିମନ୍ତେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ସମସ୍ତ ରାଜ୍ୟକୁ ପତ୍ର ଲେଖି ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀମାନଙ୍କୁ ସମ୍ବୋଧନ କରି ଚିଠି ଲେଖାଯାଇଥିବା ସୈନିକ କଲ୍ୟାଣ ବିଭାଗ ନିର୍ଦ୍ଦେଶକ ବ୍ରିଗେଡିଅର ମଦନଶୀଲ ଶର୍ମା କହିଛନ୍ତି। ବନରକ୍ଷୀ, ଖଣି ସୁରକ୍ଷା କର୍ମୀ, ପୋଲିସ କନଷ୍ଟେବଲ୍, ଅଗ୍ନିଶମ କର୍ମଚାରୀ, ଅଶ୍ୱାରୋହୀ ପୋଲିସ, ଜେଲ୍ ୱାର୍ଡେନ୍, ସ୍ୱତନ୍ତ୍ର ପୋଲିସ ଅଫିସର ଏବଂ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବଳରେ ୨୦% ନିଯୁକ୍ତି ସଂରକ୍ଷଣ ରଖିବାକୁ କୁହାଯାଇଛି। ହରିୟାଣା ଅଗ୍ନିବୀରଙ୍କ ପାଇଁ ସଂରକ୍ଷଣ ଲାଗୁ କରିଥିବାବେଳେ ଉତ୍ତରାଖଣ୍ଡ ମଧ୍ୟ ସେମାନଙ୍କ ପାଇଁ ସଂରକ୍ଷଣ ଘୋଷଣା କରିଛି।

## ମୋଦି ବିଶ୍ୱର ସବୁଠୁ ଲୋକପ୍ରିୟ ନେତା



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି

ନୂଆଦିଲ୍ଲୀ ,୨୫।୩

ବିଶ୍ୱର ଲୋକପ୍ରିୟ ନେତା ଭାବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବେ ବି ସବୁଠୁ ଆଗରେ ରହିଛନ୍ତି। ଗତ ବର୍ଷ ତୁଳନାରେ ତାଙ୍କର ଲୋକପ୍ରିୟତା ହ୍ରାସ ପାଇଥିଲେ ମଧ୍ୟ ଚଳିତ ବର୍ଷ ବିଶ୍ୱ ନେତାଙ୍କ ମଧ୍ୟରେ ତାଙ୍କ ସ୍ଥାନ ୧ ନମ୍ବରରେ ରହିଛି। ଆମେରିକାର ମର୍ନିଂ କନ୍‌ସଲ୍ଟ ସଂସ୍ଥା ରିପୋର୍ଟ ଅନୁସାରେ ଗତ ବର୍ଷ ମୋଦିଙ୍କ ଲୋକପ୍ରିୟତା ହାର ୭୫ ପ୍ରତିଶତ ରହିଥିଲାବେଳେ ସେ ବିଶ୍ୱର ସବୁଠୁ ଲୋକପ୍ରିୟ ନେତା ଭାବେ ପ୍ରଥମ ସ୍ଥାନରେ ରହିଥିଲେ। ଚଳିତବର୍ଷ ଏହି ହାର ୬୮ ପ୍ରତିଶତକୁ ହ୍ରାସ ପାଇଛି। ଏହାସତ୍ତ୍ୱେ ସେ ୧ ନମ୍ବର ସ୍ଥାନ ବଜାୟ ରଖିଛନ୍ତି। ବିଶ୍ୱସ୍ତରରେ ୬୮ ପ୍ରତିଶତ ଲୋକ ମୋଦିଙ୍କ ପ୍ରତି ସମର୍ଥନ ଜଣାଇଥିଲାବେଳେ ୨୬ ପ୍ରତିଶତ ଲୋକ ତାଙ୍କ ବିରୋଧରେ ମତ ଦେଇଛନ୍ତି। ଅନ୍ୟ ୬ ପ୍ରତିଶତ ଲୋକ କୌଣସି ପ୍ରତିକ୍ରିୟା ଦେଇନାହାନ୍ତି। ମୋଦିଙ୍କ ପଛରେ ଦ୍ୱିତୀୟ ଲୋକପ୍ରିୟ ନେତା ଭାବେ ସୁଇଜରଲାଣ୍ଡର ଗେ ପାର୍ମେଲିନ୍ ରହିଛନ୍ତି। ତାଙ୍କ ପ୍ରତି ୬୨ ପ୍ରତିଶତ ଲୋକଙ୍କ ସମର୍ଥନ ରହିଛି। ବିଶ୍ୱର ଅନ୍ୟତମ ପ୍ରମୁଖ ନେତାଙ୍କ ମଧ୍ୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରତି ୩୯ ପ୍ରତିଶତ ଲୋକଙ୍କ ସମର୍ଥନ ରହିଥିଲାବେଳେ ଦକ୍ଷିଣ କୋରିଆ ରାଷ୍ଟ୍ରପତି ଲି.ଜେ. ମିୟୁଙ୍ଗଙ୍କ ପ୍ରତି ସମର୍ଥନ ୩୦ ପ୍ରତିଶତ ରହିଛି। ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁ ଟ୍ରମ୍ପଙ୍କ ବିରୋଧରେ ୫୫ ପ୍ରତିଶତ ଲୋକ ମତ ଦେଇଛନ୍ତି। ଅନ୍ୟପକ୍ଷରେ କାନାଡ଼ା ପ୍ରଧାନମନ୍ତ୍ରୀ ମାର୍କ କାର୍ନିଙ୍କ ପ୍ରତି ୫୫ ପ୍ରତିଶତ ଲୋକଙ୍କ ସମର୍ଥନ ରହିଥିବାବେଳେ ସେ ଏହି ତାଲିକାରେ ୭ମ ସ୍ଥାନରେ ରହିଛନ୍ତି। ଫ୍ରାନ୍ସ ରାଷ୍ଟ୍ରପତି ଏମାନୁଏଲ ମାକରଁଙ୍କ ପ୍ରତି ମାତ୍ର ୧୭ ପ୍ରତିଶତ ଲୋକଙ୍କ ସମର୍ଥନ ରହିଛି।

## ଜୁବିନ୍ ଗର୍ଗଙ୍କ ମୃତ୍ୟୁ ଦୁର୍ଘଟଣାଜନିତ

ସିଙ୍ଗାପୁର,୨୫।୩(ପି.ଟି.)

ଭାରତୀୟ ଗାୟକ ଜୁବିନ୍ ଗର୍ଗଙ୍କ ମୃତ୍ୟୁ ଦୁର୍ଘଟଣାଜନିତ। ଏଥିରେ କୌଣସି ଆପରାଧିକ ଷଡ଼ଯନ୍ତ୍ର କରାଯାଇ ନ ଥିବା ସିଙ୍ଗାପୁର ପୋଲିସ ତଟସୁରକ୍ଷା ବାହିନୀ (ପିସିଜି) ପ୍ରକାଶ କରିଥିବାବେଳେ ଦେଶର ଅପମୃତ୍ୟୁ ତଦନ୍ତକାରୀ ଅଧିକାରୀ ଆଦାମ ନଖୋଦା ଏହାକୁ କାଏମ୍ ରଖିଛନ୍ତି। ଗତବର୍ଷ ସେପ୍ଟେମ୍ବରରେ ଏକ ଦ୍ୱୀପ ନିକଟରେ ଦୁର୍ଘଟଣାବଶତଃ ବୁଡ଼ିଯାଇ ଜୁବିନ୍ ପ୍ରାଣ ହରାଇଥିଲେ ବୋଲି ସେ କହିଛନ୍ତି। ମୃତ୍ୟୁ ପଛରେ କୌଣସି ଆପରାଧିକ କାର୍ଯ୍ୟର ପ୍ରମାଣ ନାହିଁ ବୋଲି ପିସିଜି ରିପୋର୍ଟକୁ ନେଇ ଜୁବିନ୍‌ଙ୍କ ସ୍ତ୍ରୀ ଚିନ୍ତାବ୍ୟକ୍ତ କରିଥିଲେ। ପିସିବି ମାମଲାର ବିସ୍ତୃତ ଓ ପୁଙ୍ଖାନୁପୁଙ୍ଖ ତଦନ୍ତ କରିଥିଲା। ଜୁବିନ୍‌ଙ୍କୁ କେହି ବଳ ପ୍ରୟୋଗ କରି ନ ଥିଲେ କିମ୍ବା ପାଣିକୁ ଠେଲିଦେଇ ନ ଥିଲେ ବୋଲି ଆଦାମ କହିଛନ୍ତି।



## ୩୨ ସଂଶୋଧନ ସହ ଅର୍ଥ ବିଲ୍ ଲୋକ ସଭାରେ ଗୃହୀତ

ନୂଆଦିଲ୍ଲୀ,୨୫।୩(ପି.ଟି.)

ଅର୍ଥ ବିଲ୍, ୨୦୨୬ ବୁଧବାର ଲୋକ ସଭାରେ ଗୃହୀତ ହୋଇଯାଇଛି। ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍‌ଙ୍କ ଦ୍ୱାରା ବିଶ୍ୱାସ ଆଧାରିତ ଟିକସ ବ୍ୟବସ୍ଥା, ଜୀବନ ଧାରଣ ମାନରେ ଉନ୍ନତି ଏବଂ ଅଧିକ ବ୍ୟବସାୟ ଅନୁକୂଳ ପରିବେଶକୁ କେନ୍ଦ୍ରିତ କରି ନୀତି ନିର୍ଦ୍ଧାରଣ କରାଯାଇଛି। ଭାରତ ବାଧ୍ୟବାଧକତାରେ ନୁହେଁ ବରଂ ନିଜର ଦୃଢ଼ ବିଶ୍ୱାସ ଆଧାରରେ ସଂସ୍କାର ପଦକ୍ଷେପ ନେଇ ଆଗକୁ ବଢ଼ୁଥିବା ସୀତାରାମନ୍ ପାର୍ଲାମେଣ୍ଟରେ ଉଦ୍‌ବୋଧନ ଦେଇ କହିଛନ୍ତି। ଅତ୍ୟଧିକ ଯାଞ୍ଚ ବଦଳରେ ଟିକସଦାତାଙ୍କ ବିଶ୍ୱାସ ଉପରେ ଭରସା କରି ଟିକସ ବ୍ୟବସ୍ଥା କରାଯାଇଥିବା ଗୃହରେ ବିତର୍କର ଉତ୍ତର ରଖି ସୀତାରାମନ୍ କହିଥିଲେ। ଆସନ୍ତା ଶୁକ୍ରବାର ଅର୍ଥ ବିଲ୍ ଉପରେ ରାଜ୍ୟ ସଭାରେ ଆଲୋଚନା ହେବ ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ କହିଛନ୍ତି। ଗୁରୁବାର ଛୁଟି ପଡୁଥିବାରୁ ପାର୍ଲାମେଣ୍ଟ ବନ୍ଦ ରହିବ। ଶୁକ୍ରବାର ସଦସ୍ୟମାନେ ପ୍ରାଇଭେଟ ବିଲ୍ ଆଣିବେ। କିନ୍ତୁ ଅର୍ଥବିଲ୍ ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ଏହା ଉପରେ ଶୁକ୍ରବାର ଆଲୋଚନା କରାଯିବ। ଶନିବାର ଓ ରବିବାର ଅଧିବେଶନ ଜାରି ରଖିବା ପାଇଁ ସରକାର ପୂର୍ବରୁ ନିଷ୍ପତ୍ତି ନେଇଥିଲେ। ତେବେ ବର୍ତ୍ତମାନର ସ୍ଥିତିକୁ ବିଚାର କରି ସପ୍ତାହାନ୍ତ ଛୁଟି ବଜାୟ ରଖିବାକୁ ନିଷ୍ପତ୍ତି ନିଆଯାଇଥିବା ରିଜିଜୁ କହିଛନ୍ତି।



ଇଚ୍ଛାମୃତ୍ୟୁ ଅନୁମତି ପରେ ଆଖି ବୁଜିଥିବା ୩୧ ବର୍ଷୀୟ ହରିଶ ରାଣାଙ୍କ ଶେଷକୃତ୍ୟ ବୁଧବାର ନୂଆଦିଲ୍ଲୀରେ ସମ୍ପନ୍ନ ହୋଇଛି। ପ୍ରଥମ ଭାରତୀୟ ଭାବେ ହରିଶ ସୁପ୍ରିମକୋର୍ଟରୁ ଇଚ୍ଛାମୃତ୍ୟୁ ଅନୁମତି ପାଇଥିଲେ ଓ ମଙ୍ଗଳବାର ତାଙ୍କର ମୃତ୍ୟୁ ଘଟିଥିଲା। (ଫଟୋ– ଚମନ ଗୌତମ)




କଟକ ବଡ଼ମେଡିକାଲ ଅଗ୍ନିକାଣ୍ଡ ଘଟଣାରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିରେ ଅଟଳ ରହିଥିବା ବିରୋଧୀ ବିଜେଡି ଓ କଂଗ୍ରେସ ବିଧାୟକମାନେ କଳାପୋଷାକ ପିନ୍ଧି ବୁଧବାର ପ୍ରଥମେ ବିଧାନସଭା ଭିତରେ ଏବଂ ପରେ ବାହାରେ ପ୍ରତିବାଦ କରୁଛନ୍ତି।

# ପିଏନ୍‌ଜି ନେବାକୁ ମନାକଲେ ଏଲ୍‌ପିଜି ଯୋଗାଣ ବନ୍ଦ

**ପଶ୍ଚିମ ଏସିଆ ଯୁଦ୍ଧ ଯୋଗୁ ପ୍ରମୁଖ ଉତ୍ସଗୁଡ଼ିକରୁ ଯୋଗାଣ ବାଧାପ୍ରାପ୍ତ ହୋଇଥିବାରୁ ଭାରତରେ ତରଳୀକୃତ ପେଟ୍ରୋଲିୟମ୍ ଗ୍ୟାସ୍ (ଏଲ୍‌ପିଜି) ଅଭାବ ଦେଖାଦେଇଛି। ତେଣୁ ପରିବାର ଏବଂ ବ୍ୟବସାୟିକ ଉପଭୋକ୍ତାମାନେ ପାଇପ୍‌ଯୋଗେ ପ୍ରାକୃତିକ ଗ୍ୟାସ୍ (ପିଏନ୍‌ଜି) ସଂଯୋଗ ନେବା ଲାଗି ସରକାର ଚାପ ପକାଉଛନ୍ତି। ଯେଉଁଠାରେ ପିଏନ୍‌ଜି ସଂଯୋଗ ଉପଲବ୍ଧ ଥାଇ ଗ୍ରାହକ ଏହାକୁ ନେବା ପାଇଁ ମନାକରିବେ, ସେମାନଙ୍କୁ ଏଲ୍‌ପିଜି ସଂଯୋଗ ବନ୍ଦ କରିଦିଆଯିବ ବୋଲି କେନ୍ଦ୍ର ସରକାର ମଙ୍ଗଳବାର କହିଛନ୍ତି। ଗ୍ୟାସ୍ ନେଟ୍‌ୱର୍କ ବଢ଼ାଇବା ଏବଂ ଏକକ ଇନ୍ଧନ ଉପରୁ ନିର୍ଭରଶୀଳତା ହ୍ରାସ କରିବା ଲକ୍ଷ୍ୟରେ ସରକାର ଏହି ନୂଆ ନିର୍ଦ୍ଦେଶନାମା ଜାରି କରିଛନ୍ତି। ପିଏନ୍‌ଜି ଘରୋଇ ଭାବେ ଉତ୍ପାଦନ ହେବା ସହ ବିବିଧୀକରଣ ଯୋଗାଣ ଜରିଆରେ ସଂଗ୍ରହ କରାଯାଉଥିବାରୁ ଏହା ଅଧିକ ସୁବିଧାଜନକ ବିକଳ୍ପ। ପାଇପ୍‌ଲାଇନ ଜରିଆରେ ଏହାକୁ ସିଧା ରୋଷେଇଘର ବର୍ନରକୁ ନିରନ୍ତର ଯୋଗାଣ ହୋଇପାରିବ ଏବଂ ରିଫିଲିଂ ପାଇଁ ବୁକିଂ କରିବା ଆବଶ୍ୟକ ପଡ଼ିବ ନାହିଁ।**

ନୂଆଦିଲ୍ଲୀ, ୨୫।୩(ପି.ଟି.)

ପାଇପ୍‌ଲାଇନ ଭିତ୍ତିଭୂମି ବଢ଼ାଇବା, ଅନୁମୋଦନକୁ ସହଜ କରିବା ଏବଂ ଶକ୍ତି ସୁରକ୍ଷାକୁ ସୁଦୃଢ଼ କରିବା ପାଇଁ ଏଲ୍‌ପିଜିରୁ ପିଏନ୍‌ଜିକୁ ପରିବର୍ତ୍ତନ କରିବା ନିମନ୍ତେ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟ ପକ୍ଷରୁ ବୁଧବାର ନ୍ୟାଚୁରାଲ ଗ୍ୟାସ୍ ଆଣ୍ଡ ପେଟ୍ରୋଲିୟମ୍ ପ୍ରଡକ୍ଟସ୍ ଡିଷ୍ଟ୍ରିବ୍ୟୁଶନ ଅର୍ଡର, ୨୦୨୬ ଜାରି କରାଯାଇଛି। କୌଣସି ଅଞ୍ଚଳରେ ଉପଲବ୍ଧ ଥାଇ ମଧ୍ୟ ପିଏନ୍‌ଜି ସଂଯୋଗ ନେବାକୁ ଗ୍ରାହକ ଯଦି ମନା କରନ୍ତି, ତେବେ ୩ ମାସ ପରେ ସେମାନଙ୍କ ଏଲ୍‌ପିଜି ଯୋଗାଣ ବନ୍ଦ କରିଦିଆଯିବ ବୋଲି ନିର୍ଦ୍ଦେଶନାମାରେ କୁହାଯାଇଛି। ତେବେ ଯେଉଁଠାରେ ପାଇପ୍ ସଂଯୋଗ ପ୍ରଦାନ କରିବା ବୈଷୟିକ ଦୃଷ୍ଟିରୁ ଅସମ୍ଭବ, ସେଠାରେ ଏଲ୍‌ପିଜି ଯୋଗାଣ ଜାରି ରହିବା ଅନୁମତି ରହିଛି। ଏଥିପାଇଁ କର୍ତ୍ତୃପକ୍ଷଙ୍କଠାରୁ ଆପତ୍ତିବିହୀନ ପ୍ରମାଣପତ୍ର ଆବଶ୍ୟକ। ଯେଉଁଠାରେ ପାଇପ୍‌ଲାଇନ ସଂଯୋଗ ରହିଛି, ସେହି ଅଞ୍ଚଳକୁ ଏଲ୍‌ପିଜି ଯୋଗାଣରୁ ମୁକ୍ତ କରିବା ଏହି ନିର୍ଦ୍ଦେଶନାମାର ଲକ୍ଷ୍ୟ। ଯେଉଁଠାରେ ପାଇପ୍‌ଲାଇନ ଭିତ୍ତିଭୂମି ନାହିଁ, କେବଳ ସେହି ଅଞ୍ଚଳଗୁଡ଼ିକରେ ଏଲ୍‌ପିଜି ଯୋଗାଣ ଜାରି ରହିବ।

ବ୍ୟବସାୟକୁ ସହଜ କରିବା ସଂସ୍କାର ଜରିଆରେ ଏକ ସଙ୍କଟକୁ ସୁଯୋଗରେ ପରିଣତ କରାଯାଇଛି ବୋଲି ପେଟ୍ରୋଲିୟମ୍ ସଚିବ ନୀରଜ ମିତ୍ତଲ Xରେ ଲେଖିଛନ୍ତି। ଅତ୍ୟାବଶ୍ୟକ ସାମଗ୍ରୀ ଆଇନ ଅଧୀନରେ ଉପରୋକ୍ତ ନିର୍ଦ୍ଦେଶନାମା ଜାରି ହୋଇଛି। ଉକ୍ତ ନିର୍ଦ୍ଦେଶନାମା ବଳରେ ଅନୁମୋଦନକୁ ସହଜ କରିବା ସହ ନିରପେକ୍ଷ ଦେୟ ଧାର୍ଯ୍ୟ କରିବା ଏବଂ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଅନୁମତି ସୁନିଶ୍ଚିତ କରିବା ଦ୍ୱାରା ପାଇପ୍‌ଲାଇନ୍ ଭିତ୍ତିଭୂମି ତ୍ୱରାନ୍ୱିତ କରାଯାଇପାରିବ। ପିଏନ୍‌ଜି ସଂଯୋଗକୁ ତ୍ୱରାନ୍ୱିତ କରିବା ପାଇଁ ସରକାରୀ କର୍ତ୍ତୃପକ୍ଷ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଅନୁମତି ପ୍ରଦାନ କରିବେ, ନଚେତ୍ ତାହା ଅନୁମୋଦନ ହୋଇଥିବା ଧରାଯିବ। ନିର୍ଦ୍ଧାରିତ ଦେୟ ବାହାରେ କର୍ତ୍ତୃପକ୍ଷ ଅଧିକ ଦେୟ ଧାର୍ଯ୍ୟ କରିପାରିବେ ନାହିଁ। ହାଉସିଂ ଅଞ୍ଚଳରେ ୩ଟି କାର୍ଯ୍ୟଦିବସ ମଧ୍ୟରେ କର୍ତ୍ତୃପକ୍ଷ ଅନୁମତି ପ୍ରଦାନ କରିବେ ଏବଂ ଆବେଦନର ୪୮ ଘଣ୍ଟା ମଧ୍ୟରେ ଘର ପର୍ଯ୍ୟନ୍ତ ପାଇପ୍ ଯୋଗେ ପିଏନ୍‌ଜି ଯୋଗାଇ ଦିଆଯିବ।

ଦେଶରେ ପେଟ୍ରୋଲ, ଡିଜେଲ ଏବଂ ଏଲ୍‌ପିଜିର ଅଭାବ ନାହିଁ ବୋଲି ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଗୁଡ଼ିକ ବୁଧବାର କହିଛନ୍ତି। ସୋସିଆଲ ମିଡିଆରେ ପ୍ରସାରିତ ଗୁଜବରେ ବିଶ୍ୱାସ ନ କରିବାକୁ ଏବଂ ଭୟଭୀତ ହୋଇ ନ କିଣିବାକୁ ତୈଳ କମ୍ପାନୀଗୁଡ଼ିକ ଲୋକଙ୍କୁ ପରାମର୍ଶ ଦେଇଛନ୍ତି। ଦେଶର ସର୍ବବୃହତ୍ ତୈଳ କମ୍ପାନୀ ଇଣ୍ଡିଆନ୍ ଅଏଲ୍ କର୍ପୋରେଶନ (ଆଇଓସି)କହିଛି, ପେଟ୍ରୋଲ ଓ ଡିଜେଲର ଅଭାବ ନାହିଁ। ଏହାର ଆଉଟ୍‌ଲେଟ୍‌ଗୁଡ଼ିକରେ ପର୍ଯ୍ୟାପ୍ତ ତୈଳ ଗଚ୍ଛିତ ରହିଛି ଏବଂ ପୂର୍ଣ୍ଣ କାର୍ଯ୍ୟକ୍ଷମ ଅଛି ବୋଲି କମ୍ପାନୀ କହିଛି। କେତେକ ଅଞ୍ଚଳରେ ଇନ୍ଧନ ଅଭାବ ଦେଖାଦେଇଥିବା ନେଇ ପ୍ରକାଶିତ ଖବର ସମ୍ପୂର୍ଣ୍ଣ ☞ପୃଷ୍ଠା-୭

### ଏଲ୍‌ପିଜି ବୁକିଂ ସମୟରେ ପରିବର୍ତ୍ତନ ହୋଇନାହିଁ

ଏଲ୍‌ପିଜି ରିଫିଲିଂ ପାଇଁ ବୁକିଂ ସମୟସୀମାରେ କୌଣସି ପରିବର୍ତ୍ତନ ହୋଇ ନ ଥିବା ସରକାର ବୁଧବାର ସ୍ପଷ୍ଟୀକରଣ ଦେଇଛନ୍ତି। ବିଭିନ୍ନ ବର୍ଗର ଉପଭୋକ୍ତାଙ୍କ ପାଇଁ ଏଲ୍‌ପିଜି ବୁକିଂ ପାଇଁ ପ୍ରତୀକ୍ଷା ସମୟସୀମାରେ ପରିବର୍ତ୍ତନ ହୋଇଥିବା ନେଇ ସୋସିଆଲ ମିଡ଼ିଆରେ ଦାବି ଓ ଅନ୍ୟ କେତେକ ରିପୋର୍ଟକୁ କେନ୍ଦ୍ର ଅଗ୍ରାହ୍ୟ କରିଦେଇଛି। ପେଟ୍ରୋଲିୟମ ମନ୍ତ୍ରଣାଳୟ କହିଛି, ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା (ପିଏମ୍‌ୟୁୱାଇ)ରେ ଏଲ୍‌ପିଜି ରିଫିଲିଂ ପାଇଁ ବୁକିଂ ବ୍ୟବଧାନ ୪୫ ଦିନ କରାଯାଇଥିବା କେତେକ ଖବରକାଗଜରେ ଭୁଲ୍ ରିପୋର୍ଟ ହୋଇଥିଲା। ସେହିପରି ଅଣପିଏମ୍‌ୟୁୱାଇ ସିଙ୍ଗଲ୍ ସିଲିଣ୍ଡର ଉପଭୋକ୍ତାଙ୍କ ପାଇଁ ୨୫ ଦିନ ଓ ଡବଲ ସିଲିଣ୍ଡର ସଂଯୋଗ ପାଇଁ ବୁକିଂ ବ୍ୟବଧାନ ୩୫ ଦିନ ରଖାଯାଇଥିବା ଖବର ପ୍ରକାଶ ପାଇଥିଲା। ଏଭଳି ଖବରକୁ ମନ୍ତ୍ରଣାଳୟ ଖଣ୍ଡନ କରିଛି। ଗ୍ରାହକ ନିର୍ବିଶେଷରେ ସହରାଞ୍ଚଳ ପାଇଁ ବୁକିଂ ବ୍ୟବଧାନ ୨୫ ଦିନ ଏବଂ ଗ୍ରାମାଞ୍ଚଳ ପାଇଁ ୪୫ ଦିନ ନିୟମରେ କୌଣସି ପରିବର୍ତ୍ତନ ହୋଇ ନ ଥିବା ମନ୍ତ୍ରଣାଳୟ କହିଛି।

# କଳାପୋଷାକ ପିନ୍ଧି ବିରୋଧୀଙ୍କ ହଟ୍ଟଗୋଳ

## ଏସ୍‌ସିବି ଅଗ୍ନିକାଣ୍ଡ ପ୍ରସଙ୍ଗ

ଭୁବନେଶ୍ୱର, ୨୫।୩
(ରବିନାରାୟଣ ଜେନା)

କଟକ ବଡ଼ମେଡିକାଲ ଅଗ୍ନିକାଣ୍ଡ ଘଟଣା ଦିନକୁ ଦିନ ରୋଚକ ମୋଡ଼ ନେଉଛି। ଏହି ଗୋଟିଏ ଘଟଣାରେ ବିଧାନସଭା ୭ଦିନ ଧରି ଅଚଳ ରହିଛି। ବିରୋଧୀ ବିଜେଡି ଓ କଂଗ୍ରେସ ପୂର୍ବରୁ ଶବସତ୍କାର ଓ କୋକେଇ ଶୋଭାଯାତ୍ରା ଭଳି ବିଭିନ୍ନ ଅଭିନବ ରଣନୀତି ବିଧାନସଭା ଭିତରେ ଏବଂ ବାହାରେ ଆପଣାଇଥିବାବେଳେ ବୁଧବାର ଅନୁରୂପ ଭାବେ କଳାପୋଷାକ ପିନ୍ଧି ପ୍ରବଳ ହଟ୍ଟଗୋଳ କରିଛନ୍ତି। ପରିସ୍ଥିତି ଏପରି ହୋଇଥିଲା ଯେ ପ୍ରଶ୍ନକାଳ ୪ ମିନିଟ୍ ଚାଲିପାରି ନ ଥିଲା। ଶୂନ୍ୟକାଳରେ ବିରୋଧୀ ସଦସ୍ୟମାନେ ସରକାର ବିରୋଧୀ ସ୍ଲୋଗାନ ଦେବା ସହ ବିଭିନ୍ନ ନାରାବାଜିକରି କକ୍ଷ୍ୟତ୍ୟାଗ କରିଥିଲେ। ବାଚସ୍ପତି ଗୃହକୁ ସ୍ୱାଭାବିକ ସ୍ଥିତିକୁ ଆଣିବାପାଇଁ ବିରୋଧୀଙ୍କୁ ଅନୁରୋଧ କରିବା ସହ ସର୍ବଦଳୀୟ ବୈଠକ ଡାକିଥିଲେ। ମାତ୍ର ତାହା ସଫଳ ହୋଇ ନ ଥିଲା।

ଅନ୍ୟପକ୍ଷରେ ଶାସକଦଳ ପକ୍ଷରୁ ବିଜେଡିର ଏତାଦୃଶ କାର୍ଯ୍ୟକୁ ନେଇ ତୀବ୍ର ନିନ୍ଦା କରାଯାଇଥିଲା। ଶାସକଦଳର ସଦସ୍ୟମାନେ ହାତରେ ପୋଷ୍ଟର, ବ୍ୟାନର ଧରି ବିଜେଡି, କଂଗ୍ରେସ ଏବଂ ନବୀନଙ୍କୁ କଟାକ୍ଷ କରିଥିଲେ। ବିଜୁ-ନବୀନ ଟ୍ରଷ୍ଟ ଲୁଚାଇବାକୁ ବିରୋଧୀଙ୍କ ଏ ନାଟକ ଚଳିବ ନାହିଁ ବୋଲି କହିବା ସହିତ ବିଜେଡି ଛି ଛି କହି ଭର୍ତ୍ସନା କରିଥିଲେ। ହଟ୍ଟଗୋଳ ଭିତରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୃହ ବିଭାଗ ଏବଂ ସାଧାରଣ ପ୍ରଶାସନ ବିଭାଗର ଖର୍ଚ୍ଚଦାବି ଆଲୋଚନା ଆଗତ କରିଥିଲେ। ଭାଜପା ସଦସ୍ୟ ଇରାଶିଷ ଆଚାର୍ଯ୍ୟ ଏବଂ ଦୁଷ୍ମନ୍ତ କୁମାର ସ୍ୱାଇଁ ଖର୍ଚ୍ଚଦାବି ଆଲୋଚନାକୁ ସ୍ୱାଗତକରି ସରକାରଙ୍କ ପକ୍ଷରୁ ଚଳିତବର୍ଷ ପୋଲିସ ବଳକୁ ସୁଦୃଢ଼ କରିବାପାଇଁ ଗ୍ରହଣ କରାଯାଇଥିବା ବ୍ୟାପକ ପଦକ୍ଷେପ ସମ୍ପର୍କରେ ଅଭିଭାଷଣ ରଖିଥିଲେ। ପରେ ଅପରାହ୍ନ ୧.୩୨ ମିନିଟ୍‌ରୁ ଅପରାହ୍ନ ୪ଟା ଯାଏ ବାଚସ୍ପତି ଗୃହକୁ ମୁଲତବୀ ଘୋଷଣା କରିଥିଲେ। ବୁଧବାର ଗୃହକାର୍ଯ୍ୟ ଆରମ୍ଭ ☞ପୃଷ୍ଠା-୭

# ମେ' ୫ରୁ ସିପିଇଟି

ଭୁବନେଶ୍ୱର, ୨୫।୩
(ସୁଚିସ୍ମିତା ସାହୁ)

ଆସନ୍ତା ମେ' ୫ ତାରିଖରୁ କମନପିଜି ଏଣ୍ଟ୍ରାନ୍ସ ଟେଷ୍ଟ (ସିପିଇଟି) ଆରମ୍ଭ ହେବ। ଏହି ପରୀକ୍ଷା ମେ' ୧୮ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି ବୁଧବାର ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଶିକ୍ଷାବର୍ଷ ୨୦୨୬-୨୭ରେ ସ୍ନାତକୋତ୍ତର ପାଠ୍ୟକ୍ରମ ପାଇଁ ରହିଥିବା ୩୧,୯୧୫ ସିଟ୍ ନିମନ୍ତେ ସର୍ବମୋଟ ୫୮,୭୦୮ଜଣ ଛାତ୍ରୀଛାତ୍ର ପ୍ରବେଶିକା ପରୀକ୍ଷା ପାଇଁ ଆବେଦନ କରିଛନ୍ତି।

ସୂଚନାଯୋଗ୍ୟ, ଫେବୃଆରୀ ୨୭ରୁ ମାର୍ଚ୍ଚ ୨୨ ତାରିଖ ☞ପୃଷ୍ଠା-୭

# ନିଷିଦ୍ଧାଞ୍ଚଳରେ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରିବ ସ୍ମାର୍ଟ ସିଷ୍ଟମ୍

## ଏନ୍‌ଆଇଟି ଗବେଷକଙ୍କ କୃତିତ୍ୱ

ରାଉରକେଲା, ୨୫।୩
(ସଙ୍ଗୀତା ଜେନା)

ରାଉରକେଲାସ୍ଥିତ ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଏନ୍‌ଆଇଟି)ର ଗବେଷକମାନେ ନିଷିଦ୍ଧାଞ୍ଚଳରେ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରିବା ପାଇଁ ଏକ ସ୍ମାର୍ଟ ସିଷ୍ଟମ୍ ବିକଶିତ କରିଛନ୍ତି। ଏନେଇ ଏକ ଇଣ୍ଟେଲିଜେଣ୍ଟ ନିରୀକ୍ଷଣ ପ୍ରଯୁକ୍ତିବିଦ୍ୟା ପାଇଁ ସେମାନେ ପେଟେଣ୍ଟ (ସଂଖ୍ୟା: ୫୮୦୭୪୮) ହାସଲ କରିଛନ୍ତି। ଉକ୍ତ ସିଷ୍ଟମ୍‌କୁ ଇଲେକ୍ଟ୍ରୋନିକ୍ସ ଆଣ୍ଡ୍ କମ୍ୟୁନିକେଶନ୍ ଇଞ୍ଜିନିୟରିଂ ବିଭାଗ ପ୍ରଫେସର ସମିତ ଆଡି, ଏନ୍‌ଆଇଟି




ରିସର୍ଚ୍ଚ ସ୍କଲାର ମହମ୍ମଦ୍ ଇମାନ ଜୁନୈଦ, ଏମ୍‌ଟେକ୍‌ଗ୍ରାଜୁଏଟ୍‌ନାରାୟଣ ପ୍ରସାଦ ଶର୍ମା ଓ ଇର୍ସାଦ ଅଲ୍ଲୀଙ୍କ ଦ୍ୱାରା ବିକଶିତ କରାଯାଇଛି। ଏହି ସିଷ୍ଟମ୍ ବଡ଼ ତଥା ଜଟିଳ କୋଠାଘର ଆଦି ପରିବେଶରେ ଅନଧିକୃତ ପ୍ରବେଶ ଉପରେ ନଜର ରଖିବାଭଳି ମୁକାବିଲା ପାଇଁ ଆଗାମୀପିଢ଼ିର ସମାଧାନ ପ୍ରଦାନ କରିଥାଏ। ପାରମ୍ପରିକ ସିସିଟିଭି କ୍ୟାମେରା ଆଧାରିତ ନିରୀକ୍ଷଣ ପ୍ରଣାଳୀ ପାଇଁ ବ୍ୟାପକ ମାନୁଆଲ ତଦାରଖ ଓ ବିଶ୍ଳେଷଣ ଆବଶ୍ୟକ, ଯାହା ସେଗୁଡ଼ିକ ମାନବ ତ୍ରୁଟିର ଶିକାର ହୋଇଥାଏ। ବଡ଼ବଡ଼ ସେଟ୍‌ଅପ୍‌ଗୁଡ଼ିକରେ ବିଭିନ୍ନ କ୍ୟାମେରା ମଧ୍ୟରେ ବିଶେଷକରି ଭିନ୍ନ ଆଲୋକ ପରିସ୍ଥିତି ଓ ଅବରୋଧ ପରିସ୍ଥିତିରେ ବ୍ୟକ୍ତିବିଶେଷଙ୍କୁ ☞ପୃଷ୍ଠା-୭






# ରାଜ୍ୟରେ ବର୍ଷକରେ ବଢ଼ିଛି ୫,୭୨୧ ଅଗ୍ନିକାଣ୍ଡ

ଭୁବନେଶ୍ୱର, ୨୫।୩
(ରବିନାରାୟଣ ଜେନା)

ରାଜ୍ୟରେ ୨୦୨୪ ତୁଳନାରେ ୨୦୨୫ ବର୍ଷରେ ଅଗ୍ନିକାଣ୍ଡ ଓ ଅନ୍ୟ ଦୁର୍ଘଟଣା ପ୍ରାୟ ୯,୪୦୦ ଅଧିକ ହୋଇଛି ବୋଲି ଗୃହ ବିଭାଗର ଶ୍ୱେତପତ୍ରରୁ ଜଣାପଡ଼ିଛି। ରାଜ୍ୟ ସରକାରଙ୍କୁ ୨୦୨୪ ବର୍ଷରେ ୧୮,୯୭୩ଟି ଅଗ୍ନିକାଣ୍ଡ ଡାକରା (କଲ୍) ମିଳିଥିବାବେଳେ ୨୦୨୫ରେ ଏହା ୨୪,୬୯୪କୁ ବୃଦ୍ଧି ପାଇଥିଲା। ଫଳରେ ୫,୭୨୧ ଅଗ୍ନିକାଣ୍ଡ ଡାକରା ଅଧିକ ରହିଥିଲା। ସେହିପରି ୨୦୨୪ରେ ୨୭,୭୯୫ ଗୋଟି ସ୍ୱତନ୍ତ୍ରସେବା ଡାକରା ମିଳିଥିବାବେଳେ ୨୦୨୫ରେ ଏହା ୩୧ ହଜାର ୪୭୪କୁ ବୃଦ୍ଧି ପାଇଛି। ତେବେ ରାଜ୍ୟର ସାଢ଼େ ୪ କୋଟି ଲୋକଙ୍କ ଧନଜୀବନ ସୁରକ୍ଷା ନିମନ୍ତେ ସରକାରଙ୍କ ପକ୍ଷରୁ ବର୍ଷକ ମଧ୍ୟରେ ଗୋଟିଏ ନୂତନ ଦମକଳ କେନ୍ଦ୍ର ସ୍ଥାପନ କରାଯାଇଛି। ୨୦୨୪ରେ ରାଜ୍ୟରେ ୩୪୫ଟି ଦମକଳ କେନ୍ଦ୍ର ରହିଥିବାବେଳେ ଏହି ସଂଖ୍ୟା ୨୦୨୫ରେ ୩୪୬କୁ ବୃଦ୍ଧି ପାଇଛି।

ରିପୋର୍ଟ ଅନୁଯାୟୀ, ୨୦୨୪ ବର୍ଷ ୬,୫୮୯ ଲୋକଙ୍କ ସହିତ ୧୪,୫୭୬ ପ୍ରାଣୀଙ୍କୁ ଦୁର୍ଘଟଣାରୁ ରକ୍ଷା କରାଯାଇଥିବାବେଳେ ୪୬୩.୩୧ କୋଟି ଟଙ୍କାର ସମ୍ପତ୍ତି ଅଗ୍ନିକାଣ୍ଡରୁ ରକ୍ଷା କରାଯାଇଥିଲା। ମାତ୍ର ୨୦୨୫ରେ ୮,୩୮୦ ଲୋକଙ୍କ ସହ ୧୭,୪୫୨ଟି ପ୍ରାଣୀଙ୍କୁ ଅଗ୍ନିକାଣ୍ଡ ଓ ନଦୀ ପୋଖରୀରେ ବୁଡ଼ିଯିବା ଦୁର୍ଘଟଣାରୁ ରକ୍ଷା କରାଯାଇଛି। ଏଥିସହିତ ୬୨୨.୭୫ କୋଟି ଟଙ୍କା ମୂଲ୍ୟର ସମ୍ପତ୍ତି ଅଗ୍ନିକବଳରୁ ରକ୍ଷା ପାଇଯାଇଛି।

୨୦୨୫ରେ ଘୂର୍ଣ୍ଣିଝଡ଼ 'ମୋନ୍ଥା' ସମୟରେ ଓଡ଼ିଶା ଅଗ୍ନିଶମ ଏବଂ ଜରୁରିକାଳୀନ ସେବାର ୯୬୬ ଅଧିକାରୀ ଏବଂ କର୍ମଚାରୀଙ୍କୁ ନେଇ ଗଠିତ ୧୨୫ଟି ଦଳ ପ୍ରଭାବିତ ଜିଲା ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି ଏବଂ ଫୁଲବାଣୀରେ ଉଦ୍ଧାର, ରିଲିଫ୍ ଏବଂ ରାସ୍ତାସଫା କାର୍ଯ୍ୟ କରିଥିଲା। ଏହି ସମୟରେ ତିନିଜଣଙ୍କ ଜୀବନ ରକ୍ଷା କରାଯାଇଥିଲା, ଯାହା ରାଜ୍ୟ ସରକାରଙ୍କ 'ଶୂନ୍ୟ ଦୁର୍ଘଟଣା' ଲକ୍ଷ୍ୟ ହାସଲ କରିବାରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିଥିଲା। ଅଗ୍ନିଶମ ବିଭାଗ ପକ୍ଷରୁ ଓଡ଼ିଶା ଅଗ୍ନି ନିବାରଣ ଏବଂ ଅଗ୍ନି ନିରାପତ୍ତା ନିୟମ-୨୦୧୭ ଏବଂ ☞ପୃଷ୍ଠା-୭




# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଓଡ଼ିଶା ଉଦ୍ୟୋଗୀ ପରିବାର ୫ମ ବାର୍ଷିକ ସମାରୋହ, ସ୍ଥାନ: ହୋଟେଲ ସ୍ୱସ୍ତି ପ୍ରିମିୟମ, ସମୟ: ସକାଳ ୯ଟା।
- ସମ୍ରାଟ ଅଶୋକଙ୍କ ଜୟନ୍ତୀ ଉପଲକ୍ଷେ ଆମ୍ବେଦକର ବିଚାରକଙ୍କ ଆଲୋଚନା ସଭା, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ:ପୂର୍ବାହ୍ନ ୧୧ଟା।
- ସ୍ୱର୍ଗତ ପ୍ରଫେସର କୃଷ୍ଣଚରଣ ସାହୁଙ୍କ ୯୭ତମ ଜୟନ୍ତୀ, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା।
- ସର୍ବେଶ ଇନ୍‌ଷ୍ଟିଚ୍ୟୁଟ୍ ପକ୍ଷରୁ ବିଜୟ ପ୍ରଭା ପ୍ରତିଭା ସମ୍ମାନ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ:ସନ୍ଧ୍ୟା ୬ଟା।

## ଖୋର୍ଦ୍ଧା

- ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ, ସ୍ଥାନ: ବେଗୁନିଆ ଦୁର୍ଗାମଣ୍ଡପ ପରିସର, ସମୟ: ସକାଳ ୮ଟା।
- ଆମ ଗାଁ ମହୋତ୍ସବ, ସ୍ଥାନ: ମଲ୍ଲିପଦର, ସମୟ: ସନ୍ଧ୍ୟା ୬ଟା।
- ପ୍ରବଚନ ଓ ଜ୍ଞାନଚର୍ଚ୍ଚା କାର୍ଯ୍ୟକ୍ରମ, ସ୍ଥାନ: ବେଗୁନିଆ ଦୁର୍ଗାମଣ୍ଡପ ପରିସର, ସମୟ: ସନ୍ଧ୍ୟା ୭ଟା ୩୦।

## ବାଲେଶ୍ୱର

- ମା' ବାସନ୍ତୀ ଦୁର୍ଗାଙ୍କ ମହାଷ୍ଟମୀ ପୂଜା, ସ୍ଥାନ: ଫୁଲାଡ଼ି ବାସନ୍ତୀ ମଣ୍ଡପ, ବାଲେଶ୍ୱର, ସମୟ: ସକାଳ ୮ଟା।
- ମା' ବାସନ୍ତୀ ଦୁର୍ଗାଙ୍କ ମହାଷ୍ଟମୀ ପୂଜା, ସ୍ଥାନ: ଓଡ଼ିଆ ଶାସନ ବାସନ୍ତୀ ମଣ୍ଡପ, ରୂପସା, ବାଲେଶ୍ୱର, ସମୟ: ସକାଳ ୮ଟା।
- ସଚେତନତା କର୍ମଶାଳା, ସ୍ଥାନ: ଗାନ୍ଧୀ ସ୍ମୃତି ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଏଫ୍‌ଏମ୍‌ୟୁରେ ଆନ୍ତଃଜାତୀୟ ସମ୍ମିଳନୀ ଉଦ୍‌ଯାପନୀ ଦିବସ, ସ୍ଥାନ: ନୂଆପାଢ଼ୀ କ୍ୟାମ୍ପସ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଶ୍ରୀରାମ ନବମୀ ଉପଲକ୍ଷେ ବିଶାଳ ବାଇକ୍ ଶୋଭାଯାତ୍ରା, ସ୍ଥାନ: ପରମିଟ୍ ପଡ଼ିଆ, ବାଲେଶ୍ୱର, ସମୟ: ଅପରାହ୍ନ ୩ଟା।

## ଭଦ୍ରକ

- ମୁଁ ସାମ୍ବାଦିକ ହେବି, ଅଭିନବ ଶିକ୍ଷକ କର୍ମଶାଳା, ସ୍ଥାନ: ବେଲଗଡିଆ ଉଚ୍ଚ ବିଦ୍ୟାଳୟ, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀରାମ ନବମୀ ମହୋତ୍ସବର ୬ଷ୍ଠ ସାଂସ୍କୃତିକ ସନ୍ଧ୍ୟା, ସ୍ଥାନ: ଗାନ୍ଧୀପଡ଼ିଆ, ଭଦ୍ରକ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦୁଝର

- ଦୁର୍ଗାଦେବୀଙ୍କ ମହାଷ୍ଟମୀ ପୂଜା, ସ୍ଥାନ: ଇଞ୍ଚୋଳ, ଭାଟିଆଶୁଣି, ଗଡ଼ଚଣ୍ଡୀ, ଡ଼ଅଁର, ହାଟଡ଼ିହୀ, ସମୟ : ପ୍ରାତଃ ୬ ଟା।
- ଶ୍ରୀଦକ୍ଷିଣ ମୁଖୀ ହନୁମାନ ମନ୍ଦିରରେ ସଙ୍କୀର୍ତ୍ତନ, ନଗର ପରିକ୍ରମା,ସ୍ଥାନ: ଯୋଡ଼ା, ସମୟ: ଅପରାହ୍ନ ୩ ଟା।
- ରାମ ନବମୀ ଉପଲକ୍ଷେ ଅଷ୍ଟମ ଦିବସରେ ପ୍ରବଚନ, ସ୍ଥାନ: ଡ଼ଅଁର, ହାଟଡ଼ିହୀ, ସମୟ: ସନ୍ଧ୍ୟା ୭ ଟା।

## ମୟୂରଭଞ୍ଜ

- ବାସନ୍ତିକ ଦୁର୍ଗାଙ୍କ ମହାଷ୍ଟମୀ ପୂଜା,ସ୍ଥାନ: ଉଦଳା ମୁଖ୍ୟ ବଜାର ବାସନ୍ତୀ ମଣ୍ଡପ,ସମୟ:ସକାଳ ୬ଟା।
- ମା'ଭୈରବୀଙ୍କ ପୀଠରେ ବାସନ୍ତିକ ମହାନବମୀ ପୂଜା, ସ୍ଥାନ:ମଧୁବନ, ବାରିପଦା, ସମୟ: ସକାଳ ୮ଟା।
- ମହାଷ୍ଟମୀ ବାସନ୍ତିକ ପୂଜା, ସ୍ଥାନ:ବାଘଡ଼ାରୋଡ୍, ବାରିପଦା,ସମୟ: ସକାଳ ୮ଟା।
- ନିଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର,ସ୍ଥାନ:ସୁନାପାଳ ହସ୍ତତନ୍ତ କେନ୍ଦ୍ର ପରିସର, ଉଦଳା,ସମୟ:ପୂର୍ବାହ୍ନ ୧୦ଟା।
- ମା' ଅମ୍ବିକା ଭଜନ ସମାରୋହ, ସ୍ଥାନ:ଅମ୍ବିକାସାହି, ବାରିପଦା,ସମୟ:ସନ୍ଧ୍ୟା ୭ଟା।

## ଗଞ୍ଜାମ

- ଶ୍ରୀରାମଚରିତମାନସ ନବାହ୍ନ ପାରାୟଣ ଓ ପ୍ରବଚନ, ସ୍ଥାନ: ବୁଗୁଡ଼ା,କଦମ୍ବମଠ,ସମୟ: ସକାଳ ୭ଟା।

## କନ୍ଧମାଳ

- ପ୍ଲାଷ୍ଟିକ୍ ମୁକ୍ତ ଅଭିଯାନ ଓ ସଫେଇ, ସ୍ଥାନ: ଦାରିଙ୍ଗବାଡି ବ୍ଲକ କାର୍ଯ୍ୟାଳୟରୁ ଆରମ୍ଭ, ସମୟ: ସକାଳ ୭ଟା।
- ଏମ୍‌ଜିଏନ୍‌ଆରଇଜିଏସ୍‌ର ବ୍ଲକସ୍ତରୀୟ ଜନ ଶୁଣାଣି, ସ୍ଥାନ: ଦାରିଙ୍ଗବାଡି ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଟା।

## ଅନୁଗୋଳ

- ଅଷ୍ଟପ୍ରହର ନାମଯଜ୍ଞର ଶୁଭାରମ୍ଭ, ସ୍ଥାନ: ଆଠମଲ୍ଲିକ ସହର ପୋଲିସ ବନ୍ଧ ନିକଟ, ସମୟ: ସକାଳ ୬ଟା।
- ବୁଢ଼ାବୁଢ଼ୀ ଠାକୁରାଣୀଙ୍କ ବାର୍ଷିକ ଯାତ୍ରା, ସ୍ଥାନ: ଛେଣ୍ଡିପଦା ଜେରଙ୍ଗ ଦେହୁରୀସାହି, ସମୟ: ସକାଳ ୮ଟାରୁ ଆରମ୍ଭ।
- ପୁନର୍ବାସ ଓ ଥଇଥାନ ନୀତି ନେଇ ଜନ ଶୁଣାଣି, ସ୍ଥାନ: ନାଲ୍‌କୋ ସ୍ମେଲଟର ଟ୍ରେନିଂ ସେଣ୍ଟର, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ସମସ୍ତ ବିଗ୍ରହଙ୍କ ପ୍ରାଣ ପ୍ରତିଷ୍ଠା, ସ୍ଥାନ: ଆଠମଲ୍ଲିକ ସହର ପୋଲିସ ବନ୍ଧ ନିକଟ, ସମୟ : ଅପରାହ୍ନ ୨ଟା।
- ଚଣ୍ଡୀ ଯଜ୍ଞ, ସ୍ଥାନ: ଆଠମଲ୍ଲିକ ସହର ପୋଲିସ ବନ୍ଧ ନିକଟ, ସମୟ: ଅପରାହ୍ନ ୨ଟା ୩୦।

## କେନ୍ଦ୍ରାପଡ଼ା

- ଶ୍ରୀରାମ ମହାଯଜ୍ଞ ସମିତି ପକ୍ଷରୁ ଶ୍ରୀରାମ ନବମୀ ମହୋତ୍ସବ ଉପଲକ୍ଷେ ସାମୁହିକ ହନୁମାନ ଚାଳିଶା ପାଠ, ସ୍ଥାନ: ମହୁଲିଆ ରାମନବମୀ ପୀଠ, ରାଜନଗର, ସମୟ: ସକାଳ ୮ଟା।
- ଶ୍ରୀବାସନ୍ତୀ ଦୁର୍ଗାଙ୍କ ପୂଜାସ୍ତୋବ, ସ୍ଥାନ: ଆଳି ବ୍ଲକର ଚଣ୍ଡିଆଗଡି ବଡତୋଟା, ଗରଦପୁର ବ୍ଲକର ବେଡାରୀ, ଚାଡଲିଆ, ଶୀତଳପାଟଣା, ବଙ୍ଗଳପୁର, ଭାଟପଡା, ନୈନ୍ଦିପୁର, ମହାକାଳପଡ଼ା ବ୍ଲକର ବାବର, ବିଜୟନଗର, କିଆରବାଙ୍କ, ନନ୍ଦାର, ପାତ୍ରଗଡ, ଖରିନାଶୀ, ସମୟ: ସକାଳ ୮ଟା।
- ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞ, ଶ୍ରୀମହାବୀର ହନୁମାନ ଆଶ୍ରମ, ଗରାପୁର, କେନ୍ଦ୍ରାପଡ଼ା, ସମୟ: ସକାଳ ୮ଟା।
- ନିଶୁଳ୍କ ସ୍ୱାସ୍ଥ୍ୟ ପରାମର୍ଶ ଓ ଔଷଧ ବଣ୍ଟନ ଶିବିର, ସ୍ଥାନ: କୁସୁନପୁର, ବଡବେତରା, ଗରଦପୁର, ସମୟ: ସକାଳ ୯ଟା।
- ବିଭିଜିରାମଜିର ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ଡେରାବିଶ, ସମୟ: ପୂର୍ବାହ୍ନ ୧୦ଟା।
- ହଳଧର କୃଷକ ଉତ୍ପାଦକ କମ୍ପାନୀ ପକ୍ଷରୁ ବାର୍ଷିକ ସାଧାରଣ ସଭା, ସ୍ଥାନ: ବାରୋ, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ମା' ଜାଡି ଠାକୁରାଣୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଓ ଶ୍ରୀମଦ ଭାଗବତ ପାରାୟଣ, ପ୍ରବଚନ ଜ୍ଞାନଯଜ୍ଞ, ସ୍ଥାନ: ନିମପୁର, ଆଳି, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀରାମାୟଣ ପ୍ରସାର ସମିତି ପକ୍ଷରୁ ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଉତ୍ସବ ଓ ନାମଯଜ୍ଞ, ସ୍ଥାନ: ମାରୁତି ମଣ୍ଡପ, ଜମପଡା, କେନ୍ଦ୍ରାପଡ଼ା, ସମୟ: ସନ୍ଧ୍ୟା ୬ଟା।
- ସୁଭଦ୍ରା ଶକ୍ତି ମେଳା, ସ୍ଥାନ: କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ, ତିନିମୁହାଣୀ, କେନ୍ଦ୍ରାପଡ଼ା ସହର, ସମୟ: ସନ୍ଧ୍ୟା ୬ଟା।
- ମା' ବାସନ୍ତୀ ପୂଜା କମିଟି ପକ୍ଷରୁ ବସନ୍ତକାଳୀନ ଦୁର୍ଗାପୂଜା, ସ୍ଥାନ: ମା' ବାସୁଳେଇ ପୀଠ, ଚାଟରାଚକଡା, ଡେରାବିଶ, ସମୟ: ସନ୍ଧ୍ୟା ୬ଟା।
- ଚତୁର୍ବିଂଶ ବାର୍ଷିକୀ କଳିକଳୁଷନାଶନ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ସଖୀବଟ, ଗୌଡଗାଁ, ଡିହବଳରାମପୁର କଚେରୀପଡା, ମାର୍ଶାଘାଇ, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ବାର୍ଷିକ ଉତ୍ସବ ଓ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ଶ୍ରୀରାମପୁର, ପଟ୍ଟାମୁଣ୍ଡାଇ, ସମୟ: ସନ୍ଧ୍ୟା ୭ଟା।

## ଯାଜପୁର

- ବ୍ଲକସ୍ତରୀୟ ଆଇନ ସେବା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ବରୀ ବ୍ଲକ୍ ଅଧୀନ ରାମଚନ୍ଦ୍ରପୁର ଗୋପବନ୍ଧୁ ଚୌଧୁରୀ ମହାବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଗାଁ କଲ୍ୟାଣ ସମିତି, ଜନ ଆରୋଗ୍ୟ ସମିତି, ମହିଳା ଆରୋଗ୍ୟ ସମିତି ଏବଂ ଆଶାଙ୍କୁ ନେଇ ସମ୍ମିଳନୀ, ସ୍ଥାନ: ମହାରାଜ ଯଯାତି କେଶରୀ ମେଡିକାଲ କଲେଜ ପରିସର, ସମୟ: ପୂର୍ବାହ୍ନ ୧୧ଟା।

## ନବରଙ୍ଗପୁର

- ମାସିକ ରାଜସ୍ୱ ବୈଠକ, ସ୍ଥାନ: ନବରଙ୍ଗପୁର ପଞ୍ଚାୟତ ସାଧନ କେନ୍ଦ୍ର, ସମୟ:ପୂର୍ବାହ୍ନ ୧୦ଟା ୩୦।

## କୋରାପୁଟ

- ପୌର ପରିଷଦ ପକ୍ଷରୁ ପାନୀୟ ଜଳ ପ୍ରକଳ୍ପ ଉଦଘାଟନ, ସ୍ଥାନ: ସେମିଳିଗୁଡ଼ା ଭେଣ୍ଡିଂ ଜୋନ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତ ଜନପ୍ରତିନିଧିଙ୍କ ଆନ୍ଦୋଳନ, ସ୍ଥାନ: ପଟ୍ଟାଙ୍ଗି ବ୍ଲକ କାର୍ଯ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର

- ବାବା ବିଶାସହେ କୁଳତା ସମାଜ ପକ୍ଷରୁ ଚୈତ୍ର ନବରାତ୍ର ମହୋତ୍ସବରେ ଚଣ୍ଡୀପାଠ, ସ୍ଥାନ : ଠେମରାସ୍ଥିତ ଶ୍ରୀଶ୍ରୀରଣେଶ୍ୱର ରାମଚଣ୍ଡୀ ପୀଠ, ସମୟ : ସକାଳ ୮ଟା।
- ସମ୍ବଲପୁର ନାଟ୍ୟାନୁଷ୍ଠାନ ସମନ୍ୱୟ ସମିତି ପକ୍ଷରୁ ପକ୍ଷରୁ ପ୍ରେକ୍ଷାଳୟ ପ୍ରତିଷ୍ଠା ଦାବିରେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କାର୍ଯ୍ୟକ୍ରମ, ସ୍ଥାନ: ଜିଲାପାଳ ଅଫିସ, ସମୟ: ପୂର୍ବାହ୍ନ ୧୧ଟା।
- ମା' ମଙ୍ଗଳାଙ୍କ ବାସନ୍ତିକ ନବ ଦିନାତ୍ମକ ପୂଜା ଉପଲକ୍ଷେ ଚଣ୍ଡୀପାଠ ଓ ସନ୍ଧିପୂଜା, ସ୍ଥାନ : ଭୁତାପଡା, ସମୟ : ମଧ୍ୟାହ୍ନ ୧୨ଟା ୧୫।
- କାମାକ୍ଷା ଦେବୀଙ୍କ ବାସନ୍ତିକ ନବଦିନାତ୍ମକରେ ଚଣ୍ଡୀହୋମ ଓ ସିଦ୍ଧିଦାତ୍ରୀ ପୂଜା, ସ୍ଥାନ : ବୈଦାରନୂଆପାଲି କାମାକ୍ଷା ବିହାର, ସମୟ : ରାତ୍ରି ୧୦ଟା ୧୫।

## ବଲାଙ୍ଗୀର

- ଶ୍ରୀରାମ ମନ୍ଦିର, ବିଗ୍ରହ ପ୍ରତିଷ୍ଠା ଓ ଚବିଶ ପ୍ରହର ନାମଯଜ୍ଞ, ସ୍ଥାନ: ତାଲପାଲିପଡା, ବଲାଙ୍ଗୀର, ସମୟ: ଅପରାହ୍ନ ୧ଟାରୁ ।

## ରାଉରକେଲା

- ସେକ୍ଟର-୩ ବାସନ୍ତିକ ପୂଜା, ସ୍ଥାନ: ସେକ୍ଟର-୩, ସମୟ: ସକାଳ ୭ଟା।
- ସେକ୍ଟର-୬ରେ ବାସନ୍ତିକ ପୂଜା ଓ ସନ୍ଧ୍ୟାରେ ବାଦିପଲା,ସ୍ଥାନ: ସେକ୍ଟର-୬, ସାରଳା ମନ୍ଦିର, ସମୟ: ସକାଳ ୭ଟା।
- ଚୈତ୍ର ନବରାତ୍ରୀ, ୮ମ ଦିବସ, ସ୍ଥାନ: ଜଗଦା ମା'ବାଟମଙ୍ଗଳା ମନ୍ଦିର, ସମୟ: ସକାଳ ୭ଟା।
- ବାସନ୍ତୀକ ଦୁର୍ଗାପୂଜା ପୀଠେ ସପ୍ତମୀ, ସ୍ଥାନ: ସେକ୍ଟର-୩ ବାସନ୍ତୀ ପଡ଼ିଆ, ସମୟ: ସକାଳ ୮ଟା।
- ସର୍ବଭାରତୀୟ ବିକ୍ଷୋଭ, ସ୍ଥାନ: ବିଶ୍ରା ଛକ, ସମୟ: ସକାଳ ୮ଟା।
- ହମୀରପୁର କଣ୍ଟ୍ରାକ୍ଟର କଲୋନୀ ହନୁମାନ ମନ୍ଦିରରେ ପୂଜାର୍ଚ୍ଚନା, ସ୍ଥାନ: କଣ୍ଟ୍ରାକ୍ଟର କଲୋନୀ, ସମୟ: ସକାଳ ୯ଟା।
- ସାଇରାମ ମନ୍ଦିର ବାର୍ଷିକ ଉତ୍ସବ, ସ୍ଥାନ: ସେକ୍ଟର-୨୦ ବୈକୁଣ୍ଠ ଘାଟ, ସମୟ : ପୂର୍ବାହ୍ନ ୧୦ଟା।
- ଜାତୀୟ ନାଟ୍ୟ ମହୋତ୍ସବର ପଞ୍ଚମ ସନ୍ଧ୍ୟା, ସ୍ଥାନ: ସିଭିକ ସେଣ୍ଟର, ସମୟ: ସନ୍ଧ୍ୟା ୭ଟା।

## ସୁନ୍ଦରଗଡ଼

- ଟେନସା ଘାଟିରେ ମା' ବନଦୁର୍ଗା ମନ୍ଦିରରେ ମହା ଅଷ୍ଟମୀ ପୂଜା, ସ୍ଥାନ: ଟେନସା, ସମୟ: ସକାଳ ୧୦ଟା।

## ବରଗଡ଼

- ଚୈତ୍ର ନବରାତ୍ର ବାସନ୍ତୀକ ପୂଜା,ସ୍ଥାନ: ସମଲେଶ୍ୱରୀ ମନ୍ଦିର, ବରଗଡ଼,ସମୟ: ସକାଳ ୬ଟା।
- ବାସନ୍ତୀକ ନବରାତ୍ର ପୂଜା,ସ୍ଥାନ: ଶ୍ୟାମାକାଳୀ ମନ୍ଦିର, ବରଗଡ଼,ସମୟ:ସକାଳ ୬ଟା।
- ବାବା ବିଶ୍ୱନାଥ ଶିବ ମନ୍ଦିର ପ୍ରତିଷ୍ଠା ମହୋତ୍ସବ,ସ୍ଥାନ:ସନ୍ଧିବାହାଲ, ଗାଇସିଲେଟ,ସମୟ: ସକାଳ ୬ଟା।
- ବାସନ୍ତିକ ନବରାତ୍ର ଦୁର୍ଗାପୂଜା, ସ୍ଥାନ:ଦୁର୍ଗା ମନ୍ଦିର, ସୋହେଲା,ସମୟ: ସକାଳ ୭ଟା।
- ସମଲେଇ ମନ୍ଦିର ପ୍ରତିଷ୍ଠା ମହୋତ୍ସବ,ସ୍ଥାନ: ଗାଇସୀମା, ବରଗଡ଼,ସମୟ:ସକାଳ ୮ଟା।
- ରାମାୟଣ ପାରାୟଣ, ରାମଜୀ ମଠ, ଗାଇସିଲେଟ, ସମୟ:ସକାଳ ୯ଟା।
- ମାଁ ବହଲତଲିଏନ ଦେବୀଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା ମହୋତ୍ସବରେ କଳସଯାତ୍ରା, ସ୍ଥାନ: ଗାଇସିଲେଟ, ସମୟ:ସନ୍ଧ୍ୟା ୫ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ ଉଚ୍ଛ-୨୦୨୬, ସ୍ଥାନ:ଚେତନା ମଣ୍ଡପ, ସୋହେଲା, ସମୟ:ରାତି ୮ଟା ୩୦।

## କଳାହାଣ୍ଡି

- ଓଡ଼ିଆ ପକ୍ଷ ପାଳନ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ମା' ବସ୍ତରେନ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟନ, ସ୍ଥାନ: ଜୁନାଗଡ଼ ବ୍ଲକ ଚାରଭାଟି, ସମୟ: ପୂର୍ବାହ୍ନ ୧୦ଟା।
- ଭାରତ ମୁକ୍ତି ମୋର୍ଚ୍ଚା ପକ୍ଷରୁ ବିକ୍ଷୋଭ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ଅଫିସ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼

- ବାସନ୍ତିକ ନବରାତ୍ର ପୂଜାର ଅଷ୍ଟମ ଦିବସ, ସ୍ଥାନ: ଦେବଗଡ଼ ସହର ମା' କନକଦୁର୍ଗା, ମା' ଦକ୍ଷିଣକାଳୀ ଓ ଶନି ମନ୍ଦିର, ସମୟ: ସକାଳ ୯ଟା।
- ଚାଷୀଙ୍କ ପାଇଁ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଦେବଗଡ଼ କୃଷି ବିଜ୍ଞାନ କେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା।
- ସାଇବର କ୍ରାଇମ୍‌ର ତଦନ୍ତ ଓ ଡିଜିଟାଲ ଫୋରେନସିକ ସମ୍ପର୍କିତ କାର୍ଯ୍ୟଦକ୍ଷତା ତାଲିମ କାର୍ଯ୍ୟକ୍ରମ, ସ୍ଥାନ: ଦେବଗଡ଼ ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଶ୍ରୀ ସତ୍ୟସାଇ ମନ୍ଦିର ପକ୍ଷରୁ ଭଜନ ଓ ଆଳତି, ସ୍ଥାନ: ଦେବଗଡ଼ ଶ୍ରୀ ସତ୍ୟସାଇ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ କ୍ଷୀରି ଭୋଗ ବଣ୍ଟନ, ସ୍ଥାନ: ଦେବଗଡ଼ ପ୍ରଧାନପାଟ ରୋଡ ଶିରିଡ଼ି ସାଇ ମନ୍ଦିର, ସମୟ: ସନ୍ଧ୍ୟା ୭ଟା ୩୦।

## ସୁବର୍ଣ୍ଣପୁର

- ଝାମୁ ଯାତ୍ରା, ସ୍ଥାନ: ସାହାଜଲଥା,ବୀରମହାରାଜପୁର ବ୍ଲକ, ସମୟ: ଅପରାହ୍ନ ୨ଟା।
- ଜିଲାସ୍ତରୀୟ ସଡ଼କ ସୁରକ୍ଷା କମିଟିର ବୈଠକ, ସ୍ଥାନ: ସୁବର୍ଣ୍ଣପୁର ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୪ଟା।
- ଗ୍ରାମ୍ୟ ପରିଚାଳନା କମିଟିର ବୈଠକ, ସ୍ଥାନ: ଗୁଦଗୁଦା,ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।

## ନୂଆପଡ଼ା

- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ନାମ ଅବ୍ୟାହତ ଓ ଆଳତି, ସ୍ଥାନ: ବୋଡେନ ବ୍ଲକ ବିନୋପୁର, ସମୟ: ପ୍ରାତଃ ୫ଟା ୧୫।
- ଚବିଶ ପ୍ରହର ନାମଯଜ୍ଞ ନାମାରମ୍ଭ, ସ୍ଥାନ: ବୋଡେନ ବ୍ଲକ ବୋଇରଗାଁ ପଞ୍ଚାୟତ ଜାମଗାଁ, ସମୟ: ସକାଳ ୭ଟା ୩୫।
- ଅଖଣ୍ଡ ଷୋହଳ ପ୍ରହର ନାମଯଜ୍ଞ ନାମାରମ୍ଭ, ସ୍ଥାନ: କୋମନା ବ୍ଲକ ଟିକ୍ରାପଡ଼ା ଗାଁ ମୁନସିପଡ଼ା, ସମୟ: ସକାଳ ୮ଟା।
- ଚବିଶ ପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ବୈଷ୍ଣୋଦେବୀ ମନ୍ଦିର ପରିସର କୋମନା, ସମୟ: ପୂର୍ବାହ୍ନ ୧୧ଟା।
- ଶୋରୀ ବଂଶର ଶୀଶ୍ରୀ ବୁଢାଦେଓଙ୍କ ଗାଦି ଯାତ୍ରା ମହୋତ୍ସବ, ସ୍ଥାନ: କୋମନା ବ୍ଲକ ବୃଦ୍ଧିକୋମନା ପଞ୍ଚାୟତ ପଣ୍ଡରାପଥର ଗାଁ, ସମୟ: ମଧ୍ୟାହ୍ନ ୧୨ଟା।
- ଅଖଣ୍ଡ ଷୋହଳ ପ୍ରହର ନାମଯଜ୍ଞ ଉପଲକ୍ଷେ କଳସ ଶୋଭାଯାତ୍ରା ଓ ଅଧିବାସ, ସ୍ଥାନ: ଖଡିଆଳ ବ୍ଲକ ରିଷଗାଁ, ସମୟ: ଅପରାହ୍ନ ୫ଟା।
- ଚଇତି ପର୍ବ ବା ବିହନ ଛିନା ପର୍ବ ପାଇଁ ନିଶିପୂଜା, ସ୍ଥାନ: କୋମନା ବ୍ଲକ ତରବୋଡ଼ ଗାଁ, ସମୟ: ଅପରାହ୍ନ ୫ଟା।
- ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଇଁ ଚବିଶ ପ୍ରହର ଅଖଣ୍ଡ ନାମଯଜ୍ଞ ଉପଲକ୍ଷେ କଳସ ଯାତ୍ରା ଓ ଅଧିବାସ, ସ୍ଥାନ: ଖଡିଆଳ କୁଅଁରପଡ଼ା, ସମୟ: ଅପରାହ୍ନ ୫ଟା।
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ଉପଲକ୍ଷେ କଳସଯାତ୍ରା ଓ ଅଧିବାସ, ସ୍ଥାନ: କୋମନା ବ୍ଲକ ଜଡ଼ାମୁଣ୍ଡା ଗାଁ, ସମୟ: ଅପରାହ୍ନ ୫ଟା।

## ଝାରସୁଗୁଡ଼ା

- ଦୁର୍ଗା ମନ୍ଦିରରେ ମା' ମହାଗୌରୀଙ୍କ ପୂଜା, ସ୍ଥାନ: ବେହେରାମାଲ ଦୁର୍ଗାମନ୍ଦିର, ସମୟ: ସକାଳ ୮ଟା।
- କନକଦୁର୍ଗା ମନ୍ଦିରରେ ବାସନ୍ତିକ ଦୁର୍ଗାପୂଜା, ସ୍ଥାନ: କନକଦୁର୍ଗା ମନ୍ଦିର, ରେଲୱେ ଷ୍ଟେଶନ ଛକ, ଝାରସୁଗୁଡା, ସମୟ: ସକାଳ ୮ଟା।
- ସମଲେଶ୍ୱରୀ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଲଇକେରା, ସମୟ: ପୂର୍ବାହ୍ନ ୧୦ଟା।
- ଦିବାରାତ୍ର କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ତରେଇକେଲା ଖେଳପଡିଆ, କୋଲାବିରା, ସମୟ: ରାତି ୭ଟା।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖାଳେଇ ଗଲା,**
**ମାଳେଇ ଗଲା ।**

ବେଳେବେଳେ ବ୍ୟକ୍ତିଙ୍କ ସକଳ ଚେଷ୍ଟା, ଉଦ୍ୟମ ସବୁ ନିରାଶାରେ ପରିଣତ ହୋଇଯାଉଥିବାର ଲକ୍ଷ୍ୟ କରାଯାଇଥାଏ। ସବୁ ଆଶା ଲୋପ ପାଇବା ପରିପ୍ରେକ୍ଷୀରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଖଣ୍ଡିଆ ଘରର ଖଟ ବିଛଣା**
**ଖପରାରେ ଚିନି ନବାତ ପଣା**
**ଖାଉଅଛି ବୁଢ଼ା ବସି**
**ଖେଚର ଖେଚର ସବୁବେଳେ ହୁଏ**
**କ୍ଷଣେ ନ ହୁଅଇ ଖୁସି।**

ବୟସ ଅତ୍ୟଧିକ ହୋଇଗଲେ ବ୍ୟକ୍ତି ସାଧାରଣତଃ ଚିଡ଼ିଚିଡ଼ା ପ୍ରକୃତିର ହୋଇଯାନ୍ତି। ସବୁବେଳେ ପାଟିସୁଆଦ ଖାଦ୍ୟ ଖାଇବା ନେଇ ମନ ବଳାଇଥାନ୍ତି। ସେହିପରି ପ୍ରତ୍ୟେକ କଥାରେ ଖୁଣ ବାହାର କରିବା ସହ ନିଜର ଅସନ୍ତୋଷ ଭାବ ପ୍ରକାଶ କରିଥାନ୍ତି। ଅତ୍ୟଧିକ ବୟସ୍କ ବ୍ୟକ୍ତିଙ୍କଠାରେ ଏଭଳି ଗୁଣ ପରିଲକ୍ଷିତ ହେଉଥିବା ଅର୍ଥରେ ଏପରି ଉକ୍ତି ବର୍ଣ୍ଣନା କରାଯାଇଛି।

**ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ ପବ୍ଲିଶର୍ସ**



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ରାଜ୍ୟରେ ଦୈନିକ ...

ରୁଜୁ ହୋଇଛି। ରାଜ୍ୟରେ ସାଇବର ଅପରାଧ, ଯୌତୁକଜନିତ ହତ୍ୟା, ଯୌତୁକଜନିତ ଆତ୍ମହତ୍ୟା ଏବଂ ଯୌତୁକଜନିତ ନିର୍ଯାତନା ସମ୍ପର୍କିତ ତଥ୍ୟ ଯାହା ଗୃହ ବିଭାଗର ଶ୍ୱେତପତ୍ର ଜରିଆରେ ଦର୍ଶାଇଛି ତାହା ମଧ୍ୟ ଅନେକଙ୍କ ମନରେ ଚିନ୍ତା ସୃଷ୍ଟି କରାଇଥିବା ଜଣାପଡ଼ିଛି। ୨୦୨୫ରେ ରାଜ୍ୟରେ ମୋଟ ୨୮୦୩ ସାଇବର ଅପରାଧ ମାମଲା ପଞ୍ଜୀକୃତ ହୋଇଛି। ଅର୍ଥନୈତିକ ସାଇବର ଅପରାଧରେ ୧୮୬୯, ସୋସିଆଲ ମିଡିଆ ସମ୍ପର୍କିତ ଅପରାଧରେ ୧,୧୮୩ , ହ୍ୟାକିଂ ମାମଲାରେ ୮ ଏବଂ ଅନ୍ୟାନ୍ୟ ସାଇବର ଅପରାଧରେ ୪୩ ମାମଲା ପଞ୍ଜୀକୃତ ହୋଇଛି। ୨୦୨୫ରେ ରାଜ୍ୟରେ ୧୪୫ ଯୌତୁକଜନିତ ହତ୍ୟା ମାମଲା ରୁଜୁହୋଇଥିବା ବେଳେ ୭୭ଟି ଯୌତୁକଜନିତ ଆତ୍ମହତ୍ୟା ମାମଲା ରୁଜୁହୋଇଛି। ସେହିଭଳି ୪୩୬୧ ଯୌତୁକଜନିତ ନିର୍ଯାତନା ଏବଂ ୫୪୧୯ ଅଣଯୌତୁକ ନିର୍ଯାତନା ମାମଲା ରୁଜୁ ହୋଇଛି। ସେହିବର୍ଷ ମହିଳା ଚାଲାଣ ଅପରାଧରେ ୧୬୪ ଏବଂ ପୁରୁଷ ଚାଲାଣ ଅପରାଧରେ ୫୩ ମାମଲା ରୁଜୁ ହୋଇଛି। ଗୃହବିଭାଗ ରାଜ୍ୟର ସମସ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ସମ୍ବେଦନଶୀଳ ମାମଲାକୁ ରେଡ୍ ଫ୍ଲାଗ୍‌ଭାବେ ବିବେଚନା କରିଥାଏ। ୨୦୨୫ରେ ରାଜ୍ୟରେ ୨୯୩ ମାମଲାକୁ ରେଡ୍‌ଫ୍ଲାଗ୍ ଶ୍ରେଣୀରେ ରଖାଯାଇଛି। ୨୦୨୫ରେ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମଗୁଡ଼ିକରେ ଶିଶୁ ଅଶ୍ଳୀଳତା, ବଳାତ୍କାର ଓ ଗଣବଳାତ୍କାର ସମ୍ବନ୍ଧୀୟ ୧୭୮୧ ଅଭିଯୋଗ ଗ୍ରହଣ କରାଯାଇଛି। ୨୦୨୪ରେ ଏହି ସଂଖ୍ୟା ୧୦୨୩ ଥିବାବେଳେ ୨୦୨୩ରେ ୫୬୯ ରହିଥିଲା।

## 'ନାଭିକ୍' ସଙ୍କଟ: ...

-୧ଏଚ୍'ର ଲଞ୍ଚ୍ ବିଫଳ ହୋଇଥିଲା। ସେହିପରି ନୂଆ ପିଢ଼ିର ନାଭିଗେଶନ ସାଟେଲାଇଟ୍ ସିଷ୍ଟମ୍ 'ଏନ୍‌ଭିଏସ୍-୦୨'ର ଲଞ୍ଚ୍ ମଧ୍ୟ ବିଫଳ ହେଲା। ଏହି କାରଣରୁ ଆଗାମୀ ମିଶନ ଏନ୍‌ଭିଏସ୍-୦୩, ୦୪ ଏବଂ ୦୫ ବିଳମ୍ବିତ ହେଉଛି, ଯାହା ଭାରତକୁ ଏବେ ବି ଆମେରିକାର ଜିପିଏସ୍ ଉପରେ ନିର୍ଭରଶୀଳ କରି ରଖିଛି। କେନ୍ଦ୍ର ସରକାରଙ୍କ ପୂର୍ବତନ ସଚିବ ଇ.ଏ.ଏସ୍. ଶର୍ମାଙ୍କ କହିବା ଅନୁଯାୟୀ, ସରକାର ଓ ଇସ୍ରୋ ବର୍ତ୍ତମାନ 'ଗଗନଯାନ' ଏବଂ 'ଆକ୍ସିଅମ ମିଶନ-୪' (ଶୁଭାଂଶୁ ଶୁକ୍ଲାଙ୍କ ମହାକାଶ ଯାତ୍ରା) ଭଳି ହାଇ-ପ୍ରୋଫାଇଲ୍ ମିଶନରେ ଅଧିକ ବ୍ୟସ୍ତ ରହୁଛନ୍ତି। ସେ ମତ ଦେଇଛନ୍ତି ଯେ, ରାଜନୈତିକ ସଫଳତା ଅପେକ୍ଷା ଦେଶର ସୁରକ୍ଷା ଓ ରଣନୈତିକ ଆବଶ୍ୟକତାକୁ ପ୍ରଥମ ପ୍ରାଧାନ୍ୟ ଦେବା ଉଚିତ।

## ସରିଲା ଚଳନ୍ତି ...

ଆରମ୍ଭ କରିଥିଲେ। ଗଣତିମଣତି କାର୍ଯ୍ୟରେ ସୁପରଭାଇଜିଂ ଟିମ୍ ସହଯୋଗ କରିଥିବା ବେଳେ କେବଳ ହ୍ୟାଣ୍ଡଲିଂ ଟିମ୍ ସଦସ୍ୟ ରତ୍ନଭଣ୍ଡାର ମଧ୍ୟକୁ ପ୍ରବେଶ କରି ଗଣତି କରିଥିଲେ। ରାଜ୍ୟ ସରକାରଙ୍କ ଏସ୍‌ଓପି ଅନୁଯାୟୀ ସମସ୍ତ କାର୍ଯ୍ୟ କରାଯାଉଛି। ଦାନ ଅର୍ଥରେ ମିଳୁଥିବା ଅଳଙ୍କାର ମଧ୍ୟ ଗଣତି କରାଯାଇଥିବା ସୂଚନା ମିଳିଛି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ କହିଛନ୍ତି, ସରକାରଙ୍କ ମାର୍ଗଦର୍ଶିକା ଅନୁଯାୟୀ ଗଣତି ଆରମ୍ଭ ହୋଇଛି।

## ଅବଶିଷ୍ଟାଂଶ

ରତ୍ନଭଣ୍ଡାରକୁ ୩ ଭାଗରେ ବିଭକ୍ତ କରାଯାଇଛି। ଯଥା- ଚଳନ୍ତି, ପ୍ରଥମ ଏବଂ ଦ୍ୱିତୀୟ ରତ୍ନଭଣ୍ଡାର। ପ୍ରଥମ ପର୍ଯ୍ୟାୟରେ ଚଳନ୍ତି ରତ୍ନଭଣ୍ଡାର ଗଣତି କରାଯାଇଛି। ତେବେ କିଛି ଅଳଙ୍କାର ଯେପରି ରାହୁରେଖା, ଚିତା ଆଦି ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଲାଗି ହୋଇ ରହିଥାଏ, ସେ ସେବୁକୁ ଆଜି ଗଣତି କରାଯାଇ ନାହିଁ। ଆଗାମୀ ଦିନରେ ସୁଯୋଗ ମିଳିଲେ ଗଣତି କରାଯିବ। ୧୯୭୮ ମସିହା ତାଲିକା ସହ ମେଳକ କରାଯାଇଛି। ମଧ୍ୟାହ୍ନ ୧୨ଟା ୯ରୁ ସନ୍ଧ୍ୟା ୬ଟା ୧୫ ପର୍ଯ୍ୟନ୍ତ ୬ ଘଣ୍ଟାଧରି ଗଣତି କାର୍ଯ୍ୟ କରାଯାଇଛି। ସମସ୍ତ ଅଳଙ୍କାରର ଓଜନ କରାଯାଇଥିଲା। ବିଶେଷଜ୍ଞମାନେ ଯନ୍ତ୍ର ସାହାଯ୍ୟରେ ମାପ କରିଛନ୍ତି। ଫଟୋଗ୍ରାଫି ଓ ଥ୍ରୀଡି ମ୍ୟାପିଂ କରାଯାଇଛି। ଗଣତି ପରେ ସମସ୍ତ ଅଳଙ୍କାର ଭଣ୍ଡାର ମେକାପଙ୍କୁ ପ୍ରଦାନ କରାଯାଇଛି। କାର୍ଯ୍ୟ ସମୟରେ ଭକ୍ତମାନେ ବାହାର କାଠ ନିକଟରେ ଦର୍ଶନ କରିଥିଲେ। ତିଥି, ବାର ଦେଖି ପରବର୍ତ୍ତୀ ଗଣତି କରାଯିବ। ତେବେ କ'ଣ କ'ଣ ଗଣତି କରାଯାଇଛି, ସେ ସମ୍ପର୍କରେ ଆଜି ସୂଚନା ପ୍ରଦାନ କରିହେବ ନାହିଁ। ସମସ୍ତ ଅଳଙ୍କାର ଗଣତି ପରେ ତଥ୍ୟ ପ୍ରଦାନ କରାଯିବ। ୩ଟି ଭଣ୍ଡାରର ଅଳଙ୍କାର ଗଣତି ପରେ ତାଲିକା ପ୍ରସ୍ତୁତ କରାଯାଇ ଶ୍ରୀମନ୍ଦିର ପରିଚାଳନା କମିଟିକୁ ପ୍ରଦାନ କରାଯିବ। ଏହାର ଏକ ନକଲ ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯିବ ବୋଲି ମୁଖ୍ୟ ପ୍ରଶାସକ ଡ. ପାଢ଼ୀ ସୂଚନା ଦେଇଛନ୍ତି। ଗଣତିମଣତିକୁ ନେଇ ବ୍ୟାପକ ପୋଲିସ ବ୍ୟବସ୍ଥା କରାଯାଇଥିବା ବେଳେ ଡାକ୍ତରୀଦଳ, ଓଡ୍ରାଫ୍, ଅଗ୍ନିଶମ କର୍ମଚାରୀ ପ୍ରମୁଖ ମୁତୟନ ରହିଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** — ଆଜିର ଗୁରୁଚାନ୍ଦ୍ରୀ ଯୋଗ ଭାଗ୍ୟସ୍ଥାନ ପ୍ରତି ଦୃଷ୍ଟିସମ୍ବନ୍ଧ ଯୋଗୁ ନୂତନ କର୍ମାରମ୍ଭ ସହ ପାରିବାରିକ ସୁଖଶାନ୍ତି ଅନୁଭବ କରିବେ। ସକାଳୁ ବନ୍ଧୁଙ୍କ ସହ ସୁଖଭ୍ରମଣ ଯୋଗ ମଧ୍ୟ ରହିଛି। କେତୁ କୋଣଭାବ ମଣ୍ଡନ କରିଥିବାରୁ ଭୁଲ୍ ନିଷ୍ପତ୍ତି ନେଇପାରନ୍ତି। ସନ୍ତାନଙ୍କ ସ୍ୱାସ୍ଥ୍ୟହାନି କିମ୍ବା ବନ୍ଧୁଙ୍କ ସହ ସୁସମ୍ପର୍କରେ ବ୍ୟାଘାତ ଘଟିବ।

**ବୃଷ** — ରବିଙ୍କ ଦୃଷ୍ଟି ପ୍ରଭାବଜନିତ ବିଶିଷ୍ଟବ୍ୟକ୍ତିଙ୍କ ପରାମର୍ଶରୁ ପରିବାରକୁ ନିର୍ଦ୍ଦେଶ କରୁଥିବା ଗ୍ରହ ନିଜସ୍ଥାନରୁ ଦୁଃସ୍ଥାନସ୍ଥ ହେତୁ ପାରିବାରିକ ସୌଖ୍ୟ ରହି ନ ପାରେ। ଲୋକ ସମ୍ପର୍କ, ରାଜନୀତି, ଆନୁଷ୍ଠାନିକ ସ୍ଥିତି ସମସ୍ୟାବହୁଳ ରହିବ। ରାଶିରେ ମଙ୍ଗଳ ଯେକୌଣସି ପରିସ୍ଥିତିର ସାମ୍ନା କରି ଲକ୍ଷ୍ୟ ହାସଲ ଦିଗରେ ଅଗ୍ରସର କରାଇପାରନ୍ତି।

**ମିଥୁନ** — ପୂର୍ବ ସଂକଳ୍ପିତ କାର୍ଯ୍ୟ କରିବାରେ ବନ୍ଧୁଙ୍କ ସାହାଯ୍ୟ ଭିକ୍ଷା କରିପାରନ୍ତି। କର୍ମକ୍ଷେତ୍ରରେ କିଛିଟା ବ୍ୟତିକ୍ରମକୁ ନେଇ ଉଚ୍ଚବାଚ ଘଟିବାର ସମ୍ୟକ୍ ସୂଚନା ମଧ୍ୟ ରହିଛି। ସାଧାରଣ କଥାକୁ କେନ୍ଦ୍ରକରି ପରିବାରରେ ମତାନ୍ତରର ଆଶଙ୍କା ଦେଖାଦେବ। କିନ୍ତୁ ସର୍ବୋପରି ପୁନର୍ବସୁ ପ୍ରତ୍ୟେକ କ୍ଷେତ୍ରରେ ସଫଳତା ହାସଲ କରି ଖୁସି ରହିବେ।

**କର୍କଟ** — କର୍ମାଧିପଙ୍କ ଲକ୍ଷ୍ମୀଯୋଗ ପ୍ରଭାବରେ ପଦସ୍ଥଙ୍କ ଛତ୍ରଛାୟା ତଳେ ରହି କର୍ମକ୍ଷେତ୍ରରେ ସୁଯୋଗ ଲାଭକରିବେ। ସହକର୍ମୀଙ୍କ ନିକଟରେ ମନକଥା ଲୁଚାଇ ରଖିପାରିବେ ନାହିଁ। ଦୂରଯାତ୍ରା, ବାଣିଜ୍ୟ, ଆଲୋଚନା, ସଂଗଠନ ଓ ଆନୁଷ୍ଠାନିକ କାମ ସକାଶେ ଦିନଟି ଭଲ । ବନ୍ଧୁମାନଙ୍କ ପରାମର୍ଶରେ ମାଙ୍ଗଳିକ କାମର ଯୋଜନା ପ୍ରସ୍ତୁତ କରିପାରନ୍ତି।

**ସିଂହ** — ଶୁକ୍ରଙ୍କ ସୁପ୍ରଭାବରୁ ବନ୍ଧୁଙ୍କ ସହଯୋଗରେ ଅଯାଚିତ ସାହାଯ୍ୟ ପାଇବେ। ଯେକୌଣସି କାର୍ଯ୍ୟାରମ୍ଭ ପୂର୍ବରୁ ଭଲଭାବରେ ଚିନ୍ତା କରିବା ଭଲ ହେବ। ଯାତ୍ରା କାଳରେ ସତର୍କ ନ ହେଲେ ବ୍ୟସ୍ତତା ବଢ଼ିବା ସାଙ୍ଗକୁ କୌଣସି ଜିନିଷ ଘରେ ରହିଯାଇପାରେ । ପରିବାରର ଦୁର୍ବଳତାକୁ ଘୋଡ଼ାଇବାକୁ ଯାଇ ଅନ୍ୟକୁ ମିଥ୍ୟା କୈଫିୟତ୍ ଦେବାକୁ ପଡ଼ିବ।

**କନ୍ୟା** — ଭାଗ୍ୟସ୍ଥାନକୁ ଶୁଭଗ୍ରହ ଦେଖୁଥିବାରୁ ଆଜି ଯେଉଁ କାମରେ ହାତ ଦେବେ ସଫଳ ହେବେ। ପରିବାର ସ୍ଥାନରେ ଶନି ଅଶାନ୍ତିର ମାତ୍ରା ବଢ଼ାଇପାରେ। କୋଣଭାବରେ ଶୁକ୍ରଥିବାରୁ ବାକି ରଖିଥିବା ଲୋକଟି ହଠାତ୍ ଟଙ୍କା ଦେଇଯିବ। ପ୍ରଶାସନ, ରାଜନୀତି, ଗବେଷଣାରେ ସମସ୍ୟା ସମାଧାନରେ ରାସ୍ତା ବାହାର କରିନେବେ।

**ତୁଳା** — ସପ୍ତମଭାବସ୍ଥ ରବି ଓ ଶନିଙ୍କ ସ୍ଥିତିରୁ ଅସଜଡ଼ା ପରିସ୍ଥିତିକୁ ସଜାଡ଼ି ନେବାରେ ଅସମର୍ଥ ହୋଇପାରନ୍ତି। ଲୋକସମ୍ପର୍କ ଭଲ ରହିଥିବାରୁ ସମ୍ମାନ ଲାଭ କରିବେ। ବାଣିଜ୍ୟ, ବ୍ୟବସାୟ କ୍ଷେତ୍ରରେ ନୂତନ ପଦକ୍ଷେପ ନେବାର ପରିକଳ୍ପନା କରିପାରନ୍ତି। ନିଜ ପରିସରରେ ଆଗାମୀ ଆନୁଷ୍ଠାନିକ ଉତ୍ସବ ନିମନ୍ତେ ଆନୁଷଙ୍ଗିକ ସହଯୋଗ ମିଳିବ।

**ବିଛା** — କେନ୍ଦ୍ରକୋଣସ୍ଥ ପାପଗ୍ରହ ପ୍ରଭାବରେ ଭଲ ସମ୍ପର୍କ ଥିବା ବ୍ୟକ୍ତିଟି ଅନ୍ୟଦ୍ୱାରା ପ୍ରଭାବିତ ହୋଇ ଦୂରେଇ ଯାଇପାରେ। ପରିବାରରେ ଭୁଲ୍ ବୁଝାମଣା ଯୋଗୁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। ଆଜିର କାମ ସାମାନ୍ୟ ବିଳମ୍ବରେ ଶେଷ ହେବ। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସମସ୍ୟ ସମାଧାନର ଆଶା ରହିଛି।

**ଧନୁ** — ଶୁକ୍ରଙ୍କ ଶୁଭଦୃଷ୍ଟିରୁ ନୂତନ କର୍ମସଂସ୍ଥାନ ପାଇଁ ମନ ବଳିବ ଏବଂ ତଦନୁଯାୟୀ କାମ କଲେ ଉପକୃତ ହେବେ। ପଦସ୍ଥବ୍ୟକ୍ତିଙ୍କ ସହ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ଏବଂ ନୂତନ ବନ୍ଧୁସମ୍ପର୍କ କ୍ଷେତ୍ରରେ ସଫଳତା ପାଇବେ। ପାରିବାରିକ ସ୍ତରରେ ସହମତିରେ କାମ କଲେ ସଫଳତା ପାଇବେ। ସବୁକଥାକୁ ହାଲୁକା ଭାବିଲେ କ୍ଷତିରେ ପଡିବେ।

**ମକର** — କର୍ମାଧିପଙ୍କ ଶୁଭତ୍ୱ କାରଣରୁ ପ୍ରତିବନ୍ଧକ ଦୂରେଇଯିବ। ପିଲାଙ୍କ ସ୍ୱାସ୍ଥ୍ୟ ଏବଂ ଉଚ୍ଚଶିକ୍ଷାରେ ସମସ୍ୟାଜନିତ ବ୍ୟସ୍ତତା ପ୍ରକାଶ କରିପାରନ୍ତି। ସାଧାରଣ କଥାରେ ସହକର୍ମୀଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିବେ। ବିବାଦୀୟ କ୍ଷେତ୍ରରେ ସମସ୍ୟା ସମାଧାନରେ ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ।

**କୁମ୍ଭ** — ରାଶିରେ ଗ୍ରହମାନଙ୍କ ସୁପ୍ରଭାବରେ ବିବାଦରେ ଜୟଲାଭ ସହ ପ୍ରତ୍ୟେକ କାମରେ ସଫଳତା ହାସଲ କରିପାରିବେ। ଅତ୍ୟାବଶ୍ୟକ ଜିନିଷଟି ପାଖରେ ନ ଥିବାରୁ କାମ ସ୍ଥଗିତ ରହିଯିବ। ପାରିବାରିକ କ୍ଷେତ୍ର ବୁଝାମଣା ମାଧ୍ୟମରେ ଶୃଙ୍ଖଳିତ ରହିବା ଯୋଗୁ ଶାନ୍ତି ପାଇବେ। ପୂର୍ବଶତ୍ରୁତାରୁ ଆତ୍ମୀୟମାନେ ଅପପ୍ରଚାର ଚଳାଇପାରନ୍ତି।

**ମୀନ** — ରାଶିସ୍ଥ ପାପଗ୍ରହଙ୍କ କୁପ୍ରଭାବରୁ ବିଶେଷ କାମଟିରେ ଅବହେଳା କରି ଅନୁତାପ କରିପାରନ୍ତି। ଆଜିର କର୍ମକ୍ଷେତ୍ରରେ ବନ୍ଧୁଙ୍କ ସହ ଆଳାପର ସମୟ କଟିଯିବ । ବନ୍ଧୁଙ୍କ ପରାମର୍ଶରେ ଉଚ୍ଚଶିକ୍ଷା ଲାଗି ବିଦେଶ ଯାତ୍ରା ସକାଶେ ଅନୁକୂଳ ବାତାବରଣ ସୃଷ୍ଟି ହେବ। ଆନୁଷ୍ଠାନିକ କାମରେ ବନ୍ଧୁଙ୍କ ସହଯୋଗ ପାଇବାରେ ସମସ୍ୟା ଦେଖାଦେଇପାରେ।

ଆଜି ମାର୍ଚ୍ଚ ୨୬ ତାରିଖ ଗୁରୁବାର। ଅଶୋକାଷ୍ଟମୀ, ଶ୍ରୀମନ୍ଦିରରେ ଗର୍ଭୋଦକ ବନ୍ଦାପନା ଓ ଜେଉଟ ଭୋଗ, ଶ୍ରୀଲିଙ୍ଗରାଜଦେବଙ୍କ ରୁକୁଣା ରଥଯାତ୍ରା, ବାସନ୍ତିକ ମୃଣ୍ମୟୀଦେବୀଙ୍କ ମହାଷ୍ଟମୀ ପୂଜା, ଗୃହଦେବୀଙ୍କ ମହାନବମୀ ପୂଜା, ପୀଠେ ମହାନବମୀ ପୂଜା। ରାଶିନକ୍ଷତ୍ର-ଆରଦ୍ରା/ମିଥୁନ, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୫।୪୯ ଗତେ ଘ.୦୭।୨୬ ମଧ୍ୟେ, ଘ.୧୦।୩୯ ଗତେ ଘ.୦୧।୦୫ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଅପରାହ୍ନ ଘ.୦୧।୨୩ ଗତେ ଘ.୦୨।୫୪ ମଧ୍ୟେ ରାହୁକାଳ ।

**ବଜ୍ରପାତ: ଜଣେ ମୃତ, ଜଣେ ବଧିର**

ନୀଳଗିରି,(ପ୍ରଶାନ୍ତ ବିଶ୍ୱାଳ): ବାଲେଶ୍ୱର ଜିଲା ନୀଳଗିରି ଅଞ୍ଚଳରେ ବୁଧବାର ଅପରାହ୍ନ ସମୟରେ ବିଜୁଳି ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହୋଇଥିଲା। ବଜ୍ରପାତରେ ଜଣକର ମୃତ୍ୟୁ ହୋଇଥିବା ବେଳେ ଜଣେ ବଧିର ହୋଇଥିବା ଜଣାପଡ଼ିଛି। ନୀଳଗିରି ଏନ୍ଏସି ୧ ନମ୍ବର ୱାର୍ଡ ଘାଟଘରସାହି ଗ୍ରାମର ଗଣେଶ୍ୱର ବେହେରା (୪୦) ତାହିସାହି ବିଶ୍ୱାଳସାହିରେ ଜଣଙ୍କ ଘରେ ଛାତ ପକାଇ ଜରି ଢାଙ୍କୁଥିଲେ। ହଠାତ୍ ପ୍ରବଳ ବିଜୁଳି ସହ ବଜ୍ରପାତ ହେବାରୁ ଗଣେଶ୍ୱରଙ୍କ ମୃତ୍ୟୁ ଘଟିଥିଲା। ସେହିପରି ସିଆଡ଼ିମାଳ ଗ୍ରାମର ବାବୁ ଦାସ ମଧ୍ୟ ବଧିର ହୋଇଥିବା ବେଳେ ଡାହାଣ କାନକୁ କିଛି ଶୁଭୁ ନ ଥିବା ଜଣାପଡ଼ିଛି। ତୁରନ୍ତ ଦୁଇଜଣଙ୍କୁ ନୀଳଗିରି ମେଡିକାଲକୁ ଅଣାଯାଇଥିଲା। ଗଣେଶ୍ୱରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।




# ମହିଳା ବିରୋଧୀ ଦଣ୍ଡବିଧାନ ହାରରେ ଓଡ଼ିଶା ଅଗ୍ରଣୀ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨୫।୩(ରବିନାରାୟଣ ଜେନା)**

ରାଜ୍ୟରେ ମହିଳା ହିଂସାକୁ ନେଇ ନମ୍ବର ଗେମ୍ ଖେଳିବାକୁ ଚାହୁଁନାହିଁ। କିନ୍ତୁ ବିରୋଧୀଙ୍କ ଅପ୍ରଚାରର ଉତ୍ତର ଦେବାକୁ ପଡ଼ିବ। ରାଜ୍ୟରେ ମହିଳା ବିରୋଧୀ ହିଂସା ପୂର୍ବାପେକ୍ଷା ହ୍ରାସ ପାଇଛି ଏବଂ ଦଣ୍ଡବିଧାନ କ୍ଷେତ୍ରରେ ଦେଶରେ ଓଡ଼ିଶାର ହାର ସବୁଠୁ ଅଧିକ ରହିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୃହରେ କହିଛନ୍ତି।

ବୁଧବାର ଅପରାହ୍ନରେ ଗୃହ ବିଭାଗର ଖର୍ଚ୍ଚ ଦାବି ଆଲୋଚନା କାଳରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ୨୦୨୨ରେ ମହିଳା ହିଂସା ବିରୋଧରେ ଦଣ୍ଡବିଧାନ ହାର ମାତ୍ର ୯.୨ପ୍ରତିଶତ ଥିଲା, ପରେ ଏହା ୨୦୨୩ରେ ୬.୭ ପ୍ରତିଶତକୁ ଖସିଥିଲା। ଏହି ସମୟ ମଧ୍ୟରେ ମହିଳା ହିଂସା ବିରୋଧରେ ଦଣ୍ଡ ବିଧାନ ହାର ସାରା ଦେଶରେ ଓଡ଼ିଶାର ସବୁଠାରୁ କମ୍ ଥିଲା। ସୁଶାସନର ଡିଣ୍ଡିମ ପିଟୁଥିବା ୨୪ ବର୍ଷୀୟ ସରକାର ମହିଳାଙ୍କୁ ନ୍ୟାୟ ଦେବାରେ ସମ୍ପୂର୍ଣ୍ଣ ଭାବେ ବିଫଳ ହୋଇଥିଲା। ମାତ୍ର ଆମ ସରକାର ସମୟ ୨୦୨୫ର ପ୍ରଥମ ୬ ମାସରେ ମହିଳା ହିଂସା ଅପରାଧୀଙ୍କ ବିରୋଧରେ ଦଣ୍ଡବିଧାନ ହାର ୪୧ ପ୍ରତିଶତ ହୋଇଛି। ଜୁନ୍ ମାସରେ ଏହା ୬୨ପ୍ରତିଶତକୁ ବୃଦ୍ଧି ପାଇଛି। ଏହି ଦଣ୍ଡବିଧାନ ହାର ସାରା ଦେଶରେ ସବୁଠାରୁ ଅଧିକ।

ମୁଖ୍ୟମନ୍ତ୍ରୀ ପୁଣି କହିଛନ୍ତି, ଆମ ସରକାର ଶାସନକୁ ଆସିବାର ୧୮ ମାସ ଅର୍ଥାତ୍ ୨୦୨୪ ଜୁଲାଇ ପହିଲାରୁ ୨୦୨୫ ଡିସେମ୍ବର ଶେଷସୁଦ୍ଧା ବଳାତ୍କାର ମାମଲା ୩.୫% ହ୍ରାସ ପାଇଛି। ସେହିପରି ମହିଳା ଅସଦାଚରଣ ମାମଲା ୨.୨% ହ୍ରାସ ପାଇଥିବାବେଳେ ସର୍ବସାଧାରଣରେ ନିବସ୍ତ୍ର ମାମଲା ୨୬.୮% ହ୍ରାସ ଘଟିଛି। ମହିଳାଙ୍କ ଉପରେ ଏସିଡ୍ ଆକ୍ରମଣ ମାମଲା ୭୩.୩% ହ୍ରାସ ପାଇଥିବାବେଳେ ଯୌତୁକଜନିତ ହତ୍ୟା ମାମଲା ୨୬.୧%, ଯୌତୁକ ନିର୍ଯାତନା ମାମଲା ୮.୩%, ଅଣଯୌତୁକ ନିର୍ଯାତନା ମାମଲା ୧.୬% ହ୍ରାସ ପାଇଛି। ସେହିଭଳି ହତ୍ୟା ମାମଲାରେ ୭.୪% ହ୍ରାସ ହୋଇଥିବାବେଳେ ୧୨.୮% ଡକାୟତି, ୩୪.୪% ଲୁଣ୍ଠନ, ୨୫.୭% ଦଙ୍ଗା ହ୍ରାସ ପାଇଛି। ନିକଟରେ ଓଡ଼ିଶା ପୋଲିସ ପକ୍ଷରୁ ଅପରେଶନ ଅନ୍ୱେଷଣ-୨ କରାଯାଇଥିଲା। ମାତ୍ର ୧୦ ଦିନ ମଧ୍ୟରେ ପରିବାରରୁ ବିଚ୍ଛିନ୍ନ ହୋଇଯାଇଥିବା ୫ ହଜାର ୪୫୧ ନିଖୋଜ ଶିଶୁ ଓ ମହିଳାଙ୍କୁ ସୁରକ୍ଷିତ ଭାବେ ଉଦ୍ଧାରକରି ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ସ୍ୱାଧୀନତା ପରବର୍ତ୍ତୀ ଭାରତରେ ଦେଶ ପାଇଁ ସବୁଠାରୁ ବଡ଼ ଆନ୍ତରିକ ସୁରକ୍ଷା କ୍ଷେତ୍ରରେ ନକ୍ସଲ ଓ ମାଓବାଦୀ ହିଂସା ସବୁଠାରୁ ବଡ଼ ଆହ୍ୱାନ ଭାବେ ଉଭା ହୋଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟି ଯୋଗୁ ଭାରତ ମାଓବାଦୀମୁକ୍ତ ଦେଶରେ ପରିଣତ ହେବାକୁ ଯାଉଛି, ମାତ୍ର ଆଉ ସାତଦିନ ପରେ ଡବଲ-ଇଞ୍ଜିନ ସରକାର ଭାବେ ଓଡ଼ିଶା ବି ଏହି ଅଭିଯାନରେ ସାମିଲ ହୋଇଛି। ରାଜ୍ୟ ପୋଲିସ ଏବଂ କେନ୍ଦ୍ରୀୟ ସୁରକ୍ଷା ବଳର ମିଳିତ ପ୍ରୟାସରେ ଓଡ଼ିଶା ଖୁବ୍‌ଶୀଘ୍ର ଗୃହ ମନ୍ତ୍ରଣାଳୟର ମାଓବାଦୀ ତାଲିକାରୁ ବାଦ୍ ପଡ଼ିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ଶିଶୁ ଓ ମହିଳାଙ୍କ ପ୍ରତି ହେଉଥିବା ଅନଲାଇନ୍ ନିର୍ଯାତନାକୁ ପ୍ରତିହତ କରିବା ପାଇଁ ସାଇବର କମ୍ପ୍ଲେକ୍ସ ଭୁବନେଶ୍ୱରଠାରେ ଶିଶୁ ଓ ମହିଳା ଅନ୍‌ଲାଇନ ନିର୍ଯାତନା ମନିଟରିଂ ୟୁନିଟ୍ କାର୍ଯ୍ୟ କରୁଛି। ସାଇବର ସୁରକ୍ଷାକୁ ସୁଦୃଢ଼ କରିବା ଏବଂ ସଂଗଠିତ ସାଇବର ଅପରାଧ ନେଟ୍‌ୱର୍କକୁ ମୂଳପୋଛ କରିବା ଦିଗରେ ଓଡ଼ିଶା ପୋଲିସ ଏକ ବଡ଼ ପଦକ୍ଷେପ ଗ୍ରହଣ କରିଛି। ୧୩ଫେବୃଆରୀ ୨୦୨୬ରୁ ୧୨ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ଏକ ସ୍ୱତନ୍ତ୍ର ଅଭିଯାନ 'ଅପରେଶନ ସାଇବର କବଚ' ଆରମ୍ଭ କରାଯାଇଥିଲା। ଏହି ଅଭିଯାନରେ ୩୯ ହଜାର ୭୧୪ଟି ସନ୍ଦେହଜନକ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ କରାଯାଇଛି। ୧,୪୨୨ଟି ନୂତନ ମାମଲା ପଞ୍ଜୀକୃତ କରାଯାଇଛି। ତନ୍ମଧ୍ୟରୁ ମ୍ୟୁଲ୍ ବ୍ୟାଙ୍କ ଆକାଉଣ୍ଟ ସମ୍ବନ୍ଧୀୟ ୧ ହଜାର ୩୧୫ ମାମଲା, ନକଲି ସିମ୍‌କାର୍ଡ ସମ୍ବନ୍ଧୀୟ ୨୪ ମାମଲା, ଏଟିଏମ୍ ଉଠାଣ ସମ୍ବନ୍ଧୀୟ ୩୬ ମାମଲା ଓ ଚେକ୍ ଉଠାଣ ସମ୍ବନ୍ଧୀୟ ୪୭ ମାମଲା ରୁଜୁ କରାଯାଇଛି। ଏହା ବ୍ୟତୀତ ସାଇବର ଠକେଇରେ ସମ୍ପୃକ୍ତ ଥିବା ସମୁଦାୟ ୩୭୯ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ତଦନ୍ତ ପ୍ରକ୍ରିୟାକୁ ଆଗକୁ କ୍ରିୟାଶୀଳ କରିବା ପାଇଁ ପ୍ରାୟ ୭ ହଜାର ୫୪୯ରୁ ଅଧିକ ଆକାଉଣ୍ଟଧାରୀ ଓ ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କୁ ଆଇନଗତ ନୋଟିସ ଜାରି କରାଯାଇଛି। ସାଇବର ଅପରାଧ ରୋକିବା ଦିଗରେ ସରକାରଙ୍କ ପକ୍ଷରୁ ସବୁପ୍ରକାର ଉଦ୍ୟମ ଜାରି ରହିଛି। ଜନସାଧାରଣ ସଚେତନ ହେଲେ ଏହାକୁ ରୋକାଯାଇପାରିବ। ଆମ ସରକାର ଆସିଲା ପରେ ଅପରାଧୀଙ୍କ ପ୍ରତି ପୂର୍ବ ସରକାର ସମୟରେ ଥିବା କୋହଳ ମନୋଭାବ, ପ୍ରେମ ଏବଂ ରାଜନୈତିକ ସୁରକ୍ଷାର ଏକ୍ସପାଏରି ହୋଇସାରିଛି। ଭାରତୀୟ ନ୍ୟାୟ ସଂହିତା କାର୍ଯ୍ୟକାରୀ ହେବା ପରଠାରୁ ୨୦୨୫ ପର୍ଯ୍ୟନ୍ତ ଓଡ଼ିଶାରେ ଦୋଷୀ ସାବ୍ୟସ୍ତ ହାର ୮୭.୬ପ୍ରତିଶତ ବୃଦ୍ଧି ପାଇଛି ।

ମୁଖ୍ୟମନ୍ତ୍ରୀ ଅପରାଧୀଙ୍କୁ ଚେତାବନୀ ଦେଇ କହିଛନ୍ତି, ସୁଧୁରି ଯାଅ, ନ ହେଲେ ସରକାର ଓ ପୋଲିସ ପ୍ରଶାସନ ସୁଧାରିବାକୁ ପ୍ରସ୍ତୁତ ଅଛନ୍ତି। ସରକାର ଏକ ଶାନ୍ତ, ଅପରାଧମୁକ୍ତ ଓଡ଼ିଶା ଗଠନ କରିବା ପାଇଁ ଯୋଜନା କରିଛନ୍ତି। ଏହାର ସଫଳ ରୂପାନ୍ତରୀକରଣ ନିମନ୍ତେ ୨୦୨୬-୨୭ ଆର୍ଥିକବର୍ଷ ନିମନ୍ତେ ଗୃହ ବିଭାଗ ପାଇଁ ୧୦ ହଜାର ୭୮୬ କୋଟି ୬୯ ଲକ୍ଷ ୬୦ ହଜାର ଟଙ୍କାର ବ୍ୟୟ ମଞ୍ଜୁରୀ ପ୍ରସ୍ତାବକୁ ସ୍ୱୀକୃତି ପ୍ରଦାନ କରିବା ଲାଗି ସମସ୍ତ ସଦସ୍ୟଙ୍କୁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଥିଲେ।

## 'ସୁଧୁରିଯାଅ, ନଚେତ୍ ସୁଧାରିଦେବୁ'



ବିଧାନସଭାରେ ବୁଧବାର ଅପରାହ୍ନରେ ଗୃହ ବିଭାଗର ଖର୍ଚ୍ଚ ଦାବି ଆଲୋଚନାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍‌ବୋଧନ।

# ୧୨ ଘଣ୍ଟିଆ ମାଲକାନଗିରି ଜିଲା ବନ୍ଦ

## ମଣ୍ଡି ସମସ୍ୟା ନେଇ ତାତିଲା କଂଗ୍ରେସ

**ମାଲକାନଗିରି,୨୫।୩ (ଦୁର୍ଯ୍ୟୋଧନ ପାତ୍ର)**

ଧାନ ମଣ୍ଡିରେ ଅବ୍ୟବସ୍ଥା ସହ ୪ ଦଫା ଦାବି ନେଇ ଜିଲା କଂଗ୍ରେସ କମିଟି ତରଫରୁ ବୁଧବାର ୧୨ ଘଣ୍ଟିଆ ମାଲକାନଗିରି ଜିଲା ବନ୍ଦ ପାଳନ କରାଯାଇଛି। ବୁଧବାର ସକାଳୁ ସମସ୍ତ ସ୍କୁଲ, କଲେଜ, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ଦୋକାନ ବଜାର ଓ ଗାଡ଼ି ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। କାଲିମେଲା ମୁଖ୍ୟ ବଜାର ଦେଇ ରାଞ୍ଚି-ବିଜୟୱାଡା ୩୨୬ ନଂ. ଜାତୀୟ ରାଜପଥ ଯାଇଥିବା ବେଳେ ଆନ୍ଧ୍ର ଓ ତେଲଙ୍ଗାନାରୁ ଆସୁଥିବା ଅନେକ ବସ୍ ଓ ଟ୍ରକ୍ ଉଭୟ ପଟେ ଅଟକି ରହିଥିବା ଦେଖିବାକୁ ମିଳିଥିଲା। ସେହିପରି ବନ୍ଦ ପାଳନ ଯୋଗୁ ଅନ୍ତଃରାଜ୍ୟ ଯୋଗାଯୋଗ ଠପ୍‌ହେବା ସହ ଏମ୍‌ଭି ୭୯, ମୋଟୁ ଏବଂ ପଡିଆ ବ୍ଲକକୁ ମଧ୍ୟ ଯୋଗାଯୋଗ ବାଧାପ୍ରାପ୍ତ ହୋଇଥିଲା। ଫଳରେ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଜିଲା ସଦର ମହକୁମା ସହ ସମସ୍ତ ବ୍ଲକରେ ବନ୍ଦ ପାଳନର ପ୍ରଭାବ ଦେଖିବାକୁ ମିଳିଛି ।

ସମସ୍ତ ମଣ୍ଡିରୁ ଧାନ ଉଠାଇବା, ଅଖା ବସ୍ତା ଟଙ୍କା ଫେରସ୍ତ କରିବା, ଖାଉଟିମାନଙ୍କୁ ଠିକ୍ ସମୟରେ ଗ୍ୟାସ୍ ସିଲିଣ୍ଡର ଯୋଗାଇଦେବା ସହ କାଳବୈଶାଖୀରେ ନଷ୍ଟ ହୋଇଥିବା ଧାନର କ୍ଷତିପୂରଣ ଦେବା ପରି ୪ ଦଫା ଦାବିରେ କଂଗ୍ରେସ ତରଫରୁ ଏହି ବନ୍ଦ ପାଳନ କରାଯାଇଥିଲା। ଚାଷୀଙ୍କ ଅଭିଯୋଗ ଅନୁଯାୟୀ, ଧାନମଣ୍ଡି ଆରମ୍ଭ ହେବାର ୩ ମାସ ପରେ ବିବହୁ ଚାଷୀଙ୍କ ଧାନ ବିକ୍ରି ହୋଇ ନ ପାରି ମଣ୍ଡିରେ ପଡିରହିଛି। ଏହାବ୍ୟତୀତ ବହୁ ଚାଷୀଙ୍କ ଟୋକନ ଆସିଥିବା ସତ୍ତ୍ୱେ ସରକାର ଧାନ ଖରିଦ କରି ନ ଥିବାରୁ ଉକ୍ତ ଟୋକନର ସମୟସୀମା ମଧ୍ୟ ସରିଗଲାଣି। ଫଳରେ ଚାଷୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ଏବେ ଅଦିନିଆ ବର୍ଷା ଯୋଗୁ ବହୁ ଚାଷୀଙ୍କ ଧାନ ନଷ୍ଟହେବାରେ ଲାଗିଛି। ତେଣୁ ଚାଷୀଙ୍କୁ ଅଦିନିଆ ବର୍ଷାଜନିତ କ୍ଷୟକ୍ଷତି ପ୍ରଦାନ କରାଯାଉ, ମଣ୍ଡିରୁ ସମସ୍ତ ଧାନ ଖରିଦ କରାଯାଉ ଏବଂ ୩ ବର୍ଷର ଖାଲିବସ୍ତା ବାବଦକୁ ବକେୟା ଟଙ୍କା ଯୋଗାଇଦେବାକୁ ଦାବି ହୋଇଛି। ଅନ୍ୟପକ୍ଷେ ଏବେ ଜିଲାରେ ପେଟ୍ରୋଲ, ଗ୍ୟାସ୍ ସିଲିଣ୍ଡରର ଅଭାବ ଦେଖିବାକୁ ମିଳିଛି। ଫଳରେ ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ତୁରନ୍ତ ପର୍ଯ୍ୟାପ୍ତ ପରିମାଣର ପେଟ୍ରୋଲ ଓ ଗ୍ୟାସ୍ ସିଲିଣ୍ଡର ଯୋଗାଇ ଦିଆଯିବାକୁ ଦାବି ହୋଇଛି। ଏହି ବନ୍ଦ ପାଳନରେ ଜିଲା କଂଗ୍ରେସ କମିଟି ସଭାପତି ଜି. ଶ୍ରୀନିବାସ ରାଓ, ପୂର୍ବତନ ସଭାପତି ଗୋବିନ୍ଦ ପାତ୍ର, କଂଗ୍ରେସ ବରିଷ୍ଠ କର୍ମୀ ପ୍ରଭାକର ପାଳ, ପି. କେଶୁ ରାଓ, ପର୍ଶୁରାମ ଭକ୍ତ, ପ୍ରାଣକୃଷ୍ଣ ମଣ୍ଡଳଙ୍କ ସହ ବହୁ କର୍ମକର୍ତ୍ତା ସାମିଲ ହୋଇଥିଲେ। ସୁରକ୍ଷା ଦୃଷ୍ଟିରୁ ବିଭିନ୍ନ ସ୍ଥାନରେ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ।



ବନ୍ଦ ପାଳନ ଯୋଗୁ ମାଲକାନଗିରି ମୁଖ୍ୟ ରାସ୍ତା ଶୂନଶାନ।



ଯେ ପର୍ଯ୍ୟନ୍ତ ତୁମେ ନିଜକୁ ଠିକ୍ ଉପଦେଶଟିଏ ଦେଇ ନ ପାରିଛ– ସେ ପର୍ଯ୍ୟନ୍ତ ତୁମେ ତାହା ଅନ୍ୟକୁ ଦେଇପାରିବ ନାହିଁ। ଯେଉଁ ଉପଦେଶଟି ତୁମେ ନିଜେ ପାଳି ନାହଁ– ତାକୁ ତୁମେ ଅନ୍ୟକୁ ପାଳିବା ପାଇଁ କହିପାରିବ ନାହିଁ। –ଶ୍ରୀମା

-ଅଶୋକାଷ୍ଟମୀ, ଲିଙ୍ଗରାଜ ଦେବଙ୍କ ରଥଯାତ୍ରା, ବାସନ୍ତିକ ଦୁର୍ଗାଦେବୀଙ୍କ ମହାନବମୀ ପୂଜା ଓ ଶ୍ରୀମନ୍ଦିରରେ ଛେଉଟ ଭୋଗ



# ଅହିଂସା ଓ ଅସ୍ପୃଶ୍ୟତା



ଦେବଦତ୍ତ ପଟ୍ଟନାୟକ

ଅହିଂସାକୁ ହିନ୍ଦୁଧର୍ମରେ ଶ୍ରେଷ୍ଠ ସଦାଚାର ବା ଗୁଣ ବୋଲି ବିବେଚନା କରାଯାଏ। ଏହା ସଦାଚାରୀ ସନ୍ନ୍ୟାସୀ, ଦୟାଶୀଳ ଋଷି ତଥା ଶ୍ରେଷ୍ଠ ନୈତିକ ଜୀବନର ଭାବମୂର୍ତ୍ତିକୁ ପରିପ୍ରକାଶକରେ। କିନ୍ତୁ ଏହି ସକାରାତ୍ମକ ଭାବନା ପ୍ରଚ୍ଛଦରେ ବି ଅନେକ ସାମାଜିକ ବ୍ୟବସ୍ଥା ରହିଛି, ଯାହା ଅସ୍ପୃଶ୍ୟତାକୁ ଦୃଢ଼ କରିବା ପାଇଁ ଅନୁମତି ଦେଇଛି। ଲୋକେ ଅନେକ ସମୟରେ ଜାତି ଓ ଅସ୍ପୃଶ୍ୟତାକୁ ନେଇ ଦ୍ୱନ୍ଦ୍ୱରେ ପଡ଼ନ୍ତି। ଯେତେବେଳେ ସେମାନେ ସାମାଜିକ ସ୍ତରରେ ରହିଥିବା ଜାତି ସମ୍ପର୍କରେ କହନ୍ତି ସେତେବେଳେ ଉଚ୍ଚବର୍ଗ କଥା ହିଁ ବଖାଣିଥାନ୍ତି। ତେବେ ସମ୍ପ୍ରତି ଭାରତରେ ଅହିଂସାର ୨ ପ୍ରକାର ପ୍ରଭାବଶାଳୀ ରୂପ ରହିଛି। ପ୍ରଥମଟି ହେଉଛି ଗାନ୍ଧିଜୀଙ୍କ ଅହିଂସା, ଯାହା ରାଜନୈତିକ ରଣନୀତିର ମୂଳରେ ଅଛି। ଏହା ଅସ୍ତ୍ର ତ୍ୟାଗକରି ଅସହଯୋଗକୁ ପ୍ରୋତ୍ସାହିତ କରେ। ଏହା ଅନ୍ୟାୟକୁ ପ୍ରତିରୋଧ କରିବା ପାଇଁ ଶାରୀରିକ ଶକ୍ତି ବଦଳରେ ନୈତିକ ଚାପ ପ୍ରୟୋଗ କରିଥାଏ। ଏହି ପ୍ରକାର ଅହିଂସା ଭାରତର ସ୍ୱାଧୀନତା ସଂଗ୍ରାମରେ ପ୍ରମୁଖ ଭୂମିକା ନେଇଥିଲା। କିନ୍ତୁ ଏବେ ସନାତନୀ ହିନ୍ଦୁତ୍ୱବାଦୀ ଗୋଷ୍ଠୀ ଏହାକୁ ଅସ୍ୱୀକାର କରୁଛନ୍ତି। କାରଣ ସେମାନେ ବିଶ୍ୱାସ କରୁଛନ୍ତି, ଦେଶକୁ ସୁରକ୍ଷା ଦେବା ଏବଂ ଧର୍ମୀୟ ପରିଚୟକୁ ରକ୍ଷାକରିବା ପାଇଁ ହିଂସା ଆବଶ୍ୟକ। ସେମାନେ ଭାବନ୍ତି, ଅହିଂସା ହେଉଛି ଦୁର୍ବଳତା।

ଦ୍ୱିତୀୟ ପ୍ରକାର ଅହିଂସା ହେଉଛି ଆହାର ସମ୍ପର୍କିତ ଅହିଂସା। ଏହି ଅହିଂସା ବିଚାରରେ ମାଛ, ମାଂସ କିମ୍ବା ଅଣ୍ଡା ଖାଉଥିବା ଲୋକଙ୍କ ତୁଳନାରେ ଉଦ୍ଭିଦଜ ଖାଦ୍ୟାହାରୀ ବ୍ୟକ୍ତି ନୈତିକ ଦୃଷ୍ଟିରୁ ଶ୍ରେଷ୍ଠ। ଏହି ବିଶ୍ୱାସ ସାମାଜିକ ସ୍ତରରେ ଅତ୍ୟଧିକ ବଳବତ୍ତର ରହିଛି । ଦୈନନ୍ଦିନ ପରମ୍ପରା, ସଂସ୍ଥାଗତ ନିୟମ, ମନ୍ଦିର ନୀତିନିୟମ, କର୍ପୋରେଟ ସଂସ୍କୃତି ଏବଂ ରାଜନୈତିକ ପ୍ରତୀକାତ୍ମକ ସିଦ୍ଧାନ୍ତରେ ମଧ୍ୟ ଏହା ଦୃଢ଼ ରହିଆସିଛି। ଏହି ପ୍ରକାର ଅହିଂସା ଅସ୍ପୃଶ୍ୟତାର ଧାରଣା ଏବଂ ପବିତ୍ରତାର ସାମାଜିକ ଶ୍ରେଣୀବାଦକୁ ଆରମ୍ଭ କରିଛି। ଉଲ୍ଲେଖନୀୟ, ଆହାର ସମ୍ବନ୍ଧୀୟ ଅହିଂସାକୁ ଉଭୟ ଗାନ୍ଧିବାଦୀ ଏବଂ ସନାତନୀମାନେ ପାଳନ କରୁଛନ୍ତି। ଖାଦ୍ୟ ପ୍ରାଥମିକତା ଏବଂ ଖାଦ୍ୟ ପସନ୍ଦ ନାମରେ ଏହାକୁ ପାଳନ କରାଯାଉଛି।

ଶାକାହାରବାଦ ସମ୍ପୂର୍ଣ୍ଣ ଭାବେ ଜୈନ ସିଦ୍ଧାନ୍ତରୁ ଆସିଛି। ଏହା ସ୍ପଷ୍ଟକରେ ଯେ,ଉଦ୍ଭିଦ କୌଣସି ଯନ୍ତ୍ରଣା ଅନୁଭବ କରେନାହିଁ ଏବଂ ସେଥିପାଇଁ ଉଦ୍ଭିଦଜ ଖାଦ୍ୟ ଖାଇବା ହିଂସା ନୁହେଁ। କିନ୍ତୁ ଏହି ତର୍କ ବିଜ୍ଞାନ ଓ ବୈଦିକ ବ୍ୟାଖ୍ୟାନ ମଧ୍ୟରେ ବିରୋଧାଭାସ ସୃଷ୍ଟିକରେ। ଶତପଥ ବ୍ରାହ୍ମଣରେ କୁହାଯାଇଛି ଯେ, ଏପରିକି ଉଦ୍ଭିଦଜ ଖାଦ୍ୟ ଖାଉଥିବା ଲୋକ ପରଜୀବନରେ ମଧ୍ୟ ତାହାର ଫଳ ଭୋଗ କରିବ, ଯେଉଁଠି ତାଙ୍କୁ ଉଦ୍ଭିଦ ଖାଦ୍ୟ ଭାବେ ଗ୍ରହଣ କରିବ ଏବଂ ସେ ଯନ୍ତ୍ରଣା ଭୋଗ କରିବେ। ପୁରାତନ ଜୈନ ବିଚାରରେ, ଆମରଣ ଅନଶନ ଅର୍ଥ ହେଉଛି



ପ୍ରକୃତ ଅହିଂସା। ଅର୍ଥାତ୍ କିଛି ନ ଖାଇଲେ କୌଣସି ହିଂସା ହେବନାହିଁ। କୃଷି ସହି ଜଡ଼ିତ ବ୍ୟକ୍ତିମାନେ ଜାଣନ୍ତି ଯେ, ଶାକାହାର ଖାଦ୍ୟ ଯନ୍ତ୍ରଣାମୁକ୍ତ ନୁହେଁ। କୃଷି ହିଂସା ମଧ୍ୟରେ ବୁଡିରହିଛି। ଫସଲର ସୁରକ୍ଷା ପାଇଁ କୀଟପତଙ୍ଗ, ମୂଷା ଏବଂ ପକ୍ଷୀଙ୍କୁ ମାରିଦିଆଯାଏ। ଷଣ୍ଢକୁ ଅସ୍ତ୍ରୋପଚାର ମାଧ୍ୟମରେ ବଳଦ କରି ହଳ ଓ ପରିବହନରେ ବ୍ୟବହାର କରାଯାଏ। ଏହି କାର୍ଯ୍ୟକୁ ଶାକାହାରବାଦ ଗୁପ୍ତ ରଖିଛି ଏବଂ ସହରାଞ୍ଚଳରେ ରହୁଥିବା ପ୍ରତିଷ୍ଠିତ ବ୍ୟକ୍ତିମାନେ ଶୁଦ୍ଧ ଓ ଅହିଂସକ ଖାଦ୍ୟ ଖାଉଛନ୍ତି ବୋଲି ଧାରଣା ସୃଷ୍ଟି କରିଛି।

ପ୍ରକୃତରେ କୃଷିକାର୍ଯ୍ୟରେ ଶୂଦ୍ର, ସେବକମାନେ ଜଡ଼ିତ ଥିଲେ ଏବଂ ସେମାନଙ୍କ ହିଂସାତ୍ମକ କାର୍ଯ୍ୟ ସାମ୍ନାକୁ ଆସିପାରୁ ନ ଥିଲା। କାରଣ ସେମାନଙ୍କ ସହ ବହୁ କମ୍ ଯୋଗାଯୋଗ ରହୁଥିଲା। ଯାଯାବର ଗୋଷ୍ଠୀର ପଶୁପାଳକ, ମରୁଭୂମିରେ ରହୁଥିବା ସମ୍ପ୍ରଦାୟ, ବନବାସୀ ଏବଂ ଉପକୂଳରେ ବସବାସ କରୁଥିବା ଲୋକେ ଭାବନ୍ତି ଯେ, ମାଂସ ଓ ମାଛ ହେଉଛି ଜୀବନର ଆବଶ୍ୟକତା। ଭିଲ୍, ଗୋଣ୍ଡ, କୋଲି, ଶବରଙ୍କ ସମେତ ଉତ୍ତରପୂର୍ବାଞ୍ଚଳର ଆଦିବାସୀ ସମୁଦାୟଗୁଡ଼ିକ ଶିକାର ଓ ଭୋଜନ ପାଇଁ ସେମାନଙ୍କ ପରିସଂସ୍ଥାକୁ କ୍ଷୟ ନ କରି ସ୍ଥାୟୀ ଭାବରେ ବସବାସ କରିଆସିଛନ୍ତି। ତଥାପି ସେମାନଙ୍କ ଉପରେ ହିଂସକ ଓ ଅପବିତ୍ର ମୋହର ଲଗାଇ ଦିଆଯାଉଛି। ଖଣି ଓ ଭିତ୍ତିଭୂମି ପାଇଁ ଶିଳ୍ପପତିମାନେ ଜଙ୍ଗଲ ଧ୍ୱଂସ କରୁଥିଲେ ମଧ୍ୟ ସେମାନଙ୍କୁ ସାତ୍ତ୍ୱିକ ଓ ପବିତ୍ର ବୋଲି କୁହାଯାଉଛି। ଏହା ହେଉଛି ନୈତିକତାର ବିପରୀତ ସ୍ଥିତି ଏବଂ ଆମ ହିଂସା ସମ୍ପର୍କିତ ଗଭୀର ବିଚାରଧାରାକୁ ଜାତି ଓ ବର୍ଗ କିଭଳି ଗଢ଼ିଛି ତାହା ଏହା ପ୍ରକାଶ କରେ।

ସାମାଜିକ ବିଚାରଧାରାରେ ପବିତ୍ରତା ତଥା ଶୁଦ୍ଧତା ପ୍ରମୁଖ ବିଷୟ ହୋଇରହିଛି। ଭାରତର ସାର୍ବଜନୀନ ସଂସ୍ଥାଗୁଡ଼ିକ ଉପରେ ଶାକାହାର ଧାରଣାର ପ୍ରଭାବ ବିସ୍ତାର କରିଛି। ଗାନ୍ଧିଜୀଙ୍କ ସାବରମତି ଆଶ୍ରମରେ ଶାକାହାର ରୋଷଘର ଅଛି ଏବଂ ଆର୍‌ଏସ୍‌ଏସ୍‌ର ସେହିଭଳି କ୍ୟାଣ୍ଟିନ ସବୁ ଅଛି। କର୍ପୋରେଟ କାର୍ଯ୍ୟାଳୟଗୁଡ଼ିକ ଜୈନ କିଚେନ୍‌କୁ ନେଇ ଗର୍ବ କରନ୍ତି। କେବଳ ଶାକାହାର ଖାଦ୍ୟ ଦେବା ପାଇଁ ଏୟାଲାଇନ୍ସକୁ ବାଧ୍ୟ କରାଯାଉଛି। ତୀର୍ଥସ୍ଥଳୀ ଥିବା ସହରଗୁଡ଼ିକୁ ଶୁଦ୍ଧ ଶାକାହାର ଅଞ୍ଚଳ ଭାବେ ଘୋଷଣା କରାଯାଉଛି । ‘ଶୁଦ୍ଧ’ ଶବ୍ଦ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହା ସୂଚିତ କରେ ଯେ, ମାଂସାହାରୀମାନେ ପରିବେଶକୁ ଦୂଷିତ କରନ୍ତି ଏବଂ ସେମାନଙ୍କ ଉପସ୍ଥିତି, ଗନ୍ଧ ଏବଂ ଅଭ୍ୟାସ ପ୍ରଦୂଷଣକାରକ। ଶୁଦ୍ଧତା ବ୍ୟବସ୍ଥା ଯୋଗୁ ଟିଫିନ ବକ୍ସରେ ଆମିଷ ଖାଦ୍ୟ ଆଣିବା ପାଇଁ କର୍ମଚାରୀଙ୍କୁ ବାରଣ କରାଯାଉଛି। ଯେଉଁମାନେ ମାଂସ ରୋଷେଇ କରୁଛନ୍ତି, ସେମାନଙ୍କୁ ହାଉସିଂ ସୋସାଇଟିଗୁଡ଼ିକ ଘର ଭଡ଼ା ଦେଉନାହାନ୍ତି। ଯାହା ଦିନେ ଜାତିଗତ ପୃଥକୀକରଣ କିମ୍ବା ବାଛବିଚାର ଥିଲା ତାହା ଏବେ ଜୀବନଶୈଳୀ ପସନ୍ଦ ହୋଇଯାଇଥିବା ଜଣାପଡୁଛି। ପରିଭାଷା ବଦଳିଯାଇଥିଲେ ବି ବ୍ୟବସ୍ଥା ସେହିଭଳି ରହିଛି। ବ୍ରାହ୍ମଣ ଓ ଶୂଦ୍ର ବଦଳରେ ଏବେ ଆମ ମଧ୍ୟରେ ପବିତ୍ର ଓ ଅପବିତ୍ର କିମ୍ବା ଶୁଦ୍ଧ ଓ ଅଶୁଦ୍ଧ ହିନ୍ଦୁ ଭାବନା ରହିଛି।

ସାମାଜିକ ସ୍ତରରେ ଥିବା ଏଭଳି ଉଚ୍ଚନୀଚ ଭାବନାକୁ ଯୁକ୍ତିଯୁକ୍ତ ଦର୍ଶାଇବାକୁ ଯାଇ ଗୁରୁମାନେ ସାତ୍ତ୍ୱିକ, ରାଜସିକ, ତାମସିକ ଖାଦ୍ୟ ସିଦ୍ଧାନ୍ତ ସାମ୍ନାକୁ ଆଣିଛନ୍ତି, ଯାହାକୁ ଏବେ ପୋଷକ ବିଜ୍ଞାନର ଅସ୍ତ୍ର ଭାବେ ଦର୍ଶାଯାଉଛି। ଏହାସହ ନୈତିକତାର ବିଷୟ ରୂପେ ଉପସ୍ଥାପନ କରାଯାଉଛି। ତଥାପି କୌଣସି ହିନ୍ଦୁ ଗ୍ରନ୍ଥ ଶାକାହାରବାଦକୁ ଏକ ବୈଶ୍ୱିକ ନିୟମ ଭାବେ ଗ୍ରହଣ କରିନାହିଁ। ମହାଭାରତ, ରାମାୟଣ ଏବଂ ପୁରାଣରେ ଶିକାରୀ, ମାଛ ଭକ୍ଷକ ଏବଂ ମାଂସାହାରୀ ଋଷିଙ୍କ ସମ୍ପର୍କିତ ବର୍ଣ୍ଣନା ଭରିରହିଛି। ଏ ସମ୍ପର୍କରେ ସୂଚିତ କରାଯାଇଥିଲେ ମଧ୍ୟ ଆଧୁନିକ ପ୍ରକାଶନ ସଂସ୍ଥାଗୁଡ଼ିକ ଭୁଲ୍ ଅନୁବାଦ କରୁଛନ୍ତି। ହିନ୍ଦୁଧର୍ମ ବିପଦରେ ଅଛି ବୋଲି ଲୋକେ ଦାବି କରୁଥିବାବେଳେ ଏଥିପାଇଁ ସେମାନେ ବାହ୍ୟଶତ୍ରୁକୁ ଦାୟୀ କରୁଛନ୍ତି। ହେଲେ ବଡ଼ ବିପଦ ଦେଶ ଭିତରେ ରହିଛି। ଶୁଦ୍ଧ ଓ ଅଶୁଦ୍ଧ ବ୍ରାହ୍ମଣୀୟ ବିଚାରଠାରୁ ଆରମ୍ଭ କରି ବୌଦ୍ଧ ଓ ଜୈନଧର୍ମର ଦାର୍ଶନିକ ସିଦ୍ଧାନ୍ତରେ ଏହା ଥିଲା ଏବଂ ଏବେ ଏହାକୁ ନୈତିକ ଜୀବନଶୈଳୀ ଭାବେ ପୁନଃ ନାମକରଣ କରାଯାଇଛି। ସେମାନେ ମିଳିତ ଭାବେ ଏକ ସାମାଜିକ ଉଚ୍ଚନୀଚ ସ୍ତର ଗଢ଼ିଛନ୍ତି, ଯେଉଁଠି ଅଭିଜାତ୍ୟ ବର୍ଗଙ୍କ ଅଭ୍ୟାସକୁ ବିଶ୍ୱସ୍ତରରେ ସଦ୍‌ଗୁଣ ଆଖ୍ୟା ଦିଆଯାଇଛି ଏବଂ ନୀଚବର୍ଗର ଲୋକଙ୍କ ଜୀବନରକ୍ଷାର ରଣନୀତିକୁ ତୁଚ୍ଛ କହି ସେମାନଙ୍କୁ ତିରସ୍କାର କରାଯାଉଛି। ଏହି ପ୍ରକାରେ ଅହିଂସା ହିଂସାର ସମାଧାନ କରେ ନାହିଁ। ବରଂ ଏହା ହିଂସାକୁ ଆଢୁଆଳରେ ରଖେ। ଜାତିକୁ ଅସ୍ୱୀକାର କରାଯାଉଛି , ହେଲେ ଅସ୍ପୃଶ୍ୟତାକୁ ସତର୍କତାର ସହ ଉଲ୍ଲେଖ କରାଯାଉଛି। ଏଭଳି କରିବା ଯୋଗୁ ଏହା ସାମାଜିକ ପ୍ରାଧାନ୍ୟକୁ ଆଧ୍ୟାତ୍ମିକ ଶୁଦ୍ଧତା କିମ୍ବା ସଂସ୍କାର ଭାବେ ତ୍ରୁଟିପୂର୍ଣ୍ଣଭାବେ ଉପସ୍ଥାପନ କରିବା ପାଇଁ ଅନୁମତି ଦେଇଛି, ଯେତେବେଳ କି ପବିତ୍ରତା ତଥା ଶୁଦ୍ଧତାର ପରିବେଶରେ ନିର୍ବିରୋଧରେ ଅସାମାନତା ଜାରି ରହିଛି।

–devduttofficial@gmail.com

## ଏଇ ଭାରତରେ

ପୋଲିସରେ ନିଯୁକ୍ତି ପାଇବା ପାଇଁ ଆଶାୟୀଙ୍କୁ ବହୁ ପରିଶ୍ରମ କରିବାକୁ ପଡ଼ିଥାଏ। ପ୍ରବେଶିକାର ଲିଖିତ ଓ ଶାରୀରିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପରେ ତାଙ୍କୁ ସଫଳତା ମିଳିଥାଏ। ତେବେ ଅନେକେ ମଧ୍ୟ ବିଫଳ ହୋଇଥାନ୍ତି। ତେବେ ବେଙ୍ଗାଲୁରୁ ଟ୍ରାଫିକ୍ ପୋଲିସ(ବିଟିପି) ଏକ ନିଆରା କାର୍ଯ୍ୟକ୍ରମ ମାଧ୍ୟମରେ ଦିନକ ପାଇଁ ଟ୍ରାଫିକ୍ ପୋଲିସ ହେବାର ସୁଯୋଗ ଦେଉଛି ଏବଂ ଆଶାୟୀ ବ୍ୟକ୍ତିମାନେ ଏହା ଲାଭ ଉଠାଉଛନ୍ତି। ହେଲେ ସ୍ୱେଚ୍ଛାସେବୀ ଭାବେ ସେମାନେ କାମ କରୁଛନ୍ତି। ବିଟିପି ତରଫରୁ ‘ଦିନକ ପାଇଁ ଟ୍ରାଫିକ୍ ପୋଲିସ ହୁଅନ୍ତୁ’ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମରେ ୧୮ ବର୍ଷରୁ ଉର୍ଦ୍ଧ୍ୱ ବୟସର ବ୍ୟକ୍ତିମାନେ ଏଏସ୍‌ଟ୍ରାମ୍ ଆପ୍‌ରେ ସେମାନଙ୍କ ନାମ ପଞ୍ଜୀକରଣ କରୁଛନ୍ତି। ପରେ ସେମାଙ୍କୁ ଏକ ଘଣ୍ଟାର ପ୍ରଶିକ୍ଷଣ ଦିଆଯାଉଛି। ଏହାପରେ ସେମାନଙ୍କ ପସନ୍ଦ ମୁତାବକ ଛକଗୁଡ଼ିକରେ ଭିଡ଼ ସମୟରେ ଟ୍ରାଫିକ୍ ପରିଚାଳନାରେ ପୋଲିସଙ୍କୁ ସହଯୋଗ କରିବା ସକାଶେ ଦୁଇ ଘଣ୍ଟିଆ କିମ୍ବା ଚାରି ଘଣ୍ଟିଆ ଶିଫ୍ଟରେ ନିଯୁକ୍ତ କରାଯାଉଛି। ଶେଷରେ ସେମାନଙ୍କୁ ଅଭିଜ୍ଞତା ପ୍ରମାଣପତ୍ର ଦିଆଯାଉଛି। ଏଭଳି ଏକ ସମ୍ମିଳିତ ପ୍ରୟାସ ଟ୍ରାଫିକ୍ ବ୍ୟବସ୍ଥାକୁ ମଜଭୁତ କରିପାରିଛି। ପ୍ରକୃତ ଟ୍ରାଫିକ୍ ସମସ୍ୟା ସମ୍ପର୍କରେ ସ୍ୱେଚ୍ଛାସେବୀମାନେ ଅବଗତ ହେଉଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୨୬ ମାର୍ଚ୍ଚ ୧୯୭୭

- ଯୁବକଂଗ୍ରେସ କାର୍ଯ୍ୟକଳାପ ପାଇଁ ନିଜକୁ ଦାୟୀ ମନେକରି ଅମ୍ବିକା ସୋନୀ ନିଖିଳ ଭାରତ ଯୁବ କଂଗ୍ରେସ ସଭାପତି ପଦରୁ ଇସ୍ତଫା ଦେଇଛନ୍ତି।
- ଗୁଜରାଟର କଂଗ୍ରେସ ମନ୍ତ୍ରିମଣ୍ଡଳ ବିରୁଦ୍ଧରେ ଜନତା ଦଳ ପକ୍ଷରୁ ବିଧାନ ସଭାରେ ଅନାସ୍ଥା ପ୍ରସ୍ତାବ ଆଗତ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 4 | | | | | 9 | 6 |
| 6 | 9 | | | | | | | |
| 1 | | | 8 | | | | 3 | |
| 5 | 8 | | | | 2 | | | |
| | | 7 | 3 | 8 | | | | |
| | | | 9 | 1 | | | | 3 |
| | | | | | | | | |
| | | | | | 6 | | | 4 |
| | | 8 | | 3 | | 7 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 3 | 6 | 4 | 2 | 8 | 7 | 9 | 1 |
| 9 | 1 | 2 | 3 | 7 | 5 | 4 | 8 | 6 |
| 7 | 4 | 8 | 6 | 9 | 1 | 3 | 2 | 5 |
| 1 | 7 | 3 | 2 | 5 | 6 | 8 | 4 | 9 |
| 2 | 5 | 9 | 7 | 8 | 4 | 6 | 1 | 3 |
| 8 | 6 | 4 | 1 | 3 | 9 | 2 | 5 | 7 |
| 6 | 2 | 1 | 5 | 4 | 7 | 9 | 3 | 8 |
| 4 | 8 | 5 | 9 | 6 | 3 | 1 | 7 | 2 |
| 3 | 9 | 7 | 8 | 1 | 2 | 5 | 6 | 4 |

ଗତକାଲିର ଉତ୍ତର

# ପ୍ରତିରୋଧ ଅପରିହାର୍ଯ୍ୟ



ଜନାର୍ଦ୍ଦନ ବନ୍ଦୋପାଧ୍ୟାୟ

ମାନବ ସଭ୍ୟତାର ଆଦିମ ଅବସ୍ଥାରେ ଯେଉଁ ଅସୁରକ୍ଷିତ ପରିବେଶ ଥିଲା ତାହାକୁ ‘ଜଙ୍ଗଲ-ରାଜ୍’ କୁହାଯାଏ, ଯାହାର ନୀତି ଥିଲା ‘ମାଇଟ ଇଜ୍ ରାଇଟ’ ବା ‘‘ଜୋର୍ ଯାର୍ ମୁଲକ ତାର୍’’, ଏହି ଅବସ୍ଥାରେ ସାମାଜିକ ଶୃଙ୍ଖଳା ଏବଂ ନ୍ୟାୟ ନ ଥିଲା। ସମସ୍ତେ ନିଜକୁ ଅସୁରକ୍ଷିତ ମନେ କରୁଥିଲେ। କ୍ରମେ ମଣିଷ ଅନୁଭବକଲା ଯେ ଜୀବନର ନିରାପତ୍ତା ଓ ସମୃଦ୍ଧି ପାଇଁ ପାରସ୍ପରିକ ସହାନୁଭୂତି, ସହଯୋଗ ଏବଂ ସହାବସ୍ଥାନର ବାତାବରଣ ଆବଶ୍ୟକ। ଏହିପରି ଭାବେ ଗଢ଼ିଉଠିଲା ଶୃଙ୍ଖଳିତ ସମାଜ ବ୍ୟବସ୍ଥା ଜଣେ ଯୋଗ୍ୟ, ସମର୍ଥ ଏବଂ ନେତୃସ୍ଥାନୀୟ ବ୍ୟକ୍ତିଙ୍କୁ କେନ୍ଦ୍ରକରି, ଯାହାଙ୍କୁ ସମାଜପତି, ରାଜା ବା ଶାସକ କୁହାଯାଏ। ସମୟକ୍ରମେ ରାଜତନ୍ତ୍ରରୁ ଗଣତନ୍ତ୍ର, ସମାଜତନ୍ତ୍ର, ପୁଞ୍ଜିବାଦ, ଏକଚ୍ଛତ୍ରବାଦ ପ୍ରଭୃତି ନାନାପ୍ରକାର ଶାସନ ବ୍ୟବସ୍ଥାର ଉଦ୍ଭବ ଘଟିଛି। ମାତ୍ର ଶାସକ ଗୋଷ୍ଠୀଙ୍କ କ୍ଷମତା, ପ୍ରତିପତ୍ତି ତଥା ରାଜ୍ୟ ଜୟର ଆକାଂକ୍ଷା ଯୋଗୁ ଶତାବ୍ଦୀ ପରେ ଶତାବ୍ଦୀ ଭୟାବହ ଯୁଦ୍ଧ-ବିଗ୍ରହ ଘଟି ବିନାଶର କାରଣ ହୋଇଛି। ଏହାର ଚରମ ପରିଣତି ଦେଖିବାକୁ ମିଳିଲା ବିଗତ ଶତାବ୍ଦୀର ଦୁଇଟି ବିଶ୍ୱଯୁଦ୍ଧରେ।

ପ୍ରଥମ ବିଶ୍ୱଯୁଦ୍ଧ ଏବଂ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଲକ୍ଷ ଲକ୍ଷ ଲୋକଙ୍କ ମୃତ୍ୟୁ ଘଟିଲା, କେତେ ସମୃଦ୍ଧ ଜନପଦ ଧ୍ୱଂସ ସ୍ତୂପରେ ପରିଣତ ହେଲା। ବିଶ୍ୱଯୁଦ୍ଧର ଭୟାବହତା ଏବଂ ବିପୁଳ ଧନ-ଜନ କ୍ଷୟରେ ଆତଙ୍କିତ ହୋଇ ଭବିଷ୍ୟତରେ ଏଭଳି ବିନାଶକାରୀ ଯୁଦ୍ଧରୁ ମାନବ ସମାଜକୁ ଦୂରେଇରଖିବା ସହିତ ପାରସ୍ପରିକ ଶାନ୍ତି, ସୁରକ୍ଷା ଏବଂ ମାନବାଧିକାରକୁ ନିଶ୍ଚିତ କରିବା ଉଦ୍ଦେଶ୍ୟରେ ପୃଥିବୀର ୫୧ଟି ରାଷ୍ଟ୍ର ଏକତ୍ର ହୋଇ ୧୯୪୫ ଅକ୍ଟୋବର ୨୪ରେ ସଂଯୁକ୍ତ ଜାତିସଂଘ ଗଠନ କଲେ। ଏହାର ସଭ୍ୟ ସଂଖ୍ୟା ୧୯୩ରେ ପହଞ୍ଚିଛି। ମାତ୍ର ୫ଟି ମୁଖ୍ୟ ରାଷ୍ଟ୍ର ଆମେରିକା, ବ୍ରିଟେନ, ଫ୍ରାନ୍ସ, ରୁଷିଆ ଏବଂ ଚାଇନା ହାତରେ ଅଗଣତାନ୍ତ୍ରିକ ଭିଟୋ କ୍ଷମତା ଥିବାରୁ ଜାତିସଂଘ ନିରପେକ୍ଷ ଭାବରେ କାର୍ଯ୍ୟକରି ପାରେନାହିଁ। ତା’ ଛଡା ଏହାର କୌଣସି ସାମରିକ କ୍ଷମତା ନ ଥିବାରୁ କେବଳ ଉପଦେଶ ଦେବାରେ ହିଁ ଏହାର କାର୍ଯ୍ୟ ପରିସର ସୀମିତ ରହିଆସିଛି। ତଥାପି ନାହିଁ ମାମୁ ଠାରୁ କଣା ମାମୁ ଭଲ – ଭଳି ଏହି ସଂସ୍ଥା ଏଯାବତ ବଞ୍ଚିରହିଛି।

ଦ୍ୱିତୀୟ ବିଶ୍ୱଯୁଦ୍ଧର ଶେଷଭାଗରେ ଯୁକ୍ତରାଷ୍ଟ୍ର ଆମେରିକା ପରମାଣୁ ବୋମା ଜାପାନର ହିରୋସୀମା ଓ ନାଗାସାକୀ ଉପରେ ପକାଇଥିଲା। ଯୁଦ୍ଧ ପରେ ସୋଭିଏଟ ରୁଷ୍ ସମେତ ବ୍ରିଟେନ, ଫ୍ରାନ୍ସ ପ୍ରଭୃତି ଦେଶ ପରମାଣୁ କ୍ଷମତାର ଅଧିକାରୀ ହୋଇଗଲେ, ଯାହାଦ୍ୱାରା ଅନ୍ତଃରାଷ୍ଟ୍ରୀୟ ସ୍ତରରେ ଗୋଟିଏ କ୍ଷମତାର ସମୀକରଣ ସୃଷ୍ଟି ହେଲା। ପରମାଣୁ ବୋମାର ସମୂହ ଧ୍ୱଂସକାରୀ ଭୟାବହତା ହିଁ ଏଯାବତ ପୃଥିବୀକୁ ତୃତୀୟ ବିଶ୍ୱଯୁଦ୍ଧରୁ ଦୂରେଇ ରଖିଛି। ଭାରତ ବର୍ଷ ସ୍ୱାଧୀନ ହେବା ପରଠାରୁ ଆମେରିକା ଭାରତ ସହିତ ପ୍ରଚ୍ଛନ୍ନ ଶତ୍ରୁଭାବ ପୋଷଣକରି ପାକିସ୍ତାନ ମାଧ୍ୟମରେ କଶ୍ମୀରରେ ଆକ୍ରମଣ ଏବଂ ସନ୍ତ୍ରାସବାଦୀ କାର୍ଯ୍ୟକଳାପ ଚଳାଇ ଆସିଛି। ହନୁ ମଲାବେଳେ ସତ କହିଲା ପରି କଶ୍ମୀରର ପହଲ ଗ୍ରାମରେ ସନ୍ତ୍ରାସବାଦୀ



ଆକ୍ରମଣର ପ୍ରତିକ୍ରିୟା ସ୍ୱରୂପ ଭାରତର ‘ଅପରେଶନ ସିନ୍ଦୂର’ ପ୍ରହାରରେ ବ୍ୟତିବ୍ୟସ୍ତ ହୋଇ ପାକିସ୍ତାନର ବୈଦେଶିକ ମନ୍ତ୍ରୀ ଇଶାକ ଦାର କହିଥିଲେ – ଆମେ ସନ୍ତ୍ରାସବାଦୀ ରାଷ୍ଟ୍ର ହୋଇଛୁ କେବଳ ଆମେରିକା ଏବଂ ବ୍ରିଟେନର ସ୍ୱାର୍ଥରେ। ପ୍ରକୃତରେ ଆଜି ପୃଥିବୀରେ ଯେଉଁଠି ବି ଯୁଦ୍ଧବିଗ୍ରହ ଏବଂ ସନ୍ତ୍ରାସବାଦୀ ଆକ୍ରମଣ ହେଉଛି ତାହା ମୂଳରେ ରହିଛି ଆମେରିକା ଏବଂ ତାହାର ଏଜେଣ୍ଟ କୁଖ୍ୟାତ ସିଆଇଏ।

ଆମେରିକା ଏବଂ ନାଟୋ ରାଷ୍ଟ୍ରଙ୍କ ଚକ୍ରାନ୍ତରେ ସୋଭିଏଟ ରୁଷ୍ ଖଣ୍ଡ ଖଣ୍ଡ ହୋଇଗଲା। ଫଳରେ ଆମେରିକା ବର୍ତ୍ତମାନ ସମଗ୍ର ପୃଥିବୀ ଉପରେ ରାଜତ୍ୱ କରିବାକୁ ଚାହୁଁଛି। ଆମେରିକାର ପ୍ରତ୍ୟକ୍ଷ ସମର୍ଥନରେ ଇସ୍ରାଏଲର ପ୍ରଧାନମନ୍ତ୍ରୀ ନେତାନ୍ୟାହୁ ପାଲେଷ୍ଟାଇନବାସୀଙ୍କୁ ହତ୍ୟାକରି ଚାଲିଛନ୍ତି। ସମ୍ପ୍ରତି ଆମେରିକା ଏବଂ ଇସ୍ରାଏଲ ଏକତ୍ର ହୋଇ ଇରାନ ଉପରେ ଆକ୍ରମଣ କରିଛନ୍ତି। ରାଷ୍ଟ୍ରପତି ଟ୍ରମ୍ପ ସାମରିକ କ୍ଷମତା ବଳରେ ଜାତିସଂଘ ତଥା ଆନ୍ତର୍ଜାତିକ ନୀତିନିୟମକୁ ଅଗ୍ରାହ୍ୟ କରି ଏକଚ୍ଛତ୍ରବାଦୀ ସାଜିଛନ୍ତି। ଗୋଟିଏ ପ୍ରଶ୍ନ ଉଠେ – ଇସ୍ରାଏଲ ସମେତ ଅନେକ ରାଷ୍ଟ୍ର ପରମାଣୁ କ୍ଷମତାର ଅଧିକାରୀ ହୋଇଥିଲେ ମଧ୍ୟ କାହିଁକି କେବଳ ଇରାନକୁ ପରମାଣୁ ଶକ୍ତିର ଗବେଷଣାରୁ ନିବୃତ୍ତ କରିବାପାଇଁ ତାହା ଉପରେ ଆକ୍ରମଣ କରାଯାଉଛି? କୌଣସି ଦେଶର ସରକାର-ବିରୋଧୀ ଗୋଷ୍ଠୀକୁ ହାତକରି ସେଠାକାର ନିର୍ବାଚିତ ସରକାରଙ୍କୁ ଗାଦିଚ୍ୟୁତ କରିବାର ଅପଚେଷ୍ଟା ସମ୍ପୂର୍ଣ୍ଣ ନୀତିବିରୁଦ୍ଧ କାର୍ଯ୍ୟ। ଭବିଷ୍ୟତରେ ସେ ଅନ୍ୟାନ୍ୟ ଦେଶ ଉପରେ ବଳପ୍ରୟୋଗ କରିବାର ସମ୍ଭାବନା ରହିଛି। ପ୍ରକୃତରେ ଇସ୍ରାଏଲର ସ୍ୱାର୍ଥରକ୍ଷା ପାଇଁ ଇରାନ ଉପରେ ଆକ୍ରମଣ କରିଛନ୍ତି ଏବଂ ସେଠାକାର ବିପୁଳ ତୈଳସମ୍ପଦକୁ କବ୍ଜା କରିବାକୁ ଚାହୁଁଛନ୍ତି। ନିକଟ ଅତୀତରେ ସେ ଡ୍ରଗ୍-ଟ୍ରାଫିକିଙ୍ଗର ଆଳ ଦେଖାଇ ଭେନେଜୁଏଲା ଉପରେ ଆକ୍ରମଣ କରି ସେଠାକାର ରାଷ୍ଟ୍ରପତି ନିକୋଲାସ ମୋଦୁରା ଏବଂ ତାଙ୍କ ସ୍ତ୍ରୀଙ୍କୁ ବନ୍ଦୀ କରି ଆମେରିକା ନେଇଆସିଛନ୍ତି। ଟ୍ରମ୍ପ ଗ୍ରୀନ୍‌ଲାଣ୍ଡ ରାଷ୍ଟ୍ରକୁ ଅଧିକାର କରି ଆମେରିକା ସହିତ ମିଶାଇଦେବାକୁ ଚାହୁଁଥିଲେ। ଏସବୁ ଦେଖି ମନେହେଉଛି ନିଜକୁ ଶାନ୍ତି ପ୍ରତିଷ୍ଠାତା ବୋଲି ଡିଣ୍ଡିମ ପିଟୁଥିବା ଟ୍ରମ୍ପ ଏବେ ଧ୍ୱଂସର ଦୂତ ସାଜିଛନ୍ତି। ପୂର୍ବରୁ ସେ ଆନ୍ତର୍ଜାତିକ ବାଣିଜ୍ୟର ଉଦାରୀକରଣ ନୀତିକୁ ସମ୍ପୂର୍ଣ୍ଣ ଅଗ୍ରାହ୍ୟ କରି ଅନ୍ୟାୟ ଭାବରେ ବିଭିନ୍ନ ଦେଶ ଉପରେ ମାତ୍ରାତିରିକ୍ତ ଟାରିଫ ଲାଗୁ କରିଛନ୍ତି। ତାଙ୍କର ଏହି ସ୍ୱେଚ୍ଛାଚାରୀ ନୀତି ଯୋଗୁ ପୃଥିବୀର ଅର୍ଥନୈତିକ ଶୃଙ୍ଖଳା ଏବଂ ଅନ୍ତର୍ଜାତୀୟ ବାଣିଜ୍ୟ କାରବାର ଧୂଳିସାତ ହେବାର ସମ୍ଭାବନା ସୃଷ୍ଟି ହୋଇଛି। ଆମେରିକାର ବିପୁଳ ସାମରିକ ଏବଂ ଅର୍ଥନୈତିକ କ୍ଷମତା ବଳରେ ଟ୍ରମ୍ପ୍ ସମଗ୍ର ପୃଥିବୀରେ ଆମେରିକୀୟ ଏକଚ୍ଛତ୍ରବାଦ ପ୍ରତିଷ୍ଠା କରିବାକୁ ଚାହୁଁଛନ୍ତି। ମନେହେଉଛି ଟ୍ରମ୍ପଙ୍କ ‘ମାଗା’ ନୀତି ହିଟଲରଙ୍କ ‘ନାଜି’ ନୀତିଠାରୁ କୌଣସି ଗୁଣରେ ଊଣା ନୁହେଁ। ତେଣୁ ସମୟ ଆସିଛି ପୃଥିବୀର ସମସ୍ତ ଶାନ୍ତିକାମୀ ସଭ୍ୟ ରାଷ୍ଟ୍ର ଏକତ୍ରିତ ହୋଇ ଟ୍ରମ୍ପଙ୍କ ବିରୋଧରେ ଅର୍ଥନୈତିକ ଏବଂ ସାମରିକ ପ୍ରତିରୋଧ ସୃଷ୍ଟି କରିବାକୁ ପଡ଼ିବ। ନଚେତ ପୃଥିବୀରେ ଆଦିମ ଯୁଗ ଭଳି ଗୋଟିଏ ଜଙ୍ଗଲ – ରାଜ୍ ଚାଲିବ, ଯାହାର ନୀତି ହେବ ‘‘ ଜୋର୍ ଯାର୍ ମୁଲକ ତାର୍’’ ଏବଂ ଅନ୍ୟ ଦେଶଗୁଡ଼ିକ ପକ୍ଷରେ ନିଜର ଆତ୍ମସମ୍ମାନ ଏବଂ ସାର୍ବଭୌମତ୍ୱ ରକ୍ଷାକରି ତିଷ୍ଠି ରହିବା ଅସମ୍ଭବ ହେବ।

ମୋ: ୯୪୩୭୨୮୭୯୬୪

# ଆମ ପରିବେଶ ଆମ ହାତରେ



ଅରିଜିତ ମିଶ୍ର

ପରିବେଶ ବଞ୍ଚିଲେ ଜୀବଜଗତ ବଞ୍ଚିବ। ସେଥି ନିମିତ୍ତ ଏକାଧିକ ସ୍ଲୋଗାନ ରହିଛି, ‘ପରିବେଶ ସୁରକ୍ଷା ଜୀବନ ରକ୍ଷା’। ମଣିଷର କର୍ତ୍ତବ୍ୟ ଯେତିକି ମାତ୍ରାରେ ପରିବେଶକୁ ସୁରକ୍ଷା ଦେଇପାରିବ, ସେହିଭଳି ନିଜର ଅମୂଲ୍ୟ ଜୀବନକୁ ବଞ୍ଚାଇପାରିବ। ପରିବେଶକୁ ମଣିଷ ଜୀବନର ମୂଳ ଆଧାର କହିଲେ ଅତ୍ୟୁକ୍ତି ହେବନାହିଁ। ପୃଥିବୀ ମଣିଷ ବଞ୍ଚିବା ନିମନ୍ତେ ମୃତ୍ତିକା, ଜଳ, ବାୟୁ, ଜଙ୍ଗଲ, ପର୍ବତ ଆଦି ପ୍ରଦାନ କରିଛି, ଯାହାଦ୍ୱାରା ପ୍ରାଣିଜଗତ ସୁନ୍ଦର ଭାବରେ ଜୀବନ ଅତିବାହିତ କରିପାରିବେ। ପୂରା କାଳରେ ମଣିଷ ପ୍ରକୃତିକୁ ଉପାସନା କରୁଥିଲା। ବୃକ୍ଷକୁ ପୂଜାକରିବା ବା ପର୍ବତର ଶିଖର ଦେଶରେ ଈଶ୍ୱର ଉପାସନା କରୁଥିଲା। ସେହି ସମୟରେ ମଣିଷ ପ୍ରକୃତିକୁ ବଞ୍ଚାଇବାକୁ ଯାଇ ପରିବେଶକୁ ସୁରକ୍ଷା ପ୍ରଦାନ କରୁଥିଲା। ସାଧାରଣତଃ ପରିବେଶକୁ ଆୟତ୍ତ କରିବାର ସାମର୍ଥ୍ୟ ମଣିଷ ହାତରେ ରହିଛି। କିନ୍ତୁ ମଣିଷ ଏବେ ନିଜର ସ୍ୱାର୍ଥ ସିଦ୍ଧି ନିମନ୍ତେ ପରିବେଶକୁ ନଷ୍ଟକରିବାକୁ ଉଦ୍ୟତ।

ମଣିଷ ପରିବେଶକୁ ପ୍ରଦୂଷିତ କରିବା ନିମନ୍ତେ ପଛାଉନାହିଁ। ଫଳରେ ଜଳ ପ୍ରଦୂଷଣ, ବାୟୁ ପ୍ରଦୂଷଣ, ମୃତ୍ତିକା ପ୍ରଦୂଷଣ, ଶବ୍ଦ ପ୍ରଦୂଷଣ, ପ୍ଲାଷ୍ଟିକ୍ ଆଦି ଅନେକ ପ୍ରଦୂଷଣ ଦିନକୁ ଦିନ ବୃଦ୍ଧି ପାଉଛି। ବଙ୍କିମ ଚନ୍ଦ୍ର ଚାଟାର୍ଜୀଙ୍କ ଦ୍ୱାରା ରଚିତ ‘ବନ୍ଦେ ମାତରମ୍’ ରେ ଭାରତର ପରିବେଶ ଉତ୍ତମ ଜଳ ବା ନଦୀରେ ପରିପୂର୍ଣ୍ଣ, ଫଳ ଉତ୍ପାଦନରେ ସମୃଦ୍ଧ, ମୃଦୁ ମଳୟ ପବନର ଶୀତଳତା, ଚାଷ ଜମିଗୁଡ଼ିକ ଶସ୍ୟ ଦ୍ୱାରା ପରିପୂର୍ଣ୍ଣ। କିନ୍ତୁ ବର୍ତ୍ତମାନ ସମୟକୁ ଦେଖିଲେ ଉକ୍ତ ପରିବେଶର ଶୋଭାରେ ଅନେକ ପରିବର୍ତ୍ତନ ହୋଇଛି। ପୃଥିବୀରେ ପ୍ରତିବର୍ଷ ପ୍ରାୟ ୭୦ ଲକ୍ଷ ମଣିଷ ବାୟୁ ପ୍ରଦୂଷଣ ଦ୍ୱାରା ମୃତ୍ୟୁବରଣ କରୁଥିବା ବେଳେ ଭାରତରେ ୧୭ ଲକ୍ଷ ମଣିଷ ବାୟୁ ପ୍ରଦୂଷଣ ଦ୍ୱାରା ମୃତ୍ୟୁର ଶିକାର ହୁଅନ୍ତି। ପୃଥିବୀରେ ଦିଲ୍ଲୀ, ଲାହୋର, ଢାକା, ବେଜିଂ, କରାଚୀ, କାବୁଲ, ଜାକର୍ତ୍ତା ଆଦି ଅନେକ ସହର ସବୁବେଳେ ବାୟୁ ପ୍ରଦୂଷଣ ସୃଷ୍ଟି କରିବାରେ ପ୍ରଥମ ସ୍ଥାନରେ ରହୁଛନ୍ତି। ପୃଥିବୀରେ ପ୍ରତିବର୍ଷ ଜଳ ପ୍ରଦୂଷଣର ମାତ୍ରା ୨% ବଢୁଥିବା ବେଳେ ଭାରତରେ ପ୍ରତିବର୍ଷ ୩% ବଢ଼ିଥାଏ। ପୃଥିବୀରେ ପ୍ରତିବର୍ଷ ଜଳ ପ୍ରଦୂଷଣ ଯୋଗୁ ୮ ଲକ୍ଷ ଲୋକ ମୃତ୍ୟୁବରଣ କରୁଥିବା ବେଳେ ଭାରତରେ ୨ ଲକ୍ଷ ମୃତ୍ୟୁବରଣ କରନ୍ତି। ଭାରତରେ ଅନେକ କାରଖାନା ଏବଂ ସହରରୁ ନିର୍ଗତ ବର୍ଜ୍ୟଜଳ ନାଳ ଦ୍ୱାରା ଛୋଟ ବଡ଼ ନଦୀରେ ମିଶୁଛନ୍ତି। ଓଡ଼ିଶାରେ କଟକ ସହରର ବର୍ଜ୍ୟଜଳ ପ୍ରତିଦିନ କାଠଯୋଡ଼ି ନଦୀରେ ମିଶୁଥିବାର ଦୃଶ୍ୟ ଦେଖିବାକୁ ମିଳେ। ପୃଥିବୀରେ ୩୩% ମୃତ୍ତିକା ପ୍ରଦୂଷିତ ହେଉଥିବା ବେଳେ ଭାରତର କୃଷି ଉପଯୋଗୀ ମୃତ୍ତିକା ୩୦% ପ୍ରଦୂଷଣର ଶିକାର ହେଉଛି। ପୃଥିବୀରେ ପ୍ରାୟ ୨୫% ମଣିଷ ଶବ୍ଦ ପ୍ରଦୂଷଣ ଦ୍ୱାରା ପ୍ରଭାବିତ ହେଉଥିବା ବେଳେ ଭାରତର ସହରାଞ୍ଚଳରେ ୩୫% ମଣିଷ ଶବ୍ଦ ପ୍ରଦୂଷଣ ଦ୍ୱାରା ପ୍ରଭାବିତ ହୁଅନ୍ତି। ଠିକ୍ ସେହିପରି ପ୍ଲାଷ୍ଟିକ୍ ପ୍ରଦୂଷଣର ବୃଦ୍ଧି ଘଟୁଛି।

ଆମ ପରିବେଶ ଆମ ହାତରେ। ତେଣୁ ବେଳହୁଁ ସାବଧାନ ହେଲେ ଆମ ପରିବେଶ ସୁରକ୍ଷା ପାଇପାରିବ। ଯେପରିକି ବୃକ୍ଷରୋପଣ କରିବା ଆବଶ୍ୟକ, ଯାହା ଦ୍ୱାରା ବାୟୁମଣ୍ଡଳରେ ଅମ୍ଳଜାନର ମାତ୍ରା ଠିକ୍ ରହିବା ସହ ଶୁଦ୍ଧ ବାୟୁ ସୃଷ୍ଟିହେବ। ନବୀକରଣଯୋଗ୍ୟ ସମ୍ବଳ ଯଥା ସୌରଶକ୍ତି, ପବନ ଶକ୍ତି, ଜୁଆର ଶକ୍ତିର ବ୍ୟବହାର କରିବା ଦ୍ୱାରା କୋଇଲା ଏବଂ ଖଣିଜ ତୈଳର ବ୍ୟବହାର କମିଯିବ ଏବଂ ବାୟୁ ପ୍ରଦୂଷଣକୁ ମଧ୍ୟ ପ୍ରତିହତ କରିହେବ। ସରକାର ବୈଦ୍ୟୁତିକ ଗାଡ଼ି ଚଳାଇବା ନିମନ୍ତେ ପ୍ରୋତ୍ସାହନ ଦେଉଛନ୍ତି, ଆମେ ମଧ୍ୟ ଏହି ବୈଦ୍ୟୁତିକ ଯାନବାହନର ବ୍ୟବହାରକୁ ବିଶେଷ ପ୍ରାଥମିକତା ଦେବା ଆମ ପରିବେଶ ପାଇଁ ହିତକାରକ। ନଦୀ, ପୋଖରୀ ବା ଝରଣା ଆଦିର ଜଳକୁ ପରିଷ୍କାର ରଖିବା ଦରକାର । ଫଳରେ ମଣିଷ ନିଜର ଜୀବନ ବଞ୍ଚାଇପାରିବ। ଜୈବଇନ୍ଧନ ଚାଳିତ ଯାନବାହନର ବ୍ୟବହାର କମାଇବା ଆବଶ୍ୟକ। ପ୍ଲାଷ୍ଟିକ୍ ପଦାର୍ଥକୁ ପୁନଃ ପ୍ରକ୍ରିୟାକରଣ କରିବା ଲାଭଦାୟକ । କୃଷିଯୋଗ୍ୟ ଜମିରେ ରାସାୟନିକ ସାରର ବ୍ୟବହାର ମାତ୍ରା କମାଇ ଜୈବିକ ପଦ୍ଧତିରେ ଚାଷକରିବା ଭଲ। ସାଟେଲାଇଟ ଦ୍ୱାରା ବର୍ତ୍ତମାନ ବନ ନାଶନ, ଜଳବାୟୁ ପରିବର୍ତ୍ତନ, ବାୟୁ ପ୍ରଦୂଷଣ ଆଦି ପ୍ରତି ସରକାରୀ ସ୍ତରରେ ଲକ୍ଷ୍ୟ ରଖାଯାଉଛି। ତେଣୁ ଏହି ସମସ୍ତ ପଦ୍ଧତି ଅବଲମ୍ବନ କରିବା ସହ ମଣିଷର ମାନସିକତାରେ ପରିବର୍ତ୍ତନ ଆସିବା ନିହାତି ଆବଶ୍ୟକ। ଫଳରେ ମଣିଷ ନିଜ ହାତରେ ନିଜ ପରିବେଶକୁ ସୁରକ୍ଷା ପ୍ରଦାନ କରିବା ନିମିତ୍ତ ଅଗ୍ରସର ହେବ। ସରକାରୀ ସ୍ତରରେ ମଧ୍ୟ ଅନେକ ଯୋଜନା ପରିବେଶ ସୁରକ୍ଷା ନିମନ୍ତେ କାର୍ଯ୍ୟକାରୀ ହେଉଛି। କିନ୍ତୁ କିଛି ଯୋଜନା ବ୍ୟର୍ଥହେବା ଆଶଙ୍କା ସୃଷ୍ଟି ହେଉଛି। ତେଣୁ ମଣିଷ ନିଜେ ସଂଯତ ଭାବ ରଖି ସରକାରଙ୍କୁ ସହଯୋଗର ହାତ ବଢ଼ାଇବାକୁ ପଡ଼ିବ ଏବଂ ପରସ୍ପର ମଧ୍ୟରେ ଏକତା ରକ୍ଷା କରିପାରିଲେ ନିଶ୍ଚିତ ଭାବରେ ପରିବେଶ ସୁରକ୍ଷିତ ରହିବ।

ଅଧ୍ୟାପକ (ଭୂଗୋଳ ବିଭାଗ)
ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ
ମୋ: ୯୦୪୦୩୫୦୦୮୯

## ଚିରନ୍ତନୀ

ପରାଣ ପ୍ରିୟ ଦେଖ ହେ ଶଶି
କ୍ଲାନ୍ତ କବି ନୟନେ ହସି
ଦେଖରେ ଦେଖ କଜଳ ଘନ,
ନିରାଶେ ପଥେ ରହିଛି ବସି ।
–(କବିର ବ୍ୟଥା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଡିଜେ ଉପରେ ନିଷେଧ କେବେ

ମହାଶୟ,

ବିବାହ, ପର୍ବପର୍ବାଣି, ଶୋଭାଯାତ୍ରା ହେଉ ବା ରାଜନୈତିକ ସଭା ସବୁଠି ଡିଜେର ଭୟଙ୍କର ଗର୍ଜନ ଆକାଶ ଫାଟିବା ଭଳି ପ୍ରତିଧ୍ୱନିତ ହେଉଛି। ଏହା ଉଚ୍ଚ ରକ୍ତଚାପ, ଅନିଦ୍ରା ଏବଂ ମାନସିକ ଅବସାଦର କାରଣ ସାଜିଛି। ବିଶେଷ କରି ଶିଶୁ ଏବଂ ବୃଦ୍ଧମାନେ ଏହାର ଶିକାର ହେଉଛନ୍ତି। କୋମଳମତି ଶିଶୁମାନଙ୍କର ଶ୍ରବଣ ସ୍ନାୟୁ ଏତେ ଶକ୍ତିଶାଳୀ ତରଙ୍ଗ ସହ୍ୟ କରିବାକୁ ଅସମର୍ଥ। ଚିକିତ୍ସା ବିଜ୍ଞାନ ଅନୁଯାୟୀ, ଗର୍ଭବତୀଙ୍କ କ୍ଷେତ୍ରରେ ଡିଜେ କମ୍ପନ ଗର୍ଭସ୍ଥ ଶିଶୁର ହୃଦ୍‌ସ୍ପନ୍ଦନ ଓ ସ୍ନାୟୁ ସଂସ୍ଥାନ ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ। ହୃଦ୍‌ରୋଗୀଙ୍କ ପାଇଁ ଡିଜେର କମ୍ପନ ଏକ ନୀରବ ହତ୍ୟାକାରୀ ଭଳି କାମକରେ। ପରିବେଶବିତ୍‌ଙ୍କ ମତରେ, ଧ୍ୱନି ପ୍ରଦୂଷଣ ଯୋଗ ପକ୍ଷୀ ବଂଶବୃଦ୍ଧି ପ୍ରକ୍ରିୟା ହରାଇ ବସୁଛନ୍ତି। ଡିଜେ ସମସ୍ୟାର ସମାଧାନ ପାଇଁ ପାରମ୍ପରିକ ବାଦ୍ୟଦଳକୁ ଉତ୍ସବମାନଙ୍କରେ ନିୟୋଜିତ କରାଯାଉ ଏବଂ ଏହି କଳାକାରଙ୍କୁ ଆର୍ଥିକ ସହାୟତା ଦିଆଯାଉ।

–ଅଖିଳ ତରାଇ, ଗଞ୍ଜାମ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# କୃଷି ବିଜ୍ଞାନ କେନ୍ଦ୍ର-୨ ନିର୍ମାଣ କାମ ବନ୍ଦ

## ପର୍ଯ୍ୟାପ୍ତ ଅନୁଦାନ ସତ୍ତ୍ୱେ ୪ବର୍ଷ ବିତିଲା

ରାଉରକେଲା,୨୫।୩(ବିପ୍ଳବରଞ୍ଜନ ଦାଶ)




ବର୍ଷ ପରେ ବର୍ଷ ବିତି ଚାଲୁଛି। ମାତ୍ର ରାଉରକେଲା ବହୁମୁଖି କୃଷିବିଜ୍ଞାନ କେନ୍ଦ୍ର-୨ ସ୍ଥାପନ ପାଇଁ ପର୍ଯ୍ୟାପ୍ତ ଅନୁଦାନ ଥିବା ସତ୍ତ୍ୱେ ନିର୍ମାଣ କାର୍ଯ୍ୟ ହେଉନି। ପ୍ରକାଶ ଥାଉକି, ୨୦୧୨ ମସିହାରୁ ରାଉରକେଲା କୃଷି ବିଜ୍ଞାନ ଦ୍ୱାରା ପାନପୋଷ ଓ ବଣେଇ ଉପଖଣ୍ଡ ଅଧିନ ୮ବ୍ଲକର ୧୩ହଜାର ଉଦ୍ୟାନ ଚାଷୀ ତାଲିମ ଓ ପରାମର୍ଶ ଲାଭ କରିଥାନ୍ତି। ମାତ୍ର ଦୀର୍ଘ ୧୪ ବର୍ଷ ହେଲା ରାଉରକେଲା କୃଷି ବିଜ୍ଞାନ କେନ୍ଦ୍ର ପରାମର୍ଶ ସତ୍ତ୍ୱେ ୮ଟି ବ୍ଲକରେ ଉଦ୍ୟାନ ଚାଷ କ୍ଷେତ୍ରରେ ଉଦ୍ୟାନ କୃଷି ଓ କୃଷକମାନଙ୍କ ଆଖିଦୃଶିଆ ଆର୍ଥିକ ମାନଦଣ୍ଡ ସ୍ୱଚ୍ଛଳ ହୋଇ ପାରିନି। ଏହାର କାରଣ ପଛରେ ରହିଛି ଦୀର୍ଘ ୪ବର୍ଷ ହେଲା ପର୍ଯ୍ୟାପ୍ତ ଅନୁଦାନ ଓ ଜାଗା ଥାଇ ମଧ୍ୟ ରାଉରକେଲା ବାଙ୍କିଆଠାରେ ବହୁମୁଖି କୃଷି ବିଜ୍ଞାନ କେନ୍ଦ୍ର ସ୍ଥାପନ ନ ହେବା। ୨୦୨୨-୨୩ ଆର୍ଥିକ ବର୍ଷରେ ବାଙ୍କିଆଠାରେ କେବଳ ପାଚେରୀ ମଧ୍ୟେ କୃଷି ବିଜ୍ଞାନ କେନ୍ଦ୍ର-୨, କୃଷି ବିଜ୍ଞାନ ଜନିତ ଗବେଷଣା କେନ୍ଦ୍ର ଏବଂ ଫାର୍ମସ ହଷ୍ଟେଲ କନଷ୍ଟ୍ରକସନ ଅଟକି ରହିଯାଇଛି। ଗୋଟିଏ ପଟେ ଏହି ବହୁମୁଖି ବିଜ୍ଞାନ ଉଦ୍ୟାନ କୃଷି କନଷ୍ଟ୍ରକସନ ନିର୍ମାଣ ନିମନ୍ତେ କେନ୍ଦ୍ର ସରକାରଙ୍କ ପ୍ରଦତ ବ୍ୟୟବରାଦ ଅନୁଦାନ ରାଶି ଓଡିଶା କୃଷି ବୈଷୟିକ ବିଶ୍ୱ ବିଦ୍ୟାଳୟରେ ଗଛିତ ଥିବାବେଳେ ଦୀର୍ଘ ୪ବର୍ଷ ହେଲାଣି କନଷ୍ଟ୍ରକସନ କାମ ସ୍ଥଗିତ ରହିଛି। ଏଥିସହ ବହୁମୁଖି ଉଦ୍ୟାନ କୃଷି ପ୍ରକଳ୍ପ ନିର୍ମାଣ ନିମନ୍ତେ ବାଙ୍କିଆଠାରେ ୫୦ଏକର ସରକାରୀ ଜମି ଅଛି। ମାତ୍ର ନିର୍ମାଣ କାର୍ଯ୍ୟ ନ ହେଉଥିବା ହେତୁ ରାଉରକେଲା କୃଷି ବିଜ୍ଞାନ କେନ୍ଦ୍ର ଅଧିନସ୍ଥ ୮ବ୍ଲକ ଯଥା ଲାଠିକଟା, କୁଆଁରମୁଣ୍ଡା, ବିଶ୍ରା, ନୂଆଗାଁ, ବଣେଇ, ଲହୁଣୀପଡ଼ା, ଗୁରୁଣ୍ଡିଆ ଓ କୋଏଡା ପ୍ରମୁଖ ଅଞ୍ଚଳର ହଜାର ହଜାର ଉଦ୍ୟାନ କୃଷକମାନଙ୍କର ଉଦ୍ୟାନ କୃଷି ଜନିତ ଜ୍ଞାନ କୁଶଳତା ହାସଲ କରିବା ରାସ୍ତା ପ୍ରଶସ୍ତ ହେଉନି। ଫଳରେ ୮ବ୍ଲକର ଉଦ୍ୟାନ କୃଷିଙ୍କ ଭାଗ୍ୟୋଦୟ ହୋଇ ପାରୁ ନ ଥିବା କୁହାଯାଉଛି। ଏନେଇ ବିଭାଗ ପକ୍ଷରୁ ସୁନ୍ଦରଗଡ଼ ଜିଲାପାଳ ଏବଂ ରାଉରକେଲା ଅତିରିକ୍ତ ଜିଲାପାଳଙ୍କୁ ମଧ୍ୟ ଅବଗତ କରାଯାଇଛି। ମାତ୍ର ଏଯାଏଁ ନାଁ ଏହି ସମସ୍ୟାର ସମାଧାନ ହୋଇପାରିଛି ନା ବିଭାଗକୁ କେନ୍ଦ୍ର ସ୍ଥାପନ ନିମନ୍ତେ ଅନ୍ୟତ୍ର ଜାଗା ମିଳିପାରିଛି। ଫଳରେ ପାନପୋଷ ଓ ବଣେଇ ଉପଖଣ୍ଡର ୮ଟି ବ୍ଲକ ଉଦ୍ୟାନ କୃଷିଙ୍କର ଉନ୍ନତି ଓ ପ୍ରଗତି ପାଇଁ କେନ୍ଦ୍ର ସାଜିବାକୁ ଥିବା ବହୁମୁଖି କୃଷି ବିଜ୍ଞାନ ପ୍ରକଳ୍ପ ଆଗଉ ନାହିଁ ଓ ସ୍ଥାନୀୟ ଅଞ୍ଚଳର ଉଦ୍ୟାନ ଚାଷୀଙ୍କର ଭାଗ୍ୟ ଉଦୟ ହୋଇ ପାରୁନାହିଁ। ଏଣୁ ଏଦିଗରେ ସରକାର ଏବଂ ପ୍ରଶାସନ ପକ୍ଷରୁ ବିହିତ ପଦକ୍ଷେପ ଗ୍ରହଣ ହେବା ଜରୁରୀ ହୋଇପଡିଛି ବୋଲି ଉଦ୍ୟାନ କୃଷି ମହଲରେ ଦାବି ହେଉଛି। ଏନେଇ ରାଉରକେଲା କୃଷି ବିଜ୍ଞାନ କେନ୍ଦ୍ର-୨ର ବରିଷ୍ଠ ବୈଜ୍ଞାନିକ ତଥା ବିଭାଗ ମୁଖ୍ୟ ଜୟନ୍ତ ପତିଙ୍କୁ ପଚାରିବାରୁ କହିଲେ, ଦୀର୍ଘ ୩ବର୍ଷ ହେଲା ବହୁମୁଖି ଉଦ୍ୟାନ କୃଷି ବିଜ୍ଞାନ ପ୍ରକଳ୍ପ ସ୍ଥାପନ ପାଇଁ ପର୍ଯ୍ୟାପ୍ତ ଅନୁଦାନ ରହିଛି। ମାତ୍ର ବାଙ୍କିଆରେ ମିଳିଥିବା ୫୦ଏକର ଜାଗାରେ କାମ ସ୍ଥାନୀୟ ଲୋକଙ୍କ ବିରୋଧ ଯୋଗୁ ଆଗେଇ ପାରୁନାହିଁ। ଏନେଇ ଆମେ ସରକାରଙ୍କୁ ଅନ୍ୟତ୍ର ଜାଗା ବ୍ୟବସ୍ଥା କରିବା ନେଇ ଲିଖିତ ଆକାରରେ ଜଣାଇ ସାରିଛୁ। ଆଗକୁ ସରକାର ଓ ପ୍ରଶାସନଙ୍କ ଦ୍ୱାରା ହିଁ ଏହାର ସମାଧାନ ହୋଇପାରିବ ଓ ଉପରୋକ୍ତ ୮ଟି ବ୍ଲକର ଉଦ୍ୟାନ ଚାଷୀଙ୍କୁ ଭାଗ୍ୟଦୋୟ ହୋଇପାରିବ ବୋଲି କହିଥିଲେ।

# ପାରା ଆଥଲେଟିକ୍ ଚାମ୍ପିୟନଶିପ୍ ଖେଳାଳିଙ୍କୁ ସମ୍ବର୍ଦ୍ଧନା



ରାଉରକେଲାରେ ରାଏମା କ୍ଲବ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଉଛି।

ରାଉରକେଲା,୨୫।୩(ସଙ୍ଗୀତା ଜେନା)

୨୪ତମ ଜାତୀୟ ପାରା ଅଥଲେଟିକ୍ ଚାମ୍ପିୟନଶିପ୍‌ରେ ରୌପ୍ୟପଦକ ହାସଲ କରିଥିବା ସୁନ୍ଦରଗଡ଼ ଲଙ୍ଗଜମ୍ପ ଖେଳାଳିଙ୍କୁ ରାଉରକେଲାରେ ବୁଧବାର ସମ୍ବର୍ଦ୍ଧିତ କରାଯାଇଛି। ସେକ୍ଟର-୭ ରାଉରକେଲା ୟଙ୍ଗମ୍ୟାନ ଆସୋସିଏସନ୍(ରାଏମା) କ୍ଲବ ପକ୍ଷରୁ ଏହି ସମ୍ବର୍ଦ୍ଧନା କରାଯାଇଛି। ଚଳିତ ମାସ ୧୭-୨୧ ପର୍ଯ୍ୟନ୍ତ ଓଡିଶା କଳିଙ୍ଗ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ହୋଇଥିବା ଉକ୍ତ ଚାମ୍ପିୟନଶିପ୍‌ରେ ସୁନ୍ଦରଗଡ଼ର ସ୍ୱାଧୀନ ମାହାର ଲଙ୍ଗ ଜମ୍ପ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ୬.୬୨ ମିଟର ଦୂରତା ଜମ୍ପ କରି ରୌପ୍ୟପଦକ ହାସଲ କରିଥିଲେ। ତାଙ୍କର କୃତକାର୍ଯ୍ୟ ପାଇଁ ରାଜ୍ୟ ସରକାର ଉପନିର୍ଦ୍ଦେଶକ ଖେଳବିଭାଗ ସୁଦୀପ୍ତ ନାୟକ, ଓଡ଼ିଶା ବକ୍ସିଂ ସଂଘର ସାଧାରଣ ସମ୍ପାଦକ ଅନୀଲ ବହିଦାର, ରାଉରକେଲା ଇସ୍ପାତ କାରଖାନା(ଆରଏସ୍‌ପି) କ୍ରୀଡ଼ା ବିଭାଗର ପ୍ରବନ୍ଧକ ରଘୁନନ୍ଦନ ପାଢ଼ୀ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି। ସୁନ୍ଦରଗଡ଼ ଖେଳକୁଦ ସଂଘର ସାଧାରଣ ସମ୍ପାଦକ ପ୍ରଭାତ ଭୋଳ, ସଭ୍ୟ ବିମଳ ବୋଷ, ଦୁର୍ଗାମାଧବ ନାୟକ, ପ୍ରଶାନ୍ତ ପଟେଲ, ଚିତ୍ତ ବହିଦାର ତଥା ରାଏମା କ୍ଲବର ସାଧାରଣ ସମ୍ପାଦକ ବାସୁଦେବ ବାନାର୍ଜୀ, ସଭାପତି ବିଷ୍ଣୁ ମହାନ୍ତି, ସନ୍ତୋଷ ଭୂୟାଁ, ରବିନ୍ଦ୍ର ଗଣ୍ଡ, ପ୍ରଦ୍ୟୁମ୍ନ ଭୂତିଆ, ଅରବିନ୍ଦ ନାୟକ, ସିମରନ୍ ଜୁଜୁର, ସମିତା ବାରିକ, ଓରିଜିନାଲ ପାୱାର କ୍ଲବର ସାଧାରଣ ସମ୍ପାଦକ ଓପି ସିଂହ, ଏନ୍‌ଆଇଏସ୍ କୋଚ ବିକ୍ରମ ଭୂୟାଁ ଆଦି ଖେଳାଳି ସ୍ୱାଧୀନଙ୍କୁ ଶୁଭେଚ୍ଛା ଜଣାଇଥିଲେ।

## ସଂକ୍ଷେପରେ

### ଆଇନଜୀବୀ ସତ୍ୟନାରାୟଣ ମହାପାତ୍ର ସମ୍ମାନିତ

ରାଉରକେଲା,୨୫।୩(ଦିନେଶ ମିଶ୍ର)

ରାଜ୍ୟ ପୋଲିସ ବିଭାଗ ପକ୍ଷରୁ ଭୁବନେଶ୍ୱର ପୋଲିସ ଭବନରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ରାଉରକେଲାର ବରିଷ୍ଠ ତଥା ସରକାରୀ ଆଇନଜୀବୀ ସତ୍ୟନାରାୟଣ ମହାପାତ୍ରଙ୍କୁ ସମ୍ମାନିତ କରାଯାଇଛି। ରାଉରକେଲା କୋର୍ଟରେ ଆଇନଜୀବୀ ମହାପାତ୍ର ବିଭିନ୍ନ ସମୟରେ ବିଭିନ୍ନ ସରକାରୀ ମୋକଦ୍ଦମାଗୁଡିକର ସୁପରିଚାଳନା ଓ ସଫଳତାରେ ଉଲ୍ଲେଖନୀୟ ଅବଦାନ ରହିଥିବାରୁ ତାଙ୍କୁ ଓଡିଶା ପୋଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ଏହି ପୁରସ୍କାର ପ୍ରଦାନ କରିଥିଲେ। ରାଉରକେଲାର ମହାପାତ୍ରଙ୍କ ବ୍ୟତୀତ ରାଜ୍ୟ ଅନ୍ୟ ୩ ଜଣ ସ୍ୱତନ୍ତ୍ର ସରକାରୀ ଓକିଲଙ୍କୁ ଏହି ଅବସରରେ ସମ୍ମାନିତ କରାଯାଇଛି। ମହାପାତ୍ର ପୂର୍ବରୁ ଅନେକ ଥର ରାଉରକେଲା ଓକିଲ ସଂଘର ସଭାପତି ଓ ଅନ୍ୟାନ୍ୟ ପଦପଦବୀରେ ନିର୍ବାଚିତ ହୋଇ ସୂଚାରରୂପେ ନିଜ ଦାୟିତ୍ୱ ନିର୍ବାହ କରିଥିଲେ। ସେ କିଛି ବର୍ଷ ଅତିରିକ୍ତ ସରକାରୀ ଓକିଲ ଭାବେ ମଧ୍ୟ କାମ କରିଛନ୍ତି।



ଗୋପବନ୍ଧୁପାଲୀ ପୋଖରୀରେ ବ୍ରତୀମାନେ ଉଦୟଗାମୀ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦେଉଛନ୍ତି।

# ଚୈତ୍ର ଛଟ୍ ପୂଜା ସମ୍ପନ୍ନ

ରାଉରକେଲା, ୨୫।୩(ସଙ୍ଗୀତା ଜେନା)

ଉତ୍ତରଭାରତୀୟଙ୍କ ଆସ୍ଥାର ପର୍ବ ବର୍ଷର ଦ୍ୱିତୀୟ ପାଳିରେ ହେଉଥିବା ଚୈତ୍ରମାସ ଛଟ୍ ପୂଜା ରବିବାରଠାରୁ ଆରମ୍ଭ ହୋଇ ବୁଧବାର ସକାଳେ ସମ୍ପନ୍ନ ହୋଇଛି। ରବିବାର ଏକ ବାର, ସୋମବାର ଖରନା ପରେ ମଙ୍ଗଳବାର ସନ୍ଧ୍ୟା ଅର୍ଘ୍ୟ ତଥା ବୁଧବାର ସକାଳ ୬ଟାରେ ଉଦିତ ରବିଙ୍କୁ ଅର୍ଘ୍ୟ ପରେ ପର୍ବ ସମାପନ ହୋଇଛି। ଏହି ଅବସରରେ ରାଉରକେଲାର ବିଭିନ୍ନ ସ୍ଥାନରୁ ବହୁ ସଂଖ୍ୟାରେ ବ୍ରତୀମାନେ ଏକତ୍ରିତ ହୋଇ ଉଦିତଗାମୀ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦେଇ ପରିବାର ଶୁଭମନାସି ଥିଲେ। ସେହିପରି ବେଦବ୍ୟାସ ରୁପୁଟୋଲା, ଝିରପାଣି ଆଦିତ୍ୟଘାଟ, ଗୋପବନ୍ଧୁପାଲୀ ଘାଟ ସମେତ ଜଳସ୍ରୋତ ସ୍ଥାନରେ ଏହି ପର୍ବ ପାଳନ କରାଯାଇଛି। ଘାଟ ସଫେଇ, ରାସ୍ତା ମରାମତି, ଅସ୍ଥାୟୀ ପୂଜାସାମଗ୍ରୀ ଦୋକାନ ଆୟୋଜନ, ବ୍ରତୀମାନଙ୍କୁ ବସିବା ବ୍ୟବସ୍ଥା ଆଦିର ବିଶେଷ ବ୍ୟବସ୍ଥା କରାଯାଇଛି। କେନ୍ଦ୍ରୀୟ ଛଟ୍ କମିଟି ସଦସ୍ୟ ଓ ଜିଲା ପ୍ରଶାସନ ଅଧିକାରୀ ତଥା ଜନପ୍ରତିନିଧିଙ୍କ ତତ୍ତ୍ୱାବଧାନରେ ଏହା ପାଳନ କରାଯାଉଛି। ସୂଚନାଯୋଗ୍ୟ, ରାଉରକେଲାରେ ଅଧିକ ସଂଖ୍ୟାରେ ଉତ୍ତରଭାରତୀୟ ବସବାସ କରୁଥିବା ଯୋଗୁ ଉକ୍ତ ପୂଜାର ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଇଥାଏ। କାର୍ତ୍ତିକ ମାସରେ ହେଉଥିବା ଛଟ୍ ପର୍ବ ଭଳି ଏଥିରେ ୩୬ଘଣ୍ଟା ନିର୍ଜଳା ଉପବାସ କରି ପର୍ବ ପାଳନ କରିଥାଏ ବ୍ରତୀ।

# ୨୮ରେ ବାହାରିବ ରାମନବମୀ ଆଖଡ଼ା ଶୋଭାଯାତ୍ରା

ରାଉରକେଲା, ୨୫।୩(ସଙ୍ଗୀତା ଜେନା): ମାର୍ଚ୍ଚ ୨୭ରେ ଶ୍ରୀ ରାମନବମୀ ଉତ୍ସବ ଅନୁଷ୍ଠିତ ହେଉଥିବାବେଳେ ରାଉରକେଲା ସହରର ବିଭିନ୍ନ ପୂଜା ମଣ୍ଡପରେ ଶ୍ରୀହନୁମାନଙ୍କ ସହ ଶ୍ରୀରାମଙ୍କ ପୂଜା ଅନୁଷ୍ଠିତ ହେବ। ମାର୍ଚ୍ଚ ୨୮ ତାରିଖ ଶ୍ରୀହନୁମାନ ଆଖଡା ଶୋଭାଯାତ୍ରା ରାଉରକେଲା ମୁଖ୍ୟ ରାସ୍ତାରେ ଆୟୋଜିତ ହେବାକୁ ରାଉରକେଲା ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏହାକୁ ଦୃଷ୍ଟିରେ ରଖି ବୁଧବାର ଅପରାହ୍ନ ୧ଟାରେ ରାଉରକେଲା ପୋଲିସ୍ ମୁଖ୍ୟାଳୟରେ ସମସ୍ତ ଆଖଡା କମିଟିର କର୍ମକର୍ତ୍ତାଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ରାଉରକେଲା ସହରର ବିଭିନ୍ନ ହନୁମାନ ଆଖଡା କମିଟିର କର୍ମକର୍ତ୍ତାମାନଙ୍କ ସହ ରାଉରକେଲା ଶାନ୍ତିକମିଟିର କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏହି ବୈଠକରେ ମୁଖ୍ୟ ଅତିଥି ଭାବରେ ପଶ୍ଚିମାଞ୍ଚଳ ରେଞ୍ଜ ପୋଲିସ୍ ଡିଆଇଜି ବ୍ରିଜେଶ କୁମାର ରାୟ, ରାଉରକେଲା ଆରକ୍ଷୀ ଅଧୀକ୍ଷକ ନିତେଶ ୱାଧୱାନୀ, ପାନପୋଷ ଉପଜିଲାପାଳ ବିଜୟ କୁମାର ନାୟକ, ରାଉରକେଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରାଜକିଶୋର ମିଶ୍ରଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଏବଂ ବିଭିନ୍ନ ପୋଲିସ ଥାନାର ଭାରପ୍ରାପ୍ତ ଅଧିକାରୀ (ଆଇଆଇସି) ପ୍ରମୁଖ ଉପସ୍ଥିତ ଥିଲେ। ଶ୍ରୀରାମନବମୀ ଉପଲକ୍ଷେ ହନୁମାନ ଆଖଡା ଶୋଭାଯାତ୍ରା ରାଜଗାଙ୍ଗପୁର ସହରରେ ମାର୍ଚ୍ଚ ୨୭ ତାରିଖ ଅନୁଷ୍ଠିତ ହେବାକୁ ପୋଲିସ୍ ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା ବେଳେ, ରାଉରକେଲା ସହରରେ ହନୁମାନ ଆଖଡା ଶୋଭାଯାତ୍ରା ମାର୍ଚ୍ଚ ୨୮ ଶନିବାର ଅନୁଷ୍ଠିତ ହେବ ବୋଲି ପୋଲିସ୍ ପ୍ରଶାସନ ପକ୍ଷରୁ ଏହି ବୈଠକରେ ପ୍ରକାଶ କରାଯାଇଛି। ମାର୍ଚ୍ଚ ୨୮ ତାରିଖ ଶନିବାର ଅପରାହ୍ନ ୧ଟାଠାରୁ ଶ୍ରୀ ହନୁମାନ ଆଖଡା ଶୋଭାଯାତ୍ରା ରାଉରକେଲା ମେନ୍ ରୋଡ (ମୁଖ୍ୟ ରାସ୍ତା)ରେ ଆରମ୍ଭ ହୋଇ ରାତି ୮ଟାରେ ଶେଷ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏଥିସହିତ ଶୋଭାଯାତ୍ରାରେ ଡିଜେକୁ ବାରଣ କରାଯାଇଛି ଏବଂ ଏହା ପରିବର୍ତ୍ତେ ସାଉଣ୍ଡ ବକ୍ସ ବଜାଇବା ପାଇଁ ନିଷ୍ପତ୍ତି ନିଆଯାଇଛି। ସହରର ମଦ ଦୋକାନଗୁଡିକୁ ମାର୍ଚ୍ଚ ୨୭ ଓ ୨୮ ବନ୍ଦ ନିଷ୍ପତ୍ତି ନିଆଯାଇଥିବା ବେଳେ ଆଖଡା ଶୋଭାଯାତ୍ରା ସମୟରେ କୌଣସି ବ୍ୟକ୍ତି ମଦ ପିଇବା ଦେଖାଗଲେ ତୁରନ୍ତ ପୋଲିସ୍ ହେପାଜତକୁ ନିଆଯିବ। ସମସ୍ତ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି ବୋଲି ପାନପୋଷ ଉପଜିଲାପାଳ ବିଜୟ କୁମାର ନାୟକ ସୂଚନା ପ୍ରଦାନ କରିଥିଲେ।

# ଦିବ୍ୟାଙ୍ଗ ଅନୁଷ୍ଠାନର ଗୋଷ୍ଠୀଭିତ୍ତିକ କାର୍ଯ୍ୟକ୍ରମରେ ଟାଟା ପାୱାର ସହଯୋଗୀ




ରାଉରକେଲା,୨୫।୩(ବିପ୍ଳବ ରଞ୍ଜନ ଦାଶ)

ଟାଟା ପାୱାର ସିଏସ୍ଆର୍ ଆର୍ଥିକ ସହାୟତାରେ ଶ୍ରଦ୍ଧା ଦ୍ୱାରା ପରିଚାଳିତ ଗୋଷ୍ଠୀ ଭିତ୍ତିକ କାର୍ଯ୍ୟକ୍ରମ ଏବେ ବିଶ୍ରା ବ୍ଲକରେ ସମ୍ପୂର୍ଣ୍ଣ ହେବାକୁ ଯାଉଛି। ଟିପିଡବ୍ଲ୍ୟୁଓଡିଲ (ଟାଟା ପାୱାର ପଶ୍ଚିମାଞ୍ଚଳ) ପଶ୍ଚିମ ଓଡ଼ିଶାର ପ୍ରାୟ ୩୦ ସାମାଜିକ ଅନୁଷ୍ଠାନ ଯେଉଁମାନେ ବିଭିନ୍ନ କ୍ଷେତ୍ରରେ ସିଏସ୍ଆର୍ ମାଧ୍ୟମରେ ବିଭିନ୍ନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ, ସେମାନଙ୍କୁ ନେଇ ଏକ ପରିସଂଖ୍ୟାନ କରି ସେମାନଙ୍କର ଉତ୍କୃଷ୍ଟ ସେବା ପାଇଁ ସମ୍ମାନ ଓ ପୁରସ୍କାର ବିତରଣ କରିଥିଲେ। ଏହି କ୍ରମରେ ଶ୍ରଦ୍ଧା ଦିବ୍ୟାଙ୍ଗ ଅନୁଷ୍ଠାନ ଗୋଷ୍ଠୀ ଭିତ୍ତିକ କାର୍ଯ୍ୟକ୍ରମରେ ଉତ୍କୃଷ୍ଟ ପରିଚାଳନା ପାଇଁ ପୁରସ୍କାର ଟାଟା ପାୱାରର ରାଜ୍ୟ ସିଏସ୍ଆର୍‌ର ମୁଖ୍ୟଙ୍କଠାରୁ ଗ୍ରହଣ କରିଛନ୍ତି। ଆଗକୁ ସମୁଦାୟ ସୁନ୍ଦରଗଡ଼ ଜିଲାରେ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରି ଦିବ୍ୟାଙ୍ଗମାନଙ୍କର ସମସ୍ୟା ସମାଧାନ ପାଇଁ ତଥା ସେମାନଙ୍କର ଅଧିକାର ଦେବା ପାଇଁ ମିଳିତ ସହଯୋଗରେ କାର୍ଯ୍ୟ କରିବ ବୋଲି ଶ୍ରଦ୍ଧାର ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ପାଣ୍ଡବ ଉଲ୍ଲେଖ କରିଛନ୍ତି।

# ଉତ୍କର୍ଷର ପାଦଚିହ୍ନ ଛାଡ଼ିଯିବାକୁ ଆର୍‌ଏସ୍‌ପି ପ୍ରାକ୍ତନ ସିଇଓଙ୍କ ପରାମର୍ଶ

ରାଉରକେଲା,୨୫।୩(ବିପ୍ଳବ ରଞ୍ଜନ ଦାଶ)



ଜ୍ଞାନାର୍ଜନ ଓ ବିକାଶ ବିଭାଗରେ ଆୟୋଜିତ କାର୍ଯ୍ୟକ୍ରମରେ ଆର୍‌ଏସ୍‌ପି କର୍ମଚାରୀ।

ଜୀବନର ପ୍ରତ୍ୟେକ କ୍ଷେତ୍ରରେ ଉତ୍କର୍ଷର ପାଦଚିହ୍ନ ଛାଡିଯିବାକୁ ଆର୍‌ଏସ୍‌ପିର ପ୍ରାକ୍ତନ ସିଇଓ ଦୀପକ ଚଟ୍ଟରାଜ କାରଖାନା ସାମୂହିକଙ୍କୁ ପରାମର୍ଶ ଦେଇଛନ୍ତି। ଚଟ୍ଟରାଜ ଆର୍‌ଏସ୍‌ପି ଅନ୍ତର୍ଗତ ଜ୍ଞାନାର୍ଜନ ଓ ବିକାଶ ବିଭାଗରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ନିଜ ଅଭିଜ୍ଞତା ବାଣ୍ଟିଥିଲେ। ଏହି ଅବସରରେ ଏମ୍‌ଡି ସିଏମ୍ଏଲ୍‌ଓ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବି.କେ.ଗିରି, କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବି.ଆର. ପଲାଇ, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଅନିଲ କୁମାର, ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏମ୍‌ପି ସିଂହଙ୍କ ସହ କାରଖାନାର ବହୁ ସିଜିଏମ୍ ଏବଂ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଚଟ୍ଟରାଜ ସିଇଓ ଭାବରେ, କୋଭିଡ୍-୧୯ ମହାମାରୀ ସମୟରେ ତାଙ୍କ କାର୍ଯ୍ୟକାଳ ଏକ ଅଭୂତପୂର୍ବ ଆହ୍ୱାନ ଥିଲା ବୋଲି ଉଲ୍ଲେଖ କରି, ଆର୍‌ଏସ୍‌ପି ସାମୂହିକ କିପରି ସବୁ ପ୍ରତିକୂଳତାକୁ ସଫଳତାରେ ପରିଣତ କରିଥିଲେ ସେ ସମ୍ବନ୍ଧରେ ବିସ୍ତୃତ ଭାବରେ କହିଥିଲେ। ସେ ଆଉ ମଧ୍ୟ ବିଶ୍ୱ ସଙ୍କଟ ସତ୍ତ୍ୱେ, କାରଖାନା କେବଳ ନୂତନ ଉତ୍ପାଦନ ମାନଦଣ୍ଡ ସ୍ଥାପନ କରି ନ ଥିଲା ବରଂ ପ୍ରତ୍ୟେକ କ୍ଷେତ୍ରରେ ଉତ୍କର୍ଷ ହାସଲ କରିଥିଲା ବୋଲି ଉଲ୍ଲେଖ କରିଥିଲେ। ସେହି ସମୟରେ ଜଟିଳ ପ୍ରଯୁକ୍ତିବିଦ୍ୟା ଏବଂ ପରିଚାଳନାଗତ ବାଧାଗୁଡ଼ିକୁ ଦୂର କରିବା ପାଇଁ କିପରି ଅଣପାରମ୍ପରିକ ରଣନୀତି ଅତ୍ୟାବଶ୍ୟକ ଥିଲା ସେ ତାହା ବ୍ୟାଖ୍ୟା ମଧ୍ୟ କରିଥିଲେ। ସେ ଏହି ଅବସରରେ ଅଧିକାରୀଙ୍କୁ ଦୃଢ଼ ମନୋଭାବ ଏବଂ ନିରନ୍ତର ଶିକ୍ଷା ପ୍ରତି ପ୍ରତିବଦ୍ଧତାର ସହ ନେତୃତ୍ୱ ନେବାକୁ ଉତ୍ସାହିତ କରିଥିଲେ। ଆତ୍ମବିଶ୍ୱାସ, ନିଷ୍ଠା ଏବଂ କାରଖାନାର ଉନ୍ନତି ପ୍ରତି ଏକାତ୍ମ ଭାବନା ହେଉଛି ପରିବର୍ତ୍ତନକାରୀ ନେତୃତ୍ୱର ପ୍ରମୁଖ ଲକ୍ଷଣ ବୋଲି ଉଲ୍ଲେଖ କରିଥିଲେ। ଅଭିଜ୍ଞତା ଆଦାନ ପ୍ରଦାନ ଅଧିବେଶନ ଜ୍ଞାନାର୍ଜନ ଓ ବିକାଶ ବିଭାଗର ଜିଏମ ହୃଦାନନ୍ଦ ପତିଙ୍କ ସ୍ୱାଗତ ଭାଷଣରୁ ଆରମ୍ଭ ହୋଇଥିଲାବେଳେ ବିଭାଗର ଜିଏମ ପି.କେ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ପଞ୍ଚାୟତର ବିଜୁଳି, ଜଳଯୋଗାଣ ବିଲ୍ ସରକାର ବହନ କରନ୍ତୁ

ରାଉରକେଲା,୨୫।୩(ବିପ୍ଳବ ରଞ୍ଜନ ଦାଶ)

## ଜିଲା ସରପଞ୍ଚ ସଂଘ ପକ୍ଷରୁ ଉଠିଲା ଦାବି

ସୁନ୍ଦରଗଡ଼ ଜିଲା ସରପଞ୍ଚମାନଙ୍କୁ ଘାରିଛି ପଞ୍ଚାୟତର ବିଜୁଳି ଓ ପାନୀୟ ଜଳ ବିଲ୍ ଚିନ୍ତା। ଆସନ୍ତା ୩୧ ତାରିଖ ସୁଦ୍ଧା ୫୦% ବିଲ୍ ପଇଠ କରିବାକୁ ଚିଠି ଆସିବାପରେ ସରପଞ୍ଚମାନେ କେଉଁଠୁ ଅର୍ଥ ଯୋଗାଡ଼ କରିବେ, ତାକୁ ନେଇ ଚିନ୍ତାରେ ପଡିଛନ୍ତି। ପଞ୍ଚାୟତରେ ଆବଶ୍ୟକ ପାଣ୍ଠି ନ ଥିବାରୁ ସରକାର ଏହି ଅର୍ଥ ବହନ କରିବାକୁ ସେମାନେ ସୁନ୍ଦରଗଡ଼ ଜିଲାପାଳଙ୍କୁ ମଙ୍ଗଳବାର ନିବେଦନ କରିଛନ୍ତି। ଜିଲା ସରପଞ୍ଚ ସଂଘର ଉପସଭାପତି ତଥା ଝିରପାଣି ସରପଞ୍ଚ ଅଜିତ ତିର୍କୀଙ୍କ ନେତୃତ୍ୱରେ ତ୍ରିଲୋଚନ ପ୍ରଧାନ, ଦୁଲରତି ଗୁଡିଆ, ଗଣେଶ ପ୍ରଧାନ, ସ୍ୱର୍ଣ୍ଣ ମାଝି, ସୁଧୀର ମିଞ୍ଜ ଓ ଭୁବନ କୁଜୁର ପ୍ରମୁଖ ସୁନ୍ଦରଗଡ଼ ଜିଲାପାଳ ଡା. ଶୁଭଙ୍କର ମହାପାତ୍ରଙ୍କୁ ସାକ୍ଷାତ କରି ୨୦୨୬ ଆର୍ଥିକ ବର୍ଷର ଅନୁଦାନ ସମ୍ପର୍କରେ ଆଲୋଚନା କରିଛନ୍ତି। ସେମାନେ ଉପରୋକ୍ତ ଅନୁଦାନ ୨୦୨୫-୨୬ରେ ପଞ୍ଚାୟତମାନଙ୍କୁ ବିଳମ୍ବରେ ଦିଆ ଯାଇଥିବା ସତ୍ତ୍ୱେ ଅନେକ ଉନ୍ନତିମୂଳକ କାମ କରାଯାଇଛି। ମାତ୍ର ଗୋଷ୍ଠୀ ଉନ୍ନୟନ ଅଧିକାରୀମାନେ ପ୍ରଥମେ ବିଦ୍ୟୁତ୍ ବିଲ୍ ପୈଠ କର, ତା'ପରେ ବିଲ୍ ଦିଆଯିବ ବୋଲି କହୁଛନ୍ତି। ଯଦି ବିଜୁଳି ଓ ପାନୀୟଜଳ ଯୋଗାଣ ବିଲ୍ ୫୦% ଦିଆଯାଏ, ପଞ୍ଚାୟତଗୁଡିକର ଉନ୍ନୟନମୂଳକ କାମ ହୋଇପାରିବ ନାହିଁ। ତୁରନ୍ତ ସମସ୍ୟାର ସମାଧାନ ନ ହେଲେ ପୁଣିଥରେ ସରପଞ୍ଚମାନେ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ ହେବା ସହିତ ସରକାରୀ କାର୍ଯ୍ୟରେ ଅସହଯୋଗ କରିବେ ବୋଲି ଚେତାବନୀ ଦେଇଛନ୍ତି।

# ହନୁମାନ ବାଟିକା ମୁଖ୍ୟରାସ୍ତାରୁ ହଟିବ ଯାନବାହନ ପାର୍କିଂ

ରାଉରକେଲା, ୨୫।୩(ସଙ୍ଗୀତା ଜେନା): ଇସ୍ପାତ ସହରର ଏକ ପରିଚୟ ପାଲଟିଥିବା ହନୁମାନ ବାଟିକାରେ ସମ୍ପ୍ରତି ପାର୍କିଂ ଅବ୍ୟବସ୍ଥା ମୁଣ୍ଡବିନ୍ଧାର କାରଣ ପାଲଟିଥିଲା। ପ୍ରାୟ ୧୨ ଏକର ଜମି ଉପରେ ନିର୍ମିତ ହନୁମାନ ବାଟିକାକୁ ଦୈନିକ ହଜାର ହଜାର ସଂଖ୍ୟାରେ ରାଜ୍ୟ ଓ ରାଜ୍ୟ ବାହାରୁ ଶ୍ରଦ୍ଧାଳୁ ଆସିଥାନ୍ତି। ରାଉରକେଲା ସହର ବାହାରକୁ ଥିବା ମୁଖ୍ୟରାସ୍ତାକଡରେ ଥିବା ହନୁମାନ ବାଟିକାରେ ଟ୍ରାଫିକ୍ ମୁଖ୍ୟ ସମସ୍ୟା ହୋଇଥାଏ। ଭାରିଯାନ, ବସ, ହଜାର ହଜାର ସଂଖ୍ୟାରେ ଯାନବାହନ ଏହି ରାସ୍ତାଦେଇ ସହର ବାହାରକୁ ଯାଆସ କରିଥାନ୍ତି। ବିଭିନ୍ନ ସମୟରେ ସଡ଼କ ଦୁର୍ଘଟଣାର ମଧ୍ୟ ନଜିର ରହିଛି। ଅଧିକ ପାର୍କିଂ ଯୋଗୁ ଉକ୍ତ ରାସ୍ତା ସଂକୀର୍ଣ୍ଣ ହୋଇଯାଉଥିଲା। ଏହି ପାର୍କିଂ ବ୍ୟବସ୍ଥାକୁ ସୁଧାରିବା ପାଇଁ ମନ୍ଦିର କର୍ତ୍ତୃପକ୍ଷ ରାସ୍ତାକଡରେ ପାର୍କିଂ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏ ନେଇ ବୁଧବାର ଅପରାହ୍ନ ୧ଟାରେ ହନୁମାନ ବାଟିକା ପରିସରରେ ଥିବା ସମ୍ମିଳନୀ କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଇଛି। ଏଥିରେ ଜୟହନୁମାନ ସମିତି ଚାରିଟେବୁଲ ଟ୍ରଷ୍ଟର ଅଧ୍ୟକ୍ଷ ଦିଲ୍ଲୀପ ରାୟଙ୍କ ନିର୍ଦ୍ଦେଶକ୍ରମେ ପାର୍କିଂ ସୁଧାରିବାପାଇଁ ବିକଳ୍ପ ରାସ୍ତା ବଛାଯାଇଥିବା କୁହାଯାଇଛି। ଟ୍ରଷ୍ଟର ସମ୍ପାଦକ ସୁବ୍ରତ ପଟ୍ଟନାୟକ, ଗଣେଶ ବାଗାଡିଆ, ସଜ୍ଜନ ଖୈତାନ, ଏମ୍ ଦିନକର, ପ୍ରମୋଦ ନାଡୁଲ୍ୟ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ସମ୍ପାଦକ ପଟ୍ଟନାୟକ କହିଲେ, ଏହି ନୂତନ ବ୍ୟବସ୍ଥା ରାମନବମୀ ପବିତ୍ର ଅବସରରେ କାର୍ଯ୍ୟକାରୀ ହେବ।

# ଜାତୀୟ ଶିକ୍ଷାନୀତି ଦୃଷ୍ଟିକୋଣକୁ ପ୍ରୟୋଗରେ ପରିଣତ ଶୀର୍ଷକ କର୍ମଶାଳା

ରାଉରକେଲା,୨୫।୩(ବିପ୍ଳବରଞ୍ଜନ ଦାଶ)

ରାଉରକେଲା ସେକ୍ଟର-୨ ସ୍ଥିତ ସୁଶୀଳାବତୀ ସରକାରୀ ମହିଳା ମହାବିଦ୍ୟାଳୟଠାରେ ବୁଧବାର ଜାତୀୟ ଶିକ୍ଷାନୀତି ୨୦୨୦ଦୃଷ୍ଟିକୋଣକୁ ପ୍ରୟୋଗରେ ପରିଣତ କରିବା ଶୀର୍ଷକ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କର୍ମଶାଳା ମହାବିଦ୍ୟାଳୟର ବିଭାଗୀୟ ମୁଖ୍ୟ ତଥା ଅଧକ୍ଷା ଇପସିବା ଏକ୍କାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। କର୍ମଶାଳାରେ ମୁଖ୍ୟବକ୍ତା ଭାବେ ଡ. ପର୍ଶୁରାମ ମିଶ୍ର ଅଗ୍ରଣୀ ଶିକ୍ଷାନୁଷ୍ଠାନ, ସମ୍ବଲପୁରର ପୂର୍ବତନ ଅଧକ୍ଷ ଡ. ଦିବାକର ଷଡଙ୍ଗୀ ଯୋଗଦାନ




କର୍ମଶାଳାରେ ମହାବିଦ୍ୟାଳୟର ଅଧକ୍ଷା ଇପସିବା ଏକ୍କାଙ୍କ ସହ ଛାତ୍ରୀ ଏବଂ ଅତିଥି।

କରିଥିଲେ। ସମ୍ମାନିତ ଅତିଥି ଭାବେ ଡ.ମାନସ ବେହେରା, ଈଶ୍ୱର ମେହେର ଓ ପ୍ରକାଶ ସୋରେଙ୍ଗ ଯୋଗ ଦେଇଥିଲେ। ଏନେଇ ମୁଖ୍ୟବକ୍ତା କର୍ମଶାଳାରେ ନୂତନ ଶିକ୍ଷାନୀତି ୨୦୨୦କୁ ଉଚ୍ଚ ଶିକ୍ଷାରେ ପ୍ରୟୋଗ କରିବା ଉପାୟ ଏବଂ ଏହାର ପ୍ରୟୋଗ, ଲକ୍ଷ୍ୟ ଓ ଶିକ୍ଷା ପ୍ରଣାଳୀରେ ଏହା ଉପରେ ପଡୁଥିବା ପ୍ରଭାବ ଉପରେ ବିସ୍ତୃତ ମାର୍ଗଦର୍ଶନ ଦେଇଥିଲେ। ସମ୍ମାନିତ ଅତିଥିମାନେ କର୍ମଶାଳା ଶୀର୍ଷକ ପ୍ରସଙ୍ଗ ମଧ୍ୟରେ ରହିଥିବା ବିଧେୟ ଓ ଆଇନଗତ ବ୍ୟବସ୍ଥା ବିଷୟରେ ମାଗଦର୍ଶନ ପ୍ରଦାନ କରିଥିଲେ। ଏହି କର୍ମଶାଳାରେ ମହାବିଦ୍ୟାଳୟର ସ୍ନାତକ ଓ ସ୍ନାତକୋତ୍ତର ବର୍ଗର ଅଧ୍ୟାପିକା, ଅଧ୍ୟାପକ ଏବଂ ଛାତ୍ରୀମାନେ ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ। ବିଭାଗୀୟ ଅଧ୍ୟାପକ ଜୟରାମ କର୍ଣ୍ଣ, ଅଧ୍ୟାପିକା ମିତାଲିରାଣୀ ପାତ୍ର ଏବଂ ସ୍ୱର୍ଣ୍ଣଲତା ସୁତାର କର୍ମଶାଳା ଆୟୋଜନରେ ପୂର୍ଣ୍ଣ ସହଯୋଗ କରିଥିଲେ।

## ରାଧାକୃଷ୍ଣ ମନ୍ଦିର ପୂଜା କମିଟି ପକ୍ଷରୁ କଳସ ଶୋଭାଯାତ୍ରା

ବଲାଙ୍ଗୀର,(ବୀରେନ୍ଦ୍ର କୁମାର ଝାଙ୍କର): ବଲାଙ୍ଗୀର ସୁଦପଡାସ୍ଥିତ ରାଧାକୃଷ୍ଣ ମନ୍ଦିର ପୂଜା କମିଟି ପକ୍ଷରୁ ଚତୁର୍ଥ ଚବିଶ ପ୍ରହରୀ ନାମଯଜ୍ଞ ବୁଧବାରଠାରୁ ଆରମ୍ଭ ହୋଇଛି। ଏହି ଉପଲକ୍ଷେ ଅପରାହ୍ଣରେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ସୁଦପଡା ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣରୁ କଳସ ଶୋଭାଯାତ୍ରା ବାହାରିଥିଲା। ଏଥିରେ ନାମଯଜ୍ଞ କର୍ତ୍ତା ବାସନ୍ତୀ ବେହେରା ଓ ଦୁର୍ଗା ଚରଣ ବେହେରାଙ୍କ ସମେତ ବଲାଙ୍ଗୀର ପୌରାଧ୍ୟକ୍ଷା ଲିକା ସାହୁ, ଅନ୍ୟତମ କର୍ତ୍ତା ଲତା ଖରସେଲ ଓ ସୁବଳ ଚନ୍ଦ୍ର ଖରସେଲ, ରଜନୀ ସାହୁ ଓ ସୂର୍ଯ୍ୟ ସାହୁଙ୍କ ସମେତ ଶତାଧିକ ମହିଳା ଓ ପୁରୁଷ ସାମିଲ ଥିଲେ। କରାଯାଇଥିଲା।

## ସଂକ୍ଷେପରେ

### ସ୍କୁଲରେ ଖଡି ଛୁଆଁ ପାଇଁ ନିମନ୍ତ୍ରଣପତ୍ର ବଣ୍ଟନ



**ଲୋଇସିଂହା, ୨୫।୩(ସୁଶାନ୍ତ ବାରିକ)**

ନୂତନ ଶିକ୍ଷାନୀତି ୨୦୨୦ ଅନୁଯାୟୀ ଗତବର୍ଷଠାରୁ ଗଣଶିକ୍ଷା ବିଭାଗ ପକ୍ଷରୁ ରାଜ୍ୟର ସମସ୍ତ ପ୍ରାଥମିକ ବିଦ୍ୟାଳୟରେ ଶିଶୁ ବାଟିକା ଆରମ୍ଭ ହୋଇଯାଇଛି । ଶିକ୍ଷାବର୍ଷ ୨୦୨୬-୨୭ ପାଇଁ ଯେଉଁ ପିଲାଙ୍କୁ ଆସନ୍ତା ସେପ୍ଟେମ୍ବର ୨୬ ସୁଦ୍ଧା ୫ବର୍ଷରୁ ଅଧିକ ବୟସ ହୋଇଥିବ ତାଙ୍କୁ ଶିଶୁ ବାଟିକା ଓ ୬ ବର୍ଷରୁ ଅଧିକ ବୟସର ପିଲାଙ୍କୁ ପ୍ରଥମ ଶ୍ରେଣୀରେ ନାମ ଲେଖାଇବାକୁ ଏପ୍ରିଲ ୨ରେ ସ୍କୁଲରେ ଖଡି ଛୁଆଁ ହେବ । ଏହି କ୍ରମରେ ଆଗଲପୁର ବ୍ଲକ ଡୁଡୁକାରେ ବିଇଓ ଶ୍ୟାମ ମେହେର, ସିଆରସିସି ରୋହିତ ପଧାନ, ପ୍ରଧାନ ଶିକ୍ଷୟିତ୍ରୀ ବବିତା ବାଗ ଅଭିଭାବକମାନଙ୍କୁ ନିମନ୍ତ୍ରଣ ପତ୍ର ବଣ୍ଟନ କରିଛନ୍ତି । ସେହିପରି ଲୁହୁରାମୁଣ୍ଡା ଗାଁରେ ଏବିଡିଓ ରଜନୀକାନ୍ତ ସାହୁ, ପ୍ରଧାନ ଶିକ୍ଷକ ଜୟଦେବ ମହାକୁର ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ଓ ଶିକ୍ଷକ ଘରକୁ ଘର ଯାଇ ଅଭିବାବକଙ୍କୁ ନିମନ୍ତ୍ରଣ ପତ୍ର ବଣ୍ଟନ କରିଥିଲେ।

### ବାଇକ୍ ଚୋରି ଉଦ୍ୟମ ପଣ୍ଡ: ଯୁବକଙ୍କୁ ପୋଲିସ ଜିମା

**ଲୋଇସିଂହା, ୨୫।୩(ସୁଶାନ୍ତ ବାରିକ)**

ଲୋଇସିଂହା ଥାନା ବୁର୍ଡାସ୍ଥିତ ଲୋଇସିଂହା ଅଗ୍ନିଶମ ବିଭାଗ କାର୍ଯ୍ୟାଳୟରୁ ବୁଧବାର ଜଣେ ଯୁବକ ଏକ ବାଇକ୍ ଚୋରି କରିବାକୁ ଉଦ୍ୟମ କରି ବିଫଳ ହୋଇଛି। ସମ୍ପୃକ୍ତ ଯୁବକଙ୍କୁ କର୍ମଚାରୀମାନେ କାବୁ କରି ସ୍ଥାନୀୟ ପୋଲିସ ଜିମା ଦେଇଥିବା ଜଣାପଡିଛି ।

ପ୍ରକାଶ ଯେ, ବୁଧବାର ଅପରାହ୍ନ ସମୟରେ ଜଣେ ଯୁବକ ଉକ୍ତ କାର୍ଯ୍ୟାଳୟ ପରିସରକୁ ପଶି ଥିଲେ। ସେଠାରେ କେତେଜଣ କର୍ମଚାରୀଙ୍କ ବାଇକ୍ ରହିଥିଲା। ଯୁବକ ଜଣକ ସେଠାରେ ଥିବା ଏକ ବାଇକ୍‌କୁ ଚୋରି କରିବା ପାଇଁ ଉଦ୍ୟମ କରିବା ବେଳେ କେହି ଜଣେ ଷ୍ଟାଫ ଚାଲି ଆସିବାରୁ ସେ ସେଠାରୁ ଫେରାର ହେବାକୁ ଉଦ୍ୟମ କରିଥିଲେ। ଅଗ୍ନିଶମ କର୍ମଚାରୀ ସମ୍ପୃକ୍ତ ଯୁବକଙ୍କୁ ଉକ୍ତ କାର୍ଯ୍ୟାଳୟ ନିକଟ ଜଣେ ବ୍ୟକ୍ତିଙ୍କ ଘରୁ ଉଦ୍ଧାର କରି ଲୋଇସିଂହା ଥାନା ଅଧିକାରୀଙ୍କୁ ଜଣାଇଥିଲେ। ପରେ ପୋଲିସ ପହଞ୍ଚି ଯୁବକଙ୍କୁ ଥାନାକୁ ନେଇଥିଲା।

### ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଅଭିଭାବକ ସମ୍ମିଳନୀ

**ଖପ୍ରାଖୋଲ, ୨୫।୩(ଅଭୟ ତ୍ରିପାଠୀ)**

ସ୍ଥାନୀୟ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିସରରେ ଅଭିଭାବକ ଶିକ୍ଷକ ସମ୍ମିଳନୀ ବିଦ୍ୟାଳୟ ଅଧକ୍ଷା ସରିତା ନାଏକଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଆଗାମୀ ଶିକ୍ଷାବର୍ଷରେ ଷଷ୍ଠ ଶ୍ରେଣୀ ପାଇଁ ତାଲିକାଭୁକ୍ତ ଛାତ୍ରୀଛାତ୍ରଙ୍କ ଅଭିଭାବକମାନଙ୍କୁ ବିଦ୍ୟାଳୟରେ ନାମ ଲେଖା ପାଇ ଆବଶ୍ୟକ କାଗଜପତ୍ର, ବିଭିନ୍ନ ପ୍ରମାଣପତ୍ର, ଶ୍ରେଣୀ ଉତ୍ତୀର୍ଣ୍ଣ ପ୍ରମାଣପତ୍ର ଆଦି ଉପରେ କୁହାଯାଇଥିଲା। ଜୁନେସ ସାହୁ, ରୋମିଓ ସାହୁ, ଦମୟନ୍ତୀ ମହାରଣା ପ୍ରମୁଖ ଶିକ୍ଷୟିତ୍ରୀ ଶିକ୍ଷକ, ଅଭିଭାବକ ଯୋଗ ଦେଇଥିଲେ।

### କୋଶଲି କବି କ୍ଷୀରୋଦଙ୍କ ପିତୃ ବିୟୋଗ

**ପାଟଣାଗଡ଼, ୨୫।୩(ସଚ୍ଚିଦାନନ୍ଦ ମହାକୁର)**

ବଲାଙ୍ଗୀର ଜିଲା ପାଟଣାଗଡ଼ ବ୍ଲକ ଦେଉଳ ଗାଁ ପଞ୍ଚାୟତ ବରପିଟା ଗ୍ରାମର ଯୁବ କୋଶଲି କବି କ୍ଷୀରୋଦ କୁମାର ସାହୁଙ୍କ ପିତା ସୀତାରାମ ସାହୁ (୭୦)ଙ୍କ ପରଲୋକ ହୋଇଯାଇଛି। ସ୍ୱର୍ଗତ ସାହୁ ବଲାଙ୍ଗୀର ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କରେ ଦୀର୍ଘ ଦିନ ଧରି ସମିତି ସମ୍ପାଦକ ତଥା କ୍ଷେତ୍ର ପରିଦର୍ଶକ ଭାବେ କାର୍ଯ୍ୟ କରି ୨୦୧୮ରେ ଅବସର ଗ୍ରହଣ କରିଥିଲେ। ଅବସର ପରେ ସେ ବିଭିନ୍ନ ଧର୍ମାନୁଷ୍ଠାନରେ ଜଡିତ ରହି ପ୍ରମୁଖ ଭୂମିକା ଗ୍ରହଣ କରୁଥିଲେ। ସେ ଜଣେ ମିଷ୍ଟଭାଷୀ, ପରୋପକାରୀ , ସାମାଜିକ କର୍ମୀ ଓ କଳାକାର ଭାବେ ଜଣାଶୁଣା ଥିଲେ। ତାଙ୍କର ଜ୍ୟେଷ୍ଠ ପୁତ୍ର କୋଶଲି କବି କ୍ଷୀରୋଦ ମୁଖାଗ୍ନି ଦେଇଥିଲେ । ସୀତାରାମଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

# ଶ୍ରୀରାମ ନବମୀ ପୂର୍ବରୁ ପୋଲିସର ଫ୍ଲାଗ୍‌ମାର୍ଚ୍ଚ

**ବଲାଙ୍ଗୀର, ୨୫।୩(ବୀରେନ୍ଦ୍ର କୁମାର ଝାଙ୍କର)**

ଶ୍ରୀରାମ ନବମୀ ଓ ହନୁମାନ ଜୟନ୍ତୀକୁ ଶାନ୍ତିଶୃଙ୍ଖଳାର ସହ ପାଳନ ପାଇଁ ବୁଧବାର ସନ୍ଧ୍ୟାରେ ବଲାଙ୍ଗୀର ପୋଲିସ ପକ୍ଷରୁ ଫ୍ଲାଗମାର୍ଚ୍ଚ କରାଯାଇଛି। ବଲାଙ୍ଗୀର ଏସ୍‌ପି ଅଭିଲାଷ ଜିଙ୍କ ନିର୍ଦ୍ଦେଶକ୍ରମେ ଟାଉନ ଥାନାରୁ ଫ୍ଲାଗମାର୍ଚ୍ଚ ଆରମ୍ଭ ହୋଇ ସହର ପରିକ୍ରମା କରିଥିଲା। ଟାଉନ ଥାନାରୁ ଆଡିଶନାଲ ଏସ୍‌ପି ଗୁଣନିଧି ମଲ୍ଲିକ ଏବଂ ହିମାଂଶୁ ବେହେରା, ସଦର ଏସ୍‌ଡିପିଓ ସରୋଜ ଉପାଧ୍ୟାୟ, ଟାଉନ ଥାନା ଆଇଆଇସି ଅବନୀ ସାହୁଙ୍କ ସମେତ ୧୫ ଜଣ ପୋଲିସ ଅଧିକାରୀ ଏବଂ ୨ ପ୍ଲାଟୁନ୍ ପୋଲିସ ଫୋର୍ସ ଫ୍ଲାଗମାର୍ଚ୍ଚରେ ବାହାରି କଚେରୀ ଛକ,



ବଲାଙ୍ଗୀର ସହରରେ ବୁଧବାର ସନ୍ଧ୍ୟାରେ ପୋଲିସ ପକ୍ଷରୁ ଫ୍ଲାଗମାର୍ଚ୍ଚ କରାଯାଉଛି।

ପୁରୁଣା ସରକାରୀ ବସଷ୍ଟାଣ୍ଡ, ପାଟଣା ହୋଟେଲ ଛକ, ସମଲେଶ୍ୱରୀ ମନ୍ଦିର ଛକ, ଡେଲିମାର୍କେଟ, ବିକ୍ରମ ଛକ, ପିପି ଏକାଡେମୀ ଛକ, ଭାଗିରଥି ଛକ ଦେଇ ପରିକ୍ରମା କରିଥିଲେ। ଅତିରିକ୍ତ ଏସ୍‌ପି ମଲ୍ଲିକ ଗଣମାଧ୍ୟମକୁ କହିଛନ୍ତି, ଆସନ୍ତା ଶ୍ରୀରାମ ନବମୀ ଏବଂ ହନୁମାନ ଜୟନ୍ତୀକୁ ଆଖି ଆଗରେ ରଖି ଏହି ଫ୍ଲାଗମାର୍ଚ୍ଚ କରାଯାଉଛି। ସହରରେ କିଭଳି ଭାଇଚାରା ପ୍ରତିଷ୍ଠା ହେବ ସେନେଇ ବାର୍ତ୍ତା ଦିଆଯାଉଛି। ଲୋକେ କିଭଳି ଆଇନ ହାତକୁ ନେବେ ନାହିଁ ସେ ଦିଗରେ ସଚେତନ କରାଯାଉଛି ବୋଲି କହିଥିଲେ। ଶାନ୍ତି ଓ ଭାଇଚାରା ପ୍ରତିଷ୍ଠାକୁ ଅଧିକ ଗୁରୁତ୍ୱ ଦେବାକୁ ପୋଲିସ ପକ୍ଷରୁ ଗୁରୁତ୍ୱାରୋପ କରାଯାଇଛି।

# ରକ୍ତହୀନତା ନିରାକରଣ ସ୍ୱାସ୍ଥ୍ୟ ଶିବିର




ଶିବିରରେ ମଞ୍ଚାସୀନ ଅତିଥି।

**ଲୋଇସିଂହା, ୨୫।୩(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ରୋତ କଲେଜରେ ଜିଲାସ୍ତରୀୟ ରକ୍ତହୀନତା ନିରାକରଣ ସ୍ୱାସ୍ଥ୍ୟ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଉଚ୍ଚଶିକ୍ଷା ବିଭାଗ, ରୋତ କଲେଜ ଜାତୀୟ ସେବା ଯୋଜନା ଓ ବଲାଙ୍ଗୀର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଉକ୍ତ ଶିବିର ହୋଇଥିଲା । ଏଥିରେ ବଲାଙ୍ଗୀର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ, ସରକାରୀ ମହିଳା ମହାବିଦ୍ୟାଳୟ, ସରକାରୀ ମହାବିଦ୍ୟାଳୟ, ଚନ୍ଦନଭାଟି, କୁଶଙ୍ଗ, ଲୋଇସିଂହା, ଆଗଲପୁର ପଞ୍ଚାୟତ ସମିତି, ଆଗଲପୁର ବିଜ୍ଞାନ ଡିଗ୍ରୀ, ଆଗଲପୁର ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ମିଶାଇ ଜିଲାର ୧୦ଟି ମହାବିଦ୍ୟାଳୟର ସ୍ୱେଚ୍ଛାସେବୀ ଛାତ୍ରୀ ଓ କାର୍ଯ୍ୟକ୍ରମ ଅଧିକାରୀ ଯୋଗଦାନ କରିଥିଲେ । ଏହି ଉପଲକ୍ଷେ ଆୟୋଜିତ ସଧାରଣ ସଭାରେ ରୋତ କଲେଜ ଅଧକ୍ଷ ପ୍ରଦୀପ କୁମାର ଷଡଙ୍ଗୀ ଅଧକ୍ଷତା କରିଥିଲେ । ମୁଖ୍ୟଅତିଥି ଭାବେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ପ୍ରାଧାପକ ତଥା ଜାତୀୟ ସେବା ଯୋଜନାର ଜିଲା ସଂଯୋଜକ ଡ.ବଂଶୀଧର ଦୀପ , ଜିଲା କାର୍ଯ୍ୟକ୍ରମ ଅଧିକାରୀ ଡ. ଅଜିତ କୁମାର ଭୋଇ ସମ୍ମାନିତ ଅତିଥି, ମୁଖ୍ୟବକ୍ତା ଭାବେ ଆଗଲପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଧୀରେନ୍ଦ୍ର କୁମାର ମେହେର ଯୋଗଦେଇ ରକ୍ତହୀନତାର କାରଣ ଓ ନିରାକରଣ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଆୟୋଜକ କଲେଜର କାର୍ଯ୍ୟକ୍ରମ ଅଧିକାରୀ ଦୈତାରୀ ଶବର ସ୍ୱାଗତ ଅଭିଭାଷଣ ଦେଇଥିଲେ । ଛାତ୍ରୀ ମାମି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# କନ୍ଧପାଲି ବନ୍ଧ ପୁନରୁଦ୍ଧାର ପାଇଁ ଜଳ ନିଷ୍କାସନ ଆରମ୍ଭ

**ବଲାଙ୍ଗୀର, ୨୫।୩(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ମ୍ୟୁନିସିପାଲିଟି ଅନ୍ତର୍ଗତ କନ୍ଧପାଲି ବନ୍ଧର ପୁନରୁଦ୍ଧାର କାମ ପାଇଁ ବୁଧବାରଠାରୁ ଜଳ ନିଷ୍କାସନ କାମ ଆରମ୍ଭ ହୋଇଥିବା ଜଣାପଡିଛି। ବଲାଙ୍ଗୀର ପୌରାଧ୍ୟକ୍ଷା ଲିକା ସାହୁ, ନିର୍ବାହୀ ଅଧିକାରୀ ସନ୍ତୋଷ ବେହେରା, କାଉନସିଲର ସରିତା ଦାସଙ୍କ ଉପସ୍ଥିତିରେ କନ୍ଧପାଲି ଗୌନ୍ତିଆ ହରିଶଙ୍କର ସାଏ ନଡିଆ ଭାଙ୍ଗିବା ପରେ ଜଳ ନିଷ୍କାସନ କାମ ଆରମ୍ଭ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତା ଅଜୟ ଦାସ, କାଉନସିଲର ଶମ୍ଭୁ ନାଗ, ଗଙ୍ଗାଧର ଚାନ୍ଦଙ୍କ ସହ ପଡାବାସୀ ଉପସ୍ଥିତ ଥିଲେ। କନ୍ଧପାଲି ବନ୍ଧ ପ୍ରାୟ ୨୦ ଏକର ଜମିରେ ରହିଛି। ଏହି ଜଳାଶୟର ପାଣିକୁ କନ୍ଧପାଲି, କୋଶଳ ନଗର, ଲର୍କିପାଲି ବିସ୍ଥାପିତ କଲୋନୀ ପଡାବାସୀ ବ୍ୟବହାର କରିଥାନ୍ତି। ଏହି ବନ୍ଧ ପୁନରୁଦ୍ଧାର ହେଲେ ଏହି ଅଞ୍ଚଳର ଜନସାଧାରଣ ଉପକୃତ ହେବେ। ଅନ୍ୟପକ୍ଷରେ ବଲାଙ୍ଗୀର ମହାରାଣୀ ସାଗରର ଉନ୍ନୟନ କାମ ମଧ୍ୟ ଆରମ୍ଭ ହୋଇଥିବା ସୂଚନା ଦିଆଯାଇଛି। କରଙ୍ଗାକଟା ବନ୍ଧ, ଘିକୁଡି ବନ୍ଧ, ନରସିଂ ବନ୍ଧ, ପ୍ରତାପ ସାଗର, ରାଣୀବନ୍ଧର ମଧ୍ୟ ପଙ୍କୋଦ୍ଧାର କରାଯିବାକୁ ତଦାରଖ କମିଟି ଗଠନ କରାଯାଇଥିବା ସୂଚନା ଦିଆଯାଇଛି। ବଲାଙ୍ଗୀର ବିଧାୟକ କଳିକେଶ ନାରାୟଣ ସିଂଦେଓ ବିଧାନସଭାରେ ବନ୍ଧ ପୁନରୁଦ୍ଧାର ନେଇ ପ୍ରଶ୍ନ କରିଥିଲେ। ରାଜ୍ୟ ସରକାର ପୁଷ୍କରିଣୀଗୁଡିକର ଡିପିଆର ପ୍ରସ୍ତୁତ କରି ପୁନରୁଦ୍ଧାର ପାଇଁ ପଦକ୍ଷେପ ନେଉଛନ୍ତି ବୋଲି ବିଧାନସଭାରେ ଉତ୍ତର ରଖିଥିଲେ। ପ୍ରଥମ ପର୍ଯ୍ୟାୟରେ ୭ଟି ବନ୍ଧର ଡିପିଆର ପ୍ରସ୍ତୁତ ହୋଇ ୨୩ କୋଟି ଟଙ୍କାରେ ବ୍ୟୟ ଅଟକଳ କରାଯାଇଥିବା କୁହାଯାଇଛି। ରାଣୀବନ୍ଧ ଓ ଗେଟ୍ ସରୋବର ବନ୍ଧର ଉନ୍ନୟନ କାମ ପାଇଁ ଟେଣ୍ଡର ହୋଇଥିବା ଜଣାପଡିଛି।

# ମା' ଦୁଆରସନି ଯୁବକ ସଂଘର ବାର୍ଷିକ ଉତ୍ସବ ଉଦ୍‌ଯାପିତ

**କଣ୍ଟାବାଞ୍ଜି, ୨୫।୩(ଗୁରୁ ଦୟାଲ ହଂସ)**

ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ଅନ୍ତର୍ଗତ ହିଆଲ ପଞ୍ଚାୟତ ଅଧୀନ ଦାବ୍ରି ଗାଁରେ ଥିବା ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଜୟ ମା' ଦୁଆରସନି ଯୁବକ ସଂଘର ବାର୍ଷିକ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏହି ଉତ୍ସବରେ ଅନୁଷ୍ଠାନର ସଭାପତି ରାଜୁ ଛତ୍ରିଆ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ କଣ୍ଟାବାଞ୍ଜି ବିଧାୟକଙ୍କ ପ୍ରତିନିଧି ମୟ ବାଗ, ସମ୍ମାନିତ ଅତିଥି ଭାବେ ବଲାଙ୍ଗୀର ଜିଲା ପେଷାଦାର ସାମ୍ବାଦିକ ସଂଘର ସଂଗଠନ ସମ୍ପାଦକ ହୁଲେଶ୍ୱର ହଂସ, ଯୁବନେତା ନିଲେଶ ଛତ୍ରିଆ, ପୂର୍ବତନ କାଉନସିଲର ଦୁଃଖିଶ୍ୟାମ ରାୟ, ଅବସରପ୍ରାପ୍ତ କୃଷି ଅଧିକାରୀ ବିଶ୍ୱମ୍ଭର ବାଗ, ସାମାଜିକ କର୍ମୀ କୈଳାସ ଦୀପ, ଦାବରୀ ସ୍କୁଲର ସହକାରୀ ଶିକ୍ଷୟିତ୍ରୀ ମଞ୍ଜୁଲତା ଧରୁଆ, ସାମ୍ବାଦିକ ତୁଳସୀରାମ ଜଗତ, ସାମାଜିକ କର୍ମୀ ଇଶାନ ସୋମିୟା ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ସମାଜ ଗଠନ କରିବାରେ ଯୁବକମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ। ଯୁବକ ସଂଘର ବିଭିନ୍ନ କାର୍ଯ୍ୟକୁ ଅତିଥିମାନେ ପ୍ରଶଂସା କରିଥିଲେ। ପ୍ରତାପଚନ୍ଦ୍ର କୁଅଁର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଏହି ଅବସରରେ ଅଞ୍ଚଳର ପ୍ରତିଷ୍ଠିତ ସମାଜସେବୀ, କଳାକାର, ସାମ୍ବାଦିକମାନଙ୍କୁ ଉପଢୌକନ ଓ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଗାଁରେ ୩ ଦିନ ଧରି ବିଭିନ୍ନ ମନୋରଞ୍ଜନ କାର୍ଯ୍ୟକ୍ରମ ହୋଇଥିଲା। ଦୁଆରସନି ଯୁବକ ସଂଘର ପରାମର୍ଶଦାତା ପ୍ରତାପ ଚନ୍ଦ୍ର କୁଅଁର, ନବୀନ ଭୋଏ, ନେତ୍ର କୁମ୍ଭାର, ବୈକୁଣ୍ଠ କୁଅଁର, ନନ୍ଦୀ କିଶୋର ଚନ୍ଦନଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।

# ପୁରୁଣା ସ୍ମୃତି ମନେ ପକାଇଲେ ଛାତ୍ରୀଛାତ୍ର

## ବ୍ରାହ୍ମଣପଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ

**ବଲାଙ୍ଗୀର, ୨୫।୩(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ସହର ବିଜାଖମନ ମଣ୍ଡପଠାରେ ବ୍ରାହ୍ମଣପଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୧୯୯୯ ମାଟ୍ରିକ ବ୍ୟାଚ୍ ଛାତ୍ରୀଛାତ୍ରମାନେ ରୌପ୍ୟ ଜୟନ୍ତୀ ପାଳନ କରିଛନ୍ତି। ଏହି ଅବସରରେ ବିଦ୍ୟାଳୟର ପୁରାତନ ଛାତ୍ରୀଛାତ୍ରମାନେ ସେଠାରେ ଉପସ୍ଥିତ ହୋଇ ପୁରୁଣା ସ୍ମୃତିକୁ ମନେ ପକାଇଥିଲେ। 'ମୋ ସ୍କୁଲ ଆମ ଦାୟିତ୍ୱ' ଶୀର୍ଷକରେ ଆଲୋଚନା ହୋଇଥିଲା। ଶଶାଙ୍କ ଶେଖର କବାଟ ସଭାପତିତ୍ୱ କରିଥିବା ବେଳେ ପ୍ରଶାନ୍ତ ମହାକୁର ସଭା ପରିଚାଳନା କରିଥିଲେ। ଆଗାମୀ ଦିନରେ ସ୍କୁଲରେ ବୃକ୍ଷରୋପଣ, ରକ୍ତଦାନ ଶିବିର, ଆଲୋଚନାଚକ୍ର ଓ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବା ପାଇଁ ସ୍ଥିର ହୋଇଥିଲା । ପୁରାତନ ଛାତ୍ରମାନେ ଏକାଠି ହୋଇ ସ୍କୁଲକୁ କିଭଳି ଅନୁଦାନ ଦେବେ ସେ ଉପରେ ଆଲୋଚନା କରିଥିଲେ । ସନ୍ଧ୍ୟା ରାଣୀ ମିଶ୍ର, ଝରଣା ମିଶ୍ର, ଲିଲି ମୁନି, ଅନୁସୟା ପୃଷ୍ଟି, ରଶ୍ମିତା ଭଞ୍ଜ, ସୁନିତା ସ୍ୱାଇଁ, ଗୀତାଞ୍ଜଳି ମୁନି, ଝରଣା ବେହେରା, ସୁବାସ ସ୍ୱାଇଁ, ଆଶିଷ ସ୍ୱାଇଁ, ପ୍ରକାଶ କବାଟ, ସଚିନ ବେହେରା ଉପସ୍ଥିତ ଥିଲେ।

# ପଡ଼ିଆ ଜମିର ସୁପରିଚାଳନା ନେଇ ତାଲିମ କାର୍ଯ୍ୟକ୍ରମ

**ଲୋଇସିଂହା, ୨୫।୩(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ଝରଣୀପାଲି ପଞ୍ଚାୟତ ଆଡେନ ଡୁଙ୍ଗରୀ ଗ୍ରାମରେ ବ୍ଲକ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ଚାଷୀଙ୍କୁ ନେଇ ଧାନ ପରବର୍ତ୍ତୀ ପଡିଆ ଜମିର ସୁପରିଚାଳନା ସମ୍ବନ୍ଧୀୟ ତାଲିମ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଏଥରେ ସ୍ଥାନୀୟ ଅଞ୍ଚଳର ଚାଷୀ ଅଂଶଗ୍ରହଣ କରିଥିଲେ । ଗ୍ରାମ୍ୟ କୃଷି କର୍ମଚାରୀ ବୈକୁଣ୍ଠ ଜଗତଙ୍କ ସଂଯୋଜନାରେ ଅନୁଷ୍ଠିତ ଶିବିରରେ ଜିଲା କୃଷି ଯୋଜନା ଅଧିକାରୀ ଦେବପ୍ରିୟ ପଣ୍ଡା, କ୍ଷେତ୍ର ଅଧିକାରୀ ସୁରଜ ମହାନ୍ତି, କ୍ଲଷ୍ଟର ସଂଯୋଜକ ଗୋବିନ୍ଦଚନ୍ଦ୍ର ବିଶି ମଞ୍ଚାସୀନ ଥିଲେ । ଜିଲା କୃଷି ଯୋଜନା ଅଧିକାରୀ ପଣ୍ଡା ଧାନ ପରବର୍ତ୍ତୀ ପଡିଆ ଜମିର ସୁପରିଚାଳନା ପାଇଁ ଡାଲିଜାତୀୟ ଫସଲ




ମୁଗ ଚାଷ କ୍ଷେତ୍ର ପରିଦର୍ଶନ ବେଳେ ଚାଷୀ ଓ ଅଧିକାରୀ।

ଚାଷ, ମୃତ୍ତିକା ସ୍ୱାସ୍ଥ୍ୟରେ ଉନ୍ନତି ଆଣିବା ଓ ଉତ୍ପାଦନକୁ ବୃଦ୍ଧି କରିବା ଏହି ଶିବିରର ଲକ୍ଷ୍ୟ ବୋଲି କହିଥିଲେ। ରାସାୟନିକ ସାର ବ୍ୟବହାର ନ କରି ଜୈବିକ ସାର ଉପରେ ସମସ୍ତ ଚାଷୀ ଗୁରୁତ୍ୱ ଦେବାକୁ ଅଧିକାରୀ ପଣ୍ଡା ପରାମର୍ଶ ଦେଇଥିଲେ। ଏହି ଅବସରରେ ଚାଷୀମାନେ ଚାଷ ସମୟରେ ସମ୍ମୁଖୀନ ହେଉଥିବା ସମସ୍ୟା ଉପରେ ଅଧିକାରୀଙ୍କୁ ପ୍ରଶ୍ନ କରିଥିଲେ। ତାଲିମ କାର୍ଯ୍ୟକ୍ରମ ପରେ ଚାଷୀ ଓ ଅଧିକାରୀ ଗ୍ରାମର ମୁଗ ଚାଷ କ୍ଷେତ୍ର ପରିଦର୍ଶନ କରିଥିଲେ।

# ବନାଗ୍ନି ନିବାରଣ ସଚେତନତା ସଭା



ସଚେତନତା ସଭାରେ ସ୍କୁଲ ଛାତ୍ରୀଛାତ୍ର।

**କଣ୍ଟାବାଞ୍ଜି, ୨୫।୩(ଗୁରୁ ଦୟାଲ ହଂସ)**

ଓଡିଶା ସରକାରଙ୍କ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ତରଫରୁ କଣ୍ଟାବାଞ୍ଜି ବନାଞ୍ଚଳ କାର୍ଯ୍ୟାଳୟ ସହଯୋଗରେ ତୁରେକେଲା ବ୍ଲକ ଅନ୍ତର୍ଗତ ପଖନମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବନାଗ୍ନି ନିବାରଣ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ଶିକ୍ଷକ ତଥା ପ୍ରକୃତିବନ୍ଧୁ ବିରଞ୍ଚି ନାରାୟଣ ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ସଭାରେ ତୁରେକେଲା ବନପାଳ ଗୋବର୍ଦ୍ଧନ ପଟେଲ ଯୋଗ ଦେଇଥିଲେ। ବନପାଳ ପଟେଲ ବନାଗ୍ନିର କାରଣ ଓ ଏହାକୁ କିପରି ରୋକାଯାଇ ପାରିବ ସେନେଇ ଛାତ୍ରୀଛାତ୍ରମାନଙ୍କୁ ବୁଝାଇଥିଲେ। ପ୍ରକୃତି ବନ୍ଧୁ ଦାଶ ଯହିଁ ଜଙ୍ଗଲ ତହିଁ ମଙ୍ଗଳ ଉପରେ ଆଲୋକପାତ କରିଥିଲେ। ପଖନମୁଣ୍ଡା ଗ୍ରାମ ପାହାଡ଼ ଓ ଛତରଡାଣି ଜଙ୍ଗଲ ମଧ୍ୟରେ ଅଛି। ତେଣୁ ଗ୍ରୀଷ୍ମ ଋତୁରେ ବନାଗ୍ନି ଦ୍ୱାରା ଅନେକ କ୍ଷୟକ୍ଷତି ଘଟିଥାଏ। ଏହାକୁ ଦୃଷ୍ଟିରେ ରଖି ଜନ ସଚେତନତା ନିହାତି ଆବଶ୍ୟକ ବୋଲି କହିଥିଲେ। ଏହାଛଡା ଖରାଦିନେ ଛାତ୍ରୀଛାତ୍ରମାନେ ବାହାରକୁ ଗଲେ ଛତା, ଜୋତା, ପାଣି ବୋତଲ, ଓଦାକନା ଆଦି ସାଙ୍ଗରେ ନେବାକୁ ପରାମର୍ଶ ଦେଇଥିଲେ। ଏହି ସଭାରେ ପ୍ରଧାନଶିକ୍ଷକ ହରିଶଙ୍କର ସାହୁ, ଭବାନୀ ମାଝୀ, ଲଳିତା ମାଝୀ, ଶ୍ୟାମସୁନ୍ଦର ପାତ୍ର ଆଦି ଉପସ୍ଥିତ ଥିଲେ।

# ରାଜେଶ୍ୱରୀଙ୍କୁ ସମ୍ବର୍ଦ୍ଧିତ କଲେ ନାଗରିକ କମିଟି

**ବଲାଙ୍ଗୀର, ୨୫।୩(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ନାଗରିକ କମିଟିର କାର୍ଯ୍ୟକାରିଣୀ ବୈଠକ ସ୍ଥାନୀୟ ମାଳପଡାସ୍ଥିତ ରେଲୱେ ଉପଭୋକ୍ତା ସଂଘ ଅଫିସରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବଲାଙ୍ଗୀରର କୃତୀ ଲନ୍‌ବଲ ଖେଳାଳି ରାଜେଶ୍ୱରୀ ସେଠ୍‌ଙ୍କୁ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। କମିଟି ସମ୍ପାଦକ ମଧୁସୂଦନ ନାୟକ



ଲନ୍‌ବଲ ଖେଳାଳି ରାଜେଶ୍ୱରୀ ସେଠ୍‌ଙ୍କୁ ନାଗରିକ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଉଛି।

ସ୍ୱାଗତ କରିବା ପରେ ସଭାପତି ଡ. ଶ୍ରୀକର ମିଶ୍ରଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ହୋଇଥିଲା। ବଲାଙ୍ଗୀର ରାଧାରାଣୀପଡାର ରାଜେଶ୍ୱରୀ ଭାରତୀୟ ଲନ୍‌ବଲ ଦଳରେ ସ୍ଥାନ ପାଇ ବଲାଙ୍ଗୀର ତଥା ଓଡିଶାର ଗୌରବ ବଢାଇଥିବାରୁ ତାଙ୍କୁ ନାଗରିକ କମିଟି ସମ୍ବର୍ଦ୍ଧିତ କରିବା ସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରାଯାଇଥିଲା। ସଭାରେ ଜିଲା ଲନ୍‌ବଲ ସଂଘ ସମ୍ପାଦକ ତଥା ଓଡିଶା ଲନ୍‌ବଲ ସଂଘ ଉପସଭାପତି ସୁମିତ ରଞ୍ଜନ ପୁରୋହିତଙ୍କୁ ମଧ ସମ୍ମାନିତ କରାଯାଇଥିଲା। ଶେଷରେ ସୁନୀଲ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

# ପାନୀୟ ଜଳ ପାଇଁ ହନ୍ତସନ୍ତ ଖଇରାପଡ଼ାବାସୀ

**ଲାଠୋର, ୨୫।୩(ଭୁବନେଶ୍ୱର ବାରିକ)**

## ସୋଲାର ପମ୍ପ ଖରାପ

ଖପ୍ରାଖୋଲ ବ୍ଲକ ବେନ୍ଦେର ପଞ୍ଚାୟତ ଖଇରାପଡ଼ାରେ ପାନୀୟ ଜଳ ସଙ୍କଟ ଦେଖାଦେଇଛି। ଉକ୍ତ ପଡ଼ାରେ ପ୍ରାୟ ୧୫ ପରିବାର ବସବାସ କରୁଛନ୍ତି। ସେମାନଙ୍କୁ ସୁବିଧାରେ ପାନୀୟ ଜଳ ଯୋଗାଣ ପାଇଁ ପଡ଼ାରେ ଏକ ସୋଲାର ପାଣି ପମ୍ପର ବ୍ୟବସ୍ଥା କରାଯାଇଥିଲା। କୌଣସି କାରଣରୁ ସୋଲାର ପମ୍ପ ସହ ସଂଯୁକ୍ତ ନଳକୂପ ଖରାପ ହେବାରୁ ବିଭାଗୀୟ କର୍ମଚାରୀମାନେ ଆସି ସେଠାରୁ ପାଇପ କାଢିବା ପରେ ଆଉ ଲଗାଉନାହାନ୍ତି। ଫଳରେ ଦୀର୍ଘ ଦିନ ହେଲା ସୋଲାର ପମ୍ପ ଅଚଳ ହୋଇ ପଡ଼ି ରହିବା ସହ ପାନୀୟ ଜଳ ସମସ୍ୟା ସୃଷ୍ଟି ହୋଇଛି। ଲୋକ ନଳକୂପ ତଥା ଖୋଲା କୂଅରୁ ପାଣି ସଂଗ୍ରହ କରି ପାନୀୟ ରୂପେ ବ୍ୟବହାର କରୁଥିବା ଯୋଗୁ ବିଭିନ୍ନ ରୋଗରେ ଆକ୍ରାନ୍ତ ହେବାର ଆଶଙ୍କା ସୃଷ୍ଟି ହୋଇଛି। ଖପ୍ରାଖୋଲ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ



ଏଥିପ୍ରତି ଦୃଷ୍ଟିଦେଇ ବିହିତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

# ଦେଶୀ ବିହନ ସଂରକ୍ଷଣ ପାଇଁ ସଂକଳ୍ପ ନେବାକୁ ଆହ୍ୱାନ

**ଖପ୍ରାଖୋଲ, ୨୫।୩(ଅଭୟ ତ୍ରିପାଠୀ)**

ଖପ୍ରାଖୋଲ ବ୍ଲକ ନାନ୍ଦୁପଲା ପଞ୍ଚାୟତ ଡୁଡୁମଦରହା ଗାଁରେ ଆରସିଡ଼ିସି ତରଫରୁ ପାରମ୍ପାରିକ ଦେଶୀ ବିହନ ଓ ଖାଦ୍ୟ ମେଳା ବୁଧବାର ଅନୁଷ୍ଠିତ ହୋଇଥିଲା। ପ୍ରୋଗ୍ରାମ ଅଫିସର ଦେବରାଜ ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ମୁଖ୍ୟଅତିଥି ଭାବେ ଆରସିଡିସି ସଙ୍ଗଠନର ଆଞ୍ଚଳିକ ପରିଚାଳକ ଶମ୍ଭୁ ସାହୁ, ମୁଖ୍ୟବକ୍ତା ଭାବେ ପ୍ରଗତି ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ର ପ୍ରଧାନଶିକ୍ଷକ ଐଶ୍ୱର୍ଯ୍ୟ ଶେଖର ଦେବତା ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ଜଙ୍ଗଲ ସୁରକ୍ଷା ଫୋରମର ଆବାହକ କୁଳମଣି ସାହୁ, ପରିବେଶ କର୍ମୀ ଟେକେନ୍ଦ୍ର ଜାଲ, ସୁଦର୍ଶନ ସାହୁ, ବନ କର୍ମଚାରୀ ସ୍ୱପ୍ନସାଗର ପରିଡ଼ା, ଶ୍ରୀ ଅନ୍ନ ଅଭିଯାନର ବ୍ଲକ ସଂଯୋଜକ ଉମେଶ ଗୁପ୍ତା, ଆଇସିଡିଏସ ସୁପରଭାଇଜର ସନ୍ତୁଳା କୁମ୍ଭାର



ମେଳାରେ ପ୍ରଦର୍ଶିତ ବିହନ ଓ ଖାଦ୍ୟ।

## ପାରମ୍ପାରିକ ଦେଶୀ ବିହନ ଓ ଖାଦ୍ୟ ମେଳା

ଯୋଗ ଦେଇଥିଲେ। ଏହି ଅବସରରେ ଅତିଥିମାନେ ଚାଷୀମାନଙ୍କୁ ଦେଶୀ ବିହନ ସଂରକ୍ଷଣ ପାଇଁ ସଂକଳ୍ପ ନେବାକୁ ଆହ୍ୱାନ କରିଥିଲେ। ଦେଶୀ ବିହନ, ଦେଶୀ ଖାଦ୍ୟ ପ୍ରଦର୍ଶିତ ହୋଇଥିବା ବେଳେ ପ୍ରଥମେ ବିହନ ପୂଜା , ମାଟି ଦେବତା ପୂଜା କରାଯିବା ସହିତ ବିହନ କଳସ ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ପାରମ୍ପାରିକ ଚାଷୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ନାନ୍ଦୁପଲା ସରପଞ୍ଚ ନିଲେନ୍ଦ୍ରୀ ପୂଝାରୀ, ତେଲେନପାଲି ସରପଞ୍ଚ ଶକୁନ୍ତଳା ବେହେରା, ବୈଦ୍ୟ ବ୍ରହ୍ମା ନାଏକ, ନୀଳମଣି କଠାର, ଖଗେଶ୍ୱର ପାତ୍ର, ଚୈତନ୍ୟ ବାଗ, ସରସ୍ୱତୀ ପଧାନ ପ୍ରମୁଖ ମହିଳା ପୁରୁଷ ଚାଷୀ ଯୋଗ ଦେଇଥିଲେ । ମିତାଞ୍ଜଳି ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ବୈଜ୍ଞାନିକ ପଦ୍ଧତିରେ ମାଛଚାଷ ଦ୍ୱାରା ଆୟ ବଢ଼ିବ

## ପଞ୍ଚାୟତ ପୋଖରୀରେ ମାଛଚାଷ କରୁଥିବା ଡବ୍ଲ୍ୟୁଏସ୍ଏଚ୍‌ଜିଙ୍କୁ ତାଲିମ

**ସୋନପୁର,୨୫।୩(ମୃତ୍ୟୁଞ୍ଜୟ ଶତପଥୀ)**


ତାଲିମ ଶିବିରରେ ଅତିଥି ବୃନ୍ଦ।

ପଞ୍ଚାୟତ ପୋଖରୀରେ ବୈଜ୍ଞାନିକ ପଦ୍ଧତିରେ ମାଛ ଚାଷ ପାଇଁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ତାଲିମ ଶିବିର ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ସୁବର୍ଣ୍ଣପୁର ଜିଲା ମତ୍ସ୍ୟ ବିଭାଗ ପକ୍ଷରୁ ସହରସ୍ଥିତ ସରକାରୀ ମତ୍ସ୍ୟ ଯାଆଁଳ ଉତ୍ପାଦନ କେନ୍ଦ୍ର ପରିସରରେ ସୋନପୁର ଓ ଉଲୁଣ୍ଡା ବ୍ଲକର ଡବ୍ଲ୍ୟୁଏସ୍ଏଚ୍‌ଜିଙ୍କୁ ଏହି ତାଲିମ ଦିଆଯାଇଥିଲା। ଗୁରୁବାର ଏହି ଶିବିର ଉଦ୍‌ଯାପିତ ହେବ। ସୁବର୍ଣ୍ଣପୁର ଜିଲା ମତ୍ସ୍ୟ ଅଧିକାରୀ ବିଜୟ କୁମାର ସାହୁ ଶିବିରରେ ଅଧକ୍ଷତା କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଜିଲାରେ ଶତାଧିକ ପଞ୍ଚାୟତ ପୋଖରୀ ରହିଛି। ସେଗୁଡିକୁ ଡବ୍ଲ୍ୟୁଏସ୍ଏଚ୍‌ଜିଙ୍କୁ ଲିଜ୍‌ରେ ଦିଆଯାଇଛି। ମାଛ ଚାଷ କରିବା ପାଇଁ ସରକାର ପ୍ରୋତ୍ସାହିତ କରିବା ସହ ସବ୍‌ସିଡି ପ୍ରଦାନ କରୁଛନ୍ତି। ବୈଜ୍ଞାନିକ ପଦ୍ଧତିରେ ମାଛ ଚାଷ କଲେ ମହିଳାମାନେ ଆର୍ଥିକ ସ୍ୱାବଲମ୍ବୀ ହୋଇପାରିବେ ବୋଲି ସାହୁ କହିଥିଲେ। ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ମୃତ୍ୟୁଞ୍ଜୟ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲାରେ ମଧୁର ଜଳରେ ମାଛ ଚାଷ କରିବା ପାଇଁ ପର୍ଯ୍ୟାପ୍ତ ଭିତ୍ତିଭୂମି ଓ ସୁଯୋଗ ରହିଛି। ଅନ୍ୟ ଚାଷ ଅପେକ୍ଷା ମାଛ ଚାଷରେ ଅଧିକ ଲାଭ ମିଳିଥାଏ। ତେଣୁ ମହିଳାମାନେ ଏ ଦିଗରେ ମନୋନିବେଶ କରି ବୈଜ୍ଞାନିକ ପଦ୍ଧତିରେ ମାଛ ଚାଷ କଲେ ସେମାନଙ୍କ ଆୟ ବଢିବ। ଜିଲା ମତ୍ସ୍ୟ ଉତ୍ପାଦନରେ ଆତ୍ମନିର୍ଭର ହେବା ସହ ବାହାରକୁ ମାଛ ରପ୍ତାନୀ କରିପାରିବ ବୋଲି ଡାକ୍ତର ମହାନ୍ତି କହିଥିଲେ। ସମ୍ମାନିତ ଅତିଥି ଭାବେ ବଲାଙ୍ଗୀର ଜିଲା ମତ୍ସ୍ୟ ଅଧିକାରୀ ପ୍ରଫୁଲ୍ଲ କହଁର ଯୋଗଦେଇ ମତ୍ସ୍ୟ ଚାଷ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୋଜନା ବିଷୟରେ ଆଲୋଚନା କରିଥିଲେ। ମୃତ୍ତିକା ସଂରକ୍ଷଣ ବିଭାଗର ସହକାରୀ ନିର୍ଦ୍ଦେଶକ କିଶୋର ଚନ୍ଦ୍ର ବେହେରା ଯୋଗଦେଇ ଫାର୍ମପଣ୍ଡରେ ମାଛ ଚାଷ ଓ ମହିଳାମାନେ ମତ୍ସ୍ୟଚାଷରେ ସମନ୍ୱିତ ଭାବରେ କିଭଳି ଲାଭାନ୍ୱିତ ହୋଇପାରିବେ ସେ ବିଷୟରେ ବୁଝାଇଥିଲେ। ସୋନପୁର ବ୍ଲକ ସହକାରୀ ମତ୍ସ୍ୟ ଅଧିକାରୀ ତ୍ରିଲୋଚନ ସେଠୀ, ଉଲୁଣ୍ଡା ବ୍ଲକ ସହକାରୀ ମତ୍ସ୍ୟ ଅଧିକାରୀ ଶ୍ରବଣ କୁମାର କହଁର ଓ ସରକାରୀ ମତ୍ସ୍ୟ ଜାଆଁଳ କେନ୍ଦ୍ର ଅଧିକାରୀ ଚିତ୍ତରଞ୍ଜନ ରାଉତ ପୋଖରୀ ପରିଚାଳନା ଓ ବୈଜ୍ଞାନିକ ପଦ୍ଧତିରେ ମାଛ ଚାଷ ସମ୍ପର୍କରେ ବୁଝାଇବା ସହ ମହିଳା ଚାଷୀଙ୍କୁ ତାଲିମ ଦେଇଥିଲେ। ପୁର୍ଣ୍ଣେନ୍ଦୁ ପଣ୍ଡା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଶିବିରରେ ଉଲୁଣ୍ଡା ଓ ସୋନପୁର ବ୍ଲକର ଶତାଧିକ ମହିଳା ଅଂଶଗ୍ରହଣ କରିଥିଲେ।


ଚୈତ୍ର ନବରାତ୍ରର ସପ୍ତମ ଦିନରେ ମା’ ସୁରେଶ୍ୱରୀଙ୍କ ବଗଳାମୁଖୀ ବେଶ।

## ସଂକ୍ଷେପରେ

### ବାର୍ଷିକ ଚୈତ୍ରମେଳା ପାଇଁ ପ୍ରସ୍ତୁତି ବୈଠକ

**ବିନିକା,୨୫।୩ (ରାମ ଗୋପାଳ ବାଘ)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଜୁଲୁଣ୍ଡା ପଞ୍ଚାୟତ ବିଲେଇବାହାଲି ମହିମା ଆଶ୍ରମରେ ଏପ୍ରିଲ ୧ ତାରିଖ ବାର୍ଷିକ ଚୈତ୍ର ମେଳା ଅନୁଷ୍ଠିତ ହେବ। ଏଥିପାଇଁ ବୁଧବାର ଏକ ପ୍ରସ୍ତୁତି ବୈଠକ ମହିମା ସଙ୍ଗଠନ ସଭାପତି ରସିକ ନାଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମେଳାକୁ ସୁପରିଚାଳନା କରିବା ପାଇଁ କମିଟି ସଦସ୍ୟଙ୍କ ସହଯୋଗ କାମନା କରାଯାଇଥିଲା। ମେଳାରେ ଅଖଣ୍ଡ ଧ୍ୱନି ପ୍ରଜ୍ୱଳନ, ଘୃତାହୁତି ଯଜ୍ଞ ସହ ଦର୍ଶକମାନଙ୍କ ନିମନ୍ତେ ସାଂସ୍କୃତିକ କାର୍ଯ୍ୟକ୍ରମ ରହିଥିବା କମିଟି ପକ୍ଷରୁ କୁହାଯାଇଛି । ବୈଠକରେ କମିଟି ସମ୍ପାଦକ ବିନୋଦ ସୁନା, ମହାଦେବ ତାଣ୍ଡି, ରାଜୁ କଅଁର, ନାଗେଶର ବାଗ, ମଧୁ ନାଗ, କଳାକାହ୍ନୁ ମହାନନ୍ଦ, ରାମକୃଷ୍ଣ ନାଗ, ପ୍ରକାଶ କୁମ୍ଭାର, ସଞ୍ଜୟ ନାଗ, ଯଶୋବନ୍ତ ବାବା, ବନମାଳୀ ବାବା, ଚିନ୍ତାମଣି ବାବା ପ୍ରମୁଖ ଉପସ୍ଥିତ ଥିଲେ।

### ଧର୍ମପ୍ରାଣ ମହିଳାଙ୍କ ପରଲୋକ

**ବିନିକା, ୨୫।୩ (ରାମ ଗୋପାଳ ବାଘ)**

ସୁବର୍ଣ୍ଣପୁର ଜିଲା ବିନିକା ସହରର ସମାଜସେବୀ ପ୍ରମୋଦ ପାଣିଗ୍ରାହୀଙ୍କ ମା’ ତଥା ଅଙ୍ଗନୱାଡି ସୁପରଭାଇଜର କନକ୍‌ଲତା ନେପାକଙ୍କ ଶାଶୁ ଧର୍ମପ୍ରାଣାପ୍ରେମଲତା ପାଣିଗ୍ରାହୀ(୭୮)ଙ୍କ ବୁଧବାର ପରଲୋକ ହୋଇଯାଇଛି। ସକାଳୁ ନିତ୍ୟକର୍ମ ସାରି ପୂଜାପାଠ କରିବା ପରେ ହଠାତ ସେ ଅସୁସ୍ଥ ହୋଇ ପଡିଥିଲେ। ତତ୍‌କ୍ଷଣାତ ତାଙ୍କୁ ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା । ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେ ବିଭିନ୍ନ ଧର୍ମକାର୍ଯ୍ୟ, ଯାନିଯାତ୍ରାରେ ଜଡିତ ରହୁଥିଲେ। ମୃତ୍ୟୁ ଖବର ପାଇ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଘରକୁ ଯାଇ ଶେଷଦର୍ଶନ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସତ୍କାର କରାଯାଇଥିଲା। ପୁଅ ପ୍ରମୋଦ ମୁଖାଗ୍ନି ଦେଇଥିଲେ। ମୃତ୍ୟୁଶଯ୍ୟା ନିକଟରେ ପୁଅ ରାଜ କିଶୋର ପାଣିଗ୍ରାହୀ, ପ୍ରଦୀପ୍ତ ପାଣିଗ୍ରାହୀ, ତିନି ପୁତ୍ରବଧୂ, ତିନିଝିଅ, ଜ୍ୱାଇଁ ଓ ଜ୍ଞାତି ପରିଜନ ଉପସ୍ଥିତ ଥିଲେ।

### ଟ୍ରେନ୍‌ରେ କଟି ଯୁବକଙ୍କ ମୃତ୍ୟୁ

**ଡୁଙ୍ଗୁରିପାଲି, ୨୫।୩(ଦୀନବନ୍ଧୁ ସୁନା)**

ସୁବର୍ଣ୍ଣପୁର ଜିଲା ଖଲିଆପାଲି-ଡୁଙ୍ଗୁରିପାଲି ରେଳ ଷ୍ଟେଶନ ମଧ୍ୟସ୍ଥ ବଡଫଟାମୁଣ୍ଡା ଫାଟକ ନିକଟରେ ବୁଧବାର ଅପରାହ୍ନରେ ଏକ ମାଲବାହୀ ଟ୍ରେନରେ କଟି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ପରିଚୟ ମିଳିନାହିଁ। ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁସାରେ ଯୁବକ ଜଣକ ବାଇକ(ନଂ.ଓଡି ୨୩ଏଲ-୬୨୮୮)ରେ ଆସି ଟ୍ରେନ ଲାଇନ କଡରେ ରଖି ରେଳ ଧାରଣାକୁ ଦୌଡ଼ି ଥିଲେ। ନିକଟରେ ଏକ ମୋବାଇଲ ପଡିଛି। ମୃତକଙ୍କ ବୟସ ୧୮ରୁ ୨୦ ମଧ୍ୟରେ ହେବ ବୋଲି ଅନୁମାନ କରାଯାଇଛି ।

# ୩୨କିଲୋ ଗଞ୍ଜେଇ ସହ ୨କାର୍ ଜବତ, ୬ ଗିରଫ

## କୁଞ୍ଜ ଛକ ଓ ରକ୍ସା ଛକରେ ଅବକାରୀ ବିଭାଗର ଚଢ଼ାଉ


ଗିରଫ ୬ ଅଭିଯୁକ୍ତ, ଜବତ କାର ଓ ଗଞ୍ଜେଇ।

**ସୋନପୁର,୨୫।୩(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଅବକାରୀ ରେଞ୍ଜ, ଜିଲା ମୋବାଇଲ ଟିମ୍, ସୋନପୁର ଓ ବୀରମହାରାଜପୁର ଅବକାରୀ ଥାନା ପକ୍ଷରୁ ଗଞ୍ଜେଇ ଚୋରାଚାଲାଣ ରୋକିବା ପାଇଁ ସୁବର୍ଣ୍ଣପୁର ସହର କୁଞ୍ଜ ଛକ ଓ ବୀରମହାରାଜପୁର ଥାନା ରକ୍ସା ଛକଠାରେ ବୁଧବାର ଚଢାଉ କରାଯାଇଥିଲା। ଦୁଇ ପୃଥକ ମାମଲାରେ ମୋଟ ୬ଜଣଙ୍କୁ ଗିରଫ କରାଯାଇଛି। ଉଭୟ ଘଟଣାରେ ମୋଟ ୩୨ କିଲୋ ଗଞ୍ଜେଇ ଓ ୨ଟି କାର ଜବତ ହୋଇଛି। ବୌଦ୍ଧ ଜିଲା ମନମୁଣ୍ଡା ପଟୁ ଆସୁଥିବା ଏକ ଧଳା ରଙ୍ଗର କାରକୁ ସନ୍ଦେହରେ ସୁବର୍ଣ୍ଣପୁର ସହର କୁଞ୍ଜ ଛକ ରାସ୍ତାରେ ତନଖି କରାଯାଇଥିଲା। କାର ଭିତରୁ ବେଆଇନଭାବେ ଚାଲାଣ ହେଉଥିବା ୨୧ କିଲୋ ଗଞ୍ଜେଇ ମିଳିବା ପରେ ତାହା ଜବତ କରାଯାଇଛି। ଏହି ଘଟଣାରେ ସୁନ୍ଦରଗଡ ଜିଲା ବଡଗାଁ ଥାନା ବଡଗାଁ(ଲଟାଗାଁ) ଅଞ୍ଚଳର ୱାହିଦ୍ ଅଲ୍ଲୀ(୪୩), ଝାରସୁଗୁଡା ଥାନା ହଟଲିପଡାର ଆଫାନ ୱାରିସ(୪୯) ଓ ଝାରସୁଗୁଡା ଜିଲା ବଡମାଳ ଥାନା ଭାଗିପାଲି ଗ୍ରାମର ସୁବୋଧ ସିଂ(୩୭)ଙ୍କୁ ଗିରଫ କରାଯାଇଛି। ଏ ସମ୍ପର୍କରେ ସୋନପୁର ଅବକାରୀ ଥାନା ପକ୍ଷରୁ ଏକ ମାମଲା ରୁଜୁ ହୋଇଛି। ପ୍ରାରମ୍ଭିକ ତଦନ୍ତରୁ ଗଞ୍ଜେଇ ବୌଦ୍ଧ ଜିଲାରୁ ଝାରସୁଗୁଡ଼ାକୁ ଚାଲାଣ କରାଯାଉଥିବା ଜଣାପଡିଛି। ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

ସେହିପରି ବୀରମହାରାଜପୁର ଅବକାରୀ ଥାନା ପକ୍ଷରୁ ବୀରମହାରାଜପୁର ଥାନାର ରକ୍ସା ଛକଠାରେ ଏକ ଧଳା ରଙ୍ଗର କାର(ନଂ. ଓଡି୦୬ଡି-୦୦୦୫)କୁ ସନ୍ଦେହରେ ଅଟକ ରଖି ତନଖି କରାଯାଇଥିଲା। କାରରେ ଚାଲାଣ ହେଉଥିବା ୧୧ କିଲୋ ଗଞ୍ଜେଇ ଜବତ କରାଯାଇଛି। ଏହି ଘଟଣାରେ ଝାରସୁଗୁଡା ଟାଉନ ଥାନା ମଙ୍ଗଳବଜାର ର ଇବ୍ରାନ ଅଲ୍ଲୀ(୪୨), ସେଖ୍ ଅମଜାଦ୍(୪୪) ଓ ସମ୍ବଲପୁର ଜିଲା ଟାଉନ ଥାନା ଦଳାଇପଡାର ତାରିକ୍ ଅନୱାର(୩୪)ଙ୍କୁ ଗିରଫ କରାଯାଇଛି। ବୀରମହାରାଜପୁର ଅବକାରୀ ଥାନା ପକ୍ଷରୁ ଏକ ମାମଲା ରୁଜୁ ହେବା ସହିତ ୩ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଅବକାରୀ ଅଧୀକ୍ଷକ ପ୍ରବୀର କୁମାର ସାମଲଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ରେଞ୍ଜ ଇନିସପେକ୍ଟର ହରପ୍ରସାଦ ରଣା, ମୋବାଇଲ ୟୁନିଟ୍‌ର ଗୋବିନ୍ଦ ନାଏକ, ସୋନପୁର ଓଆଇସି ଶାନ୍ତନୁ କୁମାର ପଟ୍ଟନାୟକ ଓ ବୀରମହାରାଜପୁର ଓଆଇସି ରାମଚନ୍ଦ୍ର ପଟ୍ଟନାୟକ ଚଢାଉରେ ସାମିଲ ଥିଲେ।

### ୨୮ରେ ଡୁଙ୍ଗୁରିପାଲି ଓକିଲ ସଂଘ କର୍ମକର୍ତ୍ତା ନିର୍ବାଚନ

**ଡୁଙ୍ଗୁରିପାଲି, ୨୫।୩ (ଦୀନବନ୍ଧୁ ସୁନା )**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଓକିଲ ସଂଘର କର୍ମକର୍ତ୍ତା ନିର୍ବାଚନ ଆସନ୍ତା ୨୮ ତାରିଖରେ ଅନୁଷ୍ଠିତ ହେବ। ସଂଘ ସଭାପତିପଦବୀ ପାଇଁ ସୁବାଷ ଭୋଇ ଓ ରାଜେନ୍ଦ୍ର ପ୍ରସାଦ ଭୋଇ ମନୋୟନପତ୍ର ଦାଖଲ କରିଛନ୍ତି। ସମ୍ପାଦକ ପଦବୀ ପାଇଁ ମିତେନ୍ଦ୍ରୁ ଅବିନାଶ ଗୌତମ, ବୀରେନ୍ଦ୍ର କୁମାର ଦଣ୍ଡସେନା ଓ ପରମେଶ୍ୱର ଦେହୁରୀ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଉପସଭାପତିଭାବେ ପ୍ରମୋଦ କୁମାର ହୋତା, ସହସମ୍ପାଦକଭାବେ ହରେକୃଷ୍ଣ ବେହେରା ନିର୍ଦ୍ଵନ୍ଦ୍ୱରେ ନିର୍ବାଚିତ ହୋଇଥିବା ନିର୍ବାଚନ ଅଧିକାରୀଭାବେ ଦାୟିତ୍ୱରେ ଥିବା ଆଇନଜୀବୀ ଲକ୍ଷ୍ମଣ ନାଏକ କହିଛନ୍ତି।

### ବର୍ଷେ ହେଲା ପାଇପ ଜଳ ଯୋଗାଣ ବନ୍ଦ

**ତରଭା,୨୫।୩(ମାନଭଞ୍ଜନ ମିଶ୍ର)**

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ କମସରା ପଞ୍ଚାୟତ ଅନ୍ତର୍ଗତ ବଡଜୋର ଗ୍ରାମରେ ଗତ ଏକ ବର୍ଷ ହେଲା ପାଇପ ଜଳ ଯୋଗାଣ ବନ୍ଦ ରହିଛି। ଫଳରେ ୩ ୱାର୍ଡ ବିଶିଷ୍ଟ ଏହି ଗାଁର ୧୨ଶହରୁ ଊର୍ଦ୍ଧ୍ୱ ଲୋକେ ଶୁଦ୍ଧ ପାନୀୟ ଜଳ ପାଇବାରୁ ବଞ୍ଚିତ ରହିଛନ୍ତି। ଗ୍ରାମବାସୀଙ୍କ ପାନୀୟ ଜଳ ସମସ୍ୟାର ସମାଧାନ ପାଇଁ ବସୁଧା ଯୋଜନାରେ ଗୋଟିଏ ଗଭୀର ନଳକୂପ ଖୋଲାଯାଇ ଓଭରହେଡ ଟ୍ୟାଙ୍କରୁ ପାଇପ ଯୋଗେ ଜଳ ଯୋଗାଣ କରାଯାଉଥିଲା। ହେଲେ ପ୍ରାୟ ବର୍ଷେ ହେବ ଗୋଟିଏ ଭାଲବ ଖରାପ ହୋଇଯିବାରୁ ଜଳ ଯୋଗାଣ ବ୍ୟାହତ ହୋଇଥିବା ୱାର୍ଡ ସଭ୍ୟ ବାବୁଲାଲ ମୁଦୁଲି କହିଛନ୍ତି। ଗ୍ରାମବାସୀଙ୍କ କହିବା ଅନୁଯାୟୀ ଜଳ ଯୋଗାଣ ବନ୍ଦ ହେବାପରେ ସେମାନେ ପଞ୍ଚାୟତ କର୍ତ୍ତୃପକ୍ଷକୁ ଅବଗତ କରିଥିଲେ। ହେଲେ କୌଣସି ପଦକ୍ଷେପ ନିଆଯାଇନାହିଁ। ଏସମ୍ବନ୍ଧେ ଆରଡବ୍ଲ୍ୟୁଏସଏସ ସହକାରୀ ଯନ୍ତ୍ରୀଙ୍କୁ ପଚାରିବାରୁ ପ୍ରାୟ ଏକ ମାସ ହେବ ଜଳଯୋଗାଣ ବନ୍ଦ ସମ୍ବନ୍ଧେ ସରପଞ୍ଚ ସୂଚନା ଦେଇଛନ୍ତି। ଜଳଯୋଗାଣ କେନ୍ଦ୍ରର ଏକ ଭାଲବ ଖରାପ ହୋଇଛି। ଆମେ ବାହାରୁ ମଗାଇଛୁ। ଆସନ୍ତା ଶୁକ୍ରବାର ସୁଦ୍ଧା ଜଳଯୋଗାଣ ସ୍ୱାଭାବିକ ହେବ ବୋଲି କହିଛନ୍ତି। ସୂଚନାଯୋଗ୍ୟ ଯେ, ବଡ଼ଜୋର ଗ୍ରାମରେ ଥିବା ୬ ଟି ନଳକୂପ ମଧ୍ୟରୁ ୪ଟି ଅଚଳ ହୋଇ ପଡ଼ିଥିବାରୁ ଗ୍ରାମବାସୀ ପାନୀୟ ଜଳକଷ୍ଟ ଭୋଗୁଛନ୍ତି।

### ମାହେଶ୍ୱରୀଙ୍କ ବିଗ୍ରହ ପ୍ରତିଷ୍ଠା, ଖମ୍ବେଶ୍ୱରୀ ସ୍ତମ୍ଭ ସ୍ଥାପନ

**ବୀରମହାରାଜପୁର,୨୫।୩(ଯୁଗଳ କିଶୋର ମିଶ୍ର)**


ହିଲୁଙ୍ଗ ଗାଁରେ ଖମ୍ବେଶ୍ୱରୀ ସ୍ତମ୍ଭ ସ୍ଥାପନ କରାଯାଇଛି।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ହିଲୁଙ୍ଗ ଗାଁରେ ମା’ ମାହେଶ୍ୱରୀଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା ସହ ଖମ୍ବେଶ୍ୱରୀ ସ୍ତମ୍ଭ ସ୍ଥାପନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଚୈତ୍ର ଶକ୍ଲପକ୍ଷ ମଙ୍ଗଳବାର କଳସ ଶୋଭାଯାତ୍ରା ସହିତ ପୂଜାରମ୍ଭ ହୋଇଥିଲା। ଚୈତ୍ର ଶୁକ୍ଳପକ୍ଷ ସପ୍ତମୀତିଥିରେ ଧାନସାଇରେ ଥିବା ମା’ଙ୍କୁ ଅଣାଯାଇ ୧୦୮ ସୁବାସିତ ଜଳରେ ସ୍ନାନ କରାଯାଇଥିଲା। ବୁଧବାର ବିଗ୍ରହମାନଙ୍କୁ ଯଜ୍ଞସ୍ଥଳକୁ ବିଜେ କରାଯାଇ ସେଠାରେ ହୋମଯଜ୍ଞ, ଚଣ୍ଡୀଯଜ୍ଞ ସହ ବିଗ୍ରହ ପ୍ରତିଷ୍ଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କର୍ତ୍ତାଭାବେ କାଲିଘନାର ଚାପଧାରୀ ଭଞ୍ଜ ତାଙ୍କ ଧର୍ମପତ୍ନୀ ରୁକ୍ମିଣୀ ଭଞ୍ଜ କାର୍ଯ୍ୟ ନିର୍ବାହ କରିଛନ୍ତି। ମୁଖ୍ୟ ପୁରୋହିତ ରବିଚନ୍ଦ୍ର ପୁରୋହିତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆଚାର୍ଯ୍ୟ ସୁଶାନ୍ତ କୁମାର ପୁରୋହିତ, ଚନ୍ଦ୍ରମଣି ପଣ୍ଡାଙ୍କ ଦ୍ୱାରା ନୀତିକାନ୍ତିରେ ମା’ଙ୍କ ଷୋଡଷ ଉପଚାରରେ ପୂଜାବିଧି କରାଯାଇଥିଲା। ମନ୍ଦିରର ପୂଜକ ଚୈତନ୍ୟ ଦେହେରୀ, ସନ୍ତୋଷ ଦେହେରୀ, ରଘୁମଣି ଦେହେରୀ, ପ୍ରିୟବ୍ରତ ଦେହେରୀ ପୂଜାକାର୍ଯ୍ୟ ସମ୍ପନ୍ନ କରିଥିଲେ। ଏହି ଅବସରରେ ଏକ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବ୍ୟାସ ଦଇତାରି ବିଶି ଏବଂ ସାଥି ପାରାୟଣ ସୁନ୍ଦର କାଣ୍ଡ ପାରାୟଣ କରିଥିଲେ। କର୍ତ୍ତାଭାବେ ପ୍ରସାନ୍ତ ସିଂ ସପତ୍ନୀକ କାର୍ଯ୍ୟଭାର ତୁଲାଇଥିଲେ। ହଜାର ହଜାର ଭକ୍ତଙ୍କ ଗହଣରେ ମାଁଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ ସମାପନ ହୋଇଥିବା ବେଳେ ଗୁରୁବାର ଗର୍ଭଗୃହ ପ୍ରବେଶ କାର୍ଯ୍ୟକ୍ରମ ରହିଛି।

### ସୁବଳୟା ଡିଗ୍ରୀ କଲେଜରେ ବିଦାୟକାଳୀନ ସମ୍ବର୍ଦ୍ଧନା

**ଅମରପାଲି,୨୫।୩(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସୁବଳୟାସ୍ଥିତ ଆଞ୍ଚଳିକ ମହାବିଦ୍ୟାଳୟରେ ଯୁକ୍ତ ୩ ଶେଷବର୍ଷର ଛାତ୍ରୀଛାତ୍ରଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଡ଼. ଏସ. ଟି. ରହେମନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପ୍ରଥମ ଏବଂ ଦ୍ୱିତୀୟ ବର୍ଷର ଛାତ୍ରୀଛାତ୍ରମାନେ ତୃତୀୟ ବର୍ଷର ଛାତ୍ରୀଛାତ୍ରଙ୍କୁ ବିଦାୟ ଜଣେଇଥିଲେ। ଅଧ୍ୟାପକ ବଳଦେବ ପୂଜାହାରୀ, ପଦ୍ମନାଭ ମେହେର, ଶୁଭ୍ରାଂଶୁ ଶେଖର ପଧାନ, ଅଧ୍ୟାପିକା ବୀଣାପାଣି ଦାସ, କିରାଣୀ ହଜାରୀ ମେହେର ଏହି ସମ୍ବର୍ଦ୍ଧନା ସଭାରେ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ଅଭିଭାଷଣ ପ୍ରଦାନ କରିଥିଲେ। ଶେଷରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ପୂର୍ଣ୍ଣଚନ୍ଦ୍ର ମେହେର ସଭା ପରିଚାଳନା କରିଥିଲେ। ବିଭୂତି କୁଦେଇ ଧନ୍ୟବାଦ ଅର୍ପଣ କରିଥିଲେ। ରାଜେଶ ଦାସ, ହୃଷୀକେଶ ନାଏକ, ପୀତବାସ ଭୋଇ ଏବଂ ମହାବିଦ୍ୟାଳୟର ଅନେକ ଛାତ୍ରୀଛାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ବିଦାୟକାଳୀନ ସମ୍ବର୍ଦ୍ଧନା ସଭାରେ ଛାତ୍ରୀଛାତ୍ର ଓ ଅଧ୍ୟାପିକା ଅଧ୍ୟାପକ।

# ପାଇକବାହାଲ ସରପଞ୍ଚ ପୁନଃ ଅବସ୍ଥାପିତ ହେଲେ

**ସୋନପୁର/ତରଭା,୨୫।୩ (ମୃତ୍ୟୁଞ୍ଜୟ ଶତପଥୀ/ମାନଭଞ୍ଜନ ମିଶ୍ର)**


ପାଇକବାହାଲ ପଞ୍ଚାୟତ ଅଫିସ ସମ୍ମୁଖରେ ସମର୍ଥକଙ୍କ ସହିତ ଗଣନାଥ ସାହୁ।

## ଜିଲାପାଳଙ୍କ ବହିଷ୍କାର ଆଦେଶ ହାଇକୋର୍ଟରେ ଖାରଜ

ହାଇକୋର୍ଟଙ୍କ ନିର୍ଦ୍ଦେଶରେ ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ପାଇକବାହାଲ ସରପଞ୍ଚ ଭାବେ ଗଣନାଥ ସାହୁ ପୁନଃଅବସ୍ଥାପିତ ହୋଇଛନ୍ତି। ପ୍ରାୟ ଦେଢବର୍ଷ ହେଲା ପାଇକବାହାଲ ପଞ୍ଚାୟତରେ ଉନ୍ନୟନକାମ ବ୍ୟାହାତ ହୋଇପଡିଥିଲା। ଏବେ ଉନ୍ନୟନ କାମ ତ୍ୱରାନ୍ୱିତ ହେବ ବୋଲି ପଞ୍ଚାୟତବାସୀ ଆଶା କରିଛନ୍ତି। ପଞ୍ଚାୟତରେ ଲଗାତାର ତିନୋଟି ବୈଠକ କରି ନ ଥିବା ଅଭିଯୋଗରେ ତାଙ୍କୁ ଗତ ୧୨।୯।୨୦୨୪ରେ ପୂର୍ବତନ ଜିଲାପାଳ ଅନ୍ୟା ଦାସ ପଦରୁ ବହିସ୍କାର କରିଥିଲେ। ସେହି ନିର୍ଦ୍ଦେଶକୁ ଗଣନାଥ ସାହୁ ପ୍ରଥମେ ପଞ୍ଚାୟତରାଜ ବିଭାଗ ଓ ପରେ ଓଡ଼ିଶା ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ହାଇକୋର୍ଟ ଏହି ମାମଲାର ବିଚାରକରି ୧୮।୭।୨୦୨୫ରେ ଜିଲାପାଳଙ୍କ ଦ୍ୱାରା କରାଯାଇଥିବା ବହିସ୍କାର ଆଦେଶକୁ ଖାରଜ କରିଦେଇ ପଞ୍ଚାୟତିରାଜ ବିଭାଗ ୪ ସପ୍ତାହ ମଧ୍ୟରେ ଏହାର ପୁନଃର୍ବିଚାର କରିବାକୁ ନିର୍ଦ୍ଦେଶ କରିଥିଲେ। କିନ୍ତୁ ପଞ୍ଚାୟତିରାଜ ବିଭାଗ କୌଣସି ପଦକ୍ଷେପ ନ ନେବାରୁ ଗଣନାଥ ପୁଣି ଥରେ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ଏହାର ବିଚାର କରି ହାଇକୋର୍ଟ ଗତ ୧୦।୩।୨୦୨୬ରେ ଗଣନାଥ ସାହୁଙ୍କୁ ସରପଞ୍ଚ ଭାବେ ପୁନଃଅବସ୍ଥାପିତ କରିବାକୁ ରାଜ୍ୟସରକାରଙ୍କ ପଞ୍ଚାୟତିରାଜ ବିଭାଗକୁ ବିଜ୍ଞପ୍ତି ପ୍ରକାଶ କରିବାକୁ ନିର୍ଦ୍ଦେଶ କରିଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶରେ ପଞ୍ଚାୟତିରାଜ ବିଭାଗର ନିର୍ଦ୍ଦେଶକ ଗତ ୨୪।୩।୨୦୨୬ରେ ଏକ ଘୋଷଣାନାମା ଜାରି କରି ଗଣନାଥ ସାହୁଙ୍କୁ ସରପଞ୍ଚ ଭାବରେ ପୁନଃଅବସ୍ଥାପିତ କରିବାକୁ ସୁବର୍ଣ୍ଣପୁର ଜିଲାପାଳଙ୍କୁ ନିର୍ଦ୍ଦେଶ କରିଥିଲେ। ଜିଲାପାଳ ତାଙ୍କ ପତ୍ରସଂଖ୍ୟା ୩୪୫ ତା୨୪।୩।୨୦୨୬ରେ ଗଣନାଥ ସାହୁଙ୍କୁ ସରପଞ୍ଚ ଭାବରେ ପୁନଃଅବସ୍ଥାପିତ କରିଛନ୍ତି । ଜିଲାପାଳଙ୍କ ଚିଠି ପାଇଲା ପରେ ବୁଧବାର ଗଣନାଥ ତାଙ୍କ ଶତାଧିକ ସମର୍ଥକଙ୍କ ସହିତ ପଞ୍ଚାୟତ କାର୍ଯ୍ୟାଳୟକୁ ଆସି କାର୍ଯ୍ୟରେ ଯୋଗଦେଇଛନ୍ତି। ସେ କୌଣସି ଅପରାଧ କରିନାହାନ୍ତି କି ଅର୍ଥ ତୋଷରପାତ କରିନାହାନ୍ତି। କେବଳ ରାଜନୈତିକ ଚକ୍ରାନ୍ତରେ ତାଙ୍କୁ ବହିସ୍କାର କରାଯାଇଥିଲା। ଏବେ ସତ୍ୟର ଜୟ ହୋଇଛି ବୋଲି ପ୍ରତିକ୍ରିୟାରେ କହିଛନ୍ତି। ରାଜ୍ୟରେ ଚାଲିଥିବା ମୋହନ ସରକାରଙ୍କ ଲୋକାଭିମୁଖି ଯୋଜନାଗୁଡିକ କିଭଳି ସାଧାରଣ ଜନତାଙ୍କ ପାଖରେ ପହଞ୍ଚିବ ସେନେଇ କାମ କରିବେ ବୋଲି ସରପଞ୍ଚ ଗଣନାଥ ସାହୁ କହିଛନ୍ତି। ହାଇକୋର୍ଟରେ ଗଣନାଥ ସାହୁଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ପ୍ରତୀକ ନାୟକ ମାମଲାକୁ ପରିଚାଳନା କରୁଥିଲେ।

**ଉଦ୍ଧାର ଅଜଗରକୁ ଜଙ୍ଗଲରେ ଛାଡ଼ିଲା ବନ ବିଭାଗ**

ରେଢ଼ାଖୋଲ,(ସନ୍ତୋଷ ବଘାର): ସମ୍ବଲପୁର ଜିଲା ରେଢ଼ାଖୋଲ ନିକଟ କନ୍ଧରା ଭାମ ଭୋଇ ସ୍ମୃତି ପୀଠ ନିକଟ ଯୋଉରୁ ବୁଧବାର ଏକ ଅଜଗର ସାପ ଉଦ୍ଧାର କରାଯାଇଛି। ସାପର ଲମ୍ବ ପ୍ରାୟ ୧୦ ଫୁଟ ହେବା ସାପ ନଈରୁ ବାହାରି ଆସୁଥିବା ବେଳେ ଗାଁ ଲୋକ ଦେଖିଥିଲେ। ଖବର ପାଇ ବନ ବିଭାଗ କର୍ମଚାରୀ ସୁରେନ୍ଦ୍ର ପ୍ରଧାନ ଏବଂ ବିନାୟକ ମଲ୍ଲିକ ସେଠରେ ପହଞ୍ଚି ସାପକୁ ଉଦ୍ଧାର କରି ନିକଟସ୍ଥ କିଆକଟା ଜଙ୍ଗଲରେ ଛାଡି ଦେଇଥିବା ଜଣାପଡିଛି।



## ସଂକ୍ଷେପରେ

### ଜାତୀୟ ପ୍ରବେଶିକା ପରୀକ୍ଷାରେ ମହିଳା ମହାବିଦ୍ୟାଳୟ ଛାତ୍ରୀଙ୍କ କୃତିତ୍ୱ

ସମ୍ବଲପୁର,୨୫।୩(ବି.ଶଙ୍କର)

ଜାତୀୟସ୍ତରର ଆଇଆଇଟି-ଜାମ ପ୍ରବେଶିକା ପରୀକ୍ଷାରେ ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟର ଛାତ୍ରୀମାନେ ସଫଳତା ହାସଲ କରିଛନ୍ତି। ମହାବିଦ୍ୟାଳୟ ଗଣିତ ବିଭାଗର ୪ ଜଣ ଛାତ୍ରୀ ଉତ୍ତୀର୍ଣ୍ଣ ହୋଇ ଆଇଆଇଟି ଓ ନାଇଜର ଆଦି ଜାତୀୟସ୍ତରର ଉଚ୍ଚଶିକ୍ଷା ଅନୁଷ୍ଠାନରେ ନାମ ଲେଖାଇବା ପାଇଁ ସୁଯୋଗ ପାଇଛନ୍ତି। ଛାତ୍ରୀ ବିଉଟି ଦେହୁରୀ ୧୨୪ ତମ, ମାନିନୀ ମହାପାତ୍ର ୧୪୮୯ ତମ, ଅଞ୍ଜଳି ବାରିକ ୨୩୮୮ତମ ଏବଂ ମୀନାକ୍ଷୀ ମିର୍ଦ୍ଧା ୪୬୨୬ ତମ ସ୍ଥାନ ଅଧିକାର କରି ମହିଳା ମହାବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ସେମାନଙ୍କୁ ଉତ୍ସାହିତ କରିବା ପାଇଁ ଅଧ୍ୟକ୍ଷା ପ୍ରଫେସର କଳ୍ପନା ମେହେର ମଙ୍ଗଳବାର ସମସ୍ତ ଛାତ୍ରୀ, ବିଭାଗୀୟ ଅଧ୍ୟାପକ ତଥା ମହାବିଦ୍ୟାଳୟର କର୍ମକର୍ତ୍ତାମାନେ ସ୍ୱତନ୍ତ୍ର ଭାବରେ ସମ୍ବର୍ଦ୍ଧିତ କରିଛନ୍ତି।

### ବଳମରେ ରଜକ ସମାଜ ବୈଠକ

ନାକଟିଦେଉଳ,୨୫।୩(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ବଳମ ହାଟପଦାଠାରେ ରଜକ ସମାଜର ବ୍ଲକସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ରଜକ ସମାଜ ବ୍ଲକ ସଂଘ ସଭାପତି କେଦାର ବେହେରା ଏଥିରେ ସଭାପତିତ୍ୱ କରିଥିଲେ। ଏହି ବୈଠକରେ ସମାଜର ସମସ୍ତ ଲୋକଙ୍କୁ ଏକତ୍ରିକରଣ କରି ସଂଘକୁ ତୃଣମୂଳସ୍ତରରୁ ଦୃଢ଼ୀଭୂତ କରାଯିବା ଉପରେ ଆଲୋଚନା କରାଯାଇଥିଲା । ଏଥି ସହିତ ବିଭିନ୍ନ ସାମାଜିକ କାର୍ଯ୍ୟରେ ନିଶା ସେବନକୁ ସମ୍ପୂର୍ଣ୍ଣ ଭାବେ ବାରଣ କରାଯିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ସମାଜର ପାରମ୍ପରିକ ରୀତିନୀତି ଉପରେ ଆଲୋଚନା କରାଯାଇ ଏହାକୁ ବଞ୍ଚାଇ ରଖିବା ଉପରେ ଆଲୋଚନା କରାଯାଇଥିଲା। ବୈଠକରେ ଋଷିକେଶ ବେହେରା, ସୁରେଶ ବେହେରା, କାର୍ତ୍ତିକେଶର ବେହେରା, ଅତୁଲ୍ୟ ସେଠୀ ଏବଂ ପ୍ରମୋଦ ବେହେରା ଯୋଗଦେଇଥିଲେ।

### ଶିଶୁ ମନ୍ଦିରରେ ଘର ହିଁ ବିଦ୍ୟାଳୟ ପ୍ରକଳ୍ପ

ନାକଟିଦେଉଳ,୨୫।୩(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଜଗନ୍ନାଥ ପ୍ରସାଦ ଶିଶୁ ମନ୍ଦିର ପରିସରରେ ଘର ହିଁ ବିଦ୍ୟାଳୟ ପ୍ରକଳ୍ପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜଗନ୍ନାଥପ୍ରସାଦ ଅଙ୍ଗନୱାଡ଼ି କେନ୍ଦ୍ରର ଶିକ୍ଷାକର୍ମୀ ଶ୍ରୀମତୀ ସାହୁ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଶିଶୁ ବାଟିକା ଆଚାର୍ଯ୍ୟ ବିଜୟ କୁମାର ବେହେରା ଅତିଥି ପରିଚୟ କରିଥିଲେ। ପରିଚାଳନା କମିଟି ସଭାପତି ବିରଞ୍ଚି ଶଙ୍କର ସାହୁ ଔପଚାରିକ ଓ ଅନୌପଚାରିକ ଶିକ୍ଷା ବିଷୟରେ ଆଲୋଚନା କରିଥିଲେ। ଶିଶୁ ବାଟିକା ପ୍ରମୁଖ ବିଜୟ କୁମାର ବେହେରା କ୍ରିୟାକଳାପ ବିଷୟରେ କହିଥିଲେ। ପ୍ରଧାନ ଆଚାର୍ଯ୍ୟ ବିଜୟ କୁମାର ସାହୁ କ୍ରିୟାକଳାପ ଆଧାରିତ ଶିକ୍ଷା ବିଷୟରେ ଆଲୋକପାତ କରିଥିଲେ।

### ବ୍ଲକସ୍ତରୀୟ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା

ସମ୍ବଲପୁର,୨୫।୩(ବି.ଶଙ୍କର)

ସମ୍ବଲପୁର ଜିଲା ଧନକଉଡ଼ା ବ୍ଲକସ୍ତରୀୟ ଦ୍ୱିଦିବସୀୟ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା ବୁଧବାର ବ୍ରଜମୋହନ ପଟ୍ଟନାୟକ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସଭାକକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଗୋଷ୍ଠୀ ଶିକ୍ଷା ଅଧିକାରୀ କରନ ଶର୍ମା କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳାର ଉଦ୍ଦେଶ୍ୟ, ଲକ୍ଷ୍ୟ ଏବଂ ଆବଶ୍ୟକତା ସମ୍ବନ୍ଧରେ ସେ ଦିଗଦର୍ଶନ ପ୍ରଦାନ କରିଥିଲେ। ଏହି କର୍ମଶାଳାରେ ୩୦ ଜଣ ଶିକ୍ଷୟିତ୍ରୀଶିକ୍ଷକ ଅଂଶଗ୍ରହଣ କରି ବିଭିନ୍ନ ଶ୍ରେଣୀ ନିମନ୍ତେ ଦକ୍ଷତା ଆଧାରିତ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରିଥିଲେ । ସହକାରୀ ଶିକ୍ଷକ ଅସୀମ ପ୍ରଧାନ ସଭା ପରିଚାଳନା କରିଥିବା ବେଳେ ସୁବାସ ସାହୁ କର୍ମଶାଳାର ବିବରଣୀ ପଠନ କରିଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରମେଶ ମିଶ୍ର କର୍ମଶାଳାର ଆଭିମୁଖ୍ୟ ସମ୍ବନ୍ଧରେ ବକ୍ତବ୍ୟ ପ୍ରଦାନ କରିଥିଲେ ।

# ସମ୍ବଲପୁର ହେବ ପ୍ରମୁଖ ସ୍ମାର୍ଟସିଟି, ଆଇଟି ସେଣ୍ଟର

ସମ୍ବଲପୁର,୨୫।୩(ପ୍ରମୋଦ ବହିଦାର)

**୨ ଶହ କୋଟିର ଆଇଟି ପାର୍କ ସହ ଏଆଇ ଉତ୍କର୍ଷତାର କେନ୍ଦ୍ର ପ୍ରତିଷ୍ଠା ହେବ**

ସମ୍ବଲପୁର ଓଡ଼ିଶାର ଏକ ପ୍ରମୁଖ ସ୍ମାର୍ଟସିଟି ତଥା ଆଇଟି ସେଣ୍ଟର ଭାବେ ଉଭା ହେବ। ସମ୍ବଲପୁର ଜିଲା ପାଇଁ ନିଯୁକ୍ତ ନୋଡାଲ୍ ସଚିବ ତଥା ଓଡ଼ିଶା ସରକାରଙ୍କ ଶକ୍ତି, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ଅତିରିକ୍ତ ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବ ଏହା କହିଛନ୍ତି। ସମ୍ବଲପୁର ଗସ୍ତରେ ଆସିଥିବା ଦେବ ଜିଲାର ବିଭିନ୍ନ ବିକାଶମୂଳକ କାର୍ଯ୍ୟର ସମୀକ୍ଷା କରିବା ସହ ସହରରେ ଆଇଟି କ୍ଷେତ୍ରର ଅଭିବୃଦ୍ଧି ସମ୍ପର୍କିତ ଅନେକ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଛନ୍ତି। ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସମଗ୍ରଶିକ୍ଷା ସମ୍ମିଳନୀ କକ୍ଷରେ ବୁଧବାର ଅନୁଷ୍ଠିତ ସମୀକ୍ଷା ବୈଠକରେ ଯୋଗଦେଇ ସେ କହିଛନ୍ତି, ଭୁବନେଶ୍ୱର ବାହାରେ ଆଇଟି କ୍ଷେତ୍ରର ବିକେନ୍ଦ୍ରୀକରଣ ପ୍ରକ୍ରିୟା ସ୍ୱରୂପ ସମ୍ବଲପୁର, ରାଉରକେଲା, ଝାରସୁଗୁଡ଼ା ଓ ବ୍ରହ୍ମପୁର ଭଳି ସହରକୁ ଆଇଟି ହବ୍ ଭାବେ ଗଢ଼ିତୋଳିବା ସରକାରଙ୍କ ମୁଖ୍ୟ ଲକ୍ଷ୍ୟ। ଏହିକ୍ରମରେ ସମ୍ବଲପୁରରେ ପ୍ରାୟ ୨ଶହ କୋଟି ଟଙ୍କା ବ୍ୟୟରେ ଏକ ଆଇଟି ପାର୍କ ଓ ଆଇଟି ଟାୱାର ନିର୍ମାଣ କରାଯିବ। ଏଥିପାଇଁ ସ୍ଥାନ ଚିହ୍ନଟ ପ୍ରକ୍ରିୟା ଶେଷ ହୋଇଛି। ଆଗାମୀ ଦିନରେ ବହୁରାଷ୍ଟ୍ରୀୟ କମ୍ପାନୀ(ଏମ୍‌ଏନ୍‌ସି)ଗୁଡ଼ିକ ସମ୍ବଲପୁର ମୁହାଁ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ବୁର୍ଲା ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟର(ଭିସୁଟ୍) ପରିସରରେ ପ୍ରତିଷ୍ଠିତ ଆଇଟି ବିଭାଗ ସହ ମିଶି କୃତ୍ରିମ ବୁଦ୍ଧିମତ୍ତା ବା ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ(ଏଆଇ)ର ଏକ ସେଣ୍ଟର ଅଫ୍ ଏକ୍ସଲେନ୍ସ ବା ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା କରାଯିବ। ଦେଶର ଅଗ୍ରଣୀ ଆଇଟି କମ୍ପାନୀ 'ଜେଡ୍‌ଓଏଚ୍‌ଓ କର୍ପୋରେଶନ ପ୍ରାଇଭେଟ୍ ଲିମିଟେଡ୍'(ଜୋହୋ) ସହିତ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ପାଇଁ ଆଲୋଚନା ଚାଲିଥିବା ବେଳେ ଏହା ସମ୍ବଲପୁରର ଯୁବପିଢ଼ିଙ୍କ ପାଇଁ ନିଯୁକ୍ତିର ବଡ଼ ସୁଯୋଗ ସୃଷ୍ଟି କରିବ ବୋଲି ସେ କହିଥିଲେ।


ଏସ୍‌ଏସ୍‌ଏ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଅଧିକାରୀଙ୍କ ସହ ନୋଡାଲ୍ ସଚିବ।

ଏହି ଅବସରରେ ନୋଡାଲ ସଚିବ ଦେବ ଜିଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରି ରୋଗୀଙ୍କ ସହ ଆଲୋଚନା କରିଥିଲେ। ଜିଲାର ପର୍ଯ୍ୟଟନ, କ୍ରୀଡ଼ା ତଥା ମା' ସମଲେଶ୍ୱରୀ ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟର ଅଗ୍ରଗତି ନେଇ ସନ୍ତୋଷବ୍ୟକ୍ତ କରିଛନ୍ତି। ଏହାସହ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଜିଲାର ପ୍ରତିଟି ପରିବାରକୁ ପାଇପ୍ ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ କାମର ଅଗ୍ରଗତି ସମୀକ୍ଷା କରାଯାଇଥିଲା। ଶିକ୍ଷଣ ଫଳାଫଳ ବୃଦ୍ଧି ଉପରେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିବା ସହ ମହିଳା ଓ ଶିଶୁ ବିକାଶ ବିଭାଗର ସୁଭଦ୍ରା ଯୋଜନା, ପୋଷଣ ଅଭିଯାନ ଏବଂ ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟକ୍ରମ(ଆଇସିଡିଏସ୍)ର ସ୍ଥିତି ପରଖିଥିଲେ। ସେତୁ ବନ୍ଧନ ଯୋଜନା ଏବଂ ଜିଲାର ଗ୍ରାମୀଣ ବୈଦ୍ୟୁତୀକରଣ କାମକୁ ତ୍ୱରାନ୍ୱିତ କରିବାକୁ ସେ ଟିଡିଡବ୍ଲ୍ୟୁଡିଏଲ୍‌ର ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସମୀକ୍ଷା ବୈଠକରେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଅତିରିକ୍ତ ଜିଲାପାଳ ଅଶୋକ କୁମାର ଭୋଇ, ଜିଲା ପରିଷଦ ଉନ୍ନୟନ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ପାତ୍ର, ଯୋଜନା ଓ ନିରୀକ୍ଷଣ ଉପନିର୍ଦ୍ଦେଶକ ପ୍ରକାଶ କୁମାର ଦେଓ, ୱାଟ୍‌କୋ ମହା ପ୍ରବନ୍ଧକ ଇଂ. ବ୍ରହ୍ମେଶ୍ୱର ଦାସ, ଜିଲା ଖାଦ୍ୟ ଓ ଯୋଗାଣ ଅଧିକାରୀ ମିଳନ କୁମାର ମାଝୀ, ଜିଲା ଶିକ୍ଷାଧିକାରୀ ଲକ୍ଷ୍ମଣ ଭୋଇ, ଏସ୍‌ଏମ୍‌ସି ଉପାୟୁକ୍ତ ଶୁଭଦୀପ୍ତା ମହାନ୍ତିଙ୍କ ସମେତ ବିଭିନ୍ନ ଲାଇନ୍ ବିଭାଗ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଉନ୍ନୟନ କାର୍ଯ୍ୟର ତଦାରଖ, ହିତାଧିକାରୀଙ୍କ ସହ ଆଲୋଚନା

ନାକଟିଦେଉଳ,୨୫।୩(ବୈକୁଣ୍ଠନାଥ ସାହୁ)

**ସୂଚନା ପ୍ରଯୁକ୍ତି ବିଦ୍ୟା ସଚିବଙ୍କ ନାକଟିଦେଉଳ ଗସ୍ତ**

ରାଜ୍ୟ ସୂଚନା ଓ ପ୍ରଯୁକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଳ କୁମାର ଦେବ ବୁଧବାର ସମ୍ବଲପୁର ଜିଲଶ ନାକଟିଦେଉଳ ବ୍ଲକ ଗସ୍ତରେ ଆସି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ତଦାରଖ କରିଥିଲେ। ଏଥିସହ ବିଭିନ୍ନ ସରକାରୀ ଯୋଜନାରେ ସାମିଲ ହିତାଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ଶ୍ରୀ ଦେବ ଅପରାହ୍ନରେ ବ୍ଲକ ଅନ୍ତର୍ଗତ ମୁଟୁରୁମୁଣ୍ଡା ଆଶ୍ରମ ବିଦ୍ୟାଳୟ ପରିଦର୍ଶନ କରି ଛାତ୍ରୀଛାତ୍ରଙ୍କ ସହିତ ଭାବ ବିନିମୟ କରିଥିଲେ। ଏଥିସହିତ ବିଦ୍ୟାଳୟର ଭିତ୍ତିଭୂମି ସମେତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ବହିଃବିଭାଗ ଓ ଅନ୍ତଃବିଭାଗ ରୋଗୀଙ୍କ ସହ ଆଲୋଚନା କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରର ପରୀକ୍ଷାଗାର ଓ ଔଷଧ ବିତରଣ କେନ୍ଦ୍ର ବୁଲି ଦେଖିବା ସହ ଡାକ୍ତରଖାନାର ବିଭିନ୍ନ ଅଭାବ ଅସୁବିଧା ନେଇ ଚିକିତ୍ସା ଅଧିକାରୀ ଡା. ଅମୂଲ୍ୟରତ୍ନ ମହନ୍ତଙ୍କ ସହିତ ଆଲୋଚନା କରିଥିଲେ। ସେହିପରି ନାକଟୀଦେଉଳଠାରେ ଥିବା ଦୁଗ୍ଧ ଶୀତକୀକରଣ କେନ୍ଦ୍ର ପରିଦର୍ଶନ କରିବା ସହ ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନାରେ ସାମିଲ ନାକଟିଦେଉଳ ଏବଂ ସରାପାଲିର ୪ଜଣ ହିତାଧିକାରୀଙ୍କୁ ଏହି ଯୋଜନାରୁ କିପରି ଲାଭ ଉଠାଉଛନ୍ତି ପଚାରି ବୁଝିଥିଲେ। ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେବଙ୍କ ଏହି ଗସ୍ତ ସମୟରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରସନ୍ନ କୁମାର ପାତ୍ର, ଜିଲା ଯୋଜନା ଓ ପର୍ଯ୍ୟାଲୋଚନା କାର୍ଯ୍ୟାଳୟ ଉପନିର୍ଦ୍ଦେଶକ ପ୍ରକାଶ କୁମାର ଦେଓ, ରେଢ଼ାଖୋଲ ଉପଜିଲାପାଳ ରଶ୍ମିରଞ୍ଜନ ମହନ୍ତ, ନାକଟିଦେଉଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆକାଶ ରଞ୍ଜନ ସାହୁ, ତହସିଲଦାର ଅମର ଯଶପ୍ରୀତ ଡୁଙ୍ଗଡୁଙ୍ଗ, ବିଦ୍ୟୁତ୍ ବିଭାଗ ଉପଖଣ୍ଡ ଅଧିକାରୀ ପ୍ରିୟରଞ୍ଜନ ଦାସ, ନାକଟିଦେଉଳ ଟିପିଡବ୍ଲ୍ୟୁଓଡ଼ିଏଲ କନିଷ୍ଠ ଯନ୍ତ୍ରୀ ତାପସ କୁମାର ସାହୁ ଉପସ୍ଥିତ ଥିଲେ।

# ଶୃଙ୍ଖଳିତ ଛାତ୍ରୀଛାତ୍ର ଜୀବନରେ ଶିଖର ଛୁଇଁଥାନ୍ତି


ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି ଓ ବକ୍ତାମାନେ ।

ସମ୍ବଲପୁର,୨୫।୩(ବି.ଶଙ୍କର)

ସମ୍ବଲପୁର ସହର ଭୀମଭୋଇ ନଗରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୧୯ ତମ ବାର୍ଷିକ ଉତ୍ସବ ବୁଧବାର ପାଳିତ ହୋଇଯାଇଛି। ଉତ୍ସବକୁ ଶିକ୍ଷକ ବବୃବାହନ ଭୋଇ ପରିଚାଳନା କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଜୟକୃଷ୍ଣ ବେହେରା ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ପ୍ରଦୀପ କୁମାର ହରପାଲ ଯୋଗଦେଇ ଶିକ୍ଷା, ଶିକ୍ଷକ ଏବଂ ଛାତ୍ରୀଛାତ୍ରଙ୍କ ମଧ୍ୟରେ କିପରି ସମନ୍ୱୟ ରହିବ, ସେନେଇ ଆଲୋଚନା କରିଥିଲେ । ଏହି ସହ ନୂତନ ଶିକ୍ଷା ନୀତି ବିଷୟରେ ଆଲୋକପାତ କରିଥିଲେ । ଛାତ୍ରୀଛାତ୍ରମାନ କଠିନ ପରିଶ୍ରମ କରିବାକୁ ମୁଖ୍ୟ ଅତିଥି ଆହ୍ୱାନ ଦେଇଥିଲେ। ବିଶ୍ୱହିନ୍ଦୁ ପରିଷଦ ସେବା ପ୍ରମୁଖ ବିପିନ ବିହାରୀ ଗଡନାୟକ ମୁଖ୍ୟବକ୍ତାଭାବେ ଯୋଗଦେଇ ଛାତ୍ରୀଛାତ୍ରମାନେ ବୈଷୟିକ ଜ୍ଞାନ ଆହରଣ କରିବା ସହ ଭାରତୀୟ ସଂସ୍କୃତି ବିଷୟରେ ଜ୍ଞାନ ଅର୍ଜନ କରିବା ଆବଶ୍ୟକତା ରହିଛି ବୋଲି କହିଥିଲେ। ସମ୍ମାନୀତ ଅତିଥି ଅବସରପ୍ରାପ୍ତ ବରିଷ୍ଠ ଶିକ୍ଷକ ତଥା ଜିଲା ସ୍କୁଲର ଏନ୍‌ସିସି ଅଧିକାରୀ ଗିରିଧାରୀ ମହାନ୍ତି ଶୃଙ୍ଖଳିତ ଛାତ୍ରୀଛାତ୍ର ଜୀବନରେ ଶିଖରକୁ ଛୁଇଥାନ୍ତି ବୋଲି କହିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ସତ୍ୟବ୍ରତ କୁମାର ଦାସ, ଅନୁରାଗ କୁମାର ଓ ଦୁଲାଲ ଚନ୍ଦ୍ର ରାୟ ସମ୍ମାନୀତ ଅତିଥିଭାବେ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଚଳିତବର୍ଷ ସାମାଜିକ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ସକାଶେ ସମାଜସେବୀ ଗିରିଜା ଶଙ୍କର ସାହୁ ଓ ବୁଢ଼ାରାଜା ହାଇସ୍କୁଲ ବରିଷ୍ଠ ବିଜ୍ଞାନ ଶିକ୍ଷକ ପ୍ରଦୀପ କୁମାର ସାହୁଙ୍କୁ ସମ୍ମାନୀତ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷକ ହେମନ୍ତ ପଣ୍ଡା, ସଞ୍ଜୟ କୁମାର ଦାସ, ସିଦ୍ଧାର୍ଥ କୁମାର ପ୍ରଧାନ, ଶିକ୍ଷୟିତ୍ରୀ ଶୁଭଶ୍ରୀ ବଡ଼ପଣ୍ଡା, ସଂଯୁକ୍ତା ପାଢ଼ୀ ସହଯୋଗ କରିଥିଲେ।

# ଜନଗଣନା ପାଇଁ ତହସିଲ୍ କାର୍ଯ୍ୟାଳୟରେ ପ୍ରଶିକ୍ଷଣ ଶିବିର

ସମ୍ବଲପୁର,୨୫।୩(ପ୍ରମୋଦ ବହିଦାର)

୨୦୨୭ ମସିହା ପ୍ରଥମ ପର୍ଯ୍ୟାୟ ଜନଗଣନା ପାଇଁ ସମ୍ବଲପୁର ସଦର ତହସିଲ କାର୍ଯ୍ୟାଳୟରେ ଏକ ପ୍ରଶିକ୍ଷଣ ଶିବିର ଅୟୋଜିତ ହୋଇଯାଇଛି। ଗତ ୨୪ ତାରିଖରୁ ଆରମ୍ଭ ହୋଇଥିବା ପ୍ରଶିକ୍ଷଣ ଶିବିର ୩ଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବ। ପ୍ରଥମ ପର୍ଯ୍ୟାୟରେ ସଦର ତହସିଲ କାର୍ଯ୍ୟାଳୟରେ ୨୬ ତାରିଖ ଯାଏ, ଦ୍ୱିତୀୟ ପର୍ଯ୍ୟାୟ ମାର୍ଚ୍ଚ ୩୦ରୁ ଏପ୍ରିଲ ୨ ତାରିଖ ପର୍ଯ୍ୟନ୍ତ ଶାସନ ପିଏମ୍‌ଶ୍ରୀ ଉଚ୍ଚ ବିଦ୍ୟାଳୟରେ ଏବଂ ତୃତୀୟ ପର୍ଯ୍ୟାୟ ପ୍ରଶିକ୍ଷଣ ଏପ୍ରିଲ ୪ରୁ ୭ ତାରିଖ ଯାଏ ଗୋଶାଳା ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହେବ। ଏଥିରେ ସମୁଦାୟ ୧୩୭ ଜଣ ଗଣନାକାରୀ ଓ ପର୍ଯ୍ୟବେକ୍ଷକଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। ଏଥିରେ ସଦର ତହସିଲଦାର ଅଭିଜିତ ମହନ୍ତ, ଚାର୍ଜ ଅଫିସର, ଅତିରିକ୍ତ ତହସିଲଦାର ସଞ୍ଜୟ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଟ୍ରେନର୍ ତଥା ପ୍ରଶିକ୍ଷକ ରଫିକ ଅହମ୍ମଦ ସମସ୍ତଙ୍କୁ ପ୍ରଶିକ୍ଷଣ ଦେଇଥିଲେ।

# କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଆସୋସିଏଶନ କାର୍ଯ୍ୟାଳୟ ଉଦ୍‌ଘାଟିତ


କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଆସୋସିଏଶନ ନିଜସ୍ୱ କାର୍ଯ୍ୟାଳୟ ଉଦ୍‌ଘାଟନ ଅବସରରେ କର୍ମକର୍ତ୍ତା ଓ ସଭ୍ୟମାନେ ।

ସମ୍ବଲପୁର,୨୫।୩(ବି.ଶଙ୍କର)

ସମ୍ବଲପୁର ଜିଲା କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଆସୋସିଏଶନର ନିଜସ୍ୱ କାର୍ଯ୍ୟାଳୟ ସୋମବାର ସ୍ଥାନୀୟ ଜଗନ୍ନାଥ କଲୋନୀଠାରେ ଉଦ୍‌ଘାଟିତ ହୋଇଯାଇଛି । ସକାଳେ ଗୃହ ପ୍ରବେଶ ପୂଜା ହୋଇଥିଲା । ଅନୁଷ୍ଠାନ ସମ୍ପାଦକ ଜୟପ୍ରକାଶ ତ୍ରିପାଠୀ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ଗୃହପ୍ରବେଶ କାର୍ଯ୍ୟକ୍ରମରେ ସଂଘ ସଭାପତି ଶିଳା ଶିବ ପ୍ରସାଦ, କୋଷାଧକ୍ଷ ଚନ୍ଦ୍ର କୁମାର ଅଗ୍ରୱାଲ, ସାଙ୍ଗଠାନିକ ସମ୍ପାଦକ ଜ୍ୟୋତିର୍ମୟ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବରିଷ୍ଠ ସଭ୍ୟ ପ୍ରକାଶ ପଣ୍ଡା, ରଶ୍ମି ରଞ୍ଜନ ମହାପାତ୍ର, ସୁରେନ୍ଦ୍ର ବିଶ୍ୱାଳ, ଦୀପକ ପାଢ଼ୀ ଯୋଗଦେଇଥିଲେ। ସମ୍ବଲପୁର ସହରକୁ ଦୂରଦୂରାନ୍ତରୁ ଆସୁଥିବା ରୋଗୀ ଓ ତାଙ୍କ ପରିଜନ ଏବଂ ଅନ୍ୟ ଜିଲାର ଔଷଧ ବ୍ୟବସାୟୀମାନଙ୍କ ଜରୁରୀକାଳୀନ ପରିସ୍ଥିତରେ ରହିବା ନିମନ୍ତେ ୩ଟି ସ୍ୱତନ୍ତ୍ର କୋଠରି ବ୍ୟବସ୍ଥା ରହିଛି। ଏଥିସହ ସଂଘ କାର୍ଯ୍ୟାଳୟ ଓ ସଭା ଗୃହ ମଧ୍ୟ ରହିଛି ବୋଲି ସଭାପତି ସୂଚିତ କରିଛନ୍ତି ।

# କ୍ଷେତ୍ର ପରିଦର୍ଶକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

କୁଚିଣ୍ଡା,୨୫।୩(ବିରଞ୍ଚି ଦର୍କା)

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକର ଗନମୁଣ୍ଡାଠାରେ ବୁଧବାର ଡିପୁପଡା ଓ ବାମରା ଦୁଗ୍ଧ ମାର୍ଗ କ୍ଷେତ୍ର ପରିଦର୍ଶକ (ସୁପରଭାଇଜର)ଙ୍କ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଓ ନୂତନ କ୍ଷେତ୍ର ପରିଦର୍ଶଙ୍କୁ ସ୍ୱାଗତ ସଭା ଅନୁଷ୍ଠିତ ହୋଇଯାଇଛି। ଦୁଗ୍ଧ ଚାଷୀ ବିରଞ୍ଚି ନାରାୟଣ ଦର୍କାଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ବକ୍ସମା ଦୁଗ୍ଧ ୟୁନିଟର ଅଞ୍ଚଳ ଭାରପ୍ରାପ୍ତ ଅଧିକାରୀ ସରୋଜିନୀ ବାରିକ, ଜମନକିରା କ୍ଷେତ୍ର ପରିଦର୍ଶକ ସମୀର ରଞ୍ଜନ ଗୌଡ, ଡିପୁପଡା ଓ ବାମରା କ୍ଷେତ୍ର ପରିଦର୍ଶକ ସନ୍ତୋଷ କୁମାର ଦେହେରୀ ଓ ମାନସ ସାହୁ, ଡିପୁପଡା ବିଏମସିର ରୂପାନନ୍ଦ ପଟେଲ ଯୋଗଦେଇଥିଲେ। ବକ୍ସମା ୟୁନିଟ ଅଞ୍ଚଳ ଭାରପ୍ରାପ୍ତ ଅଧିକାରୀ ସରୋଜିନୀ ବାରିକ ତାଙ୍କ ବକ୍ତବ୍ୟରେ ଅବସର ଗ୍ରହଣ କରୁଥିବା କ୍ଷେତ୍ର ପରିଦର୍ଶକ ଦେହେରୀ ତାଙ୍କ ୩ବର୍ଷ କାର୍ଯ୍ୟକାଳ ମଧ୍ୟରେ ଅନେକ ନୂତନ ସମିତି ଗଠନ କରି ଦୁଗ୍ଧ ଉତ୍ପାଦନ ବୃଦ୍ଧି କରିଥିବା କହିଥିଲେ। ସମ୍ବର୍ଦ୍ଧନା ସଭାରେ ଗନମୁଣ୍ଡା, କୁର୍ମିମୁଣ୍ଡା, ରାମତିଲେଇମାଲ, ଜାମଡିପା, ଡୁରେଇ, ପାଣ୍ଡିଆଡିପା, କୁ.ଜମନକିରା, ଲଇଡାଗୁଣା, ଲଇଗୁରା, କନ୍ଲେଇପାଲି, କେଶାଇବାହାଲ, ଚାରମାଳ, ବେଲମୁଣ୍ଡା, ଟାଙ୍ଗରପାଲି, ଝଗଡାତିରିଆ, ମଲେଇକେଲା, ବାଙ୍କେ ପ୍ରଭୃତି ଦୁଗ୍ଧ ଉତ୍ପାଦକ ସମବାୟ ସମିତିର ସଭାପତି ଓ ସମ୍ପାଦକମାନେ ଯୋଗଦେଇଥିଲେ।

## ରାସେଶ୍ୱରୀ ପାଣିଗ୍ରାହୀ ୱେଲ୍‌ଫେୟାର ଟ୍ରଷ୍ଟ ବୈଠକ

ସମ୍ବଲପୁର,୨୫।୩(ବି.ଶଙ୍କର)

ଅସହାୟଙ୍କୁ ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ସହଯୋଗ ପାଇଁ ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀ ୱେଲଫେୟାର ଟ୍ରଷ୍ଟ ଏହାର କାର୍ଯ୍ୟ ଜାରି ରଖିବ। ଟ୍ରଷ୍ଟ ସଂସ୍ଥାପିକା ଡା.ରାସେଶ୍ୱରୀ ପାଣିଗ୍ରାହୀଙ୍କ ଅବର୍ତ୍ତମାନରେ ବୁଧବାର ଶାନ୍ତିନଗରଠାରେ ଅନୁଷ୍ଠିତ ବୈଠକରେ ଉପରୋକ୍ତ ମର୍ମରେ ସଂକଳ୍ପ ନିଆଯାଇଛି । ଟ୍ରଷ୍ଟ ସଭାପତି ପ୍ରଫେସର ଶଙ୍କର ପ୍ରସାଦ ପତିଙ୍କ ଅଧ୍ୟକ୍ଷତା, ସମ୍ପାଦକ ସୁଧିର ପୂଜାରୀଙ୍କ ସଂଯୋଜନାରେ ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ସଂସ୍ଥାପିକା ଡା.ପାଣିଗ୍ରାହୀଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ପୂର୍ବତନ ସମ୍ପାଦକ ତଥା ଡା.ପାଣିଗ୍ରାହୀଙ୍କ ସାନଭାଇ ସୁଭାଷ ଚନ୍ଦ୍ର ପାଣିଗ୍ରାହୀ, କୋଷାଧକ୍ଷ ସ୍ୱରୂପ ପୁରୋହିତ, ସଭ୍ୟବୃନ୍ଦ ଡ.ନିରୂପମା ବଡ଼ପଣ୍ଡା, ଡା.ପ୍ରମୋଦ ପୁରୋହିତ, ଦେବାଶିଷ ନନ୍ଦ, ବିପିନ ପଣ୍ଡା, ସୁବ୍ରତ ପଣ୍ଡା, ଅମିତ ସ୍ୱାଇଁ ଓ ଶିବ ନନ୍ଦ ପ୍ରମୁଖ ଡା.ପାଣିଗ୍ରାହୀଙ୍କ ସ୍ମୃତିଚାରଣ କରିଥିଲେ। ଡା.ପାଣିଗ୍ରାହୀଙ୍କ ସମ୍ବେଦନଶୀଳତାକୁ ମନ୍ତ୍ର ଭାବରେ ଗ୍ରହଣ କରି ଟ୍ରଷ୍ଟ କାର୍ଯ୍ୟ ଆଗେଇ ନେବାକୁ ବୈଠକରେ ସର୍ବସମ୍ମତ ମତପ୍ରକାଶ ପାଇଥିଲା। ଡା.ପାଣିଗ୍ରାହୀଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ତାଙ୍କ ସ୍ମୃତି ସମ୍ବଳିତ ଏକ ସ୍ମରଣିକା ପ୍ରକାଶ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି।

# କୁନ୍ତରା ଲ୍ୟାମ୍ପସରେ ବାର୍ଷିକ ସାଧାରଣ ସଭା

କୁଚିଣ୍ଡା,୨୫।୩(ବିରଞ୍ଚି ଦର୍କା)

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ କୁନ୍ତରାଠାରେ କୁସୁମୀ ଲ୍ୟାମ୍ପସର ବାର୍ଷିକ ସାଧାରଣ ସଭା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସଭାରେ ପୂର୍ବତନ ଏମ୍‌ଡିଙ୍କ ନିଲମ୍ବନକୁ ନେଇ ହଟ୍ଟଗୋଳ ହେବାରୁ ଚାଷୀଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇ ପାରି ନ ଥିଲା। ଲ୍ୟାମ୍ପସ ସଭାପତି ବିପ୍ରଚରଣ ବାଘଙ୍କ ସଭାପତିତ୍ୱରେ ହୋଇଥିବା ସଭାରେ ଏସ୍‌ଏଆର୍‌ସିଏସ୍ ମନୋଜ ମହନ୍ତ ଓ ସୌମିତ୍ର ବେହେରା, କୁଚିଣ୍ଡା ସମବାୟ ବ୍ୟାଙ୍କ ଶାଖା ପରିଚାଳକ ବିସ୍ମୟ ପଟେଲ ଓ କର୍ମଚାରୀ ବବନ ନାୟକ, ଲ୍ୟାମ୍ପସ ନିର୍ଦ୍ଦେଶକ ଶୁଶିଲ ନାୟକ ଓ ସବିତା ନାୟକ ଯୋଗଦେଇଥିଲେ। ଲ୍ୟାମ୍ପସ ଏମ.ଡି ରଙ୍ଗବଲ୍ଲଭ ପ୍ରଧାନ ବାର୍ଷିକ ବିବରଣୀ ପଠନ ସହ ବିଗତବର୍ଷର ଆୟବ୍ୟୟ ରିପୋର୍ଟ ଉପସ୍ଥାପନ କରିଥିଲେ। ସଭାରେ ଉପସ୍ଥିତ ସଭ୍ୟାସଭ୍ୟ ସାର ବଣ୍ଟନ କେନ୍ଦ୍ର କୁନ୍ତରାରେ କରିବା ସହ ଠିକ୍ ସମୟରେ ଚାଷୀଙ୍କୁ ସାର ଯୋଗାଇଦେବା, ଅସମ୍ପୂର୍ଣ୍ଣ ଗୋଦାମ ନିର୍ମାଣକୁ ଶୀଘ୍ର ସମାପନ କରିବା ପାଇଁ ପ୍ରସ୍ତାବ ରଖିଥିଲେ। ଲ୍ୟାମ୍ପସର ପୂର୍ବତନ ଏମ.ଡି କୈଳାସ ମାଝିଙ୍କୁ ବେଆଇନ ଭାବେ ନିଲମ୍ବିତ କରାଯାଇଥିବା ଅଭିଯୋଗ କରି ତାଙ୍କୁ ପୁନଃ ନିଯୁକ୍ତି ଦେବାକୁ ଦାବି କରିଥିଲେ। ଲ୍ୟାମ୍ପ ସଭାପତି ବାଘ ପୂର୍ବତନ ଏମ.ଡି ମାଝି ୧୩ ଲକ୍ଷ ୫୦ ହଜାର ଟଙ୍କା ହେରଫେର କରିଥିବା କାରଣରୁ ତାଙ୍କୁ ନିଲମ୍ବନ କରାଯାଇଛି ବୋଲି କହିଥିଲେ। ଏହାକୁ ନିଲମ୍ବିତ ଏମ୍‌ଡି ମାଝି ବିରୋଧ କରି ଟଙ୍କା ହେରଫେର ସମ୍ପର୍କିତ ଅଡିଟ ରିପୋର୍ଟ ସଭାରେ ପ୍ରଦାନ କରାଯିବାକୁ ଦାବି କରିଥିଲେ। ଫଳରେ ଏହାକୁ ନେଇ ସଭାରେ ପ୍ରବଳ ଯୁକ୍ତିତର୍କ ଓ ପାଟିତୁଣ୍ଡ ହୋଇଥିଲା। ଏସ୍‌ଏଆର୍‌ସିଏସ ମହନ୍ତ ଏଥିରେ ହସ୍ତକ୍ଷେପ କରି କହିଥିଲେ ନିଲମିତ ଏମଡି ମାଝି ଏ ସମ୍ପର୍କରେ ଜିଲାପାଳଙ୍କୁ ଅଭିଯୋଗ କରିଛନ୍ତି। ଏହା ଉପରେ ବିଭାଗୀୟ ତଦନ୍ତ ଆରମ୍ଭ ହୋଇଛି। ତଦନ୍ତ ପରେ ପଦକ୍ଷେପ ଗ୍ରହଣ କରାଯିବ।

# କେନ୍ଦ୍ର ସରକାରଙ୍କ ପେନ୍‌ସନ ଆକ୍ଟକୁ ବିରୋଧ

ସମ୍ବଲପୁର,୨୫।୩(ବି.ଶଙ୍କର)


ଶିକ୍ଷକ ଓ କର୍ମଚାରୀ ସଂଘର ପ୍ରତିନିଧି ମଣ୍ଡଳୀ ସ୍ମାରକ ପତ୍ର ଦେବାକୁ ଜିଲାପାଳ କାର୍ଯ୍ୟାଳୟ ଆସିଛନ୍ତି।

**ଅବସରପ୍ରାପ୍ତ ଶିକ୍ଷକ, କର୍ମଚାରୀ ସଂଘର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର**

ସର୍ବଭାରତୀୟ ପେନସନର ଫେଡରେଶନ ଏବଂ ଓଡ଼ିଶା ରାଜ୍ୟ ଶିକ୍ଷକ କର୍ମଚାରୀ ସଙ୍ଗଠନ ଆହ୍ୱାନକ୍ରମେ ସମ୍ବଲପୁର ଜିଲା ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ସଂଘ ପକ୍ଷରୁ ସ୍ମାରକପତ୍ର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବୁଧବାର ପ୍ରଦାନ କରାଯାଇଛି। ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ସୁଧାଂଶୁ କୁମାର ଭୋଇ ସ୍ମାରକ ପତ୍ର ଗ୍ରହଣ କରିଥିଲେ । ଅଷ୍ଟମ ବେତନ କମିଶନ ସମୀକରଣ କମିଟିର ସୁପାରିଶକୁ ୨୦୨୬ ଜାନୁୟାରୀ ୧ ତାରିଖ ପୂର୍ବରୁ ଅବସର ନେଇଥିବା କେନ୍ଦ୍ର ଓ ରାଜ୍ୟର ପେନସନ ଭୋଗୀଙ୍କ ପାଇଁ ଲାଗୁ ନ କରିବା ସକାଶେ ପାର୍ଲିଆମେଣ୍ଟରେ କୌଣସି ଆଲୋଚନା କରାଯାଇନାହିଁ। ଅଥଚ ୨୦୨୫ ମାର୍ଚ୍ଚ ୨୫ ତାରିଖରେ ତରବରିଆଭାବେ କେନ୍ଦ୍ର ସରକାର ପେନସନ ଆକ୍ଟକୁ ଗୃହୀତ କରିଛନ୍ତି। ଏହାଦ୍ୱାରା ସମଗ୍ର ଦେଶରେ କେନ୍ଦ୍ର ଓ ରାଜ୍ୟ ସରକାରୀ ପେନସନରମାନେ ନାହିଁ ନ ଥିବା କ୍ଷତିର ସମ୍ମୁଖୀନ ହେବେ । ଏହି ପରିପ୍ରେକ୍ଷୀରେ ଆକ୍ଟକୁ ଏକ କଳା ଆଇନ ଦର୍ଶାଇ ସମଗ୍ର ଦେଶର ପ୍ରତିବାଦ ସ୍ୱରୂପ ବୁଧବାର ସମ୍ବଲପୁର ଜିଲାରେ ସ୍ମାରକ ପତ୍ର ପ୍ରଦାନ କରାଯାଇଛି । ଏହି କଳା ଆଇନକୁ ପ୍ରତ୍ୟାହାର ଦାବି କରାଯାଇଛି। ସଙ୍ଗଠନ ସଭାପତି ହୀରାଲାଲ ବାରିକ, ସମ୍ପାଦକ ରାଜେନ୍ଦ୍ର କୁମାର ପଣ୍ଡାଙ୍କ ନେତୃତ୍ୱରେ ବିଭିନ୍ନ ବ୍ଲକର ଅନେକ ଶିକ୍ଷକ ପ୍ରତିନିଧି ବିକ୍ଷୋଭ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଏହାସତ୍ତ୍ୱେ ଯଦି ଏହି ଆଇନ ପ୍ରତ୍ୟାହାର ନ ହୁଏ, ତେବେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ର ହେବ ବୋଲି ସଙ୍ଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି। ହରିନାରାୟଣ ପଣ୍ଡା, ଗଗନବିହାରୀ ସ୍ୱାଇଁ, ପଦ୍ମଲୋଚନ ନାଥ, ଯୋଗେଶ ରାଉତ, ଶୁଭ୍ରାଂଶୁ ପଟ୍ଟନାୟକ, ଡ. ରାଜକୁମାର ସାଣ୍ଡିଲ୍ୟ, କୈଳାସ ବାରିକ, ବୁଧଦେବ ବେହେରା, ପଦ୍ମନାଭ ମହାକୁଡ଼, ତ୍ରିବିକ୍ରମ ମହାରଣା, କିଶୋର ପାଣିଗ୍ରାହୀଙ୍କ ସମେତ ଅନେକ ବରିଷ୍ଠ ଶିକ୍ଷକ ଉପସ୍ଥିତ ଥିଲେ ।

**ଷୋହଳ ପ୍ରହର ନାମଯଜ୍ଞ ପାଇଁ କଳସ ଯାତ୍ରା**

ରୁପ୍ରାରୋଡ,୨୫।୩(ସଞ୍ଜୀବ ଦାସ): ନର୍ଲା ବ୍ଲକ ଅନ୍ତର୍ଗତ ରୁପ୍ରା ରୋଡ ଗାଁରେ ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ପାଇଁ ବୁଧବାର କଳସ ଯାତ୍ରା ଓ ଅଧିବାସ କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି। ସନ୍ଧ୍ୟାରେ କଳସିରେ ଜଳ ନେଇ ଗ୍ରାମର ମହିଳାମାନେ ନାମଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ। ଶ୍ୟାମ ସୁନ୍ଦର ଶର୍ମା ଓ ତାଙ୍କ ଧର୍ମପତ୍ନୀ ନାମଯଜ୍ଞର କର୍ତ୍ତା ରହିଥିବାବେଳେ ଦୁର୍ଗା ମାଧବ ଓ ତାଙ୍କ ସହଯୋଗୀ ପୂଜା କାର୍ଯ୍ୟ ସମ୍ପାଦନ କରୁଛନ୍ତି। ଗୁରବାର ସକାଳ ୮ଟାରେ ନାମାରମ୍ଭ ହେବ।



## ସଂକ୍ଷେପରେ

### ରିଷିଡ଼ା ଝାମୁଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

ରିଷିଡ଼ା,୨୫।୩ (ସୁଶାନ୍ତ ମଲ୍ଲିକ): କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡ଼ାଠାରେ ଆଗାମୀ ଚୈତ୍ର ମାସରେ ହେବାକୁ ଥିବା ଝାମୁଯାତ୍ରା ଓ ପଣାସଂକ୍ରାନ୍ତି ପାଇଁ ପ୍ରସ୍ତୁତି ବୈଠକ ସ୍ଥାନୀୟ ମା' ତାରିଣୀ ଅଷ୍ଟଚଣ୍ଡୀ ଶୈବଶକ୍ତି ମନ୍ଦିର ପରିସରରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆୟୋଜକ କମିଟି ସଭାପତି କୈଳାସ କୁମୁରା, ସମ୍ପାଦକ ସୁଶାନ୍ତ ମଲ୍ଲିକ, ମୁଖ୍ୟ ପରାମର୍ଶଦାତା ନନ୍ଦକିଶୋର ରଣା, ହୁଦାନନ୍ଦ ମଲ୍ଲିକ, ମହିମା ରଣା, ଦୁତିଆ ରଣା, ଶେଷ ରଣାଙ୍କ ସମେତ ଗ୍ରାମର ବୁଦ୍ଧିଜୀବୀ ଯୋଗଦେଇଥିଲେ। ଆଗାମୀ ଝାମୁଯାତ୍ରା ଓ ପଣାସଂକ୍ରାନ୍ତି ମହାସମାରୋହରେ ପାଳନ କରିବା ପାଇଁ ଆଲୋଚନା କରାଯାଇଥିଲା।

### ପରୀକ୍ଷାରୁ ଛାତ୍ରୀ ବଞ୍ଚିତ ଘଟଣା: କଲେଜ କର୍ତ୍ତୃପକ୍ଷଙ୍କ ନାମରେ ମାମଲା

ଜୁନାଗଡ଼,୨୫।୩(ଅଂଶୁମାନ ଯୋଶୀ): ଆଡମିଟ କାର୍ଡ ନ ମିଳିବାରୁ କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ମୁଣ୍ଡରାଗୁଡ଼ା ଗ୍ରାମର ଶୁଭଦୀପା ହଂସ (୧୬) ପରୀକ୍ଷା ଦେବାରୁ ବଞ୍ଚିତ ହୋଇଥିଲେ। ଏହାକୁ ନେଇ ଶୁଭଦୀପା ଶ୍ରୀ ଗଣେଶ କଲେଜ ପରିଚାଳନା କମିଟି ଓ କର୍ମଚାରୀଙ୍କ ବିରୋଧରେ ଜୁନାଗଡ଼ ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଆଧାରରେ ପୋଲିସ ବିଏନ୍‌ଏସ୍‌ର ଧାରା ୩୧୬(୪), ୩୧୮(୨) ଓ ୩(୫) ଅନୁସାରେ ମାମଲା ରୁଜୁ କରିଛି। ଅଭିଯୋଗ ଅନୁସାରେ, ୨୦୨୪ରେ ଶୁଭଦୀପା ଏହି କଲେଜରେ ଯୁକ୍ତ ୨ କଳା ବିଭାଗରେ ନାମ ଲେଖାଇ ସମସ୍ତ ଶିକ୍ଷା ଶୁଳ୍କ ଦେଇଥିଲେ। କିନ୍ତୁ କଲେଜ ପକ୍ଷରୁ ତାଙ୍କର ଫର୍ମ ଠିକ୍ ଭାବେ ଦାଖଲ କରାଯାଇ ନ ଥିବାବେଳେ ଆଡମିଟ କାର୍ଡ ମଧ୍ୟ ଯୋଗାଇ ଦିଆଯାଇ ନ ଥିଲା। ଫଳରେ ସେ ଯୁକ୍ତ ୨ ବାର୍ଷିକ (ବୋର୍ଡ) ପରୀକ୍ଷାରୁ ବଞ୍ଚିତ ହୋଇଥିଲେ। ଅନ୍ୟ କେତେଜଣ ଛାତ୍ରୀଛାତ୍ର ମଧ୍ୟ ଆଡମିଟ କାର୍ଡ ନ ମିଳିବାରୁ ପରୀକ୍ଷା ଦେଇପାରି ନ ଥିବା ଅଭିଯୋଗ ହୋଇଛି। ଏ ନେଇ କଲେଜ କର୍ତ୍ତୃପକ୍ଷଙ୍କ ବିରୋଧରେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଭିଯୋଗକାରୀ ପକ୍ଷରୁ ଦାବି ହୋଇଛି।

### ଅବକାରୀ ଚଢ଼ାଉ, ୨ ଗିରଫ

କୋକସରା,୨୫।୩ (ଦୁଷ୍ମନ୍ତ କୁମାର ପାଢୀଯୋଷୀ): କଳାହାଣ୍ଡି ଜିଲା କୋକସରା ଅବକାରୀ ଥାନା ଅଧିକାରୀ ଗୁପ୍ତେଶ୍ୱର ପୁଟେଲଙ୍କ ନେତୃତ୍ୱରେ ବୁଧବାର କୋକସରା ଥାନା ବାଙ୍କିମୁଣ୍ଡା ଓ ଆମପାଣି ଥାନା ସାନପୋଡାଗୁଡା ଗ୍ରାମରେ ଚଢ଼ାଉ କରାଯାଇ ଖଜୁରୀ ତାଡି ଓ ଦେଶୀ ମଦ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ଥିବା ଦୁଇ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଯେରା ଭେଙ୍କାନା(୪୪) ଓ ବିଭୀଷଣ ପୂଝାରୀ (୩୮)। ବାଙ୍କୀମୁଣ୍ଡା ଗ୍ରାମରୁ ଯେରା ଭେଙ୍କାନାଠାରୁ ୨୦ ଲିଟର ଖଜୁରୀ ତାଡି ଓ ସାନପୋଡାଗୁଡା ଗ୍ରାମରୁ ବିଭୀଷଣ ପୂଝାରୀଙ୍କଠାରୁ ୯ ଲିଟର ଦେଶୀ ମଦ ଜବତ କରାଯାଇ ସେମାନଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିଲା। ତେବେ ସେମାନଙ୍କୁ କୋର୍ଟରେ ଜାମିନ ହୋଇଥିବା ସୂଚନା ମିଳିଛି। ଏହି ଚଢ଼ାଉରେ ଅବକାରୀ ଓଆଇସି ପୁଟେଲ ସହିତ ସୁରେଶ ଭୋଇ, ଖୁସିଦେବ କଟା, ମହାଦେବ ମାଝୀ ପ୍ରମୁଖ ସାମିଲ ହୋଇଥିଲେ।

# ୧୦୦ ଦିନିଆ ଅଭିଯାନ ୨.୦ ଶୁଭାରମ୍ଭ

## କଳାହାଣ୍ଡିରେ ବିଶ୍ୱ ଯକ୍ଷ୍ମା ଦିବସ

ଭବାନୀପାଟଣା,୨୫।୩(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ବୁଧବାର ବିଶ୍ୱ ଯକ୍ଷ୍ମା ଦିବସ ପାଳନ ଅବସରରେ ଯକ୍ଷ୍ମା ମୁକ୍ତ ଭାରତ ୧୦୦ ଦିନିଆ ଅଭିଯାନ ୨.୦ର ଶୁଭାରମ୍ଭ ହୋଇଛି। ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ଏହି ୧୦୦ ଦିନିଆ ଅଭିଯାନ ଜିଲାର ସମ୍ବେଦନଶୀଳ ଗ୍ରାମ, ପୌରପାଳିକା ତଥା ବିଜ୍ଞାପିତ ଅଞ୍ଚଳରେ ଏକ୍ସରେ ସ୍କ୍ରିନିଂ ଦ୍ୱାରା କରାଯିବ। ଏଥିସହ ପ୍ରତ୍ୟେକ ଯକ୍ଷ୍ମା ରୋଗୀଙ୍କୁ ନିକ୍ଷୟ ପୋଷଣ ଯୋଜନାରେ ସରକାରଙ୍କ ପକ୍ଷରୁ ଚିକିତ୍ସା ଅବଧି ସମୟରେ ପ୍ରତିମାସରେ ୧୦୦୦ ଟଙ୍କା ଦିଆଯିବାର ବ୍ୟବସ୍ଥା କରାଯାଇଛି ବୋଲି ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅଧିକାରୀ ଓ ଡାକ୍ତରମାନେ।

(ଯକ୍ଷ୍ମା) ଡାକ୍ତର ନିହାରେନ୍ଦ୍ର ପଣ୍ଡା ସୂଚନା ଦେଇଥିଲେ। ପାଠୋ ଡିଟେକ୍ଟ ନାମକ ଏକ ନୂତନ ମେଶିନ ଭାରତ ସରକାର ଓ ଏକମାତ୍ର ଜିଲା କଳାହାଣ୍ଡିକୁ ମିଳିବ ଯାହା ଜଟିଳ ଯକ୍ଷ୍ମା ନିରୂପଣରେ ସହାୟକ ହେବ ବୋଲି କହିଥିଲେ। ପ୍ରତ୍ୟେକ ଗ୍ରାମରେ ସମ୍ବେଦନଶୀଳ ବ୍ୟକ୍ତିଙ୍କ ଯକ୍ଷ୍ମା ରୋଗ ନିଦାନ ବ୍ୟବସ୍ଥା ସହ ମଧୁମେହ ପରୀକ୍ଷା, ହିମୋଗ୍ଲୋବିନ ଏହି ଅଭିଯାନରେ କରାଯିବ। ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ହରେକୃଷ୍ଣ ଶତପଥିଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଉଲ୍ଲେଖନୀୟ ଅବଦାନ ପାଇଁ ଏସ୍‌ଟିଏସ୍ ସଞ୍ଜୟ ମୁଣ୍ଡ, ସସ୍ମିତ ରଥ ଓ ଅଜିତ ଆଚାର୍ଯ୍ୟ, ଆଶା କର୍ମୀ ବିଶାଖା ମାଝୀ, ସବିତା ନାଏକ, ଚମ୍ପା ମାଝୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାସହ ଯକ୍ଷ୍ମାମୁକ୍ତ ପଞ୍ଚାୟତଗୁଡିକୁ ମଧ୍ୟ ସମ୍ମାନିତ କରାଯାଇଥିଲା। ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ନିହାରେନ୍ଦ୍ର ପଣ୍ଡା, ଡା. ରାକେଶ କୁମାର ସାହୁ, ଡା. ଶତ୍ରୁଘ୍ନ ଡୁଡୁ, ଡା. ପି.ଏସ୍. ବିଶ୍ୱାସ, ଡା. ଶାନ୍ତନୁ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ପ୍ରକଳ୍ପ ସଂଯୋଜକ (ଯକ୍ଷ୍ମା) ପ୍ରବୀଣ କୁମାର ସେନାପତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# କାମକରୁନି ବିଏସ୍‌ଏନ୍‌ଏଲ୍ ନେଟ୍‌ୱର୍କ

ଲାଞ୍ଜିଗଡ଼, ୨୫।୪(ରମେଶ ଚନ୍ଦ୍ର ନାୟକ)

## ତୁରନ୍ତ କାର୍ଯ୍ୟକ୍ଷମ ନ ହେଲେ ଆନ୍ଦୋଳନ

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ପାହାଡପଦର ପଞ୍ଚାୟତର ବୋରପଦରଠାରେ ଦୀର୍ଘ ୨ବର୍ଷ ହେଲା ବିଏସ୍‌ଏନ୍‌ଏଲ୍ ନେଟ୍‌ୱର୍କ କାମ କରୁନାହିଁ। ଫଳରେ ଉପଭୋକ୍ତାମାନେ ସେବାରୁ ବଞ୍ଚିତ ରହିଥିବା ଅଭିଯୋଗ ଆଣିଛନ୍ତି। ତୁରନ୍ତ ଏହାକୁ କାର୍ଯ୍ୟକ୍ଷମ କରା ନ ଗଲେ ଅଞ୍ଚଳବାସୀ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି। ବାରମ୍ବାର ଅଭିଯୋଗ ପରେ କିଛିବର୍ଷ ହେଲା ବିଏସ୍‌ଏନ୍‌ଏଲ୍ କମ୍ପାନୀ ଟାୱାର ସ୍ଥାପନ କରି ସେବା ଯୋଗାଇଆସୁଥିଲା। ହେଲେ ୨ ବର୍ଷରୁ ଊର୍ଦ୍ଧ୍ୱ ହେବ ନେଟ୍‌ୱର୍କ ଉଭାନ ହୋଇଯାଇଛି। ଅଞ୍ଚଳରେ ଲୋକେ ନିଜ ଆଧାର କାର୍ଡ, ବ୍ୟାଙ୍କ ଆକାଉଣ୍ଟ ବ୍ୟତୀତ ବିଭିନ୍ନ ଅଫିସରେ ମଧ୍ୟ ବିଏସ୍‌ଏନ୍‌ଏଲ୍ ସିମ୍‌ରେ ଇଣ୍ଟରନେଟ ବ୍ୟବହାର କରୁଛନ୍ତି। ହେଲେ ବର୍ତ୍ତମାନ ସେବା ମିଳୁ ନ ଥିବାରୁ ଏହା ଲୋକଙ୍କ ଆସ୍ଥା ହରାଉଛି। ନେଟ୍‌ୱର୍କ ଅଚଳ ହୋଇଥିବାରୁ ଫୋନ କଲ ପାଇଁ ଗାଁଠାରୁ ୨ କିଲୋମିଟର ଯିବାକୁ ପଡୁଛି ବୋଲି ଗାଁ ଲୋକେ ପ୍ରକାଶ କରିଛନ୍ତି। ଡିଜିଟାଲ ଯୁଗରେ ପିଲାଙ୍କ ପାଠପଢା, ରୋଗୀ ସେବା ଓ ଆମ୍ବୁଲାନ୍ସ ଦରକାର ପଡିଲେ ଗ୍ରାମବାସୀ ବହୁତ ଅସୁବିଧା ଭୋଗୁଛନ୍ତି। ଏ ନେଇ ଅଭିଯୋଗ କଲେ ମଧ୍ୟ ସୁଫଳ ମିଳୁ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ଭବାନୀପାଟଣା ବିଏସ୍‌ଏନ୍‌ଏଲ୍ କାର୍ଯ୍ୟାଳୟ ଅଧିକାରୀ କୁଞ୍ଜବିହାରୀ ନାୟକଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ସେ ଫୋନ କଲ ରିସିଭ ନ କରିବାରୁ ପ୍ରତିକ୍ରିୟା ମିଳିପାରି ନାହିଁ। ତେବେ ଏହି ନେଟ୍‌ୱର୍କ ଶୀଘ୍ର କାର୍ଯ୍ୟକ୍ଷମ ନ ହେଲେ ରାଜ ରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବେ ବୋଲି ଲୋକେ ପ୍ରକାଶ କରିଛନ୍ତି।

# ତିଖାଲି ଡ୍ୟାମ୍‌କୁ ମାଛ ପର୍ଯ୍ୟଟନ କେନ୍ଦ୍ର ଭାବେ ବିକଶିତ କରାଯିବ



ମାଛ ଯାଆଁଳ ଛାଡିବା ପାଇଁ ଅଧିକାରୀ ଓ ସଦସ୍ୟମାନେ ଜଳଭଣ୍ଡାରକୁ ଯାଉଛନ୍ତି।

ନୂଆପଡ଼ା,୨୫।୩ (ମକାରୁ ବେମାଲ)

ନୂଆପଡ଼ା ଜିଲା ମତ୍ସ୍ୟ ବିଭାଗ ପକ୍ଷରୁ ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପ ଦ୍ୱାରା ନବଗଠିତ ମା' ଇନ୍ଦ୍ରଦେଇ ବହୁମୁଖୀ ପ୍ରାଥମିକ ମତ୍ସ୍ୟଜୀବୀ ସମବାୟ ସମିତି ଲିମିଟେଡ ପେଣ୍ଡରାବନ ମାଧ୍ୟମରେ ମାଛ ଅଙ୍ଗୁଳିକା ଓ ଚିଙ୍ଗୁଡି ଯାଆଁଳା ଗଚ୍ଛିତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ମଧୁସୂଦନ ଦାଶ, ଜିଲା ଆରକ୍ଷୀ ଅଧୀକ୍ଷକ ଅମ୍ରିତପାଲ ସିଂ, ଖଡିଆଳ, କୋମନା ଓ ବୋଡେନ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ଅଧକ୍ଷା ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ସମବାୟ ସମିତି ସଦସ୍ୟ ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପର ବୋଲଦା, କୋଟାମାଲ, ବିରୁନପଦର, ପେଣ୍ଡରାବନ, ବେଲଗାଁ ଓ ହରିପୁର ଆଦି ୬ଟି ସ୍ଥାନରେ ମାଛ ଅଙ୍ଗୁଳିକା ଓ ଚିଙ୍ଗୁଡି ଯାଆଁଳା ଛାଡିବା କାର୍ଯ୍ୟ ସମ୍ପାଦନା କରିଥିଲେ। ଏହି ଅବସରରେ ୭ ଜଣ ପ୍ରବାସୀ ଶ୍ରମିକଙ୍କୁ ମାଛଧରା ଜାଲ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ଜିଲାପାଳ କହିଥିଲେ, ଏହି ପ୍ରକଳ୍ପ ମାଧ୍ୟମରେ ଆସନ୍ତା ବର୍ଷରେ ମତ୍ସ୍ୟଜୀବୀଙ୍କ ଆୟ ବୃଦ୍ଧି ପାଇ ପ୍ରବାସୀ ଶ୍ରମିକ ପ୍ରଥାର ନିରାକରଣ ହେବ। ଲୋୟର ଇନ୍ଦ୍ର ଜଳଭଣ୍ଡାରରେ ମାଛ ଉତ୍ପାଦନ ଓ ବିକ୍ରୟ କରି ମତ୍ସ୍ୟଜୀବୀଙ୍କ ଆର୍ଥିକ ସ୍ଥିତି ସୁଦୃଢ କରିବା ଆମର ଲକ୍ଷ୍ୟ। ତିଖାଲି ଡ୍ୟାମକୁ ଏକ ପର୍ଯ୍ୟଟନ କେନ୍ଦ୍ର ଭାବେ ବିକଶିତ କରାଯିବ। ଭବିଷ୍ୟତରେ ଅନେକ ପର୍ଯ୍ୟାୟରେ ବିଭିନ୍ନ ପ୍ରଜାତିର ମାଛ ଯାଆଁଳ ଗଚ୍ଛିତ ଓ ଅଭିବୃଦ୍ଧି କରାଯିବ ବୋଲି ସେ କହିଥିଲେ। ଜିଲା ମତ୍ସ୍ୟ ଅଧିକାରୀ ଅରୁଣ କୁମାର ସାହୁ ଆସନ୍ତା ବର୍ଷରେ ନୂତନ ପ୍ରଯୁକ୍ତି ବିଦ୍ୟା ଆପଣେଇ ଜଳାଶୟର ସର୍ବାଧିକ ବ୍ୟବହାର ପୂର୍ବକ ମାଛ ଉତ୍ପାଦନ ବୃଦ୍ଧି କରାଯିବ ବୋଲି କହିଥିଲେ।

# ଥୁଆମୂଳ ରାମପୁରରେ କଲରାପତରିଆ ବାଘ ଆତଙ୍କ

ଥୁଆମୂଳ ରାମପୁର, ୨୫।୩ (ଦୁର୍ଗା କୀର୍ତ୍ତି): କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ଅନ୍ତର୍ଗତ ତଳଆମ୍ବ ପଦର ପଞ୍ଚାୟତ ଅଞ୍ଚଳରେ ଏକ କଲାପତରିଆ ବାଘ ବୁଲୁଥିବା ଖବର ପ୍ରଚାରିତ ହେବା ପରେ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଛି। ବିଶେଷ କରି ସୋସିଆଲ ମିଡିଆରେ ବାଘର ଭିଡିଓ ଭାଇରାଲ ହେବା ପରେ ଲୋକେ ଘରୁ ବାହାରିବାକୁ ଭୟ କରୁଛନ୍ତି। ସୂଚନା ଅନୁଯାୟୀ, ଗତ ସୋମବାର ସନ୍ଧ୍ୟା ସମୟରେ ଅମଠାଗୁଡ଼ା ଗ୍ରାମର ମହେଶ ସାହୁ କାଶିପୁରରୁ ନିଜ ବ୍ୟକ୍ତିଗତ କାମ ସାରି କାର୍ ଯୋଗେ ଘରକୁ ଫେରୁଥିଲେ। କାଶିପୁର-ଗୁଣୁପୁର ମୁଖ୍ୟ ରାସ୍ତାପାର୍ଶ୍ୱ ତଳଆମ୍ବ ପଦର ସାପ୍ତାହିକ ବଜାର ନିକଟ ବୁଲାଣିରେ ହଠାତ୍ ଏକ କଲାପତରିଆ ବାଘ ତାଙ୍କ କାର୍ ସାମ୍ନାକୁ ଚାଲିଆସିଥିଲା। ଗାଡ଼ିର ଆଲୋକ ପଡ଼ିବାରୁ ବାଘଟି କିଛି ସମୟ ରାସ୍ତା କଡ଼ରେ ଛିଡ଼ା ହୋଇ ପରେ ଜଙ୍ଗଲ ଆଡ଼କୁ ଚାଲିଯାଇଥିଲା। ଏହି ସମୟରେ ସାହୁ ନିଜ ମୋବାଇଲରେ ବାଘର ଗତିବିଧିକୁ କଏଦ କରିଥିଲେ। ଘଟଣା ପ୍ରଚାରିତ ହେବା ପରେ ସାଇସୁରୁଣୀ ବନ ବିଭାଗ ତତ୍ପରତା ପ୍ରକାଶ କରିଛି। ବନ ବିଭାଗ ପକ୍ଷରୁ ବାଘକୁ ଠାବ କରିବା ପାଇଁ ସର୍ଚ୍ଚ ଅପରେସନ ଜାରି ରହିଥିବା ସୂଚନା ମିଳିଛି। ଏ ସମ୍ପର୍କରେ ସ୍ଥାନୀୟ ବନ କର୍ମଚାରୀଙ୍କୁ ପଚାରିବାରୁ ଆମେ ଘଟଣାର ସତ୍ୟାସତ୍ୟ ଅନୁସନ୍ଧାନ କରୁଛୁ ଏବଂ ସନ୍ଧାନୀ ଦଳ ବାଘକୁ ଠାବ କରିବା ପାଇଁ ଉଦ୍ୟମ ଜାରି ରଖିଛନ୍ତି। ବାଘ ମିଳିବା ପରେ ହିଁ ଅଧିକ ତଥ୍ୟ ପ୍ରଦାନ କରାଯିବ ବୋଲି କହିଛନ୍ତି।

# ସେବାଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

ସିନାପାଲି/ବୋଡ଼େନ,୨୫।୩ (ମନଫୁଲ ମେହେର/ଟିକେଶ୍ୱର ନାଗ)

ନୂଆପଡ଼ା ଜିଲା ବୋଡ଼େନ ବ୍ଲକର ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ମହୁଲପଡା ସେବାଶ୍ରମ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ କମଳ ସିଂ ମାଝୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବୋଡେନ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ କ୍ଷଣପ୍ରଭା ପାଣିଗ୍ରାହୀ ମୁଖ୍ୟ ଅତିଥି, ପୂର୍ବତନ ବିଇଓ ଜଗଦୀଶ ପ୍ରସାଦ ଖମାରୀ ବିଶିଷ୍ଟ ଅତିଥି, ବୋର୍ଡର ଡ଼ିଗ୍ରୀ କଲେଜ କାଙ୍କେରୀ କଳାହାଣ୍ଡିର ଅଧ୍ୟକ୍ଷ ଗୁପ୍ତେଶ୍ୱର ମେହେର ମୁଖ୍ୟ ବକ୍ତା ଓ ବାବେବୀର ସରପଞ୍ଚ ଯୁଗେଶ୍ୱର ପାଣ୍ଡେ, ସିଆର୍‌ସିସି ମଧୁସୂଦନ ମାଝୀ, ପୂର୍ବତନ ବିଇଓ ପ୍ରେମାନନ୍ଦ ନାଏକ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ସେବିକା ଜ୍ୟୋତ୍ସ୍ନାମୟୀ ଜଗତ ବିଦ୍ୟାଳୟର ବାର୍ଷିକ ବିବରଣୀ ପଠନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରୀନିବାସର ବିଭିନ୍ନ କାର୍ଯ୍ୟକୁ ସୁଚାରୁରୂପେ ପରିଚାଳନା କରୁଥିବା ଦୁଇଜଣ ସିସିଏ ଝରଣା ମାଝୀ ଓ ବେଳମତୀ ମାଝୀଙ୍କୁ ସମ୍ବର୍ଦ୍ଧନା ପତ୍ର ଦିଆଯାଇଥିଲା। ଶେଷରେ ଶିକ୍ଷାର୍ଥୀମାନଙ୍କ ଦ୍ୱାରା କ୍ଷୁଦ୍ର ନାଟକ କନ୍ୟାରତ୍ନ, ମା' ଖୋଜେ ମମତା ଓ ନୃତ୍ୟ ପରିବେଷଣ ହୋଇଥିଲା। ଶିକ୍ଷକ ଡିସମ୍ବର ମେହେର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଶିକ୍ଷୟିତ୍ରୀ ମୋନାଲିସା ପତି ଧନ୍ୟବାଦ ଦେଇଥିଲେ।

# ନାରୀ ସୁରକ୍ଷା, ଲିଙ୍ଗ ସମସ୍ୟା ଉପରେ ଗୁରୁତ୍ୱ

## ବ୍ଲକସ୍ତରୀୟ ଆଇନ ସଚେତନତା କାର୍ଯ୍ୟକ୍ରମ

ଭବାନୀପାଟଣା,୨୫।୩(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ସମାଜ କଲ୍ୟାଣ କାର୍ଯ୍ୟାଳୟ ପକ୍ଷରୁ ଭବାନୀପାଟଣା ଟାଉନ ହଲଠାରେ ବୁଧବାର ବ୍ଲକସ୍ତରୀୟ ଆଇନ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ ମୁଖ୍ୟ ଅତିଥି ଓ ଜିଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦୁ ଶେଖର ମହାପାତ୍ର, ଜିଲା ସମାଜ କଲ୍ୟାଣ ଅଧିକାରିଣୀ ମୁଜିବୁନ ନିଶା, ସମାଜ କଲ୍ୟାଣ ଅଧିକାରିଣୀ ସୁମିତା ଦେବୀ ତ୍ରିପାଠୀ, ଶିଶୁ କଲ୍ୟାଣ ସମିତି ଅଧ୍ୟକ୍ଷା ସ୍ୱର୍ଣ୍ଣଲତା ମହାନ୍ତି, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ନମିତା ରାଣୀ ସାହୁ, ମହିଳା ନେତ୍ରୀ ସୁଭାସିନୀ ପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କୁମାର ନନ୍ଦ, ଭାରତ




ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅଧିକାରୀମାନେ।

ଭୂଷଣ ପଣ୍ଡା, ଶୈଳେନ୍ଦୁ ଶେଖର ମହାପାତ୍ର, ସ୍ୱର୍ଣ୍ଣଲତା ମହାନ୍ତି ପ୍ରମୁଖ ତାଲିମଦାତା ଭାବେ ଯୋଗଦେଇ ଲିଙ୍ଗ ସମସ୍ୟା, ଲିଙ୍ଗଭିତ୍ତିକ ହିଂସା, ନାରୀଙ୍କ ଆଇନ ଅଧିକାର ଓ ସୁରକ୍ଷା ବିଷୟରେ ଆଲୋଚନା କରିଥିଲେ। ଘରୋଇ ହିଂସା, ଯୌତୁକ ପ୍ରଥା ନିଷେଧ ଆଇନ, ପୋକ୍‌ସୋ ନିୟମ ଓ ହେଲ୍ପଲାଇନ ସମ୍ପର୍କରେ ଜଣାଇଥିଲେ। ଏହି ଅବସରରେ ଭବାନୀପାଟଣା ସଦର, କଲମପୁର ଓ ଧର୍ମଗଡ଼ର ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ତଥା ବାଲ୍ୟ ବିବାହ ନିଷେଧ ଅଧିକାରିଣୀଙ୍କୁ ବାଲ୍ୟ ବିବାହ ନିରାକରଣ କ୍ଷେତ୍ରରେ ପଦକ୍ଷେପ ପାଇଁ ସମ୍ମାନିତ କରାଯାଇଥିଲା। ଏହାସହିତ ସ୍ୱର୍ଣ୍ଣଲତା ମହାନ୍ତିଙ୍କୁ ଶିଶୁମାନଙ୍କ ପାଇଁ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟ କରିଥିବା ହେତୁ ସମ୍ମାନିତ କରାଯାଇଥିଲା। ପ୍ରୋଟେକ୍ସନ ଅଫିସର ସନ୍ଧ୍ୟାରାଣୀ ନାୟକ ମଞ୍ଚ ପରିଚାଳନା କରିଥିଲେ। ଜିଲା ସମାଜ କଲ୍ୟାଣ ଅଧିକାରିଣୀ ମୁଜିବୁନ ନିଶା ସ୍ୱାଗତ ଭାଷଣ ରଖିଥିବା ବେଳେ ସମାଜ କଲ୍ୟାଣ ଅଧିକାରିଣୀ ସୁଚିତା ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

# ଷୋହଳ ପ୍ରହର ନାମଯଜ୍ଞ ଉଦ୍‌ଯାପିତ

ଖଡିଆଳ,୨୫।୩ (ସୁଜିତ କୁମାର ପ୍ରଧାନ): ଖଡ଼ିଆଳ ବ୍ଲକ କୁଳିଗାଁଠାରେ ଷୋହଳ ପ୍ରହର ନାମଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ଗତ ୨୨ରେ କଳସ ଯାତ୍ରା ସହ ଅଧିବାସ ଓ ୨୩ରେ ସଂକୀର୍ତ୍ତନ ଦଳ ପକ୍ଷରୁ ନାମଯଜ୍ଞ ଓ ୨୪ରେ ନଗର କୀର୍ତ୍ତନ ସହ ପୂର୍ଣ୍ଣାହୁତି ସମ୍ପନ୍ନ ହୋଇଥିଲା। ସୁଧୀର ଶବର ଓ ରାମ କୁମାରି ଶବର କର୍ତ୍ତା ଭାବରେ କାର୍ଯ୍ୟ ତୁଲାଇଥିବା ବେଳେ ପୂଜକ ଭାବରେ ମୃତ୍ୟୁଞ୍ଜୟ ପଣ୍ଡା ଦାୟିତ୍ୱ ନିର୍ବାହ କରିଥିଲେ। ବିଦୁର ଶବର, ରାମ ଶବର, ରଥ ଗୌଡ଼, ଭୀଷ୍ମ ପୂଝାରୀ, କବିଚନ୍ଦ୍ର ଶବର, ତୀର୍ଥ ଶବର, ସାରଙ୍ଗ ପଣ୍ଡା ପ୍ରମୁଖଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।

# ଉପନିର୍ବାଚନ ସୁପରିଚାଳନା ପାଇଁ ୧୦୮ କର୍ମଚାରୀ ସମ୍ବର୍ଦ୍ଧିତ



ଜିଲାପାଳ ପୁରସ୍କାର ପ୍ରଦାନ କରୁଛନ୍ତି ।

ନୂଆପଡ଼ା,୨୫।୩ (ମକାରୁ ବେମାଲ)

ନୂଆପଡ଼ା ବିଧାନସଭା ଉପନିର୍ବାଚନ ୨୦୨୫ର ସଫଳ ପରିଚାଳନା ପାଇଁ ବୁଧବାର ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ମଧୁସୂଦନ ଦାଶ ୧୦୮ ଜଣ କର୍ମଚାରୀଙ୍କୁ ଜିଲା ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ କରିଛନ୍ତି। ଏହି ଅବସରରେ ଜିଲାପାଳ କହିଥିଲେ, କଷ୍ଟସାଧ ପରିସ୍ଥିତି ସତ୍ତ୍ୱେ ମୁକ୍ତ, ଅବାଧ ଓ ନିରପେକ୍ଷ ନିର୍ବାଚନ ସୁନିଶ୍ଚିତ କରିବାରେ ସମସ୍ତ କର୍ମଚାରୀଙ୍କ ନିଷ୍ଠାପର ଉଦ୍ୟମ, ଦଳଗତ ମନୋଭାବ ପ୍ରଶଂସନୀୟ ଥିଲା। ଜିଲା ପ୍ରଶାସନ ନିର୍ବାଚନ ପରିଚାଳନାରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଜାତୀୟ ସ୍ତରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କଠାରୁ ପୁରସ୍କାର ଲାଭ କରିବା ସହ ରାଜ୍ୟ ସ୍ତରରେ ମଧ୍ୟ ସମ୍ମାନିତ ହୋଇଛି। ସେହି ପୁରସ୍କାରକୁ ସମସ୍ତ କର୍ମଚାରୀଙ୍କୁ ଉତ୍ସର୍ଗ କରିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ସୁବାସ ଚନ୍ଦ୍ର ରଇତ, ଡେପୁଟି କଲେକ୍ଟର ଶେଖ ନସିମ (ନିର୍ବାଚନ) ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ସ୍ନାତକ ମହାବିଦ୍ୟାଳୟରେ ଜାତୀୟ ଆଲୋଚନାଚକ୍ର

ଖଡ଼ିଆଳ,୨୫।୩ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳସ୍ଥିତ ଆଦର୍ଶ ସ୍ନାତକ ମହାବିଦ୍ୟାଳୟର ପ୍ରାଣୀ ବିଜ୍ଞାନ ବିଭାଗ ତରଫରୁ ଏକ ଦିବସୀୟ ଜାତୀୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ପ୍ରାଣୀବିଜ୍ଞାନର ସାମ୍ପ୍ରତିକ ପ୍ରଗତି, ସ୍ୱାସ୍ଥ୍ୟ, ରୋଗ, ପରିବେଶ ଏବଂ ଜୀବ ବିବିଧତାର ପ୍ରଭାବ ଶୀର୍ଷକ ଆଲୋଚନାଚକ୍ରକୁ ଅଧ୍ୟକ୍ଷ ଡ଼. ଅକ୍ଷୟ କୁମାର ସାହୁ ଶୁଭାରମ୍ଭ କରିଥିଲେ। ଆବାହକ ତଥା ବିଭାଗ ମୁଖ୍ୟ ଡ. ସୁବାସ ବିଶ୍ୱାଳ ସେମିନାରର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ପ୍ରଥମ ଅଧିବେଶନରେ ଯୁକ୍ତରାଷ୍ଟ୍ର ଆମେରିକାର ଶିକାଗୋ ଇଲିନଏ ବିଶ୍ୱବିଦ୍ୟାଳୟର ଡ. ପ୍ରିୟଙ୍କା ମହାପାତ୍ର ଓ ନୂଆଦିଲ୍ଲୀ ଆଇସିଜିଇବିର ଗ୍ରୁପ ଲିଡର ଡ. ରଞ୍ଜନ ନନ୍ଦ ଆଭାସୀ ମାଧ୍ୟମରେ ଯୋଗ ଦେଇଥିଲେ। ଦ୍ୱିତୀୟ ଅଧିବେଶନରେ ଆଇସିଏମ୍‌ଆର୍-ଏନ୍‌ଆଇଭି ପୁନେର ଡ. ପ୍ରଦୀପ ବିଜୟ ବର୍ଦ୍ଦେ, ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟର ଡ. ସୁଶୀଲ କୁମାର




ଆଲୋଚନାଚକ୍ରରେ ଯୋଗଦେଇଥିବା ବିଶେଷଜ୍ଞ ଓ ଛାତ୍ରୀଛାତ୍ର।

ସାହୁ ଓ ବୁର୍ଲା ଭିଆଇଏମ୍‌ଏସ୍‌ଏଆର୍‌ର ଡ. ସତ୍ୟବ୍ରତ ମେହେର ବିଷୟ ବିଶେଷଜ୍ଞ ଭାବରେ ଯୋଗଦେଇଥିଲେ। ତୃତୀୟ ଅଧିବେଶନରେ ମୁମ୍ବାଇର ଟେରାକନ ଇକୋଟେକ୍ର ଡ. ଅନ୍ତର୍ଯ୍ୟାମୀ ପ୍ରଧାନ, ସୋନପୁର ମଡେଲ ଡିଗ୍ରୀ କଲେଜର ଡ. ଦିଲୀପ କୁମାର ସାହୁ ଏବଂ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଡ. ନିରିଉସ ଜେନାନ ଏକ୍କା ଜଳବାୟୁ ସମାଧାନ, ପରିବେଶ ସଂରକ୍ଷଣ ଉପରେ ଆଲୋକପାତ କରିଥିଲେ। ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟ ଓ ଅନ୍ୟ ଅନୁଷ୍ଠାନର ଛାତ୍ରୀଛାତ୍ର ଅଂଶଗ୍ରହଣ କରି ନିଜର ଗବେଷଣା କାର୍ଯ୍ୟ ପ୍ରଦର୍ଶନ କରିଥିଲେ। ସର୍ବୋତ୍ତମ ପୋଷ୍ଟର ପ୍ରଦର୍ଶନକାରୀଙ୍କୁ ପୁରସ୍କୃତ କରାଯାଇଥିଲା। ଡ. ଲିପିକା ପ୍ରିୟଦର୍ଶିନୀ ପାତ୍ର, ସୌମ୍ୟା ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଡ. ପ୍ରଦୀପ କୁମାର କାମିଲା ଧନ୍ୟବାଦ ଅର୍ପଣ କରିଥିଲେ।

# ଛାତ୍ରୀଛାତ୍ରଙ୍କୁ ସ୍କୁଲ ଛାଡୁନାହାନ୍ତି ଅଭିଭାବକ

## ବିଦ୍ୟାଳୟ ଶ୍ରେଣୀ କୋଠା ବିପଦପୂର୍ଣ୍ଣ

କୋକସରା,୨୫।୩ (ଦୁଷ୍ମନ୍ତ କୁମାର ପାଢୀଯୋଷୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ବଡ଼ପୋଡ଼ାଗୁଡ଼ା ଗ୍ରାମରେ ଥିବା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବିଭିନ୍ନ ସମସ୍ୟା ଦେଇ ଗତିକରୁଛି। ଶିକ୍ଷକ ଅଭାବ ସାଙ୍ଗକୁ ବିପଦପୂର୍ଣ୍ଣ ଶ୍ରେଣୀ କୋଠରି ଯୋଗୁ ଛାତ୍ରୀଛାତ୍ର ପିଇଓ କ୍ୱାର୍ଟର୍ସ ଓ କଲ୍ୟାଣ ମଣ୍ଡପରେ ପାଠପଢ଼ି ଆସୁଛନ୍ତି। ଏ ନେଇ ବାରମ୍ବାର ଅଭିଯୋଗ ସତ୍ତ୍ୱେ ସମସ୍ୟା ସମାଧାନ ନ ହେବାରୁ ଛାତ୍ରୀଛାତ୍ରଙ୍କୁ ଅଭିଭାବକମାନେ ସ୍କୁଲ ପଠାଇବା ବନ୍ଦ କରିଦେଇଛନ୍ତି। ଫଳରେ ମଙ୍ଗଳବାର ଜଣେହେଲେ ଛାତ୍ରୀ କିମ୍ବା ଛାତ୍ର ସ୍କୁଲ ଆସି ନ ଥିବା ଦେଖିବାକୁ ମିଳିଛି। ଯେ ପର୍ଯ୍ୟନ୍ତ ନୂତନ ଶ୍ରେଣୀ କୋଠରି ନିର୍ମାଣ ନ ହେବ ସେପର୍ଯ୍ୟନ୍ତ ପିଲାଙ୍କୁ ସ୍କୁଲ ଛାଡିବୁ ନାହିଁ ବୋଲି ସ୍କୁଲ ପରିଚାଳନା କମିଟି ସାଙ୍ଗକୁ ଅଭିଭାବକ ଓ ଗ୍ରାମବାସୀ ଚେତାବନୀ




ଦେଇଛନ୍ତି। ଏ ନେଇ ଅଭିଭାବକମାନେ କୋକସରା ବିଡ଼ିଓ ଓ ବିଇଓଙ୍କୁ ସୋମବାର ଲିଖିତ ଅଭିଯୋଗ ଦେଇ ଅବଗତ କରିଛନ୍ତି। ସୂଚନା ଅନୁସାରେ, ୧୯୫୫ରେ ସ୍ଥାପିତ ଏହି ବିଦ୍ୟାଳୟରେ ଶିଶୁ ବାଟିକାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ସମୁଦାୟ ୧୬୯ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ ନିମନ୍ତେ ୫ ଜଣ ଶିକ୍ଷକ ରହିଛନ୍ତି। ଅନେକ ଦିନ ହେଲା ଶ୍ରେଣୀ କୋଠରି ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ଏ ନେଇ ସ୍କୁଲ ପରିଚାଳନା କମିଟି, ଅଭିଭାବକ ଓ ଛାତ୍ରୀଛାତ୍ର ୨୦୨୪ ମସିହାରେ ବିଦ୍ୟାଳୟର ବିଭିନ୍ନ ସମସ୍ୟା ନେଇ ଧାରଣାରେ ବସିଥିଲେ। ସେ ସମୟରେ ପ୍ରଶାସନିକ ଅଧିକାରୀ ସମସ୍ୟା ସମାଧାନ ପାଇଁ ବୁଝାଶୁଝା କରିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। କିନ୍ତୁ ୨ବର୍ଷ ବିତିଥିଲେ ମଧ୍ୟ ସମସ୍ୟା ସମାଧାନ ହୋଇପାରି ନାହିଁ। କେବଳ ଜାଗା ଚିହ୍ନଟରେ ସୀମିତି ରହିଯାଇଛି। ସ୍କୁଲ କୋଠା ନିର୍ମାଣ ପାଇଁ ଅନୁଦାନ ଆସିଛି ଓ ଟେଣ୍ଡର ପ୍ରକ୍ରିୟାରେ ଥିବା କେବଳ ଶୁଣିବାକୁ ମିଳୁଛି। ଏଣେ ପିଇଓ କ୍ୱାର୍ଟର୍ସ ଓ କଲ୍ୟାଣ ମଣ୍ଡପରେ ସମସ୍ତ ଶ୍ରେଣୀର ପିଲା ଠେଲାପେଲା ହୋଇ ଅଧ୍ୟୟନ କରିଆସୁଛନ୍ତି। ଏ ନେଇ ଦାୟିତ୍ୱରେ ଥିବା ପ୍ରଧାନ ଶିକ୍ଷକ ଭିକାରୀ ତାଣ୍ଡିଙ୍କୁ ପଚାରିବାରୁ ଏ ବିଷୟରେ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଅବଗତ କରିଥିବା କହିଛନ୍ତି। ସେହିପରି କୋକସରା ବିଇଓ ମହେଶ କୁମାର ଭାଟିଙ୍କୁ ପଚାରିବାରୁ ସ୍କୁଲ ପରିଚାଳନା କମିଟି ଓ ଗ୍ରାମବାସୀ ଅଭିଯୋଗ ଦେଇଛନ୍ତି। କିନ୍ତୁ ସେମାନେ ହଠାତ୍ ଛାତ୍ରୀଛାତ୍ରଙ୍କୁ ସ୍କୁଲ ପଠାଉ ନ ଥିବା ଆପଣଙ୍କଠାରୁ ଜାଣିବାକୁ ପାଉଛୁ, ଆମେ ସେମାନଙ୍କ ସହିତ ଶୀଘ୍ର ଆଲୋଚନା କରି ସମାଧାନ କରିବୁ ବୋଲି କହିଛନ୍ତି।

## ଛାତ୍ରୀଛାତ୍ରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ପାଇକମାଳ (ବଡ଼ ଶତପଥୀ):** ପାଇକମାଳ ବ୍ଲକ ମାଣ୍ଡୋସିଲ ଡିଗ୍ରୀ କଲେଜରେ ଅଧ୍ୟକ୍ଷ ବିନୟ ରଞ୍ଜନ ପଣ୍ଡାଙ୍କ ସଭାପତିତ୍ୱରେ ଶେଷ ବର୍ଷର ଛାତ୍ରୀଛାତ୍ରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏଥିରେ ଅଧ୍ୟାପକ କୃଷ୍ଣଚନ୍ଦ୍ର ଦେବତା, ନିରାକାର ରାଉତ, ବିଜୟ କୁମାର ମେହେର, ସନ୍ତୋଷ ସିଂ ଠାକୁର, ଅମରେଶ ଠାକୁର ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରୀ ରଶ୍ମି ସାହୁ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ସଂକ୍ଷେପରେ

### ସମଲେଶ୍ୱରୀଙ୍କ କାଳରାତ୍ରି ବେଶ



**ବରଗଡ଼,୨୫।୩(ପ୍ରେମାନନ୍ଦ ଖମାରୀ):** ବରଗଡ଼ର ଅଧିଷ୍ଠାତ୍ରୀ ଗ୍ରାମ୍ୟଦେବୀ ମା' ସମଲେଇଙ୍କ ବାସନ୍ତିକ ନବରାତ୍ର ପୂଜା ଚାଲିଛି। ସପ୍ତମ ଦିବସ ବୁଧବାର ଦେବୀ କାଳରାତ୍ରି ବେଶରେ ଦର୍ଶନ ଦେଇଛନ୍ତି। ଦେବୀଙ୍କୁ ଏହି ବେଶରେ ଦର୍ଶନ କରିବା ପାଇଁ ସକାଳୁ ଭକ୍ତମାନେ ଧୂପ, ଦୀପ, ଫୁଲ ଧରି ମନ୍ଦିରକୁ ପହଞ୍ଚିଛନ୍ତି। ଦେବୀଙ୍କ ପୀଠରେ ସକାଳୁ ଭକ୍ତଙ୍କ ସମାଗମ ହୋଇଛି। ମଧ୍ୟାହ୍ନ ୧ଟା ୧୫ ମଧ୍ୟରେ ମହାସପ୍ତମୀ ବିହିତ ପୂଜାର୍ଚ୍ଚନା ଏବଂ ପରେ ମହାଷ୍ଟମୀ ବିହିତ ପୂଜାର୍ଚ୍ଚନା କରାଯାଇଥିଲା। ଭକ୍ତଙ୍କ ପାଇଁ ମନ୍ଦିର କମିଟି ପକ୍ଷରୁ ସୁବ୍ୟବସ୍ଥା କରାଯାଇଛି।

### ସାପ କାମୁଡ଼ାରେ ନାବାଳିକା ମୃତ

**ବୌଦ୍ଧ, ୨୫।୩(ଅଜିତ କୁମାର ବାରିକ):** ବୌଦ୍ଧ ସହରର ବୁଟୁପାଲିଠାରେ ବୁଧବାର ସାପ କାମୁଡାରେ ଜଣେ ନାବାଳିକାଙ୍କ ମୃତ୍ୟୁ ହୋଇଛି। ବୌଦ୍ଧ ଜିଲା ବଘିଆପଡା ଫାଣ୍ଡି ଅନ୍ତର୍ଗତ ମଲିକପଡା ଗ୍ରାମର ବିଶ୍ୱାମିତ୍ର ସୁନା ଆଜକୁ ୧୦ବର୍ଷ ହେବ ଗାଁରୁ ଆସି ବୁଟୁପାଲିଠାରେ ଏକ ପୋଖରୀ ହୁଡାରେ କୁଡିଆ ଘର କରି ପରିବାର ସହ ରହିଆସୁଥିଲେ। ସେ ମୂଲମଜୁରି ଲାଗି ପରିବାର ପ୍ରତିପୋଷଣ କରୁଛନ୍ତି। ବୁଧବାର ଭୋର ସମୟରେ କୌଣସି ଏକ ବିଷଧର ସାପ ବିଶ୍ୱାମିତ୍ରଙ୍କ ୮ ବର୍ଷର ଝିଅ ତେଜଲକୁ କାମୁଡି ଦେଇଥିଲା। ପରିବାର ଲୋକ ସଙ୍ଗେ ସଙ୍ଗେ ବୌଦ୍ଧ ମେଡିକାଲକୁ ଚିକିତ୍ସା ପାଇଁ ନେଇଥିଲେ। କିନ୍ତୁ ଚିକିତ୍ସାଧିନ ଅବସ୍ଥାରେ ଅପରାହ୍ନରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଖବରପାଇ ବଘିଆପଡ଼ା ଫାଣ୍ଡି ଅଧିକାରୀ ପ୍ରାଣବନ୍ଧୁ ସାହୁ ବୌଦ୍ଧ ମେଡିକାଲକୁ ଯାଇ ବାଳିକାଙ୍କ ମୃତଦେହକୁ ଜବତ କରିଥିଲେ। ବ୍ୟବଚ୍ଛେଦ ପରେ ମୃତଦେହ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ଫାଣ୍ଡି ଅଧିକାରୀ ସାହୁ କହିଛନ୍ତି।

### ପୁରୁଖା ପଣ୍ଡିତଙ୍କ ପରଲୋକ

**ଭେଡେନ,୨୫।୩(ହୃଷିକେଶ ଖମାରୀ):** ବରଗଡ଼ ଜିଲା ଭେଡେନ ବ୍ଲକ ଦେଶଭଟଲି ଗ୍ରାମର ପୁରୁଖା ପଣ୍ଡିତ ଶଶୀଭୂଷଣ ଶତପଥିଙ୍କ ବୁଧବାର ପରଲୋକ ହୋଇଯାଇଛି। ୧୬ ଦିନ ପୂର୍ବରୁ ସେ ବିନିକା ଥାନା ବିଶାଳପାଲିରେ ଦୁର୍ଘଟଣାର ସମ୍ମୁଖିନ ହୋଇଥିଲେ। ସେଠାରୁ ତାଙ୍କୁ ଗୁରୁତର ଭାବରେ ଉଦ୍ଧାର କରାଯାଇ ବୁର୍ଲାର ଏକ ଘରୋଇ ନର୍ସିଂହୋମରେ ଭର୍ତ୍ତି କରି ଚିକିତ୍ସା କରାଯାଇଥିଲା। ବୁଧବାର ସନ୍ଧ୍ୟାରେ ଡାକ୍ତରଙ୍କ ପରାମର୍ଶକ୍ରମେ ତାଙ୍କୁ ଘରକୁ ଅଣାଯାଇଥିଲା। ରାତି ପ୍ରାୟ ୮ଟା ୪୦ ମିନିଟରେ ତାଙ୍କ ବାସଭବନରେ ପରଲୋକ ହୋଇଥିଲା।

### ମନ୍ଦିର ପ୍ରତିଷ୍ଠା ମହୋତ୍ସବ

**ବରଗଡ଼,୨୫।୩(ପ୍ରେମାନନ୍ଦ ଖମାରୀ) :** ବରଗଡ଼ ବ୍ଲକ ଅନ୍ତର୍ଗତ ପଧାନପାଲି ଗ୍ରାମରେ ବୁଧବାର ହନୁମାନ ମନ୍ଦିର ସମେତ ବିଭିନ୍ନ ପ୍ରତିଷ୍ଠା ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଦୀର୍ଘ ୫ଦିନ ଧରି ଏହି ମହୋତ୍ସବ ଚାଲିଥିଲା। ଏହି ଅବସରରେ ଶ୍ରୀ ଶ୍ରୀ ମୁକ୍ତେଶର ମନ୍ଦିରରୁ ଆରମ୍ଭ ହୋଇଥିବା କଳସ ଶୋଭାଯାତ୍ରା କଳସ ଯାତ୍ରାରେ ୧ହଜାରରୁ ଅଧିକ ଶ୍ରଦ୍ଧାଳୁ ଅଂଶଗ୍ରହଣ କରିଥିଲେ। ପ୍ରତିଷ୍ଠା ମହୋତ୍ସବରେ ସୂର୍ଯ୍ୟ ପୂଜନ, ଗୋପୂଜନ, ବ୍ରାହ୍ମଣ ଭୋଜନ, ଯଜ୍ଞ କର୍ମାରମ୍ଭ, ଯୁପ ସ୍ନାନ ନ୍ୟାସ, ବିଷ୍ଣୁ ସହସ୍ରନାମ ହୋମ, ଶନି ସହସ୍ରନାମ ହୋମ ହୋଇଥିଲା। ପୂଜା, ହୋମରେ ପଣ୍ଡିତ ରାଜେନ୍ଦ୍ର ତ୍ରିପାଠୀ, କିଶୋର ଦାଶ, ପଞ୍ଚା ମିଶ୍ର, ରଞ୍ଜନ ଦାଶ, ପ୍ରଫୁଲ୍ଲ ଦାଶ, ଶୁଭମ ଦେବତା, ପିଙ୍କୁ ଦାଶ, କବିଚନ୍ଦ୍ର ଦାଶ, ଶିବୁନ ଦାଶ ପୂଜାର୍ଚ୍ଚନା କରିଥିଲେ । ଗ୍ରାମର ହନୁମାନ ମନ୍ଦିର ପ୍ରତିଷ୍ଠା ମହୋତ୍ସବରେ ଜଗଦିଶ ଗୋଲପୁରିଆ, ଶନିଶ୍ଚର ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଗଣେଶ ବାରିକ, ଭୈରବ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଡୋଲାମଣୀ ଭୋଇ, ବୃଷଭ ବାବାଙ୍କ ପ୍ରତିଷ୍ଠାରେ ସ୍ୱାଧୀନ ସେଠ ସସ୍ତ୍ରୀକ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ ।

# ସରିଯିବ ଧାନକିଣା ଅବଧି, ସମସ୍ୟା ଅସମାହିତ

- ୧୭ ଦିନରେ ପହଞ୍ଚିଲା ଚାଷୀଙ୍କ ଧାରଣା
- ରାଜବୋଡ଼ାସମ୍ବର କୃଷକ ସଂଗଠନର ସମର୍ଥନ

ବରଗଡ଼,୨୫।୩(ପ୍ରେମାନନ୍ଦ ଖମାରୀ)

ଖରିଫ୍ ଧାନ ସଂଗ୍ରହ ପ୍ରକ୍ରିୟା ସରିବାକୁ ଆଉ ମାତ୍ର ୬ ଦିନ ବାକି। ମାତ୍ର ବରଗଡ଼ ଜିଲାର ବିଭିନ୍ନ ବ୍ଲକର ଚାଷୀମାନେ ଧାନ ବିକ୍ରି କରିବା ତ ଦୂରର କଥା, ଏପର୍ଯ୍ୟନ୍ତ ସେମାନେ ଖରିଫ ଧାନ ବିକ୍ରି ପାଇଁ ପଞ୍ଜୀକୃତ ହୋଇପାରିନାହାନ୍ତି କିମ୍ବା ସେମାନଙ୍କୁ ଧାନବିକ୍ରି ଟୋକନ ମିଳିପାରି ନାହିଁ। ଏଭଳି ସମସ୍ୟାରେ ଛନ୍ଦି ହୋଇ ପଡ଼ିଥିବା ଜିଲାର ଭେଡେନ ବ୍ଲକ ଅନ୍ତର୍ଗତ ସହରାଟିକ୍ରା ଧାନମଣ୍ଡି ଉପରେ ନିର୍ଭରଶୀଳ ବିଭିନ୍ନ ଗ୍ରାମର ଚାଷୀମାନେ ଗତ ୯ ତାରିଖରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାନ ଗଦାକରି ଦିନରାତି ଧାରଣାରେ ବସିଛନ୍ତି। କିନ୍ତୁ ଏପର୍ଯ୍ୟନ୍ତ କୌଣସି ସୁଫଳ ମିଳିନାହିଁ। ଅନ୍ୟପଟେ



ଧାରଣାରେ ରାଜବୋଡ଼ାସମ୍ବର କୃଷକ ସଂଗଠନର ପ୍ରତିନିଧିମାନେ ସାମିଲ ହୋଇଛନ୍ତି।

ଚାଷୀ ଅସନ୍ତୋଷ ତୀବ୍ର ହେଉଥିବାବେଳେ ଧାରଣାକୁ ସମର୍ଥନ ବଢ଼ିଚାଲିଛି।

ବୁଧବାର ରାଜବୋଡ଼ାସମ୍ବର କୃଷକ ସଙ୍ଗଠନର କର୍ମୀମାନେ ଧାରଣାସ୍ଥଳରେ ପହଞ୍ଚି ସମର୍ଥନ ଜଣାଇଥିଲେ। ସଂଗଠନର ଆବାହକ ଅଶୋକ ସାହୁ ଆନ୍ଦୋଳନକୁ ସମର୍ଥନ ଜଣାଇ କହିଥିଲେ, ଗତ ସରକାର ସମୟରେ ପଦ୍ମପୁର ଉପଖଣ୍ଡରେ ମଧ୍ୟ ଏହିପରି ସମସ୍ୟା ଉପୁଜି ଥିଲା। ଧାନ ବିକ୍ରି ନ ହେବାରୁ ଚାଷୀମାନେ ପଦ୍ମପୁର ଉପଜିଲାପାଳଙ୍କ ଅଫିସ ଆଗରେ ସେତେବେଳେ ଧାନ ପକାଇ ୬୩ ଦିନ ଧାରଣାରେ ବସିଥିଲେ। ତତ୍କାଳୀନ ସରକାର ବାଧ୍ୟ ହୋଇ ସରକାରୀ ମୂଲ୍ୟରେ ସମସ୍ତ ଧାନ କିଣିଥିଲେ। ଏଣୁ ନିରାଶ ହେବାର କୌଣସି ଆବଶ୍ୟକତା ନାହିଁ ଏବଂ ଯଦି ଧାନ କିଣା ନ ଯାଏ, ତେବେ ଏହି ଆନ୍ଦୋଳନ ପଦ୍ମପୁରରେ ମଧ୍ୟ ପ୍ରତିଫଳିତ ହେବ ବୋଲି ସେ କହିଥିଲେ। ସେ ଆହୁରି କହିଥିଲେ, ସରକାର ବଦଳିଲା, ହେଲେ ଚାଷୀଙ୍କ ସମସ୍ୟା ଅସମାହିତ ରହିଗଲା। ଚଳିତ ବର୍ଷ ଅନେକ ଚାଷୀ ପଞ୍ଜୀକରଣରୁ ବାଦ୍ ପଡିଛନ୍ତି । ପଞ୍ଜୀକରଣ କରିଥିବା ଚାଷୀଙ୍କ ଜମି ତୁଳନାରେ ଟୋକନ ଆସିଲା ନାହିଁ। ଦୀର୍ଘଦିନ ଧରି ମଣ୍ଡିରେ ଧାନ ପଡ଼ିରହିଛି ଏବଂ କଟ୍‌ନି ଛଟ୍‌ନିରେ ରାଜି ନ ହେଲେ ଧାନ ଉଠୁ ନ ଥିବାର ନଜିର ଦେଖିବାକୁ ମିଳିଛି, ଯାହା ଅତ୍ୟନ୍ତ ଚିନ୍ତାଜନକ। ଏଣୁ ବିକ୍ରି ଅପେକ୍ଷାରେ ରହିଥିବା ସମସ୍ତ ଧାନକୁ ତୁରନ୍ତ କିଣିବା ପାଇଁ ସରକାରଙ୍କୁ ସେ ଅନୁରୋଧ କରିଥିଲେ।।

ରାଜବୋଡ଼ାସମ୍ବର କୃଷକ ସଂଗଠନର ଅନ୍ୟ ସଦସ୍ୟ କୈଳାସ ବାରିକ, ଅମୃତଲାଲ୍ ସାହୁ, ପୃଥିବୀ ରାଜ ନାୟକ, ରାମଚନ୍ଦ୍ର ବିଶ୍ୱାଳ, ଶତ୍ରୁଘନ ତ୍ରିପାଠୀ, ପ୍ରଫୁଲ୍ଲ ବେହେରା, ତେଜରାଜ ଗଡ଼ତିଆ, ପରାଶର ସାହୁ, ଗୋପବନ୍ଧୁ ପଧାନ, ଭୋଳାନାଥ ବେହେରା, ରମେଶ ସାହୁ, ନବୀନ ବେହେରା ଏବଂ ବିଜୟ ସାହୁ ପ୍ରମୁଖ ମଧ୍ୟ ସାମିଲ ଥିଲେ। ଜିଲା ସମାଜସେବୀ ସଂଘ ସଭାପତି ବଳିଷ୍ଠ ଦୁର୍ଗା ଏବଂ ବରଗଡ଼ ନାଗରିକ ମଞ୍ଚ ସମ୍ପାଦକ ଭବାନୀ ସାହୁ ଧାରଣାସ୍ଥଳକୁ ପହଞ୍ଚିଥିଲେ ଏବଂ ଧାରଣାରତ ଚାଷୀମାନଙ୍କ ସହ ସେମାନଙ୍କ ସମସ୍ୟା ଓ ହକ୍ ନେଇ ଆଲୋଚନା କରିଥିଲେ।

## ବଚସାରୁ ଆକ୍ରମଣ ଘଟଣା, ୪ ଗିରଫ



ଗିରଫ ହୋଇଥିବା ୪ ଅଭିଯୁକ୍ତ।

ବରଗଡ଼,୨୫।୩(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଟାଉନ ଥାନା ସମ୍ମୁଖ ହାଟପଦାରେ ମଙ୍ଗଳବାର ସନ୍ଧ୍ୟାରେ ସଂଘଟିତ ଆକ୍ରମଣ ଘଟଣାର ୪ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ବରଗଡ଼ ପୌର ପରିଷଦ ଅଧୀନ ୱାର୍ଡ ନଂ-୪ ପଠାନ୍‌ପଡ଼ାର ଏମ୍‌ଡି ସନୁ(୨୯), ଅଫରାଜ ଖାଁ(୨୨), ସିନ୍ଧବାଜ ଖାଁ(୨୯) ଏବଂ ରାଜୁ ଶେଖ୍ ଓରଫ ଏମ୍‌ଡି ଇସ୍ରାଇଲ(୨୪)। ବୁଧବାର ସେମାନଙ୍କୁ କୋର୍ଟଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ସ୍ଥାନୀୟ ଜିଲା କାରାଗାର ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତଙ୍କ ପାଖରୁ ଆକ୍ରମଣରେ ବ୍ୟବହୃତ କଟରା ଜବତ ହୋଇଛି। ଏ ନେଇ ବରଗଡ଼ ଟାଉନ ଥାନାରେ ଏକ ମାମଲା(ନଂ.୧୭୫/୨୬) ରୁଜୁ ହୋଇଛି।

ସୂଚନା ଅନୁଯାୟୀ, ବରଗଡ଼ ପୌର ପରିଷଦ ଅଧୀନ ୱାର୍ଡ ନଂ-୩ କଟକିଆ ପଡ଼ାର ଅମିତ ମଲ୍ଲିକ(୩୦) ନିଜ ବୁଲେଟ୍‌ରେ ଘରକୁ ଫେରୁଥିଲେ। ଫେରିବା ବାଟରେ ହାଟପଦା ରାସ୍ତା ଉପରେ ରହିଥିବା ଏକ ଅଟୋକୁ ସାଇଡ୍ କରିବା ପାଇଁ ଡ୍ରାଇଭରଙ୍କୁ ସେ କହିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ତେବେ ଅଟୋ ଡ୍ରାଇଭର ଫୋନ କରିବାରୁ ଗିରଫ ଅଭିଯୁକ୍ତମାନେ ଘଟଣାସ୍ଥଳକୁ ପହଞ୍ଚି ଅମିତ୍‌ଙ୍କୁ କଟରାରେ ମରଣାନ୍ତକ ଆକ୍ରମଣ କରିଥିଲେ। ଆକ୍ରମଣରେ ସେ ଗୁରୁତର ଆହତ ହୋଇଥିଲେ ଏବଂ ବର୍ତ୍ତମାନ ଭୀମସାର୍, ବୁର୍ଲା ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ଅମିତ୍‌ଙ୍କ ମା' ସୁଶୀଲା ଘଟଣା ସମ୍ପର୍କରେ ବରଗଡ଼ ଟାଉନ ଥାନାରେ ଏତଲା ଦେଇଥିଲେ। ତାଙ୍କ ଏତଲାକୁ ଭିତ୍ତିକରି ପୋଲିସ ଉପରୋକ୍ତ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା ଏବଂ ଘଟଣାର ୨୪ ଘଣ୍ଟା ମଧ୍ୟରେ ୪ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।



ଛାତ୍ରୀମାନେ ମାଣ୍ଡିଆରେ ଝୋଟି କରୁଛନ୍ତି।

## କିଶୋରୀଙ୍କ ନେତୃତ୍ୱ, ସଶକ୍ତୀକରଣକୁ ଗୁରୁତ୍ୱ

**ବରଗଡ଼,୨୫।୩(ପ୍ରେମାନନ୍ଦ ଖମାରୀ):** ବରଗଡ଼ ଜିଲା ଅମ୍ବାଭୋନାସ୍ଥିତ ପିଏମ୍‌ଶ୍ରୀ କେଦାରନାଥ ଆଦିବାସୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ବୁଧବାର ପ୍ରଧାନ ଶିକ୍ଷକ ସୁବାସ ଚନ୍ଦ୍ର ରଥଙ୍କ ମାର୍ଗଦର୍ଶନରେ ଅନୁଭବ ଯାତ୍ରା, କିଶୋରୀ ଝିଅମାନଙ୍କ ନେତୃତ୍ୱ ଓ ସଶକ୍ତିକାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ର ବୁଧବାର ଭୁକ୍ତାସ୍ଥିତ ପଦ୍ମଶ୍ରୀ କୃତାର୍ଥ ଆଚାର୍ଯ୍ୟ ଶିଳ୍ପ ତାଲିମ କେନ୍ଦ୍ର, ୟୁକୋ ବ୍ୟାଙ୍କ, ପ୍ରକାଶପୁରସ୍ଥିତ ସାହ୍ଲେପାଲି ରାସ୍ତାର ଫ୍ଲାଇଆସରୁ ଇଟା ତିଆରି ଶିଳ୍ପାନୁଷ୍ଠାନ ପରିଭ୍ରମଣ କରିଥିଲେ। ଏହି ପରିଭ୍ରମଣରେ ଶିକ୍ଷକ ମନୋହର ସାହୁ, ଶୁଭାଶିଷ ଜଗତ ଓ ଶିକ୍ଷୟିତ୍ରୀ ଉପମା ପ୍ରଧାନ ଯାଇଥିଲେ। ଜିଶୋରି ଝିଅମାନଙ୍କ ସଶକ୍ତୀକରଣ କାର୍ଯ୍ୟକ୍ରମରେ ମାର୍ଗଦର୍ଶକ ଭାବେ ବ୍ଲକ କୃଷି ଅଧିକାରିଣୀ ସୁଜାତା ଛତ୍ରିଆ, ଅତିରିକ୍ତ ବ୍ଲକ କୃଷି ଅଧିକାରୀ ଉପମା ମିଞ୍ଜ ଓ ବ୍ଲକ ଶିକ୍ଷା ଅଧିକାରିଣୀ ଭାବନା ସାହୁ ଯୋଗଦାନ କରିଥିଲେ। ସଭାପତି ଭାବେ ଶିକ୍ଷକ ବିଶ୍ୱନାଥ ସାହୁ କାର୍ଯ୍ୟ ତୁଲାଇଥିବା ବେଳେ ବିଜ୍ଞାନ ଶିକ୍ଷକ ମନୋହର ସାହୁ ସଭା ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ଉପମା ପ୍ରଧାନ, ସୈରେନ୍ଦ୍ରି ରଥ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଆଧାର ସେବା ଆଧାରିତ ଶୁଳ୍କ ଚାର୍ଟ ପ୍ରଦର୍ଶନ କରିବାକୁ ନିର୍ଦ୍ଦେଶ

ବରଗଡ଼,୨୫।୩(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ବୁଧବାର ଜିଲାସ୍ତରୀୟ ଆଧାର ପରିଚାଳନା କମିଟିର ଷଷ୍ଠ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଆଦିତ୍ୟ ଗୋୟଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲାର ଆଧାର ସେବା ସମ୍ବନ୍ଧୀୟ ବିଭିନ୍ନ ବିଷୟ ଉପରେ ଆଲୋଚନା ସହ ଜନ୍ମରୁ ୫ ବର୍ଷ ବୟସର ଶିଶୁ, ବୃଦ୍ଧ ଓ ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କ ପାଇଁ ଆଧାର ପଞ୍ଜୀକରଣ କାର୍ଯ୍ୟକୁ ସହଜ, ସୁଗମ ଏବଂ ଗତିଶୀଳ କରିବାକୁ ଆଲୋଚନା କରାଯାଇଥିଲା। ଏହାସହିତ ୫ରୁ ୭ ବର୍ଷ ଓ ୧୫ରୁ ୧୭ ବର୍ଷ ବୟସ ମଧ୍ୟରେ ଥିବା ଶିଶୁ, କିଶୋରମାନଙ୍କ ପାଇଁ ବାୟୋମେଟ୍ରିକ୍ ଅପ୍‌ଡେଟ୍ ଓ ଆବଶ୍ୟକ ଡକ୍ୟୁମେଣ୍ଟ ଅପ୍‌ଡେଟ୍ କାର୍ଯ୍ୟକୁ ସକ୍ରିୟ ଭାବେ କାର୍ଯ୍ୟକାରୀ କରିବା ସହିତ ଜିଲାର ସମସ୍ତ ଆଧାର ସେବାକେନ୍ଦ୍ରରେ ସେବାଆଧାରିତ ଶୁଳ୍କ ଚାର୍ଟ ପ୍ରଦର୍ଶନ କରିବା ଏବଂ ଆଧାର ପଞ୍ଜୀକରଣ ରିଜେକ୍ଟ ହୋଇଥିବା ଆପ୍ଲିକେଶନଗୁଡ଼ିକୁ ଯଥାଶୀଘ୍ର ପୁନଃ ପ୍ରୋସେସ୍ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଜିଲା ଇ-ପ୍ରଶାସନ ଅଧିକାରୀ ମସ୍ତରାମ ଛନ୍ଦଙ୍କ ପ୍ରଚେଷ୍ଟାରେ ଆୟୋଜିତ ଉକ୍ତ ବୈଠକରେ ଅତିରିକ୍ତ ଜିଲାପାଳ ମଧୁଛନ୍ଦା ସାହୁ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଲାଟ କୁମାର ଲୁହା, ଡେପୁଟି କଲେକ୍ଟର ସୁମତି ପଣ୍ଡା, ଡିଏସ୍‌ଏସ୍‌ଓ ତାହିର ହୁସେନ୍, ଜିଲା ଯୋଗାଣ ଅଧିକାରୀ ବିଘ୍ନରାଜ ମହାପାତ୍ର, ଆଧାର ପରିଚାଳକ ଜ୍ୟୋତି ପ୍ରକାଶ, ଲିଡ୍ ବ୍ୟାଙ୍କ ମ୍ୟାନେଜର ବିଦ୍ୟାନନ୍ଦ ତିର୍କୀ, ଶାରଦା ସିଷ୍ଟମ ପ୍ରାଇଭେଟ୍ ଲିମିଟେଡ୍ ଏବଂ ସହଜ ରିଟେଲ ଲିମିଟେଡ୍‌ର ଜିଲା ପରିଚାଳକଙ୍କ ସମେତ ଶିକ୍ଷା, ସ୍ୱାସ୍ଥ୍ୟ ତଥା ସମସ୍ତ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ଗାଁ ଇତିହାସ ଲେଖିଲେ ଯମୁନା କନ୍ଧୁଣୀ ବିଦ୍ୟାଳୟ ଛାତ୍ରୀଛାତ୍ର

ପାଇକମାଳ,୨୫।୩(ବଡ଼ ଶତପଥୀ)

ପାଇକମାଳ ସ୍ଥିତ ଯମୁନା କନ୍ଧୁଣୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ବୁଧବାର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଗାଁ ଇତିହାସ ଓ ଖାଦ୍ୟ ସଂସ୍କୃତି ଲିପିବଦ୍ଧ କରିବା ସମୟର ଅନୁଭୂତି ପ୍ରକାଶ କରିବା ପାଇଁ ଏକ କର୍ମଶାଳାର ଆୟୋଜନ କରାଯାଇଥିଲା। ଏଥିରେ ପାଇକମାଳ ବ୍ଲକର ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ରମାନେ ଯୋଗ ଦେଇଥିଲେ। ସେମାନେ ନିଜ ନିଜ ଗାଁର ଇତିହାସ ଓ ଖାଦ୍ୟ ସଂସ୍କୃତି ବିଷୟରେ ସଂଗ୍ରହ କରିଥିବା ଅନୁଭୂତିକୁ ସମସ୍ତଙ୍କ ଆଗରେ ପ୍ରକାଶ କରିଥିଲେ। ଏହା ସହିତ ନିଜ ଗାଁ ସମ୍ପର୍କିତ ଭିଡିଓ ପ୍ରଦର୍ଶିତ କରିଥିଲେ। ଏହି କାର୍ଯ୍ୟକ୍ରମ ଆରମ୍ଭରେ ଗାଁ ଇତିହାସ ଓ ଖାଦ୍ୟ ସଂସ୍କୃତି ଲିପିବଦ୍ଧ କରିବା କାର୍ଯ୍ୟକ୍ରମକୁ ନେତୃତ୍ୱ ଦେଉଥିବା ଗାଁ ଇତିହାସ ବିଶେଷଜ୍ଞ ସ୍ୱୟଂପ୍ରଭା ପାଢ଼ୀ କର୍ମଶାଳାର ଲକ୍ଷ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ଉପସ୍ଥାପନା କରିଥିଲେ। ଯମୁନା କନ୍ଧୁଣୀ ଉଚ୍ଚ ବାଳିକା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ପଣ୍ଡା ଏହି କର୍ମଶାଳାରେ ଅଧ୍ୟକ୍ଷତା କରିଥିଲେ। ଅହିଂସା କ୍ଲବର ଶିବ ପ୍ରସାଦ ସାହୁ କର୍ମଶାଳାକୁ ପରିଚାଳନା କରିଥିଲେ। ସେ ପିଲାମାନଙ୍କୁ ଜୈବିକ ଚାଷର ଉପାଦେୟତା ବିଷୟରେ ବିଭିନ୍ନ ଉଦାହରଣ ମାଧ୍ୟମରେ ବୁଝାଇଥିଲେ। ଏହି କର୍ମଶାଳାରେ ପାଇକମାଳ ସହଯୋଗୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ରାଧେଶ୍ୟାମ ମେହେର ଯୋଗଦେଇଥିଲେ। ପରିବେଶବିତ୍ ମୀନକେତନ ସାହୁ, ବରିଷ୍ଠ ଖବରଦାତା ପଦ୍ମପୁର ଉପଖଣ୍ଡ ସାମ୍ବାଦିକ ସଂଘର ସଭାପତି ବଡ଼ ଶତପଥି ଓ ଧିରେନ ମହାନ୍ତି, ସରପଞ୍ଚ ଦିଲ୍ଲୀପ ବେହେରା ଓ ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦର ଆବାହକ ଦୁର୍ଯ୍ୟୋଧନ ପୁଟା ପ୍ରମୁଖ ଯୋଗ ଲଦେଇ ପରିବେଶ ବଞ୍ଚିଲେ ଆମେ ବଞ୍ଚିବା, ପରିବେଶକୁ ବଞ୍ଚାଇବା ଆମର ଦାୟୀତ୍ୱ ବୋଲି କହିବା ସହ ଆମେ ଗାଁ ଇତିହାସ ସହିତ ନିଜର ଇତିହାସ ବି ଲେଖିବା ଜରୁରୀ ବୋଲି ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ଗାଁ ଇତିହାସ ଲିପବଦ୍ଧ କରିଥିବା ସବୁ ଛାତ୍ରୀଛାତ୍ରମାନଙ୍କୁ ୱାଶନ ତରଫରୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା।

## ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା, ଉତ୍ସବ

ପଲସାଗୋରା,୨୫।୩(ଅଶ୍ୱିନୀ ନନ୍ଦ)

କନ୍ଧମାଳ ବ୍ଲକ ରଣ୍ଡିମହୁଲ ପଞ୍ଚାୟତ ଅନ୍ତର୍ଗତ ବାଲିଯୋରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ବାର୍ଷିକ କ୍ରୀଡ଼ା ଓ ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଶୋଭ ରଞ୍ଜନ ମାଲି ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷକ ଉଦ୍ଧବ ମହାଳିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ଏସ୍‌ଏମ୍‌ସି ସଭାପତି ଅଶ୍ୱିନୀ କୁମାର ବିଶ୍ୱାଳ, ଏବିଇଓ ନୀଳମଣି ପଣ୍ଡା, ସିଆର୍‌ସିସି ହୃଦାନନ୍ଦ ଦନ୍ତା, ୱାର୍ଡ ମେମ୍ବର ସୁଧାଂଶୁ ମହାକୁଡ଼ ଯୋଗ ଦେଇଥିଲେ। ଉକ୍ତ ଅବସରରେ ବିଭିନ୍ନ ପ୍ରତିଯୋଗୀତାର୍ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବା ସହିତ ଶିକ୍ଷକ ନିରାକାର ସାହୁ, ନାରାୟଣ ମହାକୁଡ଼ ଓ ସର୍ବେଶ୍ୱର ନାଗଙ୍କୁ ଅତିଥିମାନଙ୍କ ଦ୍ୱାରା ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା ଓ ଚଳିତ ବର୍ଷ ୫ମ ଶ୍ରେଣୀ ବୃତ୍ତି ପାଇଥିବା ଛାତ୍ରୀ ସରସ୍ୱତୀ ପ୍ରଧାନଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା । ବିଦ୍ୟାଳୟର ସହକାରୀ ଶିକ୍ଷକ ସମ୍ବିତ କୁମାର ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ।

## ଷୋହଳ ପ୍ରହର ନାମଯଜ୍ଞ ଉଦ୍‌ଯାପିତ

**ବରପାଲି, ୨୫।୩(ଚିତ୍ତରଞ୍ଜନ ସାହୁ):** ତୃତୀୟ ବର୍ଷରେ ପଦାର୍ପଣ କରିଥିବା ବରପାଲି ବ୍ଲକ ସୁଜିଆ ଗ୍ରାମରେ ଷୋହଳ ପ୍ରହର ନାମଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ଗତ ସୋମବାର ନାମ ସଂକୀର୍ତ୍ତନ ସହ ଶତାଧିକ ମହିଳା କଳସ ଶୋଭାଯାତ୍ରାରେ ବାହାରି ରାଞ୍ଚ ନଦୀଠାରୁ ମନ୍ତ୍ରିତ ଶୁଦ୍ଧ ଜଳ ଭର୍ତ୍ତି ପୂର୍ଣ୍ଣ କଳସ ସହ ଗ୍ରାମ ପରିକ୍ରମା କରି ପୂଜା ମଣ୍ଡପରେ ପହଞ୍ଚିବା ପରେ ଅଧିବାସ ହୋଇଥିଲା। ଏହି ନାମଯଜ୍ଞରେ ପୁରୋହିତ ଭାବରେ ଅଚ୍ୟୁତ ପଣ୍ଡା, ଜିତୁ ପାଣିଗ୍ରାହୀ ଏବଂ ରବୀନ୍ଦ୍ର ଦେବତା ମନ୍ତ୍ର ପାଠ କ୍ରମେ ଷୋଡ଼ଶ ପୂଜା, ହୋମ ଆହୁତି ପ୍ରଦାନ ପୂର୍ବକ ମହାମନ୍ତ୍ର ନାମ ଜପ ଆରମ୍ଭ ହୋଇଥିଲା। ଗ୍ରାମର ଦେବରାଜ ବର୍ଗେ ଓ ତାଙ୍କ ସ୍ତ୍ରୀ ସୀମା ବର୍ଗେ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଏଥିରେ ବିଭିନ୍ନ ସଂକୀର୍ତ୍ତନ ଦଳ ଯୋଗଦାନ କରିଥିଲେ।

## ଫାର୍ମା ଅନ୍ୱେଷଣ ୨୦୨୬: ଶିଳ୍ପ-ଶିକ୍ଷା ସମ୍ମିଳନୀ




ବରପାଲି,୨୫।୩(ଚିତ୍ତରଞ୍ଜନ ସାହୁ)

ବରପାଲି ଫାର୍ମାସ୍ୟୁଟିକାଲ କଲେଜ, ବରପାଲି' ପକ୍ଷରୁ 'ଫାର୍ମା ଅନ୍ୱେଷଣ-୨୦୨୬' ଅନ୍ତର୍ଗତ ଏକ ସେମିନାର ଆୟୋଜିତ ହୋଇଯାଇଛି। ଏହାର ମୁଖ୍ୟ ପ୍ରସଙ୍ଗ ଥିଲା 'ଶିଳ୍ପ, ଶିକ୍ଷା ଅନୁଷ୍ଠାନର ମିଳନ'। ଏହି ଅବସରରେ ମୁଖ୍ୟବକ୍ତା ଭାବେ ଡ. ଅବଧୂତ ପ୍ରଧାନ ଯୋଗଦେଇ ନିଜର ଅସାଧାରଣ ତଥା ଚିନ୍ତାଶୀଳ ଅଭିଭାଷଣ ମାଧ୍ୟମରେ ଶିକ୍ଷାଗତ ଜ୍ଞାନ ଏବଂ ଶିଳ୍ପ କ୍ଷେତ୍ରରେ ଏହାର ପ୍ରୟୋଗ ମଧ୍ୟରେ ଥିବା ସମନ୍ୱୟ ଉପରେ ଗଭୀର ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ କଲେଜ ଅଧ୍ୟକ୍ଷ ନରେନ୍ଦ୍ର କୁମାର ହୋତାଙ୍କ ଅକୁଣ୍ଠ ସମର୍ଥନ ତଥା ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିବା ସହ ସମାଜରେ ଜଣେ ଶିକ୍ଷା ସାଙ୍ଗକୁ ଭଲ ମଣିଷଟିଏ ହୋଇ ନିଜର ପରିଚୟ ସୃଷ୍ଟି କରିବା ଲକ୍ଷ୍ୟ ରଖିବା ଦରକାର ବୋଲି କହିଥିଲେ।

## ରାଷ୍ଟ୍ରପତିଙ୍କୁ ଭେଟିଲେ ବରଗଡ଼ ପ୍ରତିନିଧି ମଣ୍ଡଳୀ

ବରଗଡ଼,୨୫।୩(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲାର ଏକ ଶିକ୍ଷକ ପ୍ରତିନିଧି ମଣ୍ଡଳୀ ପୂର୍ବତନ ଉଚ୍ଚ ଶିକ୍ଷାମନ୍ତ୍ରୀ ବିମ୍ବାଧର କୁଅଁରଙ୍କ ନେତୃତ୍ୱରେ ଯାଇ ବୁଧବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ତାଙ୍କ ନୂଆଦିଲ୍ଲୀସ୍ଥିତ ବାସ ଭବନରେ ସାକ୍ଷାତ କରିଛନ୍ତି। ଏହି ପ୍ରତିନିଧି ମଣ୍ଡଳୀରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁଗ୍ରୀବର ବିଶି, ସାମାଜିକ କର୍ମୀ ଈଶ୍ୱର ବାଗ, ପ୍ରଧାନ ଶିକ୍ଷକ ପ୍ରଦୀପ ଶତପଥି, ଶିକ୍ଷକ ସଞ୍ଜୀବ ପଣ୍ଡା, ଶିକ୍ଷକ ମନୋଜ ଦାଶ, ଶିକ୍ଷକ ତେଜରାଜ ହୋତା ପ୍ରମୁଖ ଉପସ୍ଥିତ ଥିଲେ। ଏହି ସାକ୍ଷାତ ଅବସରରେ ପୂର୍ବତନ ମନ୍ତ୍ରୀ କୁଅଁର ଆଗାମୀ ଦିନରେ ବରଗଡ଼କୁ ଆସିବା ପାଇଁ ରାଷ୍ଟ୍ରପତିଙ୍କୁ ଆମନ୍ତ୍ରଣ କରିଥିଲେ। ସେହିପରି ବରଗଡ଼ ଜିଲାରେ ଶିକ୍ଷାର ବିକାଶ ପାଇଁ ଶିକ୍ଷକ ପ୍ରତିନିଧିବୃନ୍ଦ ରାଷ୍ଟ୍ରପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।



ରାଷ୍ଟ୍ରପତିଙ୍କ ସହିତ ବରଗଡ଼ ଯାଇଥିବା ପ୍ରତିନିଧିବୃନ୍ଦ।

# ଜିଲାସ୍ତରୀୟ ବୃହତ ନାମଲେଖା ଶିବିର

ବୌଦ୍ଧ,୨୫।୩(ଅଜିତ କୁମାର ବାରିକ)

ବୌଦ୍ଧ ଜିଲାରେ 'ଆସ ସ୍କୁଲ ଯିବା' କାର୍ଯ୍ୟକ୍ରମ ଅନ୍ତର୍ଗତ ଜିଲାସ୍ତରୀୟ ବୃହତ୍ ନାମଲେଖା ଶିବିର ଜିଲା ଶିକ୍ଷାଧିକାରୀ ଟେମଲାଲ ଦୁବେଙ୍କ ଯୋଜନା ଆଧାରରେ ସ୍ଥାନୀୟ ପିଏମ୍‌ଶ୍ରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲା ଶିକ୍ଷା ବିଭାଗ ଦ୍ୱାରା ବୁଧବାର ଅନୁଷ୍ଠିତ ହୋଇଯାଇଛି। କୌଣସି କାରଣରୁ ଅଧାରୁ ପାଠ ଛାଡ଼ିଥିବା ପିଲାମାନଙ୍କୁ ରାଜ୍ୟ ମୁକ୍ତବିଦ୍ୟାଳୟ ଅନୁଷ୍ଠାନ ଓ ଜାତୀୟ ମୁକ୍ତ ବିଦ୍ୟାଳୟ ପ୍ରତିଷ୍ଠାନରେ ମାଗଣାରେ ନାମ ଲେଖାଇ ପୁନଃ ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ଶିକ୍ଷା ସମାପ୍ତି କରିବା ନିମନ୍ତେ ଉକ୍ତ ନାମଲେଖା ଶିବିର ଆୟୋଜନ କରାଯାଇଥିଲା। ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟରେ ପରିଚାଳିତ ଜାତୀୟ ମୁକ୍ତ ବିଦ୍ୟାଳୟ ପ୍ରତିଷ୍ଠାନ କେନ୍ଦ୍ରରେ ୨୭ ଓ ସ୍ଥାନୀୟ ଯୋଗୀନ୍ଦ୍ର ଦେବ ଉଚ୍ଚ ବିଦ୍ୟାଳୟରେ ପରିଚାଳିତ ରାଜ୍ୟ ମୁକ୍ତ ବିଦ୍ୟାଳୟ ପ୍ରତିଷ୍ଠାନରେ ୯ ଜଣ ଛାତ୍ରୀଛାତ୍ର ନାମ ଲେଖାଇଥିଲେ। ଜିଲା ଶିକ୍ଷାଧିକାରୀ ଦୁବେଙ୍କ ଅଧ୍ୟକ୍ଷତାରେ ଜିଲା ଶିକ୍ଷା ସମୀକ୍ଷା ବୈଠକ ଉକ୍ତ ବିଦ୍ୟାଳୟ ପରିସର ସଭାଗୃହରେ ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଚୂଡ଼ାମଣି ବାରିକ ଓ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଭାସ୍କର ଲେଙ୍କା ବିଭାଗୀୟ ବିଷୟଗୁଡିକ ସମୀକ୍ଷା କରିବା ସହିତ ନୂତନ ଶିକ୍ଷାବର୍ଷ ପାଇଁ ନାମଲେଖା, ପ୍ରବେଶ ଉତ୍ସବ ଓ ଶିକ୍ଷା ସଚେତନତା ରଥ ବୁଲିବା ବିଷୟରେ ଆଲୋଚନା କରିଥିଲେ। ବୌଦ୍ଧ ଗୋଷ୍ଠୀ ଶିକ୍ଷା ଅଧିକାରୀ ଉପେନ୍ଦ୍ର କୁମାର ପ୍ରଧାନ, ହରଭଙ୍ଗା ଗୋଷ୍ଠୀ ଶିକ୍ଷାଧିକାରୀ ହାଡ଼ିବନ୍ଧୁ ବେହେରା ଓ କନ୍ଧମାଳ ଗୋଷ୍ଠୀ ଶିକ୍ଷାଧିକାରୀ ଅଶୋଭ ରଞ୍ଜନ ମାଲି ବ୍ଲକସ୍ତରୀୟ ବିଭିନ୍ନ ସମସ୍ୟା ଓ ତା'ର ସମାଧାନ ନେଇ ଆଲୋଚନା କରିଥିଲେ। ଜିଲା ଯୋଜନା ସଂଯୋଜକ ଦେବାଶିଷ ଦାରି କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଏବିଇଓ କମଳାକାନ୍ତ ଦଳବେହେରା ଧନ୍ୟବାଦ ଦେଇଥିଲେ। ଜିଲାର ୬୦ଟି କ୍ଲଷ୍ଟରର ସିଆର୍‌ସିସି, ସମସ୍ତ ଏବିଇଓ, ଜିଲା ଶିକ୍ଷା ବିଭାଗର ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅଧିକାରୀମାନେ।

## ସଂକ୍ଷେପରେ

### ମା'ବାପା ହତ୍ୟାକାରୀ ପୁଅ ଗିରଫ

**ସୁନ୍ଦରଗଡ଼, ୨୫।୩(ଜୟ ନାରାୟଣ ମେଣ୍ଡୁଲି):** ଲେଫ୍ରିପଡା ଥାନା ଅଞ୍ଚଳରେ ସୋମବାର ଜମି ଭାଗ ବଣ୍ଟାକୁ ନେଇ ଲୁହା ପାଇପରେ ମା' ବାପାଙ୍କୁ ପିଟି ହତ୍ୟା କରିଥିବା ଅଭିଯୁକ୍ତ ପୁଅଙ୍କୁ ପୋଲିସ ବୁଧବାର ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ପତ୍ରାସ ଟପ୍ପୋ। ସୂଚନାଯୋଗ୍ୟ ଯେ, ଲେଫ୍ରିପଡା ଥାନା ଅନ୍ତର୍ଗତ ସୁଆରିଯୋର ଗ୍ରାମରେ ଜମିବାଡ଼ି ଭାଗ ବଣ୍ଟାକୁ ନେଇ ନିଜର ବଡଭାଇଙ୍କ ସହିତ ଅଭିଯୁକ୍ତ ସାନଭାଇ ପତ୍ରାସଙ୍କ ଝଗଡା ହୋଇଥିଲା। ଏହି ସମୟରେ ମା' ବାପା ବୁଝାସୁଝା କରିଥିଲେ। ପତ୍ରାସ ଉତ୍ତ୍ୟକ୍ତ ହୋଇ ଏକ ପାଇପ ଯୋଗେ ନିଜର ବୃଦ୍ଧ ମା' ବାପାଙ୍କୁ ନିସ୍ତୁକ ମାଡ଼ ମାରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ସୁନ୍ଦରଗଡ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଘଟଣା ପରେ ପତ୍ରାସ ଫେରାର ଥିଲେ। ଏହି ଘଟଣାରେ ଲେଫ୍ରିପଡା ଥାନା ଅଧିକାରୀ ଅଶୋକ ଦାସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ବୁଧବାର ସଫଳତାର ସହ ପତ୍ରାସକୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି।

### କୃଷିକ୍ଷେତ୍ରର ବିକାଶ ପାଇଁ ପ୍ରୟାସ

**ହେମଗିର, ୨୫।୩(ଚୈତନ୍ୟ ପଟେଲ):** ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକ ଅନ୍ତର୍ଗତ ସରବାହାଲ ଗ୍ରାମଠାରେ ବିଜିଆର୍ କମ୍ପାନୀ ଓ ମୀନାକ୍ଷୀ କୋଇଲା ଖଣି ପକ୍ଷରୁ ବୁଧବାର ୨ଟି ବୋର୍‌ୱେଲ ଖୋଳାଯାଇଛି। ଏହାସହ ଗ୍ରାମବାସୀଙ୍କୁ ବିଭିନ୍ନ ପନିପରିବା ଚାଷ କରିବା ପାଇଁ ମଞ୍ଜି ସହ କୃଷି ଉପକରଣ ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ, କୃଷକମାନେ ବିଲରୁ ଯେଉଁ ପନିପରିବା ଅମଳ କରିବେ ସବୁ ଅମଳକୁ ବିଜିଆର୍ କମ୍ପାନୀ କ୍ରୟ କରିବ। ଏହି ପ୍ରୟାସରେ ଗ୍ରାମବାସୀ ଉପକୃତ ହେବା ସହ ସ୍ୱାବଲମ୍ବୀ ହୋଇ ରୋଜଗାରକ୍ଷମ ହେବେ। ଏହି ଅବସରରେ ହିଣ୍ଡାଲ୍‌କୋର ଭିପି ମୁକେଶ ଝା, ବିଜିଆର୍ ସିଓଓ ସିଏଚ୍ ଭାନୁ, ସାନଘୁମୁଡ଼ା ସରପଞ୍ଚ ରେବତୀ ଛତ୍ରିଆ ତଥା ବିଜିଆର୍ ଓ ହିଣ୍ଡାଲ୍‌କୋ କମ୍ପାନୀର ସମସ୍ତ ଅଧିକାରୀ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

### ହନୁମାନ ମନ୍ଦିରରେ ଅଷ୍ଟପ୍ରହର ନାମ କୀର୍ତ୍ତନ ଆରମ୍ଭ

**ବନ୍ଧମୁଣ୍ଡା, ୨୫।୩(ସୁବ୍ରତ ଦେ):** ରାମନବମୀ ଅବସରରେ ବନ୍ଧମୁଣ୍ଡା କେନ୍ଦ୍ରୀୟ ବିଦ୍ୟାଳୟ ନିକଟ ହନୁମାନ ମନ୍ଦିରରେ ବୁଧବାର ୨ଦିନିଆ ଅଷ୍ଟପ୍ରହର ନାମ କୀର୍ତ୍ତନ ଆରମ୍ଭ ହୋଇଯାଇଛି। ଏହି ଅବସରରେ ବିଶ୍ରା, ବନ୍ଧମୁଣ୍ଡା ଓ ରାଉରକେଲା ଅଞ୍ଚଳର ବିଭିନ୍ନ କୀର୍ତ୍ତନମଣ୍ଡଳୀ ଅଂଶଗ୍ରହଣ କରିଥିଲେ। କୀର୍ତ୍ତନରେ ବହୁସଂଖ୍ୟକ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ମନ୍ଦିର ପୂଜକ ରାକେଶ ସାରଙ୍ଗୀ, ଟି. ବାଲାଜୀ ଦାଶ, ଏମ୍.ପି. ଯାଦବ, ବିଜୟ ପଣ୍ଡା, ଅନିଲ କୁମାର, ସୂରଜ ଗିରି, କୋୟା, ପ୍ରବୀର, ସାବନ ମୁଣ୍ଡା, ସାର୍ଥକ କୁମାର, ଶେଖର କୁମାର ଓ ଅନ୍ୟ ସଦସ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ।

### ରାମନବମୀ ଉପଲକ୍ଷେ ସାମୂହିକ ସୁନ୍ଦରାକାଣ୍ଡ ପାଠ



**ସୁନ୍ଦରଗଡ, ୨୫/୩(ଜୟ ନାରାୟଣ ମେଣ୍ଡୁଲି):** ରାମନବମୀ ଉପଲକ୍ଷେ ଅଟଳ ଛକ ସ୍ଥିତ ମହାବୀର ସେବାଟ୍ରଷ୍ଟ ପକ୍ଷରୁ ବିଭିନ୍ନ ସାମାଜିକ ଓ ଧାର୍ମିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ପ୍ରଥମ ଦିନ ଛାତ୍ରୀଛାତ୍ରଙ୍କ ଦ୍ୱାରା ଡ୍ରଇଂ ପ୍ରତିଯୋଗିତା, ଦ୍ୱିତୀୟ ଦିନ ଝୋଟି ପ୍ରତିଯୋଗିତା ଓ ବୁଧବାର ନୃତ୍ୟ ଓ ଗୀତ ପ୍ରତିଯୋଗିତା ହୋଇଥିଲା ବେଳେ ମହାବୀର ମନ୍ଦିର ପରିସରରେ ବ୍ରଜରାଜନଗରର ସୁନାମଧନ୍ୟ ଧାର୍ମିକ ଗୀତିକାରଙ୍କ ଦ୍ୱାରା ରାମାୟଣର ସୁନ୍ଦରାକାଣ୍ଡ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଶତାଧିକ ମହିଳା ଓ ପୁରୁଷ ମନ୍ଦିରରେ ଉପସ୍ଥିତ ଥିଲେ। ରାମନବମୀ ପାଇଁ ସମଗ୍ର ଅଟଳ ଛକକୁ ମହାବୀର ସେବାଟ୍ରଷ୍ଟ ପକ୍ଷରୁ ଗେରୁଆ ମୟ କରାଯାଇଛି।

# ସ୍କୁଲ ଘର ଭାଙ୍ଗି ଡାଲି, ଚାଉଳ ଖାଇଲେ

- ବରସୁଆଁ ଫରେଷ୍ଟ ରେଞ୍ଜ୍‌ରେ ହାତୀ ଆତଙ୍କ
- ଭୟରେ ରାତିରେ ଶୋଉନାହାନ୍ତି ଗ୍ରାମବାସୀ

**ଟେନ୍‌ସା, ୨୫।୩(ସମୀର କୁମାର ପାଢ଼ୀ)**



ହାତୀ ଭାଙ୍ଗିଥିବା ସ୍କୁଲ୍ କବାଟ।

ସୁନ୍ଦରଗଡ଼ ଜିଲା କୋଇଡ଼ା ବ୍ଲକ ବରସୁଆଁ ଫରେଷ୍ଟ ରେଞ୍ଜ୍ ଅନ୍ତର୍ଗତ ବନ୍ଦଲ ଗ୍ରାମରେ ଥିବା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବୁଧବାର ହାତୀ ପଶି ଘର ଭାଙ୍ଗି ପିଲାଙ୍କ ପାଇଁ ଥିବା ଚାଉଳ, ଡାଲି ଖାଇବା ସହ ଦଳିଚକଟି ନଷ୍ଟ କରିଦେଇଛନ୍ତି। ବୁଧବାର ପ୍ରଧାନ ଶିକ୍ଷକ ପ୍ରଶାନ୍ତ ପରିଡ଼ା ବିଦ୍ୟାଳୟକୁ ଆସି ଏହା ଦେଖିବା ପରେ ଫରେଷ୍ଟରଙ୍କୁ ଜଣାଇଥିଲେ। ଗତ କିଛିଦିନ ହେଲା ୨ଟି ହାତୀ ବରସୁଆଁ ଫରେଷ୍ଟ ରେଞ୍ଜ୍ ଅଞ୍ଚଳର ତନ୍ତରା, କୁଲା, କମଣ୍ଡ, ରାଇକେଲା, ବନ୍ଦଲ ଗ୍ରାମରେ ଲୋକଙ୍କ ନିଦ ହଜାଇ ଦେଇଛନ୍ତି। ଲୋକେ ସନ୍ଧ୍ୟାହେଲେ ନିଆଁହୁଲା ଧରି ରାତି ସାରା ହାତୀଙ୍କୁ ଜଗି ବସୁଛନ୍ତି। ନ ହେଲେ ହାତୀ ଗ୍ରାମରେ ପଶି ଲୋକଙ୍କ ଘରଦ୍ୱାର ଭାଙ୍ଗି ଲୋକଙ୍କୁ ମାରିଥିବାର ମଧ୍ୟ ନଜିର ରହିଛି। ହାତୀ ୨ଟି ନିଆଁ ଭୟରେ ଗ୍ରାମକୁ ନ ପଶି ବନ୍ଦଲ ଗ୍ରାମରେ ଥିବା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପଶିଥିଲେ। ଏନେଇ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପରିଡ଼ାଙ୍କୁ ପଚାରିବାରୁ, ମଙ୍ଗଳବାର ରାତିରେ ହାତୀ ବିଦ୍ୟାଳୟରେ ପଶି ଘର ଭାଙ୍ଗିବା ସହ ୨୫ କେଜିରୁ ଊର୍ଦ୍ଧ୍ୱ ଡାଲି, ୨ ବସ୍ତା ଚାଉଳ ଖାଇବା ସହ ଦଳିଚକଟି ନଷ୍ଟ କରିଦେଇଛନ୍ତି।

# ସମୟ ନଷ୍ଟ କରନାହିଁ, ସମୟ ରୂପକ ଉପାଦାନରେ ମଣିଷ ଗଢ଼ା

**ବାଲିଶଙ୍କରା, ୨୫।୩( ହୃଦାନନ୍ଦ ବାରିକ)**

**ତିଲେଇକାନୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ**

ସୁନ୍ଦରଗଡ଼ ଜିଲା ବାଲିଶଙ୍କରା ବ୍ଲକ ତିଲେଇକାନୀ ପଞ୍ଚାୟତ ତିଲେଇକାନୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅନିତା ପଟେଲଙ୍କ ସଭାପତିତ୍ୱରେ ଚାଲିଥିବା ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ଜିଲା ମଙ୍ଗଳ ଅଧିକାରୀ ଭାଗୀରଥି ପଟେଲ ଯୋଗଦେଇ ସମୟ ନଷ୍ଟ କରନାହିଁ, ସମୟରୂପକ ଉପାଦାନରେ ମଣିଷ ଗଢ଼ା ହୋଇଛି। ତେଣୁ କଠିନ ପରିଶ୍ରମ କରି ନିଜ ଭବିଷ୍ୟତ ଗଠନ କର ବୋଲି ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତାଭାବେ ଲେଫ୍ରିପଡ଼ା କଲେଜର ଓଡ଼ିଆ ଅଧ୍ୟାପକ ଯୁବରାଜ ସା, ସମ୍ମାନିତ ଅତିଥି ବାଲିଶଙ୍କରା ବ୍ଲକ ଅଧ୍ୟକ୍ଷା କୁଞ୍ଜଲତା ଭିତ୍ରିଆ, ତହସିଲଦାର କୁନ୍ତିରାଣୀ ନାଏକ, ସୁନ୍ଦରଗଡ଼ ସଦର ଏଡବ୍ଲ୍ୟୁଓ ବିବେକାନନ୍ଦ ମହାନ୍ତି, ଜିଲା ପରିଷଦ (କ) ଜୋନ୍ ସଭ୍ୟ ବିନୋଦ କୁଜୁର, ସମିତିସଭ୍ୟ ସୁରେଶ ମିଞ୍ଜ, ଯୋଗାଣ ଅଧିକାରୀ କର୍ମା ବାରୁଆ, ବଲାଙ୍ଗୀର ଜିଲା ଶ୍ରମ ଅଧିକାରୀ ରବୀନ୍ଦ୍ର ବାର୍ଲା, ବାଲିଶଙ୍କରା ବିଇଓ ସରୋଜାଲକ୍ଷ୍ମୀ ନାଏକ, ସରପଞ୍ଚ ମାକ୍ସିମସ୍ ବାର୍ଲା, ବାଲିଶଙ୍କରା ଡବ୍ଲ୍ୟୁଇଓ ସପନ କୁମାର ରାୟ, ସିଆଇଏସ୍ଏଫ୍ କର୍ମଚାରୀ ଯଦୁମଣି ମିଞ୍ଜ, ପୂର୍ବତନ ସୈନ୍ୟ କର୍ମଚାରୀ ଚନ୍ଦ୍ରମଣି ବାର୍ଲା, ପୂର୍ବତନ ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ବିଶି, ପୂର୍ବତନ ପ୍ରଧାନଶିକ୍ଷକ ପ୍ରେମାନନ୍ଦ ନାଏକ, ସିକାଯୋର କ୍ଲଷ୍ଟର ସିଆର୍‌ସିସି ତୁଲାରାମ ପଟେଲ, ପୂର୍ବତନ ରେଲ୍‌ୱେ କର୍ମଚାରୀ ତଥା ଅନ୍ତର୍ଜାତୀୟ ହକି ଖେଳାଳି ଇଲିଆସ୍ ତିର୍କୀ, ପୂର୍ବତନ ପ୍ରଧାନଶିକ୍ଷକ କଳାଚାନ୍ଦ ପଟେଲ, ସିଆର୍‌ସିସି ତଥା ବାଲିଶଙ୍କରା ଏବିଇଓ ସୌଭାଗ୍ୟ ନାଏକ, ଏସ୍ଏମ୍‌ସି ସଭାପତି ରାଜେନ୍ଦ୍ର କୁଜୁର, ଏସ୍ଏମ୍‌ଡିସି ମେମ୍ବର ଚିନ୍ତୁଲା ତିର୍କୀ, ଏସ୍ଏମ୍‌ଡିସି ମେମ୍ବର କୁଆଁର ତିର୍କୀ, ଏସ୍ଏମ୍‌ଡିସି ମେମ୍ବର ସନ୍ତୋଷ ସା ପ୍ରମୁଖ ଯୋଗଦେଇ ନିଜ ନିଜ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଅନିତା ପଟେଲ ପୂର୍ବ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟର ବିଭିନ୍ନ ସମସ୍ୟା ଉପରେ ପ୍ରଧାନ ଶିକ୍ଷୟିତ୍ରୀ ପଟେଲ ମୁଖ୍ୟ ଅତିଥିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମୀନକେତନ ସେଠ୍ ସଭା ସଂଚାଳନ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଭଲ ମଣିଷ ହେବା ପାଇଁ ସ୍ୱପ୍ନ ଦେଖ




ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥିମାନେ।

**ବାଲିଶଙ୍କରା, ୨୫।୩(ହୃଦାନନ୍ଦ ବାରିକ)**

**ବାଲିଶଙ୍କରା ପିଏମ୍‌ଶ୍ରୀ ସରକାରୀ ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବାର୍ଷିକୋତ୍ସବ**

ସୁନ୍ଦରଗଡ଼ ଜିଲା ବାଲିଶଙ୍କରା ବ୍ଲକ ବାଲିଶଙ୍କରା ପିଏମ୍‌ଶ୍ରୀ ସରକାରୀ ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ମହୋତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ବାଲିଶଙ୍କରା ବିଡିଓ ଜ୍ୟୋତିର୍ମୟୀ ପ୍ରଧାନ ଯୋଗଦେଇ ବଡ଼ ମଣିଷ ନୁହେଁ, ଭଲ ମଣିଷ ହେବା ପାଇଁ ସ୍ୱପ୍ନ ଦେଖ ବୋଲି ଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ପିଏମ୍‌ଶ୍ରୀ ସରକାରୀ ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମୀନା ଶତପଥୀଙ୍କ ସଭାପତିତ୍ୱରେ ଚାଲିଥିବା ବାର୍ଷିକ ମହୋତ୍ସବରେ ମୁଖ୍ୟବକ୍ତା ଭାବେ ସୁନ୍ଦରଗଡ଼ ଜିଲା ସଂଯୋଜକ ଅମାତ୍ୟ ପ୍ରଧାନ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ସୁନ୍ଦରଗଡ଼ ଏଡିଇଓ ସାରଙ୍ଗଧର ବରିହା, ବାଲିଶଙ୍କରା ତହସିଲଦାର କୁନ୍ତିରାଣୀ ନାଏକ, ଶିକ୍ଷକ ସରୋଜ ବେହେରା, ଶିକ୍ଷକ ଗଙ୍ଗାଧର କିସାନ, ଶିକ୍ଷୟିତ୍ରୀ ମଞ୍ଜୁଲତା ପଟେଲ, ଶିକ୍ଷୟିତ୍ରୀ ଝିଲି ସା, ଶିକ୍ଷୟିତ୍ରୀ ପିଙ୍କି ନାଏକ, ଶିକ୍ଷୟିତ୍ରୀ କେତକୀ ସାହୁ, ଶିକ୍ଷକ ବିମଳ ନାଏକ, ବାଲିଶଙ୍କରା ବିଇଓ ସରୋଜା ଲକ୍ଷ୍ମୀ ନାଏକ ପ୍ରମୁଖ ଯୋଗଦେଇଥିଲେ। ପିଏମ୍‌ଶ୍ରୀ ସରକାରୀ ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶତପଥୀ ପୂର୍ବ ବିବରଣୀ ପଠନ କରିଥିବାବେଳେ ସୁସ୍ମିତା କିସାନ ମଞ୍ଚ ପରିଚାଳନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଙ୍କୁ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ପୁରସ୍କୃତ କରିଥିଲେ। ଶେଷରେ ପିଏମ୍‌ଶ୍ରୀ ସରକାରୀ ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପ୍ରିନ୍ସିପାଲ ରାକେଶ ରୋଶନ ବାର୍ଲା ଧନ୍ୟବାଦ ଅର୍ପଣ କରିଥିଲେ।

# ଶିବିରରେ ୯୫୦ରୁ ଊର୍ଦ୍ଧ୍ୱ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

**ଟେନସା, ୨୦।୧୨(ସମୀର କୁମାର ପାଢ଼ୀ):** ସୁନ୍ଦରଗଡ ଜିଲା କୋଇଡ଼ା ମାଇନିଂ ସେକ୍ଟର ରାଇକେଲା ଗ୍ରାମରେ ଥିବା ଗୀତାରାଣୀ ଖଣି ପକ୍ଷରୁ ଏକ ମାଗଣ ସ୍ୱାସ୍ଥ୍ୟ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଖଣି ମାଲିକ ଶ୍ରୀନିବାସ ସାହୁଙ୍କ ନିର୍ଦ୍ଦେଶ କ୍ରମେ ଖଣି ପରିସର ମଧ୍ୟରେ ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ବଣାଇ ଉପଜିଲାପାଳ ଅକ୍ଷୟ ପିଲେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟ ଅତିଥିଭାବେ ଡେଙ୍ଗୁଳା ସରପଞ୍ଚ ବାବୁଲି ମୁଣ୍ଡା, ଗୀତାରାଣୀ ଖଣି ଜଏଣ୍ଟ ଭିପି ବି.ବି ସାହୁ, ଜଏଣ୍ଟ ପି.କେ ସାହୁ, ମନୋଜ ସିହ୍ନ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ଏହି ମାଗଣା ସ୍ୱାସ୍ଥ୍ୟ ଶିବିରରେ ରାଉରକେଲା, ଭୁବନେଶ୍ୱର, ବଡ଼ବିଲ ଅଞ୍ଚଳର ବିଭିନ୍ନ ବିଭାଗର ୧୪ ଜଣ ବରିଷ୍ଠ ଡାକ୍ତର ଯୋଗଦେଇଥିଲେ। ସ୍ତ୍ରୀ ରୋଗ, ଶିଶୁ, ଆଖି, ଗଳା, କାନ, ଚର୍ମ, ମେଡିସିନ, ଦାନ୍ତ ରୋଗ ବିଭାଗର ବିଶେଷଜ୍ଞ ଡାକ୍ତର ଯୋଗଦେଇ ରୋଗୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। କୋଇଡ଼ା ବ୍ଲକ ଅଞ୍ଚଳର କେଲବାଗନା, ଟେନସା, ଜିରୋ ପଏଣ୍ଟ, କୁଲା, କମଣ୍ଡ, ସାରଖୁଣ୍ଟା, ଭୂତୁଡା, ପାଟମୁଣ୍ଡା, କାଲଟା, ରାଇକେଲା, ରେଙ୍ଗମା ,ଡେଙ୍ଗୁଳା, କୋଇଡ଼ା, କାଶିରା ,ବାହାମ୍ବା ଆଦି ପାରିପାର୍ଶ୍ୱିକ ଅଞ୍ଚଳର ୯୫୦ରୁ ଊର୍ଦ୍ଧ୍ୱ ରୋଗୀ ଯୋଗଦେଇ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ମାଗଣରେ ଔଷଧ ନେଇଥିଲେ। ଗୀତାରାଣୀ ଖଣିର ଉପ ସଭାପତି ବି ବି ସାହୁଙ୍କ ନିର୍ଦ୍ଦେଶରେ ଖଣି କର୍ମଚାରୀ, ଆଶା ଦିଦିମାନେ ସ୍ୱତନ୍ତ୍ର ଗାଡିରେ ରୋଗୀଙ୍କୁ ନେବା ଆଣିବା କରୁଥିଲେ। ଗୀତାରାଣୀ ଖଣି ପକ୍ଷରୁ ପ୍ରଶାସନ ବିଭାଗର ତ୍ରିନାଥ ମହାପାତ୍ର, ସଚ୍ଚିଦାନନ୍ଦ ଗିରି, ପ୍ରଶାନ୍ତ ଦାସ, ବଂଶୀ ଧର ପରିଡ଼ା, ସମୀର କୁମାର ଲେଙ୍କା, ଯଯାତି କିଶୋର ଦଳାଇ, ରାଜୀବ ମହାପାତ୍ରଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଚୈତ୍ରପର୍ବ ପାଇଁ ସଜେଇହେଲାଣି ବଣାଇଁ ମାଟି



ମା' ସିଙ୍ଗାରଦେଇଙ୍କ ପୂଜା ପାଇଁ ପୁରାଞ୍ଜଳୀ ପ୍ରଦାନ କରାଯାଇଛି।

**ବଣାଇଁ, ୨୫।୩(ପ୍ରଦୀପ ତ୍ରିପାଠୀ)**

**ମା' ସିଙ୍ଗାରଦେଇଙ୍କ ପୂଜା ପାଇଁ ପଡ଼ିଲାଣି ପୁରାଞ୍ଜଳୀ**

ବଣାଇଁର ପ୍ରସିଦ୍ଧ ଚୈତ୍ର ପର୍ବ ପାଇଁ ବଣାଇଁ ଉପଖଣ୍ଡର ପରିବେଶ ଉତ୍ସବ ମୁଖର ହୋଇ ଉଠିଛି। ଚୈତ୍ର ପର୍ବର ପ୍ରଥମ ପର୍ଯ୍ୟାୟରେ ପରମ୍ପରା ଅନୁସାରେ ବଣାଇଁ ରାଜା ସାହେବ ପୂଜକଙ୍କୁ ମା' ସିଙ୍ଗାରଦେଇଙ୍କ ପୂଜା ପାଇଁ ପୁରାଞ୍ଜଳୀ ପ୍ରଦାନ କରିଛନ୍ତି। ବୁଧବାର ସକାଳେ ବଣାଇଁ ରାଜବାଟୀ ପରିସରରେ ଏହି ପୁରାତନ ପରମ୍ପରା ପାଳନ କରାଯାଇଥିଲା। ବଣାଇଁ ରାଜା ସାହେବ ବୀର କେଶରୀ ଇନ୍ଦ୍ର ଦେଓ ଦେବ ମା'ଙ୍କ ମୁଖ୍ୟ ପୂଜକ ବାବୁ ଅମାତଙ୍କୁ ପୂଜାର ଆବଶ୍ୟକୀୟ ସାମଗ୍ରୀ ପୁରାଞ୍ଜଳୀ ଅର୍ପଣ କରିଥିଲେ। ଲହୁଣୀପଡ଼ା ବ୍ଲକ ଅନ୍ତର୍ଗତ କୁର୍ଡା ପଞ୍ଚାୟତର ଲଲେଇ ଗ୍ରାମ ନିକଟସ୍ଥ ବ୍ରାହ୍ମଣୀ ନଦୀ ତଟରେ ଅବସ୍ଥିତ ସିଙ୍ଗାରଦେଇ ପାହାଡ଼ ପାଦଦେଶରେ ମା' ସିଙ୍ଗାରଦେଇଙ୍କ ପବିତ୍ର ପୀଠ ରହିଛି। ପ୍ରତିବର୍ଷର ଭଳି ଚଳିତ ବର୍ଷ ମଧ୍ୟ ଏପ୍ରିଲ ୧୩ ତାରିଖ, ଚୈତ୍ର ମାସ କୃଷ୍ଣପକ୍ଷ ଏକାଦଶୀ ତିଥିରେ ମା'ଙ୍କ ବାର୍ଷିକ ପୂଜା ଅନୁଷ୍ଠିତ ହେବ। ଏହି ପୂଜା କେବଳ ଗୋଟିଏ ଦିନ ସକାଳୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ହୋଇଥାଏ। କିନ୍ତୁ ଏଥିରେ ସୁନ୍ଦରଗଡ଼ ଜିଲା ସହ ଆଖପାଖ ଅଞ୍ଚଳ ଏବଂ ପଡ଼ୋଶୀ ରାଜ୍ୟ ଝାଡ଼ଖଣ୍ଡ, ବିହାର ଓ ଛତିଶଗଡ଼ରୁ ହଜାର ହଜାର ଭକ୍ତଙ୍କ ଭିଡ଼ ଦେଖାଯାଏ। ଏହି ଅବସରରେ ବଣାଇଁ ରାଜବାଟୀ ପରିସରରେ ଭବତୋଷ ଦେଓ, ଚିନ୍ମୟ ତ୍ରିପାଠୀ, ବୃନ୍ଦା କିଷାନଙ୍କ ସହ ଅନ୍ୟାନ୍ୟ ପ୍ରମୁଖ ବ୍ୟକ୍ତିମାନେ ଉପସ୍ଥିତ ଥିଲେ।

# ଏପ୍ରିଲ ୧୫ରୁ ବସନ୍ତ ମହୋତ୍ସବ

**ସୁନ୍ଦରଗଡ଼, ୨୫।୩(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ଼ର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ନବଜୀବନ ପକ୍ଷରୁ ଏପ୍ରିଲ ୧୫ରୁ ବସନ୍ତ ମହୋତ୍ସବ ଆୟୋଜିତ ହେବ। ଏହା ୫ ଦିନ ଧରି ଚାଲିବ। ଏହି ପରିପ୍ରେକ୍ଷୀରେ ଏକ ପ୍ରସ୍ତୁତି ବୈଠକ ମଙ୍ଗଳବାର ପ୍ରଭାତ ଭୋଳଙ୍କ ଅଧ୍ୟକ୍ଷତାରେ ଜିଲା କ୍ରୀଡ଼ା ସଂସଦ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବ ସୁନ୍ଦରଗଡ଼ ସଂସ୍କୃତି ଭବନରେ ଆୟୋଜନ ପାଇଁ ନିଷ୍ପତ୍ତି ହୋଇଛି। ୧୫ ତାରିଖ ପ୍ରଥମ ସନ୍ଧ୍ୟାରେ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ନାଟ୍ୟକାର ପ୍ରଦୀପ ଭୋଳଙ୍କ ରଚିତ ଓ ସମରେନ୍ଦ୍ର ଠାକୁରଙ୍କ ଦ୍ୱାରା ନିର୍ଦ୍ଦେଶିତ ନାଟକ 'ବଏଠା' ପରିବେଷିତ ହେବ। ୧୬ ତାରିଖ ଦ୍ୱିତୀୟ ସନ୍ଧ୍ୟାରେ ନାଟ୍ୟକାର ଡ. ବିଜୟ ଶତପଥୀଙ୍କ ରଚିତ ଓ ନଳିନୀ ନୀହାର ନାୟକଙ୍କ ନିର୍ଦ୍ଦେଶିତ ନାଟକ 'କାରାଗାର' ରାଉରକେଲାର ନିୟୁ କ୍ରେଷ୍ଟ ଅନୁଷ୍ଠାନର କଳାକାରମାନେ ପରିବେଷଣ କରିବେ। ୧୭ ତାରିଖ ତୃତୀୟ ସନ୍ଧ୍ୟାରେ ଡ. ମଙ୍ଗଳୁ ଚରଣ ବିଶ୍ୱାଳଙ୍କ ରଚିତ ଓ ପ୍ରହ୍ଲାଦ ଦର୍ଜୀଙ୍କ ନିର୍ଦ୍ଦେଶିତ ନାଟକ 'ଭୁଖା' ବଲାଙ୍ଗୀରର ନଟରାଜ କଳା ପରିଷଦର କଳାକାରଙ୍କ ଦ୍ୱାରା ପରିବେଷିତ ହେବ। ୧୮ ତାରିଖ ଚତୁର୍ଥ ସନ୍ଧ୍ୟାରେ ସମ୍ବଲପୁର ପଣ୍ଡିତ ଲକ୍ଷ୍ମୀ ନାରାୟଣ କଲ୍‌ଚରାଲ ଆସୋସିଏଶନ କଳାକାରଙ୍କ ଦ୍ୱାରା ନାଟ୍ୟକାର ସନ୍ତୋଷ କୁମାର ମିଶ୍ରଙ୍କ ରଚିତ ଓ ନିର୍ଦ୍ଦେଶିତ ନାଟକ 'ଭାବ' ପରିବେଷିତ ହେବ। ୧୯ ତାରିଖ ପଞ୍ଚମ ତଥା ଶେଷ ସନ୍ଧ୍ୟାରେ ଭୁବନେଶ୍ୱର ବିଦ୍ୟାକନକ ସୃଜନ ଅନୁଷ୍ଠାନ କଳାକାରଙ୍କ ଦ୍ୱାରା ନାଟ୍ୟକାର ଗୋପୀନାଥ ବାରିକଙ୍କ ରଚିତ ଓ ଅବକାମ ମିଶ୍ରଙ୍କ ନିର୍ଦ୍ଦେଶିତ ନାଟକ 'କୁହୁଡ଼ି' ପରିବେଷଣ କରାଯିବ। ଏହି ୫ ଦିନର ୩ଟି ନାଟକ ସମ୍ବଲପୁରୀ ଓ କୋଶଳୀ ଭାଷାରେ ପରିବେଷଣ କରାଯିବ ବୋଲି ନବଜୀବନ ଅନୁଷ୍ଠାନର ସଭାପତି ପ୍ରଭାତ ଭୋଳ ଜଣାଇଛନ୍ତି।

# ରାମନବମୀ ପାଇଁ ସହରରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି | ପୋଲିସର ଫ୍ଲାଗ ମାର୍ଚ୍ଚ

**ସୁନ୍ଦରଗଡ, (ଜୟ ନାରାୟଣ ମେଣ୍ଡୁଲି)**

ରାମନବମୀ ପାଇଁ ସୁନ୍ଦରଗଡ ସହରରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି। ସୁନ୍ଦରଗଡ ସହରରେ ଥିବା ବିଭିନ୍ନ ହନୁମାନ ମନ୍ଦିର, ରାମଜୀ ମନ୍ଦିର ଓ ସମ୍ବେଦନଶୀଳ ସ୍ଥାନରେ ସ୍ୱତନ୍ତ୍ର ପୋଲିସ ଫୋର୍ସ ମୁତୟନ ହୋଇଛନ୍ତି। ଏସ୍‌ପି ଅମ୍ରିତପାଲ କୌରଙ୍କ ନେତୃତ୍ୱରେ



ସହରରେ ପୋଲିସର ଫ୍ଲାଗମାର୍ଚ୍ଚ।

ସହରର ବିଭିନ୍ନ ମୁଖ୍ୟ ରାସ୍ତାରେ ବୁଧବାର ସନ୍ଧ୍ୟାରେ ପୋଲିସ ପକ୍ଷରୁ ଫ୍ଲାଗ ମାର୍ଚ୍ଚ କରାଯାଇଛି। ସୁରକ୍ଷା ଦୃଷ୍ଟିରୁ ସହରରେ ୧୦ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ଅଛନ୍ତି। ରାମନବମୀ ପାଇଁ କୌଣସି ଅପ୍ରୀତିକର ପରିସ୍ଥିତି ଏଡାଇବା ପାଇଁ ସହରରେ ଥିବା ମଦ ଦୋକାନ ଗୁଡିକ ବନ୍ଦ ରଖା ଯିବା ପାଇଁ ପ୍ରଶାସନ ନିଷ୍ପତ୍ତି ନେଇଛି।

# ବଣାଇଁ ଲ୍ୟାମ୍ପସ୍‌ର ବାର୍ଷିକ ସାଧାରଣ ସଭା




ସଭାରେ ଲ୍ୟାମ୍ପସ୍‌ର କର୍ମକର୍ତ୍ତା ଓ ଅନ୍ୟମାନେ।

**ବଣାଇଁ, ୨୫.୩(ପ୍ରଦୀପ ତ୍ରିପାଠୀ)**

ବଣାଇଁ ଲ୍ୟାମ୍ପସର ବାର୍ଷିକ ସାଧାରଣ ସଭା ବୁଧବାର ବଣାଇଁ ଲ୍ୟାମ୍ପସ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଲ୍ୟାମ୍ପସ ପରିଚାଳନା ନିର୍ଦ୍ଦେଶକ ହରେନ୍ଦ୍ର କୁମାର ବାରିକଙ୍କ ଆହ୍ୱାନ କ୍ରମେ ସଭାପତି ଭାସ୍କର କିସାନଙ୍କ ଅଧ୍ୟକ୍ଷତାରେ ସଭା ଆୟୋଜିତ ହୋଇଥିଲା। ଏହି ସଭାରେ ମୁଖ୍ୟ ଅତିଥିଭାବେ ସୁନ୍ଦରଗଡ଼ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ ଯୋଗଦେଇ ଲ୍ୟାମ୍ପସର କୃଷକମୁଖୀ କାର୍ଯ୍ୟକଳାପକୁ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥିଭାବେ ସିଦ୍ଧାର୍ଥ ଲେଙ୍କା (ଶାଖା ପରିଚାଳକ, କେନ୍ଦ୍ର ସମବାୟ ବ୍ୟାଙ୍କ, ବଣାଇଁ), କୃଷି ଅଧିକାରୀ ସାଲିନୀ ମାହାନ୍ତି, ଉପସଭାପତି ଦମୟନ୍ତୀ ସାଣ୍ଡିଲଙ୍କ ସହ ଅନ୍ୟାନ୍ୟ ନିର୍ଦ୍ଦେଶକମାନେ ଉପସ୍ଥିତ ଥିଲେ। ସଭାରେ ନିର୍ଦ୍ଦେଶକମାନଙ୍କ ମଧ୍ୟରୁ ମନୋଜ କୁମାର ପ୍ରଧାନ, ଶିବଶଙ୍କର ରାଉତ, ଚୈତୁ କିସାନ, ରେବତୀ କିସାନ, ଭକ୍ତବନ୍ଧୁ କିସାନ, ରବିନାରାୟଣ ଡଗରା, ନୃପମଣି ଛଦିଆ ଓ ଶ୍ରୀକର କିସାନ ମଞ୍ଚରେ ଉପସ୍ଥିତ ରହିଥିବା ବେଳେ ସୁନ୍ଦରମଣି ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଜନନୀ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନଙ୍କୁ ବଣାଇଁ ଲ୍ୟାମ୍ପସ ପକ୍ଷରୁ ୭ ଲକ୍ଷ ଟଙ୍କାର ଚେକ ପ୍ରଦାନ କରାଯାଇଥିବା ଘଟଣା ସଭାର ମୁଖ୍ୟ ଆକର୍ଷଣ ଥିଲା। ସଭାରେ ହିସାବ ରକ୍ଷକ ଗୋବିନ୍ଦ ଚନ୍ଦ୍ର କୁଅଁର ବାର୍ଷିକ ଆର୍ଥିକ ବିବରଣୀ ପାଠ କରିଥିଲେ। ବଣାଇଁ ଲ୍ୟାମ୍ପସ ଅନ୍ତର୍ଗତ ୬ଟି ପଞ୍ଚାୟତ ଜର୍କେକଳା, ବଡଗୋଗୁଆ, ବଣାଇଁ, କେନ୍ଦ୍ରିକଳା, ଗୋବିନ୍ଦପୁର ଓ କେନାଭେଟାର ଚାଷୀମାନେ ଉପସ୍ଥିତ ହୋଇ ସଂସ୍ଥାର ଉନ୍ନତି ସହ କୃଷି ସମ୍ବନ୍ଧୀୟ ଆଲୋଚନାରେ ଭାଗ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ସୁଶାନ୍ତ କୁମାର କିସାନ, ଉସତ ପାତ୍ର, ସୁବ୍ରତ ଭୋଇ, ବିଷ୍ଣୁ କିସାନ, ଶୁଭେନ୍ଦୁ ଡଗରା ଓ ଦୋଳଗୋବିନ୍ଦ କିସାନ ଆଦି ସହଯୋଗ କରିଥିଲେ।

# ଜିଲ୍ଲା ସ୍ତରୀୟ ଓଡ଼ିଶା ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ

**ସୁନ୍ଦରଗଡ଼, ୨୫।୩(ଜୟ ନାରାୟଣ ମେଣ୍ଡୁଲି)**

ସ୍ଥାନୀୟ ସଦଭାବନା ଭବନଠାରେ ଅତିରିକ୍ତ ଜିଲାପାଳ ସୂରଜ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଜିଲା ସ୍ତରୀୟ ଓଡ଼ିଶା ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବୈଠକର ନିଷ୍ପତ୍ତି ଅନୁଯାୟୀ ଏହି ଦିବସ ପାଳନ ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଓଡ଼ିଆ ପ୍ରବନ୍ଧ, ଓଡ଼ିଆ ବକ୍ତୃତା, ଦେଶାତ୍ମବୋଧକ ସଙ୍ଗୀତ, ଚିତ୍ରାଙ୍କନ ପ୍ରତିଯୋଗିତା ଏବଂ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଓଡ଼ିଆ ପ୍ରବନ୍ଧ ଓ ଓଡ଼ିଆ ବକ୍ତୃତା ପ୍ରତିଯୋଗିତା ଆୟୋଜିତ ହେବ। ସେହିଭଳି ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରଭାତ ଫେରି କରାଯିବ। ଓଡ଼ିଶା ଦିବସ ଉପଲକ୍ଷେ ସହର ମଧ୍ୟରେ ଡାକବାଜି ଯନ୍ତ୍ର ମାଧ୍ୟମରେ



ବୈଠକରେ ଉପସ୍ଥିତ ଅଧିକାରୀମାନେ।

ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ କରାଯିବ ଏବଂ ସମସ୍ତ ବରପୁତ୍ରଙ୍କ ପ୍ରତିମୂର୍ତ୍ତି ଗୁଡିକରେ ଜିଲା ପ୍ରଶାସନ ପକ୍ଷରୁ ପୁଷ୍ପମାଲ୍ୟ ଅର୍ପଣ କରାଯିବ। ସେହିଭଳି ଜିଲାର ବିଭିନ୍ନ ଅନୁଷ୍ଠାନ, ଶିକ୍ଷାନୁଷ୍ଠାନ ଆଦି ମଧ୍ୟରେ ଥିବା ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ସଂପୃକ୍ତ ଅନୁଷ୍ଠାନର ମୁଖ୍ୟଙ୍କ ଦ୍ୱାରା ପୁଷ୍ପମାଲ୍ୟ ଅର୍ପଣ କରାଯିବ। ଏହି ଦିବସ ଅବସରରେ ସମସ୍ତ ସରକାରୀ କାର୍ଯ୍ୟାଳୟ ଗୁଡ଼ିକ ଆଲୋକରେ ସାଜସଜ୍ଜା କରିବାକୁ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା। ସ୍ଥାନୀୟ ସଂସ୍କୃତି ଭବନ ଠାରେ ଜିଲା ସ୍ତରୀୟ ଓଡ଼ିଶା ଦିବସ ସମାରୋହ ଅନୁଷ୍ଠିତ ହେବ। ଏହି ଅବସରରେ ଏକ ସାଧାରଣ ସଭା ଆୟୋଜିତ ହେବା ସହିତ ବିଭିନ୍ନ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହେବ। ପ୍ରସ୍ତୁତି ବୈଠକରେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ସଦର ଉପଜିଲାପାଳ ତେଜସ୍ୱିନୀ ବେହେରା ତଥା ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଏବଂ ବିଭିନ୍ନ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ମାନେ ଉପସ୍ଥିତ ଥିଲେ। ବୈଠକରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହିତ ଓଡ଼ିଶା ଦିବସ ଅବସରରେ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଉପସ୍ଥାପନା କରିଥିଲେ।

### ମା' ବୁଢ଼ୀ ସମଲେଇ ମନ୍ଦିର ପ୍ରତିଷ୍ଠା ଉତ୍ସବ ଉଦ୍‌ଯାପିତ

ଲଖନପୁର,(ଗୌତମ ସାହୁ)- ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ୍ ଭିକମପାଲିଠାରେ କୈବର୍ତ୍ତ ସମାଜର ଇଷ୍ଟଦେବୀ ମା' ବୁଢ଼ୀ ସମଲେଇ ମନ୍ଦିର ପ୍ରତିଷ୍ଠା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏହି ଉପଲକ୍ଷେ ରବିବାର କଳସ ଯାତ୍ରା, ମଙ୍ଗଳବାର ଦେବୀଙ୍କ ବିଗ୍ରହ ଗ୍ରାମ ପରିକ୍ରମା ସହ ଚଣ୍ଡୀପୂଜା, ହୋମ, ବୁଧବାର ପୂର୍ଣ୍ଣାହୁତି ସହିତ ବିଗ୍ରହଙ୍କ ମନ୍ଦିର ପ୍ରବେଶ ବିଧି ଅନୁଷ୍ଠିତ ହୋଇଥିଲା। ଆୟୋଜକ କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପ୍ରଭାକର ସେଠ୍ ଓ ତାଙ୍କ ସ୍ତ୍ରୀ କର୍ତ୍ତା ଥିବାବେଳେ ୨୧ ଯୋଡି ସହ କର୍ତ୍ତା ଥିଲେ। ସରୋଜ ଦାସ ପୂଜକ ଦାୟିତ୍ୱ ତୁଲାଇଥିଲେ।

## ସଂକ୍ଷେପରେ

### ମା' କନକଦୁର୍ଗାଙ୍କ କାଳରାତ୍ରି ବେଶ



ଦେବଗଡ଼,୨୫।୩(ଶଶାଙ୍କ ଶେଖର ଝାଙ୍କର)- ବାସନ୍ତିକ ନବରାତ୍ର ପୂଜାର ବୁଧବାର ସପ୍ତମ ଦିବସରେ ଦେବଗଡ଼ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର ଚଳଚଞ୍ଚଳ ହୋଇଉଠିଥିଲା। ଏହି ଅବସରରେ ବିଭିନ୍ନ ପୂଜାର୍ଚ୍ଚନା ପରେ ମା' କନକଦୁର୍ଗାଙ୍କୁ କାଳରାତ୍ରି ବେଶରେ ସଜ୍ଜିତ କରାଯାଇଥିଲା। ଏହି ବେଶ ଦର୍ଶନ କରିବା ପାଇଁ ମନ୍ଦିରରେ ବହୁସଂଖ୍ୟକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ସେହିପରି ମା' ଦକ୍ଷିଣକାଳୀ ଓ ଶନି ମନ୍ଦିରରେ ମଧ୍ୟ ବାସନ୍ତିକ ନବରାତ୍ର ପୂଜାର୍ଚ୍ଚନା ଚାଲିଛି।

### ଆଖଡ଼ା, ନଗର ପରିକ୍ରମା ପ୍ରସ୍ତୁତି ବୈଠକ

ଦେବଗଡ଼,୨୫।୩(ଶଶାଙ୍କ ଶେଖର ଝାଙ୍କର)- ଆସନ୍ତା ଏପ୍ରିଲ ୧୪ରେ ମହାବିଷୁବ ସଂକ୍ରାନ୍ତି, ଓଡ଼ିଆ ନବବର୍ଷ ଓ ହନୁମାନ ଜୟନ୍ତୀ ଉପଲକ୍ଷେ ନଗର ପରିକ୍ରମା ଓ ଆଖଡା ଖେଳ ପ୍ରଦର୍ଶନ କରାଯିବ। ଏହାକୁ ସୁରୁଖୁରୁରେ ସମ୍ପନ୍ନ ପାଇଁ ମଙ୍ଗଳବାର ସ୍ଥାନୀୟ ଗୋପାଳଜୀ ମନ୍ଦିର ପ୍ରାଙ୍ଗଣରେ ବଜରଙ୍ଗ ଦଳ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରିଷ୍ଠ ସଦସ୍ୟ ଉଦୀପ୍ତ କୁମାର ନାୟକ, ଦିଲୀପ କୁମାର ବହେରା, ପ୍ରଭାତ କୁମାର ସାହୁ, ଜନ୍ମେଜୟ ନାୟକ, ସୁରଞ୍ଜିତ ମହାପାତ୍ରଙ୍କ ସମେତ ବହୁ ସଦସ୍ୟ ଓ କର୍ମକର୍ତ୍ତା ଉପସ୍ଥିତ ରହିଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### ଜନଗଣନା ତାଲିମ ଶିବିର ଉଦ୍‌ଯାପିତ

ବେଲପାହାଡ଼,୨୫।୩(ସୁବାସ ପ୍ରଧାନ)- ୨୦୨୭ ଜନଗଣନାକୁ ସ୍ୱଚ୍ଛତା ଅବଲମ୍ବନ ପୂର୍ବକ ନିର୍ଭୁଲ ଭାବେ ସମ୍ପାଦନା କରିବା ଲକ୍ଷ୍ୟରେ ଝାରସୁଗୁଡ଼ା ଜିଲା ବେଲପାହାଡ଼ ଆର୍‌ଏସ୍‌ଇଟିଆଇ ତାଲିମ କେନ୍ଦ୍ରରେ ଚାଲିଥିବା ପ୍ରଥମ ପର୍ଯ୍ୟାୟ ତାଲିମ ଶିବିର ବୁଧବାର ଉଦ୍‌ଯାପିତ ହୋଇଯାଇଛି। ୩ ଦିନ ଚାଲିଥିବା ଏହି ଶିବିରରେ ମୋଟ ୫୦ ଜଣ ଏନୁମେରେଟର ଓ ସୁପରଭାଇଜର ଅଂଶଗ୍ରହଣ କରିଥିଲେ। ବେଲପାହାଡ଼ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଗୌରବ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଏହା ଅନୁଷ୍ଠିତ ହୋଇଥିଲା। ପ୍ରଶିକ୍ଷକ ଭାବେ ବେଲପାହାଡ଼ ସ୍ନାତକ ମହାବିଦ୍ୟାଳୟର ଅଧ୍ୟାପକ ଦିଲୀପ କୁମାର ପଟେଲ ଓ କନିଷ୍ଠ ମହାବିଦ୍ୟାଳୟର ଅଧ୍ୟାପକ ପ୍ରଦୀପ କୁମାର ସାହୁ ଯୋଗଦେଇ ଆଗାମୀ ଜନଗଣନା-୨୦୨୭ ସମ୍ପର୍କରେ ପ୍ରଶିକ୍ଷାର୍ଥୀଙ୍କୁ ତାଲିମ ପ୍ରଦାନ କରିଥିଲେ। ବେଲପାହାଡ଼ ପୌର କର୍ମଚାରୀଙ୍କ ମଧ୍ୟରେ ଗୋଷ୍ଠୀ ସଙ୍ଗଠିକା ବାସନ୍ତୀ ପ୍ରଧାନ, ଗୁରୁଦେବ ପ୍ରଧାନ, ସୁମିତ୍ ମହାପାତ୍ର, ଅବ୍‌ଦୁଲ୍ ଇବ୍ରାହିମ୍, ତପନ ମିଶ୍ର, ନିତ୍ୟାନନ୍ଦ ସା, ପ୍ରେମାନନ୍ଦ ପ୍ରଧାନ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

### କୃଷି ସମବାୟ ସମିତିର ବାର୍ଷିକ ସାଧାରଣ ସଭା

କୋଲାବିରା, ୨୫।୩(ସଞ୍ଜୟ ପୂଜାରୀ)- ଝାରସୁଗୁଡ଼ା ଜିଲା କୋଲାବିରା ବ୍ଲକ୍ ଖିର୍ଲୋପାଲି ପ୍ରାଥମିକ କୃଷି ସମବାୟ ସମିତିର ବାର୍ଷିକ ସାଧାରଣ ସଭା ବୁଧବାର ବଡ଼ବାହାଲ ଗ୍ରାମର ୪୯ ନମ୍ବର ଜାତୀୟ ରାଜପଥ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମିତି ସଭାପତି ଲକ୍ଷ୍ମଣ କୁମାର ସାହୁ ସରକାରଙ୍କର ସମିତି ମାଧ୍ୟମରେ କରାଯାଉଥିବା ବିଭିନ୍ନ ବ୍ୟବସାୟ ବିଷୟ ବୁଝାଇଥିଲେ। ସମବାୟ ବ୍ୟାଙ୍କ୍‌ର ଲଇକେରା ଶାଖା ପରିଚାଳକ କୌସିକ ପ୍ରଧାନ, ନିରୀକ୍ଷକ ଗଣନାଥ ଖର୍ସେଲ ଉପସ୍ଥିତ ରହି ସମବାୟ ବ୍ୟାଙ୍କର ବିଭିନ୍ନ ଯୋଜନା ବିଷୟରେ ଆଲୋକପାତ କରିଥିଲେ। ସମ୍ପାଦକ ହରେଶ କୁମାର ପଟେଲ ସମିତିର ବାର୍ଷିକ ବିବରଣୀ ପାଠ କରିଥିଲେ। ସମିତି ମାଧ୍ୟମରେ ଦୁଗ୍ଧ ବିକ୍ରି ପାଇଁ ଅନୁରୋଧ କରାଗଲା, ଅଗ୍ରିମ ରାସାୟନିକ ସାର ନେବା ପାଇଁ ପ୍ରସ୍ତାବ ନିଆଗଲା, ଖିଲାପୀ ସଭ୍ୟଙ୍କୁ ସାର ବିକ୍ରୟ, ଧାନ ପଞ୍ଜୀକରଣ ତଥା ଅନ୍ୟାନ୍ୟ ସେବାରୁ ବଞ୍ଚିତ କରିବା ପାଇଁ ନିଷ୍ପତ୍ତି ନିଆଗଲା। ଏହି ବୈଠକ କୃଷି ଅଧିକାରୀ ବାସନ୍ତୀ ଲାକ୍ରା, ସୁବାସ ପଟେଲ, ପ୍ରମୋଦ ପଟେଲ, ନରେନ୍ଦ୍ର ଭୋଇ, ପୁରୁଷୋତ୍ତମ ନାଏକଙ୍କ ସମେତ ୪୦୦ରୁ ଊର୍ଦ୍ଧ୍ୱ ଚାଷୀ ଯୋଗଦେଇଥିଲେ। ଅଭିମନ୍ୟୁ ପଟେଲ ଧନ୍ୟବାଦ ଦେଇଥିଲେ।

# ଗୋଚର ଜମି କିସମ ପରିବର୍ତ୍ତନ ପ୍ରକ୍ରିୟାକୁ ବିରୋଧ

ଝାରସୁଗୁଡ଼ା, ୨୫।୩(ଆଶିଷ ରଞ୍ଜନ ଦାଶ)



ଜିଲାପାଳଙ୍କ କାର୍ଯ୍ୟାଳୟକୁ ଦାବିପତ୍ର ଦେବାକୁ ଆସିଥିବା ଗ୍ରାମବାସୀ।

ଝାରସୁଗୁଡ଼ା ଜିଲା କୋଲାବିରା ବ୍ଲକ୍ ଅନ୍ତର୍ଗତ ସୋଡ଼ାମାଲ ମୌଜାକୁ ବିଭକ୍ତ କରି ଭୀମଯୋର, ଆମ୍ବଝରନ ଓ ରେଙ୍ଗାଲପାଲିକୁ ସ୍ୱତନ୍ତ୍ର ରାଜସ୍ୱ ଗ୍ରାମର ମାନ୍ୟତା ଦେବା ପରିବର୍ତ୍ତେ ପ୍ରଶାସନ ପକ୍ଷରୁ ଗୋଚର ଜମିର କିସମ ପରିବର୍ତ୍ତନ ପାଇଁ ପ୍ରକ୍ରିୟା ଜାରି ରହିଛି। ଏହାକୁ ସ୍ଥାନୀୟ ଅଞ୍ଚଳବାସୀ ବିରୋଧ କରିଛନ୍ତି। ଜମି କିସମ ପରିବର୍ତ୍ତନରେ କୋଲାବିରା ତହସିଲଦାରଙ୍କ ନିଷ୍ପତ୍ତିକୁ ବିରୋଧ କରି ସୋଡ଼ାମାଲ ସମନ୍ୱିତ ଆଦିବାସୀ ସମାଜର ସଦସ୍ୟମାନେ ବୁଧବାର ପୂର୍ବାହ୍ନରେ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗ ଅନୁଯାୟୀ, ସୋଡ଼ାମାଲ ମୌଜାର ୭ଟି ୱାର୍ଡ ମଧ୍ୟରେ ଥିବା ଭୀମଯୋର, ଆମ୍ବଝରନ ଓ ରେଙ୍ଗାଲପାଲି ଗ୍ରାମଗୁଡ଼ିକ ରାଜସ୍ୱ ଗ୍ରାମ ପାଇଁ ଆବଶ୍ୟକ ସମସ୍ତ ସରକାରୀ ମାନଦଣ୍ଡ ପୂରଣ କରୁଛି। ମାତ୍ର ଦୀର୍ଘ ବର୍ଷର ଦାବି ସତ୍ତ୍ୱେ ପ୍ରଶାସନ ଏଥିପ୍ରତି କର୍ଣ୍ଣପାତ କରୁନାହିଁ। କୋଲାବିରା ତହସିଲଦାରଙ୍କ କୋର୍ଟରେ ଚାଲିଥିବା ଡିଆର୍ କେସ୍ ନଂ. ୪୦/୨୦୨୫ ମାଧ୍ୟମରେ ସ୍ଥାନୀୟ ଗୋଚର ଜମିର କିସମ ପରିବର୍ତ୍ତନ ପାଇଁ ଉଦ୍ୟମ କରାଯାଉଛି। ଏହାଦ୍ୱାରା ଆଦିବାସୀ ବହୁଳ ଏହି ଅଞ୍ଚଳର ଲୋକଙ୍କ ସାମାଜିକ ଓ ଆର୍ଥିକ ସ୍ଥିତି ପ୍ରଭାବିତ ହେବ। ଆଇନ ଅନୁଯାୟୀ ଆଦିବାସୀ ଅଞ୍ଚଳରେ କୌଣସି ନିଷ୍ପତ୍ତି ପୂର୍ବରୁ ଗ୍ରାମସଭା ବା ପଲ୍ଲୀସଭାର ସମ୍ମତି ଆବଶ୍ୟକ। ମାତ୍ର ଏଠାରେ ସ୍ଥାନୀୟ ଲୋକଙ୍କ ସହ କୌଣସି ଆଲୋଚନା ନ କରି ପ୍ରଶାସନ ନିଜ ଆଡୁ ନିଷ୍ପତ୍ତି ନେଇଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ଅଞ୍ଚଳର ବହୁ ପୁରାତନ ଅଧିବାସୀ ଏହି ଜମି ଉପରେ ସିଲିଂ ଓ ଲିଜ୍ ସୂତ୍ରରେ ଦଖଲ କରି ଚାଷ କରି ଗୁଜରାଣ ମେଣ୍ଟାଉଛନ୍ତି। ଏହି ଜମିରେ କାଜୁ ବଗିଚା କିମ୍ବା ଅନ୍ୟାନ୍ୟ ପ୍ରକଳ୍ପ ନାମରେ କିସମ ପରିବର୍ତ୍ତନ କରାଗଲେ ଶତାଧିକ ପରିବାର ଜୀବିକା ହରାଇବେ। ତେଣୁ ଅବିଭକ୍ତ ଆଦିବାସୀ ସୋସାଇଟି ଏବଂ ସୋଡ଼ାମାଲ ଅଞ୍ଚଳବାସୀ ଏହି ଘଟଣାରେ ଜିଲାପାଳଙ୍କ ହସ୍ତକ୍ଷେପ ଲୋଡ଼ିବା ସହ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ମାଧ୍ୟମରେ ପଞ୍ଚାୟତ ବା ଗ୍ରାମବାସୀଙ୍କ ସହାୟତାରେ କାଜୁ ବଗିଚା କରିବାକୁ ଦାବି ହୋଇଛି। ଯଦି ପ୍ରଶାସନ ଏହି କିସମ ପରିବର୍ତ୍ତନ ନିଷ୍ପତ୍ତିରୁ ଓହରିବ ନାହିଁ, ତେବେ ଆଗାମୀ ଦିନରେ ଆନ୍ଦୋଳନ ବ୍ୟାପକ ହେବ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ସମନ୍ୱିତ ଆଦିବାସୀ ସମାଜର ସଭାପତି ପଦ୍ମିନୀ ମୁଣ୍ଡ, ସମ୍ପାଦକ ତପନ କାଲୋ, ଉପସଭାପତି ନୀଳାଦ୍ରି କାଲୋଙ୍କ ସମେତ ଶତାଧିକ ଆଦିବାସୀ ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ଏନେଇ କୋଲାବିରା ତହସିଲଦାର ମନୋଜ କୁମାର କୁଜୁରଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ସମଲେଶ୍ୱରୀ ମନ୍ଦିର ପ୍ରତିଷ୍ଠା ଉତ୍ସବ



ମନ୍ଦିର ପ୍ରତିଷ୍ଠା ପାଇଁ କଳସ ଯାତ୍ରା କରାଯାଉଛି।

ଲଇକେରା, ୨୫।୩(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ଲଇକେରା ଗ୍ରାମରେ ନବନିର୍ମିତ ମା' ସମଲେଶ୍ୱରୀ ମନ୍ଦିର ପ୍ରତିଷ୍ଠା ଉତ୍ସବ ଜାରି ରହିଛି। ଏହି ଉପଲକ୍ଷେ ମଙ୍ଗଳବାର ଅପରାହ୍ନରେ କଳସ ଯାତ୍ରା, ବୁଧବାର କୁଣ୍ଡ ଓ ମଣ୍ଡପ ସଂସ୍କାର, ଲକ୍ଷ୍ମୀନାରାୟଣ ପୂଜା ଅନୁଷ୍ଠିତ ହୋଇଥିଲା। ମଙ୍ଗଳବାର ସନ୍ଧ୍ୟାରେ ପୂର୍ବତନ ବିଧାୟିକା ଦୀପାଳି ଦାସ, ଯୁବନେତା ବିଶାଳ ଦାସଙ୍କ ସମେତ ଗ୍ରାମବାସୀଙ୍କ ଉପସ୍ଥିତିରେ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ କର୍ତ୍ତା ଭାବେ ବିଶାଳ ଦାସ ଓ ପତ୍ନୀ ଚାର୍ଭି ଦାସ ଏବଂ ଗ୍ରାମ ଗୌନ୍ତିଆ ଟଙ୍କଧର ନାଏକ ଓ ପତ୍ନୀ ଉଷାବତୀ ନାଏକଙ୍କ ସମେତ ୧୭ ଯୋଡ଼ି ଏଥିରେ ଭାଗନେଇଥିଲେ। ଗୁରୁବାର ସମଲେଶ୍ୱରୀଙ୍କ ପାର୍ଶ୍ୱ ବିଗ୍ରହ ମହାସ୍ନାନ, ଷୋଡ଼ଷ ଉପଚାର ପୂଜା, ହୋମ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ମୁଖ୍ୟ ପୂଜକ ରଞ୍ଜନ ମହାପାତ୍ର ଓ ଟଙ୍କଧର ସାବତ ଏବଂ ଆଉ ୨୪ ଜଣ ସହ ପୂଜାରୀ ପୂଜା କାର୍ଯ୍ୟ ତୁଲାଉଛନ୍ତି। ସମଲେଶ୍ୱରୀ ମନ୍ଦିର ପ୍ରତିଷ୍ଠା କମିଟି ସଭାପତି ଟଙ୍କଧର ନାଏକ, ଉପସଭାପତି ପଞ୍ଚାନନ ନାଏକ, ସମ୍ପାଦକ ମନୋଜ ବେହେରା, ସହସମ୍ପାଦକ ଭୂପାଳ ଚନ୍ଦ୍ର ବେହେରା, କୋଷାଧ୍ୟକ୍ଷ କାର୍ତ୍ତିକ ବେହେରାଙ୍କ ସମେତ ଅନ୍ୟମାନେ ସମସ୍ତ କାର୍ଯ୍ୟ ସମ୍ପନ୍ନ ହେଉଛି।

# ସାମଗ୍ରୀ କିଣିବାବେଳେ ଏକ୍ସପାଏରି ତାରିଖ ଦେଖନ୍ତୁ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

ଦେବଗଡ଼,୨୫।୩(ଶଶାଙ୍କ ଶେଖର ଝାଙ୍କର)

**ଜିଲାସ୍ତରୀୟ ଖାଉଟି ସଚେତନତା ଶିବିର**

ଦେବଗଡ଼ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ଜିଲାସ୍ତରୀୟ ଖାଉଟି ସଚେତନତା ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଯୋଗାଣ ଅଧିକାରୀ କିଶୋର ଚନ୍ଦ୍ର ମହାରଣାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ବରେଣ୍ୟ ଅତିଥି ଭାବେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ମିଞ୍ଜ, ଉପନିୟନ୍ତ୍ରକ ବୌଦ୍ଧ ମାପ ବିଜ୍ଞାନ ରଞ୍ଜନା କୁମାରୀ ପଟେଲ, ଡେପୁଟି କମିଶନର ଅଫ୍ ସିଟି ଆଣ୍ଡ୍ ଜିଏସ୍‌ଟି ଲିଲକାନ୍ତ ବୁଡେକ, ଆଇନଜୀବୀ ଦୀପକ କୁମାର ମହାପାତ୍ର ଯୋଗଦେଇ କହିଛନ୍ତି, କୌଣସି ଗ୍ରାହକ ସାମଗ୍ରୀ କିଣିବାବେଳେ ତାହାର ମୂଲ୍ୟ ଓ ଏକ୍ସପାଏରି ତାରିଖ ଦେଖିବା ଉଚିତ୍। ଦୋକାନୀ ଉଚିତ୍ ମୂଲ୍ୟରେ ଜିନିଷ ନ ଦେଲେ ଖାଉଟି ଅଦାଲତର ଆଶ୍ରୟ ନେବା ସହ ଆଇନଗତ ପଦକ୍ଷେପ ନେବାକୁ ସେମାନେ ପରାମର୍ଶ ଦେଇଥିଲେ। ଆଇନଜୀବୀ ମହାପାତ୍ର ଓ ଡେପୁଟି କମିଶନର ବୁଡେକ ଜିନିଷ କିଣିଲାବେଳେ ବିଭିନ୍ନ ଦ୍ରବ୍ୟ ସେବାକର ହ୍ରାସ ଏବଂ ଏହାର ଉପରେ ପ୍ରଶିକ୍ଷଣ ଦେଇଥିଲେ। ଜିଲାସ୍ତରରେ ପୂର୍ବରୁ ଆୟୋଜିତ ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସ୍ୱୟଂ ସହାୟକ ଗୋଷ୍ଠୀ, ସିଡିପିଓ, ମହାବିଦ୍ୟାଳୟ ଓ ବିଦ୍ୟାଳୟର ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର କାର୍ଯ୍ୟକ୍ରମ ସଂଯୋଜନା ଏବଂ ଅତିରିକ୍ତ ଯୋଗାଣ ଅଧିକାରୀ ଯତୀନ କୁମାର ରାଉତ ଧନ୍ୟବାଦ ଦେଇଥିଲେ।

### ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ପ୍ରୟାସ କାର୍ଯ୍ୟକ୍ରମ

ଝାରସୁଗୁଡ଼ା,୨୫।୩(ଆଶିଷ ରଞ୍ଜନ ଦାଶ)- ଝାରସୁଗୁଡ଼ା ପଞ୍ଚପଡ଼ାସ୍ଥିତ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ପ୍ରୟାସ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠାନର ଅଧ୍ୟକ୍ଷା ମମତା ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଶକୁନ୍ତଳା କିଷାନ ଓ ସମ୍ମାନିତ ଅତିଥି ଭାବେ ବ୍ଲକ୍ ଶିକ୍ଷା ଅଧିକାରୀ ଅନିଲ ପଟେଲ ଯୋଗଦେଇଥିଲେ। ବରିଷ୍ଠ ପ୍ରଶିକ୍ଷିକା ରଞ୍ଜିତା ହର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରତିଷ୍ଠାନର ଛାତ୍ରୀଛାତ୍ର ବିଭିନ୍ନ ଷ୍ଟଲ୍ ମାଧ୍ୟମରେ କଳା, ହସ୍ତଶିଳ୍ପ, ଶିକ୍ଷଣ ସାମଗ୍ରୀ ଓ ଖାଦ୍ୟ ସାମଗ୍ରୀ ପ୍ରଦର୍ଶନ କରିଥିଲେ। ଶିକ୍ଷାର୍ଥୀମାନଙ୍କୁ ଭବିଷ୍ୟତରେ ଗୁଣାତ୍ମକ ଶିକ୍ଷା ହାସଲ କରିବା ସହିତ ସମାଜ ଉପଯୋଗୀ କାର୍ଯ୍ୟକ୍ରମରେ ନିଜର ଦକ୍ଷତା ପ୍ରତିପାଦନ କରିବା ପାଇଁ ପ୍ରୟାସ କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ରହିଥିଲା। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମସ୍ତ ପ୍ରଶିକ୍ଷିକା, ପ୍ରଶିକ୍ଷକଙ୍କ ସହ କର୍ମଚାରୀ ସହଯୋଗ କରିଥିଲେ।

### ଉପଭୋକ୍ତା ସଚେତନତା କର୍ମଶାଳା

ଲଇକେରା ,୨୫।୩ (ରଞ୍ଜନ କୁମାର ମେହେର)- ଝାରସୁଗୁଡ଼ା ଜିଲା ଲଇକେରାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟଠାରେ ଉପଭୋକ୍ତା ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ଲଇକେରା ବିଇଓ ହିମାଂଶୁ ବାଗ୍, କାର୍ଯ୍ୟକ୍ରମର ସଭାପତି ଭାବେ ଉପନିୟନ୍ତ୍ରକ ଅଖିଳ ପ୍ରଧାନ ଯୋଗ, ସମ୍ମାନିତ ଅତିଥି ଭାବରେ ବିଦ୍ୟାଳୟ ଅଧ୍ୟକ୍ଷା ସାବିତ୍ରୀ ଭୋଇ, ମୁଖ୍ୟବକ୍ତା ଭାବେ ଅଞ୍ଜଳି ପଟ୍ଟନାୟକ, ଅନ୍ୟତମ ଅତିଥି ଭାବରେ ଇଜେଭି ଫାଉଣ୍ଡେଶନର ସଭାନେତ୍ରୀ ମାନସୀ ପଣ୍ଡା ଓ ନିରୀକ୍ଷକ ଗଗନ ମାରାଣ୍ଡି ଯୋଗଦେଇଥିଲେ। ଉପଭୋକ୍ତା ଅଧିକାର ବିଷୟରେ ସମସ୍ତେ ଜାଣିବା ନିହାତି ଆବଶ୍ୟକ ବୋଲି ମୁଖ୍ୟ ଅତିଥି କହିଥିଲେ। ବିଭାଗୀୟ ମୁଖ୍ୟ ଅଖିଳ ଚନ୍ଦ୍ର ପ୍ରଧାନ, ମାନସୀ ପଣ୍ଡା, ଅଞ୍ଜଳି ପଟ୍ଟନାୟକ କାର୍ଯ୍ୟକ୍ରମର ଉପାଦେୟତା ବାବଦରେ ବୁଝାଇଥିଲେ। ପ୍ରୀୟା ରାୟ ଧନ୍ୟବାଦ ଦେଇଥିଲେ।

# ଯୋଜନାର ସୁପରିଚାଳନା ପାଇଁ ଅଧିକାରୀଙ୍କୁ ତାଗିଦ

ଦେବଗଡ଼,୨୫।୩
(ଶଶାଙ୍କ ଶେଖର ଝାଙ୍କର)

**ରାଜ୍ୟ ଶିଶୁ ସୁରକ୍ଷା ଆୟୋଗଙ୍କ ଦେବଗଡ ଗସ୍ତ**

ରାଜ୍ୟ ଶିଶୁ ସୁରକ୍ଷା ଆୟୋଗର ଅଧ୍ୟକ୍ଷା ବବିତା ପାତ୍ର ଓ ସଦସ୍ୟା ଚନ୍ଦନା ଦାସ ଦେବଗଡ଼ ଗସ୍ତରେ ଆସି ବିଭିନ୍ନ ଅନୁଷ୍ଠାନ ପରିଦର୍ଶନ କରି ସମୀକ୍ଷା କରିଛନ୍ତି। ଜିଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ର, ଜିଲା ମଙ୍ଗଳ ଅଧିକାରୀ ଶିଶିର ପୁହାଣ, ଜିଲା ସମାଜ ମଙ୍ଗଳ ଅଧିକାରିଣୀ ସୁରତି ପ୍ରଧାନ ଓ ରାଜ୍ୟ ଶିଶୁ ସୁରକ୍ଷା ଆୟୋଗର ଆଇନ ପରାମର୍ଶଦାତା ଓମ୍‌ପ୍ରକାଶ ପଣ୍ଡାଙ୍କ ସହିତ ଜିଲାର ବିଭିନ୍ନ ଅନୁଷ୍ଠାନ ଗସ୍ତ କରି ଶିଶୁଙ୍କ ପାଇଁ ଉପଲବ୍ଧ ଥିବା ଆଇନ ଓ ବ୍ୟବସ୍ଥାଗୁଡିକ ସମୀକ୍ଷା କରିଛନ୍ତି । ଜିଲା ସଦର ମହକୁମାରେ ଥିବା ଅଙ୍ଗନୱାଡି କେନ୍ଦ୍ର, ରେଙ୍ଗାଲବେଡଡ଼ାସ୍ଥିତ ଜିଲା ମଙ୍ଗଳ ବିଭାଗ ଦ୍ୱାରା ପରିଚାଳିତ ଅନୁସୂଚିତ ଜାତିର ପିଲାଙ୍କ ପାଇଁ ଉପଲବ୍ଧ ହଷ୍ଟେଲ, ବଣିଆକିଲିଣ୍ଡା ଓ ରିଆମାଳସ୍ଥିତ ଛତୁଆ ମିଶ୍ରଣ କେନ୍ଦ୍ର, ଭିଆଇଆର୍‌ଡି ଅନୁଷ୍ଠାନ ଦ୍ୱାରା ପରିଚାଳିତ ସଖୀ କେନ୍ଦ୍ର, ସପୋର୍ଟ ଅନୁଷ୍ଠାନ ଦ୍ୱାରା ପରିଚାଳିତ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ କେନ୍ଦ୍ର ଓ ଶିଶୁଗୃହକୁ ଯାଇ ଅନୁଷ୍ଠାନର କର୍ମଚାରୀ ଓ ପିଲାଙ୍କ ସହ ବିଭିନ୍ନ ସରକାରୀ ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ଆଲୋଚନା କରିଥିଲେ। ବିଭିନ୍ନ ଯୋଜନାର ସୁପରିଚାଳନା ଓ ପିଲାଙ୍କ ପାଇଁ ଥିବା ଯତ୍ନ ବ୍ୟବସ୍ଥାର ମାନ ବୃଦ୍ଧି କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ତାଗିଦ୍ କରିଥିଲେ ।

# ଜଙ୍ଗଲରୁ ଗଛ କଟାକୁ ବିରୋଧ

ବ୍ରଜରାଜନଗର,୨୫।୩ (ବିଜୟ ବରାଡ଼)

**ଥାନାର ଦ୍ୱାରସ୍ଥ ହେଲେ ଅଞ୍ଚଳବାସୀ**

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ପୌର ପରିଷଦ ଅନ୍ତର୍ଗତ କଲେଜ ଓ ହସ୍ପିଟାଲ ମଝିରେ ଅଞ୍ଚଳବାସୀଙ୍କ ତତ୍ତ୍ୱାବଧାନରେ ସରକାରୀ ଜମିର ବିଭିନ୍ନ ପ୍ଲଟ୍‌ରେ ପ୍ରାୟ ୧୦ ବର୍ଷ ପୂର୍ବରୁ ଗଛ ଲଗାଯାଇ ଜଙ୍ଗଲ ସୃଷ୍ଟି କରାଯାଇଥିଲା। ହେଲେ ଉକ୍ତ ଜଙ୍ଗଲ ମଧ୍ୟରୁ ଖାତା ନଂ. ୬୩୩, ପ୍ଲଟ୍ ନଂ. ୨୯୬୦ରେ ଲଗାଯାଇଥିବା ୫୦୦ରୁ ଊର୍ଦ୍ଧ୍ୱ ଗଛ କିଛିଦିନ ପୂର୍ବରୁ କଟାଯାଇଛି। ଏହାକୁ ସ୍ଥାନୀୟ ଅଞ୍ଚଳବାସୀ ବିରୋଧ କରିବା ସହ ମଙ୍ଗଳବାର ବ୍ରଜରାଜନଗର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହାର ତଦନ୍ତ କରାଯାଇ ଏଥିରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଦଣ୍ଡବିଧାନ ପାଇଁ ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି। ଏହି ଗଛ କାଟିବା ପାଇଁ ଖଲିଆକାନୀ ତଥା ଆଖପାଖ ଅଞ୍ଚଳର ଅଧିବାସୀଙ୍କୁ ଜଣାଇ ଦିଆଯାଇନାହିଁ। ତେଣୁ ଅଞ୍ଚଳବାସୀ ଏହାକୁ ବିରୋଧ କରିଛନ୍ତି। ବ୍ରଜରାଜନଗର କଳ କାରଖାନା, ଖଣି ଖାଦାନ ଭରପୁର ଅଞ୍ଚଳ। ଗ୍ରୀଷ୍ମ ପ୍ରବାହ ସମୟରେ ଏଠାରେ ତାପମାତ୍ରା ଅଧିକ ରହିଥାଏ। ତେଣୁ ଏହି ଅଞ୍ଚଳକୁ ସବୁଜଭରା କରିବା ପାଇଁ ରାଧାକୃଷ୍ଣ ଉନ୍ନୟନ ପରିଷଦ କାର୍ଯ୍ୟ କରି ଆସୁଛି। ସ୍କୁଲ, କଲେଜ, ଡାକ୍ତରଖାନା, ଶିଶୁ ଉଦ୍ୟାନ ତଥା ଜଳାଶୟ ଆଦି ତିଆରି କ୍ଷେତ୍ରରେ ଦୀର୍ଘ ୨୫ ବର୍ଷ ହେଲା କାର୍ଯ୍ୟ କରିଆସୁଛି ବୋଲି ପରିଷଦର ମୁଖ୍ୟ ପୁରୋଧା ମହେନ୍ଦ୍ର ନାଏକ କହିଛନ୍ତି। ପରିଷଦ ପକ୍ଷରୁ ଏଭଳି କାର୍ଯ୍ୟ ଜାରି ରହିଛି। ଏହାକୁ ଖଲିଆକାନୀ ଗ୍ରାମବାସୀ, ରାଧାକୃଷ୍ଣ ଉନ୍ନୟନ ପରିଷଦ କର୍ମକର୍ତ୍ତା, ବୁଦ୍ଧିଜିବୀ ଓ ବରିଷ୍ଠ ନାଗରିକମାନେ ପୂର୍ଣ୍ଣ ସମର୍ଥନ କରୁଛନ୍ତି ବୋଲି ମତ ପ୍ରକାଶ ପାଇଛି। ଅଭିଯୋଗପତ୍ର ପ୍ରଦାନବେଳେ ମହେନ୍ଦ୍ର ନାଏକ, ନୃପ ତାଣ୍ଡି, ରାଧାକାନ୍ତ ପ୍ରଧାନ, ପବିତ୍ର ବିଶି, କ୍ଷୀରୋଦ ପ୍ରଧାନ, ସୁପ୍ରିତ ବେହେରା, ସଚିନ ଦାସ, ପ୍ରଭାତ ରଞ୍ଜନ ଦାସ, ଦେବେଶ ପଣ୍ଡା, ରବି ସୋନି, ସୂରଜ ମହାପାତ୍ର, ନିରାକାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଟୋଲ୍ ଆଦାୟ ବନ୍ଦ ପାଇଁ କେନ୍ଦ୍ରମନ୍ତ୍ରୀଙ୍କୁ ଦାବିପତ୍ର

ଝାରସୁଗୁଡ଼ା, ୨୫।୩
(ଆଶିଷ ରଞ୍ଜନ ଦାଶ)



କେନ୍ଦ୍ରମନ୍ତ୍ରୀଙ୍କୁ ବରଗଡ଼ ଏମ୍‌ପି ଦାବିପତ୍ର ଦେଉଛନ୍ତି।

୪୯ ନମ୍ବର ଜାତୀୟ ରାଜପଥର ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ୍ ଅନ୍ତର୍ଗତ ଗୋବିନ୍ଦପୁର ଟୋଲ୍ ପ୍ଲାଜାକୁ ନେଇ ବାରମ୍ବାର ଜନ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ୍ ଗଡ଼କରୀଙ୍କୁ ଗତ ୧୭ ତାରିଖରେ ଏକ ପତ୍ର ଲେଖିଛନ୍ତି। ଝାରସୁଗୁଡ଼ା-କନକତୋରା ସେକ୍ସନରେ ଥିବା ଗୋବିନ୍ଦପୁର ଟୋଲ୍ ପ୍ଲାଜାରେ ଟୋଲ୍ ଆଦାୟ ବନ୍ଦ କରିବା ପାଇଁ ସେ କେନ୍ଦ୍ରମନ୍ତ୍ରୀ ଗଡ଼କରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି।

# ୨ ମାସ ହେଲା ଶ୍ରମିକଙ୍କୁ ମିଳୁନି ପ୍ରାପ୍ୟ

କୋଲାବିରା,୨୫।୩(ସଞ୍ଜୟ ପୂଜାରୀ)

**ବିଡିଓଙ୍କ ନିକଟରେ ଅଭିଯୋଗ**

ଝାରସୁଗୁଡ଼ା ଜିଲା କୋଲାବିରା ବ୍ଲକ୍ ସଦର ପଞ୍ଚାୟତରେ ସରକାରୀ ନିୟମ ଉଲ୍ଲଂଘନ କରାଯାଇଥିବା ଅଭିଯୋଗ ହୋଇଛି। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ କାର୍ଯ୍ୟ କରୁଥିବା ଶ୍ରମିକଙ୍କୁ ୭ ଦିନ ମଧ୍ୟରେ ପ୍ରାପ୍ୟ ପ୍ରଦାନ ପାଇଁ ନିୟମ ରହିଛି। ହେଲେ ଏଠାରେ ୬୦ରୁ ଊର୍ଦ୍ଧ୍ୱ ମହିଳା, ପୁରୁଷ ଶ୍ରମିକଙ୍କୁ ୨ ମାସରୁ ଊର୍ଦ୍ଧ୍ୱ ସମୟ ହେବ ପ୍ରାପ୍ୟ ଦିଆଯାଇ ନ ଥିବାରୁ ସେମାନେ ବ୍ଲକ୍ କାର୍ଯ୍ୟାଳୟକୁ ଆସି ବିଡିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ତରେଇକେଲା ରାଜସ୍ୱ ଗ୍ରାମର ୬୦ରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ଶ୍ରମିକ ତରେଇକେଲାରୁ ପଟ୍ଟାପଡ଼ା ଧର୍ଷା ରାସ୍ତାର ଉନ୍ନତୀକରଣ କାର୍ଯ୍ୟରେ ମାଟି କାମ କରି ଆସୁଛନ୍ତି। ଚଳିତବର୍ଷ ଜାନୁଆରୀ ୧୩ ତାରିଖରୁ ଉକ୍ତ ରାସ୍ତାର ଉନ୍ନତୀକରଣ କାର୍ଯ୍ୟ ଆରମ୍ଭ ହୋଇଛି। ୭ ଦିନରେ ଥରେ ଶ୍ରମିକଙ୍କ ମାଷ୍ଟର ରୋଲ୍ ବାହାରକରି ସେମାନଙ୍କ ବ୍ୟାଙ୍କ୍ ଆକାଉଣ୍ଟରେ ପ୍ରାପ୍ୟ ଦେବାର ନିୟମ ରହିଛି। କାର୍ଯ୍ୟ ତଦାରଖ ଦାୟିତ୍ୱରେ ଥିବା ଗାଁ ସାଥୀ ଶ୍ରମିକଙ୍କ ହାଜିରା ପକାଇ ପ୍ରତ୍ୟେକ ସପ୍ତାହରେ ମାଷ୍ଟରରୋଲ ତିଆରି କରୁଛନ୍ତି। ମାତ୍ର କାର୍ଯ୍ୟ ଆରମ୍ଭର ୨ ମାସରୁ ଊର୍ଦ୍ଧ୍ୱ ସମୟ ହେଲା ଶ୍ରମିକମାନେ ଏ ବାବଦରେ କୌଣସି ପ୍ରାପ୍ୟ ପାଇନାହାନ୍ତି। ଏନେଇ ରାସ୍ତା କାର୍ଯ୍ୟ କରିଥିବା ଶ୍ରମିକ ସୁଶାନ୍ତ ପ୍ରଧାନ, ପୁରୁଷୋତ୍ତମ ପ୍ରଧାନ, ବିଶେଶ୍ୱର ପ୍ରଧାନ, ତପସ୍ୱିନୀ ଦେହେରିଆ, ଚନ୍ଦ୍ରକାନ୍ତି ପେଣ୍ଟେଇ, ସୁଦାମ ଲୁହା, ମୋହନ ଲୁହା, ଦୁବରାଜ ଦେହେରିଆ, ମୋତିରାମ ଲୁହା, ହରିପ୍ରିୟା ଲୁହାଙ୍କ ସମେତ ୬୦ରୁ ଊର୍ଦ୍ଧ୍ୱ ଶ୍ରମିକ ମଙ୍ଗଳବାର ବିଡିଓଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଆସନ୍ତା ୭ ଦିନ ମଧ୍ୟରେ ଶ୍ରମିକଙ୍କୁ ପ୍ରାପ୍ୟ ପ୍ରଦାନ କରାଯିବ ବୋଲି ବିଡିଓ ଅଶୋକ ମାଝୀ ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି।

# ପଶ୍ଚିମ ଓଡ଼ିଶା ଅଙ୍ଗନୱାଡି କର୍ମୀ ଓ ସହାୟିକା ସଂଘର ବିକ୍ଷୋଭ

ଦେବଗଡ଼,୨୫।୩(ଶଶାଙ୍କ ଶେଖର ଝାଙ୍କର)




ବିକ୍ଷୋଭ ପ୍ରଦର୍ଶନ କରୁଥିବା ଅଙ୍ଗନୱାଡି କର୍ମୀ।

ଦେବଗଡ଼ ଜିଲା ରିଆମାଳ ବ୍ଲକ୍ ଅଞ୍ଚଳର ସୁପରଭାଇଜର ପ୍ରଣତୀ ପ୍ରଧାନ ସ୍ଥାନୀୟ କେତେଜଣ ଅଙ୍ଗନୱାଡି କର୍ମୀଙ୍କୁ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଛି। ଏନେଇ ପଶ୍ଚିମ ଓଡ଼ିଶା ଅଙ୍ଗନୱାଡି କର୍ମୀ ଓ ସହାୟିକା ସଂଘ ସଭାନେତ୍ରୀ ମୀରାବତୀ ଦଳବେହେରାଙ୍କ ନେତୃତ୍ୱରେ କେତେଜଣ ଅଙ୍ଗନୱାଡି କର୍ମୀ ବୁଧବାର ରିଆମାଳ ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ମୀରାବତୀ ପ୍ରକାଶ କରିଛନ୍ତି। ଏନେଇ ପ୍ରଣତୀ କହିଛନ୍ତି, ଅଭିଯୋଗ ଭିତ୍ତିହୀନ। କିଛିଦିନ ତଳେ ତାଙ୍କ ଅଧୀନସ୍ଥ ଅଙ୍ଗନୱାଡି କର୍ମୀମାନଙ୍କୁ କେତେକ ରିପୋର୍ଟ ମାଗିଥିଲେ। ଏହି ରିପୋର୍ଟ କେତେଜଣ ଅଙ୍ଗନୱାଡି କର୍ମୀ ଦେଇଥିବାବେଳେ ଆଉ କେତେଜଣ ଦେଇ ନ ଥିଲେ। ତେଣୁ ଦେଇ ନ ଥିବା ଅଙ୍ଗନୱାଡି କର୍ମୀଙ୍କୁ ଆଉ ଥରେ ରିପୋର୍ଟ ମାଗିବା ପରେ ସଭାନେତ୍ରୀ ମୀରାବତୀଙ୍କ ସହିତ ତର୍କ ହୋଇଥିଲା। ତେଣୁ ମୋ ନାମରେ ଏଭଳି ମିଥ୍ୟା ଅଭିଯୋଗ କରାଯାଇଛି ବୋଲି ପ୍ରଣତୀ କହିଛନ୍ତି। ଅପରପକ୍ଷେ ସିଡିପିଓ ତାରକାନ୍ତି ମହାନନ୍ଦିଆ କହିଛନ୍ତି, ଅଭିଯୋଗ ସମ୍ପର୍କରେ ଦେବଗଡ଼ ଉପଜିଲାପାଳଙ୍କୁ ଜଣାଇଛି। ଏହାର ସମାଧାନ ପାଇଁ ଉପଜିଲାପାଳ ମୀରାବତୀଙ୍କୁ ଫୋନ୍ ଯୋଗେ ତାଙ୍କ କାର୍ଯ୍ୟାଳୟକୁ ଆସିବା ପାଇଁ କହିଥିଲେ। ହେଲେ ମୀରାବତୀ ବିଭିନ୍ନ ଆଳ ଦେଖାଇ ଯାଇ ନ ଥିଲେ। ତେଣୁ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉପଜିଲାପାଳ କହିଛନ୍ତି। ସୂଚନାଯୋଗ୍ୟ, ଗତ ମାର୍ଚ୍ଚ ୮ ତାରିଖ ଅନ୍ତର୍ଜାତୀୟ ମହିଳା ଦିବସ କାର୍ଯ୍ୟକ୍ରମରେ ଭଲ କାମ ପାଇଁ ବେଷ୍ଟ ସୁପରଭାଇଜର ଭାବେ ରିଆମାଳ ବ୍ଲକ୍‌ରୁ ପ୍ରଣତୀ ପ୍ରଧାନ ଜିଲାପାଳଙ୍କଠାରୁ ମାନପତ୍ର ଓ ଟ୍ରଫି ପାଇଥିଲେ। ତେଣୁ ତାଙ୍କ ନାମରେ ହୋଇଥିବା ଅଭିଯୋଗ ସମ୍ପର୍କରେ ଜିଲାପାଳ ହସ୍ତକ୍ଷେପ କରି ଉଚିତ୍ ପଦକ୍ଷେପ ନେବେ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।

**ଜନ୍ମଦିନର ଶୁଭେଚ୍ଛା**

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ପିଲାଙ୍କୁ ତରକାରିରେ ବିଷ ଦେଇ ମାରିବାକୁ ଉଦ୍ୟମ

**■ଥାନାରେ ଅଭିଯୋଗ**
**■ଅଭିଯୁକ୍ତ ବଡ଼ବାପାଙ୍କୁ ଖୋଜୁଛି ପୋଲିସ**

**ବାଲିଶଙ୍କରା,୨୫।୩(ହୃଦାନନ୍ଦ ବାରିକ)**

ସୁନ୍ଦରଗଡ଼ ଜିଲା ତଳସରା ଥାନା ଅନ୍ତର୍ଗତ ବନଡେଗା ପଞ୍ଚାୟତ କିଲକିଲା ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଗ୍ରାମର ଜଣେ ବ୍ୟକ୍ତି ନିଜ ପୁଅ ସହ ସାନଭାଇଙ୍କ ୨ ପିଲାଙ୍କୁ ବିଷ ଦେଇ ମାରିବାକୁ ଉଦ୍ୟମ କରିଥିଲେ। ହେଲେ ସୌଭାଗ୍ୟବଶତଃ ସେମାନେ ବଞ୍ଚିଯାଇଛନ୍ତି। ଗତ ୨୦ ତାରିଖରେ ଏପରି ଘଟଣା ଘଟିଥିଲେ ମଧ୍ୟ ବୁଧବାର ଏନେଇ ତଳସରା ଥାନାରେ ସାନଭାଇ ଅନିଲ ମିଞ୍ଜ୍‌ଙ୍କ ଅଭିଯୋଗ ପରେ କଥା ସାମ୍ନାକୁ ଆସିଛି। ପୋଲିସ ଏକ ମାମଲା (ନଂ.୧୮/୨୬) ରୁଜୁକରି ତନାଘନା ଚଳାଇଛି। ଅଭିଯୋଗ ପରେ ଏଭଳି କାଣ୍ଡ ଘଟାଇଥିବା ଫିଲିପ ମିଞ୍ଜ୍ ଫେରାର ହୋଇଯାଇଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଗତ ୨୦ ତାରିଖରେ ଅନିଲ, ତାଙ୍କ ସ୍ତ୍ରୀ ଲିଲିମା ମିଞ୍ଜ ଓ ଭାଉଜ ବିବିଆନା ମିଞ୍ଜ ବଡ଼ଭାଇ ଫିଲିପ୍‌ଙ୍କ ପାଖରେ ଛୁଆଙ୍କୁ ଛାଡି କାମ କରିବାକୁ ଯାଇଥିଲେ। ମଧ୍ୟାହ୍ନଭୋଜନ ବେଳେ ଫିଲିପ୍ ତାଙ୍କ ନିଜ ପୁଅ ସାହିଲ (୧୮) ଓ ଭାଇ ଅନିଲଙ୍କ ପୁଅ ଆଶିଷ (୧୫) ଓ ଝିଅ ଅନନ୍ୟା(୧୨)ଙ୍କ ତରକାରିରେ ବିଷ ମିଶାଇ ଖାଇବାକୁ ଦେଇଥିଲେ। ଖାଦ୍ୟ ଖାଇ ୩ ଭଉଣୀଭାଇ ଅସୁସ୍ଥ ହୋଇପଡ଼ିଥିଲେ। ଫିଲିପଙ୍କ ବଡ଼ଝିଅ ମାରିଆତା(୨୧) ମହୁଲ ସଂଗ୍ରହକରି ଘରକୁ ଫେରି ୩ ଜଣ ଅସୁସ୍ଥ ହୋଇପଡ଼ିଥିବା ଦେଖିଥିଲେ। ପରେ ଗ୍ରାମବାସୀଙ୍କ ସହାୟତାରେ ମାରିଆତା ସମସ୍ତଙ୍କୁ ସୁନ୍ଦରଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ ନେଇଥିଲେ। ବୁଧବାର ପିଲାମାନେ ସୁସ୍ଥ ହେବାପରେ ଡାକ୍ତରଖାନାରୁ ଫେରିଥିଲେ। ଏନେଇ ଅନିଲ ତଳସରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

**ମାଓବାଦୀ ସାମ୍ରାଜ୍ୟର ପତନ**

# ମୁଖ୍ୟଧାରାକୁ ଫେରିଲେ ଶୁକ୍ରୁ, ୪ ସହଯୋଗୀ



ଆତ୍ମସମର୍ପଣ କରିଥିବା ଶୁକ୍ରୁ ଏବଂ ତାଙ୍କ ୪ ସହଯୋଗୀଙ୍କୁ ପୋଲିସ ପକ୍ଷରୁ ପୁଷ୍ପଗୁଚ୍ଛ ଦେଇ ସମାଜର ମୁଖ୍ୟସ୍ରୋତକୁ ସ୍ୱାଗତ କରାଯାଉଛି।

**ଫୁଲବାଣୀ,୨୫।୩(ରାକେଶ କୁମାର ରାଉତ)**

ରାଜ୍ୟ ପୋଲିସର ହିଟ୍ ଲିଷ୍ଟରେ ଥିବା ମାଓବାଦୀ ଶୁକ୍ରୁ ଗତ ମଙ୍ଗଳବାର ପୋଲିସ ଆଗରେ ଅସ୍ତ୍ର ସହ ଆତ୍ମସମର୍ପଣ କରିବା ପରେ କନ୍ଧମାଳ ଜିଲାରେ ମାଓବାଦୀ ସଙ୍ଗଠନର ପତନ ହୋଇଛି। ଅନ୍ୟ ଯେଉଁମାନେ ଅଛନ୍ତି ସେମାନେ ଖୁବ୍‌ଶୀଘ୍ର ଆତ୍ମସମର୍ପଣ କରନ୍ତୁ ବୋଲି ପୋଲିସ ଚେତାବନୀ ଦେଇଛି। ବୁଧବାର ଫୁଲବାଣୀ ରିଜର୍ଭ ପୋଲିସ ପଡ଼ିଆରେ ଶୁକ୍ରୁ ଏବଂ ତାଙ୍କର ଅନ୍ୟ ୪ ସହଯୋଗୀ ଅସ୍ତ୍ର ତ୍ୟାଗ କରି ସମାଜର ମୁଖ୍ୟଧାରାରେ ସାମିଲ ହୋଇଛନ୍ତି। ପ୍ରତ୍ୟେକଙ୍କୁ ୨୫ ହଜାର ଟଙ୍କାର ଅନ୍ତରୀଣ ସହାୟତା ରାଶି ପ୍ରଦାନ କରାଯାଇଛି। ଶୁକ୍ରୁଙ୍କୁ ତାଙ୍କ ମୁଣ୍ଡ ପାଇଁ ଥିବା ୫୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ସହ ଅତିରିକ୍ତ ୧୦ ଲକ୍ଷ ଏବଂ ଅସ୍ତ୍ରଶସ୍ତ୍ର ପାଇଁ ପ୍ରାୟ ୭ଲକ୍ଷ ଟଙ୍କା ମିଳିବ। ସେମାନଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ ପକ୍କା ଘର ଯୋଗାଇ ଦିଆଯିବ। ବୃତ୍ତିଗତ ତାଲିମ ପାଇଁ ପ୍ରତି ମାସରେ ୧୦ ହଜାର ଲେଖାଏ ୩ ବର୍ଷ ପର୍ଯ୍ୟନ୍ତ ଷ୍ଟାଇପେଣ୍ଡ ଦିଆଯିବ। ସମସ୍ତଙ୍କୁ ସରକାରୀ ସ୍ୱାସ୍ଥ୍ୟ କାର୍ଡ ଏବଂ ରାଶନ ମିଳିବ। ବିବାହ ପାଇଁ ମଧ୍ୟ ୨୫ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ଯୋଗାଇ ଦିଆଯିବ। ତେଣୁ ଅନ୍ୟ ମାଓବାଦୀମାନେ ତୁରନ୍ତ ଅସ୍ତ୍ର ଛାଡି ଆତ୍ମସମର୍ପଣ କରି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବାକୁ ଅନୁରୋଧ କରୁଛୁ ବୋଲି ଏଡିଜି ସଞ୍ଜୀବ ପଣ୍ଡା ପ୍ରକାଶ କରିଛନ୍ତି।

କୋସା ସୋଡ଼ି ଓରଫ ଶୁକ୍ରୁ ୧୯୯୭ରୁ ମାଓବାଦୀ ସଙ୍ଗଠନରେ ସାମିଲ ଥିଲେ। ସେ କନ୍ଧମାଳ, କଳାହାଣ୍ଡି, ବୌଦ୍ଧ, ନୟାଗଡ (କେକେବିଏନ୍)ଡିଭିଜନରେ ମୁଖ୍ୟ ଭାବେ କାର୍ଯ୍ୟ କରୁଥିଲେ। ତାଙ୍କ ନାମରେ ଓଡ଼ିଶା ଏବଂ ଛତିଶଗଡରେ ଶତାଧିକ ମାମଲା ରହିଛି। ସେହିପରି ଆତ୍ମସମର୍ପଣ କରିଥିବା ଶୁକ୍ରୁଙ୍କ ସହଯୋଗୀମାନେ ହେଲେ ଛତିଶଗଡ଼ ସୁକୁମା ଜିଲାର ସଞ୍ଜୟ ରାୱା, ବିଜାପୁର ଜିଲାର ରୋନି ପାଟାମି, କଳାହାଣ୍ଡି ଜିଲାର କୁନି ମାଝି ଓ ଦଶମତୀ ଓରଫ ଫୁଲମତୀ। ଏମାନେ ସମସ୍ତେ ସଙ୍ଗଠନରେ ରହି ବିଭିନ୍ନ ହିଂସା ଭିଆଉଥିଲେ। ପୋଲିସ ଆଗରେ ଗୋଟିଏ ଏକେ-୪୭ ରାଇଫଲ, ଗୋଟିଏ ଏସ୍‌ଏଲଆର, ୨ଟି ୩୦୩ ରାଇଫଲ, ଗୋଟିଏ ସିଙ୍ଗଲ ବନ୍ଧୁକ ସହ ବହୁ ପରିମାଣର ଗୁଳିଗୋଳା ରଖି ସମସ୍ତେ ଆତ୍ମ ସମର୍ପଣ କରିଥିଲେ। ଗତ ଡିସେମ୍ବରରେ କନ୍ଧମାଳରେ କେନ୍ଦ୍ରୀୟ କମିଟି ସଦସ୍ୟ ଗଣେଶ ଉଇକେଙ୍କ ମୃତ୍ୟୁ ପରେ ମାଓବାଦୀ ସଙ୍ଗଠନ ସମ୍ପୂର୍ଣ୍ଣ ରୂପେ ଭାଙ୍ଗି ପଡିଛି। ଏସ୍‌ଓଜି, ଡିଭିଏଫ, ସିଆରପିଏଫ, ବିଏସ୍‌ଏଫର ଜୋରଦାର ଅଭିଯାନ ଯୋଗୁ ମାଓବାଦୀ କୋଣଠେସା ହୋଇ ପଡିଛନ୍ତି। ବର୍ତ୍ତମାନ ସେମାନଙ୍କ ସଂଖ୍ୟା ୮ରୁ ୯ ମଧ୍ୟରେ ରହିଛି। ଫୁଲବାଣୀ ରିଜର୍ଭ ପୋଲିସ ପଡିଆରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଆଇଜି ଅପରେଶନ ଡ. ଦୀପକ କୁମାର, ଏସ୍‌ଆଇଡବ୍ଲ୍ୟୁ ଡିଆଇଜି ଅଖିଳେଶ୍ୱର ସିଂ, ସିଆରପିଏଫ ଡିଆଇଜି ଦିଲୀପ ଅମ୍ରେଶ, ଦକ୍ଷିଣାଞ୍ଚଳ ଆଇଜି ନୀତି ଶେଖର, କନ୍ଧମାଳ ଏସ୍‌ପି ହରିଶ ବିଶି, ଅତିରିକ୍ତ ଏସ୍‌ପି ରମେନ୍ଦ୍ର ପ୍ରସାଦ ପ୍ରମୁଖ ଉପସ୍ଥିତ ଥିଲେ।

## ମାଓବାଦୀ ଦମନ ଅପରେଶନରେ ୨୩୯ ସୁରକ୍ଷା କର୍ମୀ ଶହୀଦ

**ଫୁଲବାଣୀ,୨୫।୩ (ରାକେଶ କୁମାର ରାଉତ)**

ଓଡ଼ିଶାକୁ ମାଓବାଦୀ ମୁକ୍ତ କରିବା ପାଇଁ ଚାଲିଥିବା କୋମ୍ବିଂ ଅପରେଶନ ଚୂଡ଼ାନ୍ତ ସ୍ଥିତିରେ ପହଞ୍ଚିଛି। ରାଜ୍ୟରେ ସକ୍ରିୟ ମାଓବାଦୀଙ୍କ ସଂଖ୍ୟା ୧ଅଙ୍କକୁ ଖସି ଆସିଛି। ମାଓବାଦୀ ନିପାତ ଅଭିଯାନରେ ୨୩୯ଜଣ ସୁରକ୍ଷା କର୍ମୀ ଶହୀଦ ହୋଇଛନ୍ତି। ମାର୍ଚ୍ଚ ୩୧ ମାଓବାଦୀ ମୁକ୍ତ ଡେଡ୍‌ଲାଇନକୁ ଆଉ ଅଳ୍ପ ଦିନ ବାକି ଥିବାରୁ ଅନ୍ୟ ମାଓବାଦୀମାନେ ମଧ୍ୟ ପୋଲିସ ନିକଟରେ ଆତ୍ମସମର୍ପଣ କରିଦିଅନ୍ତୁ ବୋଲି ମାଓବାଦୀ ନିରୋଧୀ ଏଡିଜି ସଞ୍ଜୀବ ପଣ୍ଡା କହିଛନ୍ତି। ଟପ୍ ମାଓବାଦୀ କମାଣ୍ଡର ଶୁକ୍ରୁ ଓରଫ କଷା ସୋଡ଼ି ଏବଂ ତାଙ୍କ ୪ଜଣ ସହଯୋଗୀ କୁନି, ରୁନି, ଅନିଲା ଏବଂ ସଞ୍ଜୟ କନ୍ଧମାଳ ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ସେମାନେ ସମାଜର ମୁଖ୍ୟ ସ୍ରୋତକୁ ଫେରିଥିବାରୁ ସେମାନଙ୍କୁ ଫୁଲ ତୋଡ଼ା ଦେଇ ବୁଧବାର ସ୍ୱାଗତ କରାଯାଇଛି।

# କୋମ୍ବିଂ ବେଳେ ଏସ୍‌ଓଜି ଯବାନ ଗୁରୁତର



ଆସିକା ମେଡ଼ିକାଲରେ ଗୁରୁତର ଯବାନ ସୁକାନ୍ତ ମାଝୀ।

**ଆସିକା,୨୫।୩(ସୁରେନ୍ଦ୍ର ନାଥ ସାହୁ)**

କନ୍ଧମାଳ ଜିଲା ରାଇକିଆ ଥାନା ଅଧୀନ କରଡ଼ା ଜଙ୍ଗଲରେ ମାଓବାଦୀ ଦମନ ପାଇଁ ବୁଧବାର ଅପରାହ୍ନରେ କୋମ୍ବିଂ ଅପରେଶନ ଚାଲିଥିବା ବେଳେ ଜଣେ ଏସ୍‌ଓଜି ଯବାନ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ସୁକାନ୍ତ ମାଝୀ (୨୭) ଓ ତାଙ୍କ ଘର କେନ୍ଦୁଝର ଜିଲା ହରିପୁର ଗ୍ରାମରେ ବୋଲି ଜଣାପଡିଛି। ତାଙ୍କ ଛାତିର ବାମପାର୍ଶ୍ୱରେ ଗୁଳି ବାଜିଛି। ଚିକିତ୍ସା ଲାଗି ସୁକାନ୍ତଙ୍କୁ ପ୍ରଥମେ ସୋରଡ଼ା ଓ ପରେ ଆସିକା ଉପଖଣ୍ଡ ଚିକିତ୍ସାଳୟକୁ ଅଣାଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ମାଓବାଦୀଙ୍କ ସହ ଗୁଳି ବିନିମୟ ବେଳେ ସୁକାନ୍ତ ଆହତ ହୋଇଥିବା କୁହାଯାଉଥିଲେ ମଧ୍ୟ କେଉଁ ପରିସ୍ଥିତିରେ ତାଙ୍କ ଶରୀରରେ ଗୁଳି ବାଜିଛି ତାହା ସ୍ପଷ୍ଟ ହୋଇନାହିଁ। ଆସିକା ମେଡିକାଲରେ ଭଞ୍ଜନଗର ଓ ଆସିକା ଏସ୍‌ଡିପିଓ, ବଡ଼ଗଡ଼, ସୋରଡ଼ା ଓ ଆସିକା ଥାନା ଅଧିକାରୀ ଗୁରୁତର ଯବାନଙ୍କୁ ଭେଟିଥିଲେ।

# କୋଟିଏ ଟଙ୍କାର ସୁନା ଅଳଙ୍କାର ଚୋରି ଅଭିଯୋଗ

**ବ୍ୟବସାୟୀଙ୍କ ଘରେ କଳାକନା ବୁଲାଇଲେ ଦୁର୍ବୃତ୍ତ**

**ବ୍ରହ୍ମପୁର,୨୫।୩(ସୁବାସ ଚନ୍ଦ୍ର ପାଢ଼ୀ)**

ବ୍ରହ୍ମପୁର ପୋଲିସ ଜିଲା ବଡ଼ବଜାର ଥାନା ଅନ୍ତର୍ଗତ ପ୍ରେମନଗର ୭ ଲାଇନରେ ରହୁଥିବା ବ୍ୟବସାୟୀ ପି. ରାଜପ୍ରଭାକର ରାଓଙ୍କ ଘରେ ଦୁର୍ବୃତ୍ତମାନେ କଳାକନା ବୁଲାଇଛନ୍ତି। ଗ୍ରୀଲ ତାଲା ଭାଙ୍ଗି ସେମାନେ ଘରେ ଥିବା ୨ଟି ଆଲମିରାରୁ ପ୍ରାୟ କୋଟିଏ ଟଙ୍କାର ସୁନା ଅଳଙ୍କାର, ନଗଦ ୧ ଲକ୍ଷ ୩୦ ହଜାର ଟଙ୍କା ନେଇଯାଇଥିବା ଗୃହକର୍ତ୍ତା ବୁଧବାର ବଡ଼ବଜାର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ.୨୦୨/୨୬ରେ ମାମଲା ରୁଜୁ କରି ଘଟଣାସ୍ଥଳରେ ପହଞ୍ଚିବା ସହ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ ସହାୟତାରେ ତଦନ୍ତ କରୁଛି। ଲୁଟେରା ଗ୍ୟାଙ୍ଗକୁ ଧରିବା ପାଇଁ ସିସିଟିଭି ଫୁଟେଜ୍ ସଂଗ୍ରହ କରାଯାଇଛି।

ରାଜ୍ ପ୍ରଭାକର ରାଓ ସପ୍ତାହେ ହେଲା ଘରେ ଏକାକୀ ରହୁଥିଲେ। ପରିବାର ଲୋକେ କୌଣସି କାମରେ ବାହାରକୁ ଯାଇଥିଲେ। ପ୍ରତିଦିନ ଭଳି ପ୍ରଭାକର ବୁଧବାର ପ୍ରାତଃଭ୍ରମଣରେ ଯାଇ ପୂର୍ବାହ୍ନ ୧୦ଟାରେ ଘରକୁ ଆସିବାରେ କେହି ତାଙ୍କ ଗ୍ରୀଲ ତାଲା ଭାଙ୍ଗି ଅନ୍ୟ ଏକ ତାଲା ପକାଇ ଚାଲିଯାଇଥିବା ଦେଖିଥିଲେ। ପ୍ରଭାକର ଉକ୍ତ ତାଲା ଭାଙ୍ଗି ଘର ଭିତରକୁ ଯିବା ପରେ ୨ଟି ଆଲମିରା ଭଙ୍ଗା ଯାଇଥିବା ଦେଖି ୧୧୨କୁ ଫୋନ କରିଥିଲେ। ପରେ ବଡବଜାର ଥାନା ପୋଲିସ ସେଠାରେ ପହଞ୍ଚିଥିଲା। ଘର ଭିତରକୁ ଯାଇ ଦେଖିବାରୁ ଆଲମୀରା ଭିତରେ ଥିବା ପ୍ରାୟ ୧ କେଜିର ସୁନା ଗହଣା, ଲକ୍ଷାଧିକ ଟଙ୍କା ଗାୟବ ଥିବା ଜଣାପଡିଥିଲା। ଏନେଇ ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ୍.ଙ୍କୁ ପଚାରିବାରୁ ସେ କହିଛନ୍ତି, ଜଣେ ବ୍ୟବସାୟୀଙ୍କ ଘରୁ ବଡ ଧରଣର ଚୋରି ହୋଇଥିବା ଅଭିଯୋଗ ହୋଇଛି। ପୋଲିସ ଘଟଣାର ସବୁ ଦିଗକୁ ନେଇ ତଦନ୍ତ କରୁଛି। ଖୁବଶୀଘ୍ର ଲୁଟେରା ଦଳକୁ ଧରାପଡ଼ିବେ ବୋଲି ଏସ୍‌ପି କହିଛନ୍ତି।



ସନ୍ଧାନୀ କୁକୁର ସାହାଯ୍ୟରେ ତଦନ୍ତ ଚାଲିଛି।

## ନାବାଳିକାଙ୍କୁ ବଳାତ୍କାର, ଯୁବକ ଗିରଫ

**ଯୋଡ଼ା,୨୫।୩(ମାନସ ମହାନ୍ତି)**

କେନ୍ଦୁଝର ଜିଲା ଯୋଡ଼ା ଥାନା ଅନ୍ତର୍ଗତ ମୁରୁଦା ଅଞ୍ଚଳର ଜଣେ ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ ହୋଇଛି। ଘଟଣାରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ବିରିକଳା ଧୁବୁଲାବେଡ଼ା ଅଞ୍ଚଳର ଚିତ୍ରସେନ ନାଏକ। ଅଭିଯୋଗ ଅନୁଯାୟୀ, ନାବାଳିକା ଜଣକ ଗତ ୨୨ ତାରିଖ ଅପରାହ୍ନରେ ନିଖୋଜ ହୋଇଯାଇଥିଲେ। ପରିବାର ଲୋକେ ଖୋଜାଖୋଜି କରି ଚିତ୍ରସେନ ନାଏକଙ୍କ ସହିତ ବଡ଼ବିଲ ଷ୍ଟେଶନରୁ ତାଙ୍କୁ ଉଦ୍ଧାର କରିଥିଲେ। ତେବେ ନାବାଳିକା ଚିତ୍ରସେନଙ୍କ ସହିତ ଦୀର୍ଘ ଏକ ବର୍ଷ ହେବ ସମ୍ପର୍କରେ ରଖିଥିଲେ। ଯୁବକ ଜଣକ ନାବାଳିକାଙ୍କୁ ବିଭିନ୍ନ ମିଥ୍ୟା ପ୍ରଲୋଭନ ଦେଖାଇ ତାଙ୍କ ସହିତ ଶାରୀରିକ ସମ୍ପର୍କ ରଖିବା ଖବର ପରିବାର ଲୋକେ ଜାଣିବା ପରେ ଯୋଡ଼ା ଥାନାରେ ଲିଖିତ ଅଭିଯୋଗ କରିଥିଲେ।

## ଟିପିଡବ୍ଲ୍ୟୁଓଡିଏଲ୍ ଯନ୍ତ୍ରୀଙ୍କୁ ଆକ୍ରମଣ: ୨ ଗିରଫ

**ସମ୍ବଲପୁର,୨୫।୩(ବି.ଶଙ୍କର)**

କଳାହାଣ୍ଡି ଜିଲା ଭବାନୀପାଟଣା ସହରରେ ଏକ ଅପ୍ରୀତିକର ଘଟଣା ସାମ୍ନାକୁ ଆସିଛି। ଜଣେ ଉପଭୋକ୍ତାଙ୍କ ବକେୟା ବିଲ ଥିବାରୁ ଟିପିଡବ୍ଲ୍ୟୁଓଡିଏଲ୍ କର୍ମଚାରୀମାନେ ତାଙ୍କ ଘରର ଲାଇନ କାଟି ଦେଇଥିଲେ। ଏହାକୁ ନେଇ ଉପଭୋକ୍ତାଙ୍କ ପରିବାର (ଶ୍ୱଶୁର ଓ ଜ୍ୱାଇଁ) ଉପସ୍ଥିତ ଥିବା ବିଭାଗୀୟ ଯନ୍ତ୍ରୀଙ୍କୁ ଆକ୍ରମଣ କରିଥିଲେ। ଏ ନେଇ ବିଭାଗୀୟ ଯନ୍ତ୍ରୀ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା ରୁଜୁ କରି ବୁଧବାର ଶ୍ୱଶୁର ପ୍ରଦ୍ୟୁଦାନ ଭତ୍ରା ଓ ଜ୍ୱାଇଁ ମହମ୍ମଦ ଫିରୋଜଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅନ୍ୟପଟେ ଉପଭୋକ୍ତାଙ୍କ ପକ୍ଷରୁ ମଧ୍ୟ ସମ୍ପୃକ୍ତ ଯନ୍ତ୍ରୀଙ୍କ ନାମରେ ପାଲଟା ଅଭିଯୋଗ କରାଯାଇଥିବା ଟାଉନ ଥାନାଧିକାରୀ ପ୍ରଦ୍ୟୁମ୍ନ ମହାପାତ୍ରଙ୍କଠାରୁ ଜଣାପଡିଛି।

**Classified Everyday 0674-2580101, 9692975378**



**REAL ESTATE**

**SALE**

Limited CDA and RERA (RP/07/2023/01069) Approved Plot Available Near K.V-3 & CISF Munduli with All Infrastructure Development. Contact- 7008513309. D-3746

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1500sqft. 7,50,000/- ପ୍ଲଟ୍ ବିକ୍ରିହେବ। 9658891108. D-25

ଭୁବନେଶ୍ୱର ନଖରା Dadhichi College ପାଖରେ Sqft. 1099/ରେ ଘରବାଡି, ବାଉଣ୍ଡାରୀ, Electric ଥାଇ ବାସୋପଯୋଗୀ ପ୍ଲଟ୍ ମିଳୁଛି। 8093465134. D-3683

ଭୁବନେଶ୍ୱର, ଫୁଲନଖରା ଛକ, ପାହାଳ, ଜଟଣୀ ଗେଟ୍, ଅରୁଗୁଳ IIT, ପିପିଲି, ରଙ୍ଗବଜାର, ପାତ୍ରପଡ଼ା ନିକଟରେ ଘରବାରୀ ପ୍ଲଟ୍/Duplex ମିଳୁଛି। 8327785834. D-3649

**LOST**

ଏତଦ୍ୱାରା ମୁଁ, ଶ୍ରୀ ଅଭିରାମ ପାତ୍ର, ପିତା- ବାବାଜୀ ପାତ୍ର, ସା/ପୋ- କରଙ୍ଗାମାଳ, ଥାନା- ବୋଡେନ୍, ଜିଲ୍ଲା- ନୂଆପଡ଼ା, ବର୍ତ୍ତମାନର ଠିକଣା: ସା- କୁନ୍ଦପୁର, ପୋ- ମଦନପୁର, ଥାନା- ପଟ୍ଟାମୁଣ୍ଡାଇ ସଦର, ଜିଲ୍ଲା- କେନ୍ଦ୍ରାପଡ଼ା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଉ ଅଛି କି ଯେ ମୋ ନାମରେ ଖର୍ଦ୍ଦି କବଲା ନଂ.- ୧୦୯୭୧୯୦୦୫୨୯ ତା.୨୦।୦୫।୨୦୧୯ରିଖ ଯାହାକି ମୌଜା- ସଂସାରଫଳ, ଖାତା ନଂ.- ୬୬୭/୯୩, ପ୍ଲଟ୍ ନଂ.- ୨୦୭୦/୨୦୦୦ ଏ୦.୦୫୦ ସମ୍ପର୍କିତ, ଉକ୍ତ କବଲାଟି ମୌଜା- କୁନ୍ଦପୁର ଓ ସଂସାରଫଳ ବଜାର ମଧ୍ୟରେ ହଜି ଯାଇଅଛି ଏବଂ ଆମ୍ଭେ ତାହା ଖୋଜି ପାଉନାହୁଁ। ଉକ୍ତ କବଲାକୁ ଆମ୍ଭେ କୌଣସି ବ୍ୟାଙ୍କ୍ ବା ବ୍ୟକ୍ତିବିଶେଷଙ୍କ ନିକଟରେ ବନ୍ଧା ରଖି ଋଣ ଆଣିନାହୁଁ। ଯଦି ତାହା କୌଣସି ବ୍ୟାଙ୍କ୍ ବା ବ୍ୟକ୍ତିବିଶେଷଙ୍କ ପାଖରେ ମହଜୁଦ୍ ଥାଏ ତେବେ ଏହି ପ୍ରକାଶନର ୩୦ ଦିନ ମଧ୍ୟରେ ଆମ୍ଭେ ଆବେଦନ କରିଥିବା ସେଣ୍ଟ୍ରାଲ ବ୍ୟାଙ୍କ୍, ସାନବଡ଼ ଗୋପାଳପୁର ଶାଖା, ରାଜନଗରଙ୍କୁ ଜଣାଇବେ, ଅନ୍ୟଥା ଆମ୍ଭେ ଉକ୍ତ କବଲାର ସହିମୋହର ଦଖଲ ବନ୍ଧକ ରଖି ଋଣ ଗ୍ରହଣ କରିବୁ। ଧ-୩୭୪୨

**Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-**
classifieddharitri@gmail.com

**AFFIDAVIT**

I, Laxman Pradhan, R/o. At- Sarapal, P.O.- Bansajal, P.S.- Charmal, Dist.- Sambalpur, Odisha have changed my minor daughter's name from Teasty Pradhan to Tanvika Pradhan for all future purposes vide affidavit dated 20.03.2026 sworn before Sri S.K. Purohit, Notary Public, Rairakhol. I have complied with all legal requirements in this regard. D-3745

By virtue an affidavit sworn before Executive Magistrate, Dhenkanal dtd.- 19.3.2026, I, Jaykrushna Sahoo, S/o.- Late Hadibandhu Sahoo, At/P.O.- Kakudibhag, P.S.- Sadar, Dist.- Dhenkanal, PIN- 759015, Odisha declare that I have changed my minor son's name from Prakash Prasad Sahoo to Rakesh Prasad Sahoo. Henceforth, he shall be known as Rakesh Prasad Sahoo for all purposes.
Jaykrushna Sahoo.
D-3747

By virtue of an affidavit sworn before Notary Public, Borigumma, dated 23.02.2026, I, SONIA PANI, Address: At- K. Jhalarsing, P.O.- Khajuripada, P.S.- Serang, Dist.- Gajapati Odisha- 761214 declare that I have changed my name from SANYA PANI to SONIA PANI. Henceforth, I shall be known as SONIA PANI for all purposes. D-3743

By virtue of an affidavit sworn before Notary Public, Borigumma, dated 20.03.2026, I, CHHITA MAHALI, Address: At- Borigumma, P.O.- Borigumma, P.S.- Borigumma, Dist.- Koraput, Odisha- 764056 declare that I have changed my name from CHITA BASKE to CHHITA MAHALI. Henceforth, I shall be known as CHHITA MAHALI for all purposes.
D-3744

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**LEGAL NOTICE**

Letter No.- 3011, dtd.- 16.12.2025

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ଅଦାଲତ ନମ୍ବର,
ପ୍ରଦୀପ କୁମାର ନାୟକ, ଭାରତୀୟ ପ୍ରଶାସନିକ ସେବା, ଚତୁର୍ଥ ମହଲା,
ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା
ଓ.ଏସ୍.ଏସ୍. କେସ୍ ନମ୍ବର- ୧୮୬୦/୨୦୧୪
(ଦେୱାନୀ କାର୍ଯ୍ୟବିଧି ସଂହିତାର ଆଦେଶ ନମ୍ବର ୫ ଏବଂ ନିୟମ ନମ୍ବର ୨୦ ମୁତାବକ)

ରାମକୃଷ୍ଣ ମିଶ୍ର ........ବାଦୀ/ଦରଖାସ୍ତକାରୀ

ବନାମ

ଓଡ଼ିଶା ସରକାର ତରଫ ସେଟେଲମେଣ୍ଟ ଅଫିସର, ଯୋବ୍ରା, କଟକ ଓ ଅନ୍ୟମାନେ ........ ପ୍ରତିବାଦୀ/ଅପରପକ୍ଷ

ପ୍ରାପ୍ତେଷୁଙ୍କ ନାମ ଓ ଠିକଣା:-

ପ୍ରତିବାଦୀ ନଂ.୨. ସୁପ୍ରିୟା ରାଣୀ ପାତ୍ର, ପିତା- ୰ କେ. ଅରକ୍ଷିତ ପାତ୍ର, ସା- କବିସୂର୍ଯ୍ୟନଗର, ଜିଲ୍ଲା- ଗଞ୍ଜାମ, ବର୍ତ୍ତମାନ ଠିକଣା: ଘର ନ. ଯେ.ଏ.- ୩୦ମ୍ବର, ଶକ୍ତି ନଗର, ରାଉରକେଲା, ପିନ୍- ୭୬୯୦୧୪, ଓଡ଼ିଶା। ପ୍ରତିବାଦୀ ନଂ.୫- ମଙ୍ଗଳା ମାଝି, ପିତା- ୰ ମନ୍ଦୁ ମାଝି, ଠିକଣା: ସା- ପ୍ଲଟ୍ ନ୭ମ୍ବର, ପଟିଆ, ଥାନା- ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ପିନ୍- ୭୫୧୦୨୪, ଓଡ଼ିଶା।

ଏତଦ୍ୱାରା ସମସ୍ତ ପ୍ରତିବାଦୀମାନଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାରେ ବାଦୀ ନିମ୍ନୋକ୍ତ ଜମିର ହାଲ୍ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ ରିଭିଜନ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର-୪ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଏହି ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର-୪, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱରଙ୍କ ଇଜିଲାସରେ ଆସନ୍ତା ତା.୨୭।୦୪।୨୦୨୬ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ

ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଭୁବନେଶ୍ୱର, ଥାନା- ଚନ୍ଦକା, ଥାନା ନଂ.୪୦, ମୌଜା: ପଥରଗାଡ଼ିଆ

ସାବକ: ଖାତା ନଂ.- ୨୩୭, ପ୍ଲଟ୍ ନଂ. ୬୪୫ (ଅଂଶ), କିସମ- ବଗାୟତ- ୨, ରକବା- ଏ.୩.୪୭୦ ଡେସିମିଲ ସ୍ୱଧରୁ ଏ.୦.୧୦୦ ଡେସିମିଲ, ସ୍ୱତ୍ୱ- ସ୍ଥିତିବାନ୍, ହାଲ୍: ଖାତା ନଂ.- ୨୦୮୫, ପ୍ଲଟ୍ ନଂ.- ୩୧୩୬, କିସମ- ପତିତ, ରକବା- ଏ.୦.୦୮୫ ଡେସିମିଲକୁ ବର୍ଦ୍ଧିତ ମତେ ଏ.୦.୧୦୦ ଡେସିମିଲ, ସ୍ୱତ୍ୱ- ସ୍ଥିତିବାନ୍

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ତା. | ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ଭୁବନେଶ୍ୱର | ସ୍ୱା./- କୋର୍ଟ ଅଫିସର
ଧ-୩୭୩୫

ଅପେରା ହାଲ୍‌ଚାଲ୍

## ଲକ୍ଷ୍ମୀଧର ଯାହା ଭାବୁଥିଲେ...

ଆସନ୍ତା ଯାତ୍ରା ସିଜନ ପାଇଁ ଏକ ଭିନ୍ନ ସ୍ୱାଦର ନାଟକ 'ତୋ ସ୍ତ୍ରୀ ରାଣ ମୋତେ ସିନ୍ଦୂର ଦବୁ' ପ୍ରସ୍ତୁତି ଚାଲୁ ରହିଛି। ଏଭଳି କାମରେ ଏବେ ବ୍ୟସ୍ତ ଅଛନ୍ତି ଅଧ୍ୟାପକ-କମ୍-ନାଟ୍ୟକାର ଲକ୍ଷ୍ମୀଧର ସେଠୀ। ଅନ୍ୟତମ ଆଗଧାଡ଼ିର ଅପେରା


ଲକ୍ଷ୍ମୀଧର

ସଂସ୍ଥା 'ଯାତ୍ରା ସ୍ୱର୍ଣ୍ଣମହଲ' ଦ୍ୱାରା ଏହା ପରିବେଷିତ ହେବ। ଉକ୍ତ ନାଟକର ନିର୍ଦ୍ଦେଶନା ଦେବେ ଆଗଧାଡ଼ିର ନିର୍ଦ୍ଦେଶକ ପ୍ରଦୀପ ବେହେରା। ଏ ବିଷୟରେ ବାଲିପାଟଣାସ୍ଥିତ ଶିଶୁଅନନ୍ତ ମହାବିଦ୍ୟାଳୟର ରସାୟନ ବିଜ୍ଞାନ ବିଭାଗରେ ଅଧ୍ୟାପକ ଭାବରେ କାର୍ଯ୍ୟରତ ଲକ୍ଷ୍ମୀଧର କହନ୍ତି, ''ପିଲାଟି ଦିନରୁ ନାଟକ ରଚନା ପ୍ରତି ଆଗ୍ରହ ଥିଲା। ଅନେକ ଡ୍ରାମା ନାଟକ ଲେଖିବା ପରେ ମୋତେ ଜଲିଉଡ୍‌ରେ ସୁଯୋଗ ମିଳିଲା। ଧଉଳି ଗଣନାଟ୍ୟର 'ପୀରତି ହାଟରେ ପ୍ରେମ ମାଗଣା'ର ସଫଳତା ମୋର ନାଟ୍ୟକାର ହେବାର ନିଶାକୁ ନୂଆମୋଡ ଦେଇଥିଲା। 'ତୋ ସ୍ତ୍ରୀ ରାଣ ମୋତେ ସିନ୍ଦୂର ଦବୁ'ର କାହାଣୀ ଯେଉଁଭଳି ରହିଛି ତାହା ଦର୍ଶକଙ୍କୁ ଏକ ଭିନ୍ନ ଧରଣର ମନୋରଞ୍ଜନ ଦେବ ବୋଲି ମୋର ଦୃଢ଼ ବିଶ୍ୱାସ ରହିଛି। ନାଟକରେ ସାମ୍ପ୍ରତିକ ଘଟଣାର ପ୍ରତିଫଳନ ରହିବା ଦରକାର। ନାଟକ ରଚନା ବେଳେ ମୁଁ ସବୁଦିଗ ପ୍ରତି ଦୃଷ୍ଟି ଦେଇଥାଏ। ''

ରିଲିଜ ଅପେକ୍ଷାରେ...

## ପୁୟୋଦକମ୍

ଯେତେବେଳେ ସମାଜରେ ପାପର ଭାର ଅଧିକ ହୁଏ ସେତେବେଳେ ମା' ଶାରଳା କିପରି ତାହାକୁ ଲାଘବ କରୁଛନ୍ତି ତାହା 'ପୁୟୋଦକମ୍' ଫିଲ୍ମରେ ଦେଖିବାକୁ ମିଳିବ। ଏହି ଶବ୍ଦଟି ଗରୁଡ ପୁରାଣରୁ ଉଦ୍ଧୃତ। ପାପ ବିରୋଧରେ ସବୁବେଳେ ପୁଣ୍ୟର ଜୟ ହୋଇଛି। ତେବେ ମା' ଶାରଳାଙ୍କ କୃପାରୁ ଏହା କିପରି ସମ୍ଭବ ହୋଇଛି ତାହାର ଝଲକ ଏଥିରେ ଦେଖିବାକୁ ମିଳିବ। ଫିଲ୍ମଟି ଆସନ୍ତା ମାସ ୩ ତାରିଖରେ ପରଦା ଉପରକୁ ଆସିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।


'ପୁୟୋଦକମ୍' ଫିଲ୍ମର ପୋଷ୍ଟର

ଚଳଚ୍ଚିତ୍ରର ଗୀତଗୁଡ଼ିକରେ କାରୁଣ୍ୟମୟ ପାରିବାରିକ ନିର୍ଯ୍ୟାତନା ଓ ମା' ଶାରଳାଙ୍କ ଘଟଯାତ୍ରାର ଆଧ୍ୟାତ୍ମିକ ଦୃଶ୍ୟ ସ୍ଥାନ ପାଇଛି। ଚିତ୍ରଟିର ପ୍ରଯୋଜନା କରିଛନ୍ତି ଗୁନୁଗୁନ୍ ଏବଂ ରୀନା ଜେନା। ଏହାର କାହାଣୀ ଏବଂ ଚିତ୍ରନାଟ୍ୟ ରଚନା କରିବା ସହ ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ଶିବ ପ୍ରସାଦ ମହାନ୍ତି। ଗୀତଗୁଡିକୁ ରଚନା କରିଛନ୍ତି ଡା. ନିର୍ମଳ ନାୟକ ଏବଂ ଡ. ପଞ୍ଚାନନ ନାୟକ। ସ୍ୱର ଦେଇଛନ୍ତି ବିପିନ ବାରିକ ଏବଂ ଗୌରବ ଆନନ୍ଦ। କଣ୍ଠଦାନ କରିଛନ୍ତି ଅନ୍ତରା ଚକ୍ରବର୍ତ୍ତୀ, ଅସୀମା ପାଣ୍ଡା, ସତ୍ୟଜିତ ପ୍ରଧାନ, ରୂପକ ପରିଡା ଓ ରାମକୃଷ୍ଣ ବେହେରା। ଚଳଚ୍ଚିତ୍ରର ବିଭିନ୍ନ ଭୂମିକାରେ ଗୁନଗୁନ୍, ଅଭିଷେକ ଗିରି, ଶ୍ରୀତମ ଦାସ ଏବଂ ଶୁଭ୍ରାଂଶୁ ନାୟକ ଅଭିନୟ କରିଛନ୍ତି।

## ଯେତେବେଳେ ଅବସର ମିଳେ...


ସଲମାନ୍

ବଲିଉଡ୍‌ରେ ସଲମାନ ଖାନ୍ ଓରଫ ସଲ୍ଲୁ ମିଆଁ ଏବେ ମଧ୍ୟ ଅଭିନୟ ଜାରି ରଖିଛନ୍ତି। ତାଙ୍କ ଅଭିନୀତ 'ମାତୃଭୂମି'ର ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ତେବେ ସଲମାନଙ୍କର ଏକ ଭଲ ଅଭ୍ୟାସ ରହିଛି। ତାଙ୍କୁ ଯେତେବେଳେ ଅବସର ମିଳେ ସେ ଗୋଟିଏ କାମ କରିବାକୁ ବସି ପଡନ୍ତି। ଏପରିକି ଶୁଟିଂ ସେଟ୍‌ରେ ଟିକେ ଫୁରସତ ମିଳିଲେ ସେ ଏଥିପ୍ରତି ଦୃଷ୍ଟି ଦେଇଥାଆନ୍ତି। ତେବେ ତାହା କ'ଣ ଜାଣିବେନି ? ସଲମାନଙ୍କୁ ଅବସର ମିଳିଲେ ସେ ଚିତ୍ର ଆଙ୍କିବାକୁ ଭଲ ପାଆନ୍ତି। ''ଚିତ୍ର ଆଙ୍କିବା ମୋର ଏକ ଅଭ୍ୟାସ। ଏବେ ମଧ୍ୟ ସମୟ ମିଳିଲେ ମୁଁ ନିଜକୁ ଏଥିରେ ନିୟୋଜିତ ରଖିଥାଏ। ମୋ ମନକୁ ଯଦି କୌଣସି ନୂଆ କନସେପ୍ଟ ଆସେ ତେବେ ତାହାକୁ କିପରି ଚିତ୍ରର ରୂପ ଦେବି ସେ ନେଇ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରିନିଏ।'' ତାଙ୍କର ଆଉ ଏକ ଭଲ ଅଭ୍ୟାସ ମଧ୍ୟ ରହିଛି। ନବାଗତମାନଙ୍କୁ ବଲିଉଡ୍‌ରେ ସୁଯୋଗ ଦେବା ପଛରେ ତାଙ୍କର ଅନେକ ଅବଦାନ ରହିଛି। ତା'ସହ ସେମାନେ କିପରି ଆକ୍ଟିଂ ବିଷୟରେ ଅଧିକ ଜାଣିପାରିବେ ସେ ନେଇ ନିଜ ପକ୍ଷରୁ ଯେତେ ସମ୍ଭବ ସହଯୋଗ କରିଥାଆନ୍ତି। ୧୯୯୩ରେ ତାଙ୍କୁ ଏକ ଭଲ ଅଫରଟିଏ ମିଳିଥିଲା। ଗଣେଶ ଜୈନଙ୍କ ପ୍ରଯୋଜିତ ଏବଂ ଆବାସ-ମସ୍ତାନଙ୍କ ନିର୍ଦ୍ଦେଶିତ 'ବାଜିଗର'ର ମୁଖ୍ୟ ଭୂମିକାରେ ଅଭିନୟ କରିବାକୁ ତାଙ୍କୁ ପ୍ରଥମେ ଅଫର ଦିଆଯାଇଥିଲା। କିନ୍ତୁ କେତେକ କାରଣରୁ ସେ ଏହାକୁ ପ୍ରତ୍ୟାଖ୍ୟାନ କରିଥିଲେ। ପରେ ଶାହରୁଖ ବାଜି ମାରିନେଇଥିଲେ ଏବଂ ଫିଲ୍ମଟି ତାଙ୍କ କ୍ୟାରିୟର ପାଇଁ ଟର୍ନିଂ ପଏଣ୍ଟ ସାବ୍ୟସ୍ତ ହୋଇଥିଲା।

## ମଡେଲିଂରୁ ଅଭିନୟ

ଯାମି ଗୌତମ ଇତିମଧ୍ୟରେ ଘର ସଂସାର କରିସାରିଛନ୍ତି। ବିଶିଷ୍ଟ ନିର୍ଦ୍ଦେଶକ ଆଦିତ୍ୟ ଧରଙ୍କର ଏହି ଧର୍ମପତ୍ନୀ ବଲିଉଡ୍‌ରେ ଏଣ୍ଟ୍ରି କରିବା ପୂର୍ବରୁ ପ୍ରଥମେ ମଡେଲିଂ ସହ ଜଡିତ ଥିଲେ। ୨୦୧୨ରେ ତାଙ୍କୁ ପ୍ରଥମେ ହିନ୍ଦୀ ସିନେମାରେ ବ୍ରେକ୍ ମିଳିଥିଲା, ଆଉ ତାଙ୍କର ଡେବ୍ୟୁ ଫିଲ୍ମଟିର ଟାଇଟଲ ଥିଲା 'ଭିକି ଡୋନର'। ଏଥିରେ ତାଙ୍କର ନାୟକ ସାଜିଥିଲେ ଆୟୁଷ୍ମାନ ଖୁରାନା। ମାତ୍ର ଚାରିକୋଟି ବଜେଟ୍‌ରେ ପ୍ରସ୍ତୁତ ଏହି ଫିଲ୍ମଟିର ବକ୍ସ ଅଫିସରେ ୬୮ କୋଟି ଆୟ କରିବାରେ ସଫଳ ହୋଇଥିଲା। କିନ୍ତୁ ୨୦୧୦ରେ ସେ ପ୍ରଥମେ ବଡ ପରଦା କ୍ୟାରିୟର ଆରମ୍ଭ କରିଥିଲେ। 'ଉଲ୍ଲାସ ଉତ୍ସାହ' ଟାଇଟଲବିଶିଷ୍ଟ ଏକ କନ୍ନଡ ଫିଲ୍ମ ତାଙ୍କୁ ଏହି ସୁଯୋଗ ଦେଇଥିଲା। ଗତ ବର୍ଷ ତାଙ୍କ ଅଭିନୀତ 'ହକ୍' ବେଶ୍ ଦର୍ଶକାଦୃତ ହୋଇଥିଲା। ନିକଟରେ ରିଲିଜ ହୋଇଥିବା ତଥା ତାଙ୍କ ସ୍ୱାମୀ ଆଦିତ୍ୟଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ 'ଧୁରନ୍ଧର-ଦ ରିଭେଞ୍ଜ'ରେ ଯାମି ଏକ କେମିଓ ରୋଲ୍‌ରେ ଅଭିନୟ କରିଛନ୍ତି। ନିଜ କ୍ୟାରିୟର ବିଷୟରେ ଯାମି କହନ୍ତି, ''ମୋ ବାପା ମୁକେଶ ଗୌତମ ଜଣେ ନିର୍ଦ୍ଦେଶକ। ତେଣୁ ଜଣେ ଅଭିନେତ୍ରୀ ହେବାର ଆଶା ମୋର ପିଲାଟି ଦିନରୁ ଥିଲା। ପୁଣି ଏପରି ସଂଯୋଗ ଜଣେ ନିର୍ଦ୍ଦେଶକଙ୍କ ସହ ମୁଁ ମଧ୍ୟ ଘର ସଂସାର କରିଛି।''


ଯାମି

## ଦୋଛକିରେ ପୂଜା

ପୂଜା ହେଗଡେ ଏବେ ଦୋଛକିରେ ପଡିଛନ୍ତି। ଗୋଟିଏ ବିଷୟରେ ନେଇ ସେ କି ନିଷ୍ପତ୍ତି ନେବେ ତାହା ଜାଣିପାରୁନାହାନ୍ତି। କଥା କ'ଣ କି ପୂଜାଙ୍କୁ ନିକଟରେ ଏକ ନୂଆ ଅଫର ମିଳିଛି। ଏଥିରେ ତାଙ୍କୁ କେତୋଟି ଆକ୍ସନ ଶଟ୍ ଦେବାକୁ ପଡିବ। ତେବେ ଏନେଇ ସେ ଟିକେ ଦ୍ୱନ୍ଦ୍ୱରେ ପଡିଛନ୍ତି। କାରଣ ତାଙ୍କୁ ଏ ବିଷୟରେ ଶୀଘ୍ର ପ୍ରାକ୍-ପ୍ରସ୍ତୁତି ହେବାକୁ ପଡିବ। ''ମୋତେ ନିକଟରେ ଏକ ଭଲ ଅଫର ମିଳିଛି। ଏଥିରେ ମୋତେ କେତୋଟି ଆକ୍ସନ ଶଟ୍ ଦେବାକୁ ହେବ। ସେ ନେଇ ମୁଁ ଟେନ୍‌ସନ୍‌ରେ ଅଛି। ଏହି ନୂଆ ପ୍ରୋଜେକ୍ଟରେ ମୋତେ ଘୋଡା ଉପରେ ବସି ଫାଇଟ୍ କରିବାକୁ ପଡିବ। ହେଲେ ଅସଲ କଥା ହେଲା ଘୋଡା ଚଢ଼ିବାକୁ ମୋତେ ଟିକେ ଡର ଲାଗେ। କାରଣ ପିଲାଦିନେ ମୁଁ ଏକଦା ଘୋଡା ଉପରେ ବସୁ ବସୁ ପଡିଯାଇଥିଲି। ସୌଭାଗ୍ୟ ବଶତଃ ମୋର କିଛି କ୍ଷତି ହୋଇ ନ ଥିଲା। ତେଣୁ ବର୍ତ୍ତମାନ ମୋର ବଡ ଟେନସନ ହେଉଛି ଘୋଡା ଚଢ଼ିବା। କିନ୍ତୁ ଆଶା ରଖିଛି ଦୃଢ଼ ମନରେ ଘୋଡା ଚଢ଼ି ଶଟ୍‌ଟି ଦେବି। ଏ ନେଇ ମୋତେ ଟିକେ ଅଭ୍ୟାସ କରିବାକୁ ପଡିବ। ଏ କ୍ଷେତ୍ରରେ ସବୁ ପ୍ରକାର ସହଯୋଗ କରିବାକୁ ଆମର ଆକ୍ସନ ମାଷ୍ଟର ମୋତେ କହିଛନ୍ତି।'' ତେବେ ପୂଜାଙ୍କର ଏହି ନୂଆ ଫିଲ୍ମର ଟାଇଟଲ ଫାଇନାଲ ହୋଇନାହିଁ। କେବଳ ସେତିକି ନୁହେଁ, ଏଥିରେ ତାଙ୍କ ଅପୋଜିଟ୍‌ରେ କିଏ ନାୟକ ସାଜିବ ତାହା ଆସନ୍ତା ସପ୍ତାହରେ ଫାଇନାଲ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।


ପୂଜା

## ଗୋଟିଏ ଫୁଲ କୋଟିଏ କଥା

ଫୁଲ ଭିତରେ ମଧ୍ୟ ଅନେକ କଥା ଲୁଚି ରହିଛି। ପୁଣି ସେହି କଥାଗୁଡିକ ସାମାଜିକ ବାର୍ତ୍ତା ବହନ କରିଥାଏ। ଏଭଳି ଏକ ଭିନ୍ନ ଧରଣର କାହାଣୀକୁ ଆଧାର କରି ପ୍ରସ୍ତୁତ ହୋଇଛି ଦ୍ୱିଭାଷୀ (ଓଡ଼ିଆ-ଇଂଲିଶ) କ୍ଷୁଦ୍ର ଚଳଚ୍ଚିତ୍ର 'ଗୋଟିଏ ଫୁଲ କୋଟିଏ କଥା'। ଓଡ଼ିଆ ସିନେମା ଜଗତର ବରିଷ୍ଠ କ୍ରିଟିକ ଦିଲୀପ ହାଲି ଏହାର ପ୍ରଯୋଜନା କରିଛନ୍ତି। ଖାସ୍ କଥା ହେଲା ଚିତ୍ରଟି ନିକଟରେ ଷଷ୍ଠ ଶ୍ରୀଲଙ୍କା ଅନ୍ତର୍ଜାତୀୟ କ୍ଷୁଦ୍ର ଚଳଚ୍ଚିତ୍ର ଉତ୍ସବର କେତେକ କାଟେଗୋରିରେ ପୁରସ୍କାର ହାସଲ କରିବାରେ ସକ୍ଷମ ହୋଇଛି। ଫିଲ୍ମଟିକୁ ଶ୍ରେଷ୍ଠ ପ୍ରଯୋଜକ, ଶ୍ରେଷ୍ଠ ନିର୍ଦ୍ଦେଶକ ଏବଂ ଶ୍ରେଷ୍ଠ କାହାଣୀ, ଚିତ୍ରନାଟ୍ୟ ବିଭାଗରେ ପୁରସ୍କାର ମିଳିଛି। ଫିଲ୍ମ ବିଷୟରେ ଦିଲୀପ କହନ୍ତି, ''ଏଭଳି ଏକ କଥାବସ୍ତୁକୁ ନେଇ ଶର୍ଟ ଫିଲ୍ମଟିଏ ନିର୍ମାଣ କରିବାକୁ ଚିନ୍ତା କଲି। ତା'ପରେ ତାହାକୁ କିପରି ଠିକ୍ ଭାବରେ


ରାଜଗୋପାଳ ସିଂ


ଦିଲୀପ ହାଲି

ଦୃଶ୍ୟାୟନ କରାଯାଇପାରିବ ସେ ବିଷୟରେ ଏହାର ନିର୍ଦ୍ଦେଶକ ଏବଂ ସିନେମାଟୋଗ୍ରାଫର ରାଜଗୋପାଳ ସିଂ (ମଣ୍ଟୁ ଦା')ଙ୍କ ସହ ଆଲୋଚନା କଲି। ମୋର ଦୃଢ଼ ବିଶ୍ୱାସ ଥିଲା ଯେ ଫିଲ୍ମଟି ନିଶ୍ଚୟ ଅନ୍ତର୍ଜାତୀୟ ଫିଲ୍ମ ଫେଷ୍ଟିଭାଲରେ ପୁରସ୍କାର ହାସଲ କରିବ। ଯାହାହେଉ ଏହା ସତରେ ପରିଣତ ହୋଇଛି। ଏହି ଫିଲ୍ମରେ ସାମ୍ପ୍ରତିକ ସମାଜ ପାଇଁ ଅନେକ ବାର୍ତ୍ତା ରହିଛି।'' ଏହି ଶର୍ଟ ଫିଲ୍ମର ଅବଧି ରହିଛି ମାତ୍ର ୧୦ ମିନିଟ୍। ଏଥିରେ ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ବିଶିଷ୍ଟ ସ୍ୱରକାର ବିକାଶ ଦାସ। ଦିଲୀପ ହାଲିଙ୍କ କାହାଣୀକୁ ଆଧାର କରି ଚିତ୍ରନାଟ୍ୟ ରଚନା କରିଛନ୍ତି ଶୁଭେନ୍ଦୁ ମହାନ୍ତି। ଏହାର ବ୍ୟାକ୍‌ରାଉଣ୍ଡ ଭଏସ ଇଂଲିଶରେ ସୁଲଗ୍ନା ଦେଇଥିବା ବେଳେ ଓଡ଼ିଆ ଦାୟିତ୍ୱ ତୁଲାଇଛନ୍ତି ସରିତା ସାହୁ। ସୂଚନାଯୋଗ୍ୟ ଏହି ଫିଲ୍ମଟି ମଧ୍ୟ ଗୋଆ ଏବଂ କେରଳରେ ଆୟୋଜିତ ଚଳଚ୍ଚିତ୍ର ମହୋତ୍ସବରେ ମଧ୍ୟ ପୁରସ୍କୃତ ହୋଇଛି।

## ବ୍ୟସ୍ତ ଅଛନ୍ତି ପ୍ରିୟଙ୍କା

ପ୍ରିୟଙ୍କା ଚୋପ୍ରା ଏବେ ବ୍ୟସ୍ତ ଅଛନ୍ତି। କେହି କେହି ହୁଏତ ଭାବୁଥିବେ ଯେ, ସେ କୌଣସି ସିନେମାର ଶୁଟିଂକୁ ନେଇ ବ୍ୟସ୍ତ ଥିବେ। ହେଲେ ଅସଲ କଥା ସେଇଆ ନୁହେଁ। ଏବେ ସେ ନିଜକୁ ଏକ ନୂଆ କାମରେ ନିୟୋଜିତ ରଖିଛନ୍ତି। ତାହା ହେଲା କାହାଣୀ ଖୋଜିବା। ଶୁଣିବାକୁ ମିଳୁଛି ଯେ ବଲିଉଡ୍‌ର ଏକ ବଡ ବ୍ୟାନର ପକ୍ଷରୁ ତାଙ୍କୁ ଏହି ଦାୟିତ୍ୱ ଦିଆଯାଇଛି। ତା'ସହ ସେ ଏହାର ଲିଡ୍ ରୋଲ୍‌ରେ ମଧ୍ୟ ଅଭିନୟ କରିବେ। ଏ ବିଷୟରେ ପ୍ରିୟଙ୍କା କହନ୍ତି, ''ଏକଥା ସତ ଯେ ମୁଁ ଏବେ ଏକ କାହାଣୀ ସନ୍ଧାନରେ ରହିଛି। ଅସଲ କଥା ହେଲା, ବର୍ତ୍ତମାନ ସମାଜରେ ଏକ ପରିବର୍ତ୍ତନର ଆବଶ୍ୟକତା ରହିଛି। ଏଥିରେ ଜଣେ ମହିଳାଙ୍କର ଭୂମିକା କ'ଣ ରହୁଛି ତାହା କଥାବସ୍ତୁର ମୁଖ୍ୟ ପ୍ରସଙ୍ଗ ରହିବ। ତେବେ ସେଭଳି ବିଷୟକୁ ନେଇ କାହାଣୀଟିଏ ଖୋଜୁଛି। ଆଶା ରଖିଛି ମୋର ଏହି ମିଶନ ଖୁବ୍ ଶୀଘ୍ର ଶେଷ ହେବ। ହେଲେ ଏ ବିଷୟରେ ସବିଶେଷ କଥା ଜାଣିବାକୁ ଆଉ କିଛି ସପ୍ତାହ ଅପେକ୍ଷା କରିବାକୁ ପଡିବ। ଏହାକୁ ନେଇ ଏଣୁତେଣୁ ଅନେକ କଥା ଆଲୋଚନା ହେଉଛି। ହେଲେ ତା'ପଛରେ ଟିକିଏ ହେଲେ ସତ୍ୟତା ନାହିଁ। ଏହା ସିନେମାର ରୂପ ନେଲେ ମୁଁ ମୁଖ୍ୟ ଭୂମିକାରେ ଅଭିନୟ କରିବି।'' ତେବେ ପ୍ରିୟଙ୍କା କିପରି କାହାଣୀଟିଏ ଚୟନ କରୁଛନ୍ତି ଆଉ ତାହା ସିନେମାର ରୂପ ନେବା ପରେ ଦର୍ଶକ କେତେ ପ୍ରଭାବିତ ହେଉଛନ୍ତି ତାହା ଦେଖିବାକୁ ବାକି ରହିଲା।


ପ୍ରିୟଙ୍କା

ଧରିତ୍ରୀ
DHARITRI
52 Years
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଗୁରୁବାର, ମାର୍ଚ୍ଚ ୨୬/୨୦୨୬ Bhubaneswar, Thursday, March 26/ 2026






ମହିଳା ହାଇଜମ୍ପ ଇଭେଣ୍ଟର ପଦକ ବିଜେତା।



ମହିଳା ୪୦୦ ମିଟର ଦୌଡ଼ ଇଭେଣ୍ଟରେ ରୌପ୍ୟ ପଦକ ବିଜେତା ଓଡ଼ିଶାର ସୁଖୀ ବାସ୍କି (ବାମରୁ ତୃତୀୟ)।

# ଜାତୀୟ ଇନ୍‌ଡୋର ଆଥଲେଟିକ୍ସ ଉଦ୍‌ଯାପିତ

ଭୁବନେଶ୍ୱର,୨୫।୩ (ଅନାଦି କର)

ଆଇକନିକ୍ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ସର୍ବପ୍ରଥମ ଜାତୀୟ ଇନ୍‌ଡୋର ଆଥଲେଟିକ୍ସ ଚାମ୍ପିୟନଶିପ୍ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଆଥଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ, ଓଡ଼ିଶା ଆଥଲେଟିକ୍ ଆସୋସିଏଶନ ଓ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାର ଅନ୍ତିମ ଦିନରେ ଓଡ଼ିଶାର ଆଥଲେଟ୍‌ମାନେ ୨ ସ୍ୱର୍ଣ୍ଣ ଓ ୫ ରୌପ୍ୟ ସହ ମୋଟ ୯ ପଦକ ଜିତିଛନ୍ତି। ଏଥିଯୋଗୁ ଏହି ଦୁଇ ଦିନିଆ ପ୍ରତିଯୋଗିତାରେ ଓଡ଼ିଶାର ପଦକ ସଂଖ୍ୟା ୧୫ରେ ପହଞ୍ଚିଛି। ପଦକ ତାଲିକାରେ ୪ ସ୍ୱର୍ଣ୍ଣ, ୮ ରୌପ୍ୟ ଓ ୩ ବ୍ରୋଞ୍ଜ ରହିଛି। ପ୍ରତିଯୋଗିତାରେ ମୋଟ ୩୬ ଇଭେଣ୍ଟରେ ୨୭୮ ଆଥଲେଟ୍ ଅଂଶଗ୍ରହଣ କରିଥିଲେ। ଓଡ଼ିଶାରୁ ୧୩ ମହିଳାଙ୍କ ସମେତ ୩୩ ଆଥଲେଟ୍ ଭାଗ ନେଇଥିଲେ।



୪୦୦ ମିଟର ଦୌଡ଼ ବିଜେତା ମହମ୍ମଦ ସିନାନ।

ଉଦ୍‌ଯାପନୀ ଉତ୍ସବରେ ଓଡ଼ିଶାର ସମରକଳା ଓ ପାରମ୍ପରିକ ନୃତ୍ୟ ପ୍ରଦର୍ଶିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ୱାର୍ଲ୍ଡ ଆଥଲେଟିକ୍ସ ଉପ ସଭାପତି ଆଡିଲ ସୁମାରିୱାଲା, କ୍ରୀଡ଼ା ନିର୍ଦ୍ଦେଶକ ୟେଦୁଲା ବିଜୟ ପ୍ରମୁଖ ଉପସ୍ଥିତ ଥିଲେ।

## ପୁରୁଷ ଟ୍ରିପଲ ଜମ୍ପ୍: ନରେଶଙ୍କୁ ବ୍ରୋଞ୍ଜ୍

ଚଳିତ ଜାତୀୟ ଇନ୍‌ଡୋର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ର ଦ୍ୱିତୀୟ ଦିନ ଅନୁଷ୍ଠିତ ପୁରୁଷ ଟ୍ରିପଲ ଜମ୍ପ୍ ଇଭେଣ୍ଟରେ ଓଡ଼ିଶାର ନରେଶ ରୋହିଦାସ ବ୍ରୋଞ୍ଜ ପଦକ ଜିତିଛନ୍ତି। ସେ ବୁଧବାର ଅନୁଷ୍ଠିତ ଫାଇନାଲରେ ୧୩.୯୨ ମିଟର ଦୂରତା ହାସଲକରି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଏହି ଇଭେଣ୍ଟରେ ନେଭିର ବିମଲ ମୁକେଶ ଥାମିଝ ୧୫.୪୧ ମି. ଦୂରତା ସହ ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ତାମିଲନାଡୁର ରବିନସନ ଏସ୍ (୧୪.୬୭ ମି.) ରୌପ୍ୟ ପଦକ ଅକ୍ତିଆର କରିଥିଲେ।



ପୁରୁଷ ଟ୍ରିପଲ ଜମ୍ପରେ ବ୍ରୋଞ୍ଜ ପଦକ ପାଇଥିବା ଓଡ଼ିଶାର ନରେଶ ରୋହିଦାସ (ବାମରୁ ତୃତୀୟ)।

## ମହିଳା ୪୦୦ ମି.: ସୁଖୀଙ୍କୁ ରୌପ୍ୟ

ଓଡ଼ିଶାର ସୁଖୀ ବାସ୍କି ମହିଳା ୪୦୦ ମି. ଦୌଡ଼ ଇଭେଣ୍ଟରେ ରୌପ୍ୟ ପଦକ ଜିତିଛନ୍ତି। ସେ ୫୫.୬୭ ସେ. ଟାଇମିଂ ସହ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଉତ୍ତର ପ୍ରଦେଶର କୁମାରୀ ସଲୋନି ଏନ୍(୫୩.୭୩ ସେ.) ସ୍ୱର୍ଣ୍ଣ ପଦକ ଅକ୍ତିଆର କରିଛନ୍ତି। ଅନ୍ୟପକ୍ଷରେ ପୁରୁଷ ୪୦୦ ମି. ଦୌଡ଼ରେ ଆର୍ଯ୍ୟନ ଏକ୍କା (୪୯.୮୫) ବ୍ରୋଞ୍ଜ ପଦକ ଜିତିଛନ୍ତି। ସେହିଭଳି ୨୦ ବର୍ଷରୁ କମ୍ ମହିଳା ୪୦୦ ମି. ଇଭେଣ୍ଟରେ ଅର୍ପିତା ପ୍ରିୟଦର୍ଶିନୀ (୧:୦୦.୪୮ ସେ.) ରୌପ୍ୟ ପଦକ ହାତେଇଛନ୍ତି।

## ସ୍ୱାଧୀନଙ୍କୁ ହାଇଜମ୍ପ୍ ଟାଇଟଲ

ପ୍ରଥମ ଜାତୀୟ ଇନ୍‌ଡୋର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ର ଦ୍ୱିତୀୟ ଦିନରେ ଓଡ଼ିଶାର ସ୍ୱାଧୀନ କୁମାର ମାଝୀ ସ୍ୱର୍ଣ୍ଣ ପଦକ ଜିତି ରାଜ୍ୟକୁ ଗର୍ବିତ କରିଛନ୍ତି। ସେ ପୁରୁଷ ହାଇଜମ୍ପ୍ ଇଭେଣ୍ଟରେ ୨.୧୮ ମି. ଉଚ୍ଚତା କ୍ଲିୟର କରିଥିଲେ। ୨.୨୦ ମି. ଉଚ୍ଚତା କ୍ଲିୟର କରିବାରେ ବିଫଳ ହେବା ସତ୍ତ୍ୱେ ସେ ସ୍ୱର୍ଣ୍ଣ ପଦକ ହାତେଇଛନ୍ତି। ଫେଭରାଇଟ ସର୍ଭେଶ କୁଶାରେ(୨.୧୫ ମି.) ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଛନ୍ତି।

**୨୦ ବର୍ଷରୁ କମ୍ ପୁରୁଷ ୪୦୦ ମି. ଦୌଡ଼**

## ଓଡ଼ିଶାକୁ ସ୍ୱର୍ଣ୍ଣ ସହ ଦୁଇ ପଦକ

ଚଳିତ ଜାତୀୟ ଇନ୍‌ଡୋର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ର ଦ୍ୱିତୀୟ ଦିନ ତଥା ବୁଧବାର ଅନୁଷ୍ଠିତ ୨୦ ବର୍ଷରୁ କମ୍ ପୁରୁଷ ୪୦୦ ମି. ଦୌଡ଼ ଇଭେଣ୍ଟରେ ଓଡ଼ିଶାକୁ ଦୁଇଟି ପଦକ ମିଳିଛି। ଓଡ଼ିଶାର ମଳୟ ବାରିକ ସ୍ୱର୍ଣ୍ଣ ଓ ବାପି ହାଂସ୍‌ଦା ବ୍ରୋଞ୍ଜ୍ ପଦକ ଅକ୍ତିଆର କରିଛନ୍ତି। ମଳୟ ୪୮.୯୮ ସେକେଣ୍ଡ ଟାଇମିଂ ସହ ପୋଡିୟମରେ ଶୀର୍ଷରେ ରହିଥିବା ବେଳେ ବାପି ୪୯.୨୭ ସେ.ରେ ରେସ୍ ଶେଷକରି ତୃତୀୟ ସ୍ଥାନ ଅଧିକାର କରିଥିଲେ। ଇଞ୍ଜୁରିରୁ ପ୍ରତ୍ୟାବର୍ତ୍ତନ କରିବା ପରେ ଏହା ବାପିଙ୍କ ଲାଗି କୌଣସି ଜାତୀୟସ୍ତରର ଇଭେଣ୍ଟରେ ପ୍ରଥମ ପଦକ। ଏହାପରେ ସେ ୨୦ ବର୍ଷରୁ କମ୍ ପୁରୁଷ ୪୦୦ ମି. ଦୌଡ଼ରେ ୪୯.୨୭ ସେ. ଟାଇମିଂ ସହ ରୌପ୍ୟ ପଦକ ଜିତିଛନ୍ତି।

## ୨୦ ବର୍ଷରୁ କମ୍ ୩୦୦୦ ମି: ସ୍ୱର୍ଣ୍ଣ ଜିତିଲେ ଦୋଳମଣି

ଓଡ଼ିଶାର ଦୋଳମଣି ଚିରଗୁନ ୨୦ ବର୍ଷରୁ କମ୍ ପୁରୁଷ ୩୦୦୦ ମି. ଦୌଡ଼ରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେ ଏହି ଇଭେଣ୍ଟକୁ ୮:୩୯.୧୩ ସେ. ଟାଇମିଂ ସହ ଫିନିଶ୍ କରି ପୋଡିୟମରେ ଶୀର୍ଷ ସ୍ଥାନ ଅଧିକାର କରିଛନ୍ତି। ଏହି ଇଭେଣ୍ଟରେ କେରଳର ବିଟୋ ଯୋଶେଫ୍(୮:୪୦.୩୨ ସେ.) ରୌପ୍ୟ ପଦକ ଜିତିଛନ୍ତି।

## ନିରାଶ କଲେ ଅନିମେଶ, ଲାଲୁଙ୍କୁ ରେକର୍ଡ ସହ ରୌପ୍ୟ

**ପୁରୁଷ ୬୦ ମି. ଫାଇନାଲରେ ହାଇଡ୍ରାମା**

ଜାତୀୟ ଇନଡୋର ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ସବୁଠୁ ଗୁରୁତ୍ୱପୂର୍ଣ୍ଣ ପୁରୁଷ ୬୦ ମିଟର ଦୌଡ଼ ଇଭେଣ୍ଟ ଫାଇନାଲରେ ହାଇଡ୍ରାମା ଦେଖିବାକୁ ମିଳିଥିଲା। ହୁଟର ବାଜିବା ପୂର୍ବରୁ ଦୌଡ଼ିବା ପାଇଁ ୩ ଧାବକଙ୍କୁ ଡିସକ୍ୱାଲିଫାଏ କରାଯାଇଥିଲା। ଡିସକ୍ୱାଲିଫାଏ ହୋଇଥିବା ଧାବକଙ୍କ ମଧ୍ୟରେ ଜାତୀୟ ରେକର୍ଡଧାରୀ ତଥା ହୋମ ଫେଭରାଇଟ୍ ଅନିମେଶ କୁଜୁର ମଧ୍ୟ ରହିଥିଲେ। ୩ ଧାବକ ଡିସକ୍ୱାଲିଫାଏ ହେବାରୁ ୩ ପଦକ ଲାଗି ୪ ଧାବକଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଓଡ଼ିଶାର ଲାଲୁ ପ୍ରସାଦ ୬.୬୫ ସେ. ଟାଇମିଂ ସହ ରୌପ୍ୟ ପଦକ ଜିତିଥିବା ବେଳେ ରିଲାଏନ୍ସର ଗୁରିନ୍ଦରବୀର ସିଂ (୬.୬୦ ସେ.) ସ୍ୱର୍ଣ୍ଣ ପଦକ ହାତେଇଥିଲେ। ଦୁହେଁ ଜାତୀୟ ରେକର୍ଡ ଭଙ୍ଗ କରିଥିଲେ। ପୂର୍ବରୁ ଏହି ରେକର୍ଡ କାଜଲ ହିରାବାଇ (୬.୬୭ ସେ.)ଙ୍କ ନାମରେ ଥିଲା।

# ଏଲ୍‌ଏଲ୍‌ସିସି ବିଜୟୀ

ଭୁବନେଶ୍ୱର,୨୫।୩(ଅନାଦି କର)

ସ୍ଥାନୀୟ ଆଇଆର୍‌ସିରେ ଚାଲିଥିବା ୧୪ ବର୍ଷରୁ କମ୍ ୫ମ ଏଲ୍‌ଏଲ୍‌ସିସି କ୍ରିକେଟ ଟୁର୍ନାମେଣ୍ଟରେ ବୁଧବାର ଖେଳାଯାଇଥିବା ମ୍ୟାଚ୍‌ରେ ଏଲ୍‌ଏଲ୍‌ସିସି ୨୧ ରନ୍‌ରେ ସୋଲାର କ୍ରିକେଟ କ୍ଲବ୍‌କୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଏଲ୍‌ଏଲ୍‌ସିସି ୩୫ ଓଭରରେ ୧୯୪ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳ ପାଇଁ ପୁପୁନ ବେହେରା ୬୪ ଓ ରୋହିତ ବିଭାର ୫୦ ରନ୍ କରିଥିଲେ। ବୋଲିଂରେ ବୀରଭଦ୍ର ସାହୁ ୪ ଓ ଆକାଶ ଟୁଡୁ ୨ ଉଇକେଟ ନେଇଥିଲେ। ଜବାବରେ ସୋଲାର କ୍ରିକେଟ କ୍ଲବ୍ ୩୧.୨ ଓଭରରେ ୧୭୩ ରନ୍‌ରେ ଅଲ୍‌ଆଉଟ୍ ହୋଇଥିଲା। ଦଳ ପକ୍ଷରୁ ଆୟୁଷ ରାଉତ ୪୦ ଓ ଶାଶ୍ୱତ ଗିରି ୩୨ ରନ୍ କରିଥିଲେ। ବିଜୟୀ ଦଳ ପାଇଁ ଆର୍ଯ୍ୟନ ପାଟଶାଣୀ ଓ ମୋହିତ ପଙ୍କଜ ସାହୁ ୩ଟି ଲେଖାଏ ଉଇକେଟ ନେଇଥିଲେ। ଉଲ୍ଲେଖନୀୟ ବୋଲିଂ ପ୍ରଦର୍ଶନ ପାଇଁ ମୋହିତ ପଙ୍କଜ ସାହୁଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି।




ପ୍ଲେୟର ଅଫ୍ ଦି ମ୍ୟାଚ୍ ମୋହିତ ପଙ୍କଜ ସାହୁଙ୍କୁ ପୁରସ୍କୃତ କରାଯାଉଛି।

## ଭାରତ କ୍ୟାମ୍ପ୍‌ରେ ନେପାଳ ଡିଫେଣ୍ଡର ଅବନୀତ

**ନୂଆଦିଲ୍ଲୀ, ୨୫।୩ (ପି.ଟି.):** ହଂକଂ ବିପକ୍ଷ ଏଏଫ୍‌ସି ଏସିଆନ କପ୍ କ୍ୱାଲିଫାୟର ପୂର୍ବରୁ କୋଚିଠାରେ ଭାରତୀୟ ସିନିୟର ପୁରୁଷ ଫୁଟ୍‌ବଲ ଦଳର ଏକ କୋଚିଂ କ୍ୟାମ୍ପ୍ ଆୟୋଜନ କରାଯାଇଛି। ଏଥିରେ ନେପାଳଜନ୍ମିତ ଡିଫେଣ୍ଡର ଅବନୀତ ଭାରତୀ ଯୋଗଦାନ କରିଥିବା ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍) ତରଫରୁ ବୁଧବାର ସୂଚନା ଦିଆଯାଇଛି। ର୍ୟାନ୍ ୱିଲିୟମ୍ସଙ୍କୁ ଦଳରେ ସାମିଲ କରିବାର ଦିନକ ପରେ ଏକଥା ନଜରକୁ ଆସିଛି। ବର୍ତ୍ତମାନ ପ୍ରଥମଥର ଭାରତୀୟ ଦଳରେ ଦୁଇ ବିଦେଶଭିତ୍ତିକ ଖେଳାଳି ସ୍ଥାନ ପାଇଛନ୍ତି। ୨୭ ବର୍ଷୀୟ ଡିଫଣ୍ଡେର ଅବନୀତ ଏବଂ ୩୨ ବର୍ଷୀୟ ୱିଙ୍ଗର ୱିଲିୟମ୍ସ ନିକଟରେ ଭାରତୀୟ ପାସ୍‌ପୋର୍ଟ ହାସଲ କରିଛନ୍ତି। ଫିଫା କ୍ଲିୟରାନ୍ସ ହାସଲରେ ବିଳମ୍ବ ଯୋଗୁ ୱିଲିୟମ୍ସ ବାଂଲାଦେଶ ବିପକ୍ଷ ମ୍ୟାଚ୍ ଖେଳିପାରି ନ ଥିଲେ। ବେଙ୍ଗାଲୁରୁ ଏଫ୍‌ସିର ଏହି ଖେଳାଳି ମାର୍ଚ୍ଚ ୩୧ରେ ହଂକଂ ବିପକ୍ଷରେ ଭାରତ ତରଫରୁ ତାଙ୍କର ପ୍ରଥମ ପଦାର୍ପଣ ମ୍ୟାଚ୍ ଖେଳିବେ। ମାତ୍ର ସାଉଦି ଆରବରେ ହେବାକୁଥିବା ୨୦୨୭ ଏଫ୍‌ସି ଏସିଆନ୍ କପ୍ ଦୌଡ଼ରୁ ଭାରତ ବାଦ୍ ପଡ଼ିସାରିଛି।

# ନିଶାନ୍ତଙ୍କ ଶତକ; ରୟାଲ କ୍ଲବ୍ ବିଜୟୀ

କଟକ,୨୫।୩(କୁମାରଶ୍ରୀ)

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ ଆୟୋଜିତ କ୍ଲବ ଲିଗ୍‌ରେ ବୁଧବାର ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ଏକ ମ୍ୟାଚ୍‌ରେ ରୟାଲ କ୍ଲବ ୮ ଉଇକେଟରେ ମଙ୍ଗଳା କ୍ଲବକୁ ପରାସ୍ତ କରିଛି। ଟସ୍ ହାରିଥିବା ମଙ୍ଗଳା କ୍ଲବ ପ୍ରଥମେ ବ୍ୟାଟିଂ ସୁଯୋଗ ପାଇଥିଲା। ଗୁରୁଦୀପନ ଜେନାଙ୍କ ୬୦ ରନ୍ ସହାୟତାରେ ଦଳ ସମସ୍ତ ଉଇକେଟ ହରାଇ ୨୨୩ ରନ୍ ସଂଗ୍ରହ କରିଥିଲା। ରୟାଲ ପକ୍ଷରୁ ଶାନ୍ତନୁ ମିଶ୍ର ସର୍ବାଧିକ ୩ ଉଇକେଟ ଦଖଲ କରିଥିଲେ। ତେବେ ୨୩.୩ ଓଭରରେ ୨ ଉଇକେଟ ହରାଇ ରୟାଲ କ୍ଲବ ବିଜୟଲକ୍ଷ୍ୟ ହାସଲ କରିନେଇଥିଲା। ନିଶାନ୍ତ କୁଶ୍‌ୱା ୫୯ ବଲ୍‌ରୁ ୧୪୪ ରନ୍‌ର ମ୍ୟାଚ୍ ବିଜୟୀ ଶତକୀୟ ଇନିଂସ୍ ଖେଳି ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଶାନ୍ତନୁ ୫୦ ରନ୍‌ର ଅପରାଜିତ ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ସନ୍‌ସାଇନ ଗ୍ରାଉଣ୍ଡରେ ଖେଳାଯାଇଥିବା ଅନ୍ୟ ଏକ ଲିଗ୍ ମ୍ୟାଚ୍‌ରେ ଜୁଭେନାଇଲ କ୍ଲବ ୯ ଉଇକେଟରେ ରାଇଜିଂ ଷ୍ଟାର୍‌କୁ ପରାସ୍ତ କରିଥିଲା। ରାଇଜିଂ ଷ୍ଟାର୍‌ର ଇନିଂସ୍ ୧୪୭ ରନ୍‌ରେ ସୀମିତ ରହିଥିଲା। ଜୁଭେନାଇଲ ପକ୍ଷରୁ ତରଣୀ ସ' ଏବଂ ସୁମିତ ଶର୍ମା ୩ଟି ଲେଖାଏ ଉଇକେଟ ହାସଲ କରିଥିଲେ। ଜବାବରେ ରାକେଶ ପଟ୍ଟନାୟକ ୩୬ ବଲ୍‌ରୁ ୮୯ ରନ୍ ସଂଗ୍ରହକରି ଜୁଭେନାଇଲକୁ ସହଜ ବିଜୟ ପ୍ରଦାନ କରିଥିଲେ। ଡ୍ରିମ୍ସ ଗ୍ରାଉଣ୍ଡରେ ବାରବାଟୀ କଲ୍‌ଚରାଲ ୟୁନିୟନ ୮ ଉଇକେଟରେ ଟାଉନ କ୍ଲବ୍‌କୁ ହରାଇଥିଲା। ପ୍ରଥମେ ବ୍ୟାଟିଂ କରିଥିବା ଟାଉନ କ୍ଲବ ୧୭୬ ରନ୍‌ରେ ଅଲ୍‌ଆଉଟ ହୋଇଯାଇଥିଲା। ଶୁଭମ୍ ସାସ୍‌ମଲ ସର୍ବାଧିକ ୪୯ ରନ୍ କରିଥିଲେ। ବାରବାଟୀ କଲ୍‌ଚରାଲ ୟୁନିୟନ୍‌ର ଅନିରୁଦ୍ଧ ଶ୍ରୀବାସ୍ତବ ୨୨ ରନ୍ ବ୍ୟୟକରି ୫ଟି ଉଇକେଟ ଅକ୍ତିଆର କରିଥିଲେ। ମରୋଜୁ ପ୍ରଶାନ୍ତ(୩୭ ବଲ୍‌ରୁ ୮୭ ରନ୍) ଏବଂ ଜସ୍‌ମିତ ନୈନ(୨୦ବଲ୍, ୫୮ ରନ୍) ଦ୍ରୁତ ଅର୍ଦ୍ଧଶତକୀୟ ପାଳି ଖେଳି ୧୨.୫ ଓଭରରେ ବାରବାଟୀ କଲ୍‌ଚରାଲ ୟୁନିୟନ୍‌କୁ ଜିତାଇଥିଲେ। ୫ ଉଇକେଟ ସଫଳତା ପାଇଥିବା ଅନିରୁଦ୍ଧ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ରେଭେନ୍ସା ଗ୍ରାଉଣ୍ଡ-୧ରେ ବୁଧବାର ଖେଳାଯାଇଥିବା ଅନ୍ୟ ଏକ ଲିଗ୍ ମ୍ୟାଚ୍‌ରେ ରାଇଜିଂ ଷ୍ଟୁଡେଣ୍ଟ୍ସ ୬ ଉଇକେଟରେ କିଶୋର କ୍ଲବ୍‌କୁ ହରାଇ ଦେଇଛି।

**ଓସିଏ କ୍ଲବ ଲିଗ୍**




ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ସୁମିତ କୁମାରଙ୍କୁ ପୁରସ୍କୃତ କରାଯାଉଛି।

Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ